# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୨୪/୨୦୧୯ (୨୦ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Wednesday, July 24/2019 | ★★★★★★

୪୫ଶ ଭାଗ ୨୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ୟୁରୋପିଆନ ମାଷ୍ଟର୍ସ ଗେମ୍ସରେ ପାର୍ବତୀ**

ଇଟାଲୀରେ ହେବାକୁ ଥିବା ୟୁରୋପିଆନ ମାଷ୍ଟର୍ସ ଗେମ୍ସରେ ଅଂଶଗ୍ରହଣ କରିବେ ଓଡ଼ିଶାର ଅନ୍ତର୍ଜାତୀୟ ଆଥଲେଟ୍ ପାର୍ବତୀ ସେଠୀ। ୧୮

୧୪ **'ନଟ୍‌ଖଟ୍'ରେ ଅଭିନୟ କରିବେ ବିଦ୍ୟା**

ଅଭିନେତ୍ରୀ ବିଦ୍ୟା ବାଲାନ୍ ସାମାଜିକ ପ୍ରସଙ୍ଗଭିତ୍ତିକ ଫିଲ୍ମ 'ନଟ୍‌ଖଟ୍'ରେ ଅଭିନୟ କରିବାକୁ ଯାଉଛନ୍ତି।



■ ୧୪ ମାସିଆ କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାରର ପତନ

# ଆସ୍ଥା ହରାଇଲେ କୁମାରସ୍ୱାମୀ

**ବେଙ୍ଗାଲୁରୁ, ୨୩।୭ (ପି.ଟି./ଆଇଏଏନ୍‌ଏସ୍)**

ଅନୁମାନ ଓ ଆଶଙ୍କା ଶେଷରେ ସତ ପ୍ରମାଣିତ ହୋଇଛି। କର୍ନାଟକରେ କ୍ଷମତା ପାଇଁ କିଛିଦିନ ଧରି ଚାଲିଥିବା ରାଜନୈତିକ ନାଟକର ଯବନିକା ପଡ଼ିଛି। ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)-କଂଗ୍ରେସ ମେଣ୍ଟ ସରକାର ମଙ୍ଗଳବାର ଆସ୍ଥାଭୋଟରେ ପରାଜିତ ହୋଇଛନ୍ତି। ବିଧାନସଭାରେ ଆସ୍ଥାଭୋଟ ସପକ୍ଷରେ ୯୯ ବିଧାୟକ ମତଦାନ କରିଥିବାବେଳେ ବିରୋଧରେ ୧୦୫ ଖଣ୍ଡ ଭୋଟ ପଡ଼ିଛି। ଏହାସହ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ୧୪ ମାସିଆ ସରକାରର ପତନ ଘଟିଛି। ଭାଜପା ବିଧାୟକ ଦଳ ନେତା ବି.ଏସ୍. ୟେଦୁରପ୍ପା ଏହାକୁ ଗଣତନ୍ତ୍ରର ବିଜୟ ବୋଲି ଅଭିହିତ କରିବା ସହ ଚତୁର୍ଥ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଅଣ୍ଟା ଭିଡ଼ିଛନ୍ତି। ସେ ଦିନେ ଦୁଇଦିନ ମଧ୍ୟରେ ରାଜ୍ୟପାଳ ଭଜୁଭାଇ ଭାଲାଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇବେ।

କର୍ନାଟକରେ ଶାସକ ମେଣ୍ଟର ୧୭ ବିଧାୟକ ଇସ୍ତଫା ଦେବା ପରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିଲା। କୁମାରସ୍ୱାମୀ ସରକାରଙ୍କୁ ସଂଖ୍ୟାଲଘୁ ଦର୍ଶାଇ ବିରୋଧୀ ଦଳ ନେତା ୟେଦୁରପ୍ପା ଆସ୍ଥାଭୋଟ କରାଇବା ପାଇଁ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ଗୁରୁବାର ଆସ୍ଥାଭୋଟ ପ୍ରସ୍ତାବ ଆଗତ କରିଥିବାବେଳେ ବିଧାନସଭାରେ ୪ ଦିନ ଧରି ଏହାକୁ ନେଇ ବିତର୍କ ଚାଲିଥିଲା। ଶୁକ୍ରବାର ସୁଦ୍ଧା ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବା ପାଇଁ ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ କୁମାରସ୍ୱାମୀ ମାନି ନ ଥିଲେ। ଇତିମଧ୍ୟରେ ମୁମ୍ବାଇର ଏକ ହୋଟେଲରେ ଥିବା ୧୫ ବିଦ୍ରୋହୀ ବିଧାୟକ, ସରକାରରୁ ସମର୍ଥନ ପ୍ରତ୍ୟାହାର କରିଥିବା ୨ ସ୍ୱାଧୀନ ସଦସ୍ୟ ଆର. ଶଙ୍କର ଏବଂ ଏଚ୍. ନାଗେଶ ଏବଂ କୁମାରସ୍ୱାମୀ ଭିନ୍ନ ଭିନ୍ନ ଭାବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କଂଗ୍ରେସ ଦଳର ଜଣେ ନେତାଙ୍କୁ ଚୟନ କରାଗଲେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ପାଇଁ ମଧ୍ୟ ରବିବାର ରାତିରେ କୁମାରସ୍ୱାମୀ ପ୍ରସ୍ତାବ ଦେଇଥିଲେ। ହେଲେ ବିଦ୍ରୋହୀ ବିଧାୟକମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ବୁଧବାର ସନ୍ଧ୍ୟା ୬ଟା ସୁଦ୍ଧା ଆସ୍ଥାଭୋଟ କରାଇବାକୁ ବାଚସ୍ପତି କେ.ଆର. ରମେଶ କୁମାର ସର୍ବୋଚ୍ଚ ଅଦାଲତଙ୍କୁ ଅବଗତ କରାଇଥିବାବେଳେ ମଙ୍ଗଳବାର ରାତି ପ୍ରାୟ ୮ଟାରେ ଶକ୍ତିପରୀକ୍ଷା ଶେଷ ହୋଇଥିଲା। ୨୨୪ ସଦସ୍ୟତା ବିଶିଷ୍ଟ ବିଧାନସଭାରେ ଆସ୍ଥାଭୋଟ ବେଳେ ୨୦ ବିଧାୟକ ଅନୁପସ୍ଥିତ ଥିଲେ। ଫଳରେ ଗୃହରେ ସଦସ୍ୟଙ୍କ ସଂଖ୍ୟା ୨୦୪କୁ ଖସିଆସିଥିଲା। ସଂଖ୍ୟାଗରିଷ୍ଠତା ପାଇଁ କୁହୁକ ସଂଖ୍ୟା ୧୦୩ ଥିବାବେଳେ ବାଚସ୍ପତି ମତଦାନରୁ ବିରତ ରହିଥିଲେ। ଶାସକ ମେଣ୍ଟ ସପକ୍ଷରେ ୯୯ (କଂଗ୍ରେସର ୬୬, ଜେଡିଏସ୍‌ର ୩୩) ବିଧାୟକ ଭୋଟ ଦେଇଥିବାବେଳେ ବିପକ୍ଷରେ ଭାଜପାର ସମସ୍ତ ୧୦୫ ବିଧାୟକ ମତଦାନ କରିଥିଲେ। କଂଗ୍ରେସ-ଜେଡିଏସ୍‌ର ୧୭, ସ୍ୱାଧୀନ ୨, ଏବଂ ପୂର୍ବରୁ ସରକାରଙ୍କୁ ସମର୍ଥନ କରୁଥିବା ବିଏସ୍‌ପି ବିଧାୟକ ଏନ୍. ମହେଶ ଅନୁପସ୍ଥିତ ରହିଥିଲେ। ୨୦ ବିଧାୟକଙ୍କ ଅନୁପସ୍ଥିତି ଯୋଗୁ କୁମାରସ୍ୱାମୀ ସରକାରଙ୍କୁ ୬ ଭୋଟ ବ୍ୟବଧାନରେ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ଏଥିସହ କର୍ନାଟକରେ ୩ ସପ୍ତାହ ଧରି ଚାଲିଥିବା ରାଜନୈତିକ ଡ୍ରାମା ଶେଷ ହୋଇଛି। ସେପଟେ ଆସ୍ଥାଭୋଟ ପାଖେଇ ଆସୁଥିବାବେଳେ ପୋଲିସ ପକ୍ଷରୁ ସହରରେ ୧୪୪ ଧାରା ଜାରିକରାଯାଇଥିଲା। ୨୫ ତାରିଖ ପର୍ଯ୍ୟନ୍ତ ସମସ୍ତ ପବ୍ ଓ ମଦ ଦୋକାନ ବନ୍ଦ ରହିବ ବୋଲି ବେଙ୍ଗାଲୁରୁ ପୋଲିସ କମିଶନର ଆଲୋକ କୁମାର ଘୋଷଣା କରିଥିଲେ। ଏହି ସମୟରେ ୨ ସ୍ୱାଧୀନ ବିଧାୟକ ଶଙ୍କର ଓ ନାଗେଶ ବେଙ୍ଗାଲୁରୁ ରେସ୍‌କୋର୍ସ ରୋଡ୍‌ସ୍ଥିତ ଏକ ଫ୍ଲାଟରେ ଥିବା କଂଗ୍ରେସ ଅଭିଯୋଗ ଆଣିଥିଲା। ଏହାକୁ ନେଇ କଂଗ୍ରେସ ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଇତିମଧ୍ୟରେ କୁମାରସ୍ୱାମୀ ରାଜ୍ୟପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବା ଯାଏ କାମ ଚଳାଇବା ପାଇଁ ରାଜ୍ୟପାଳ ଭଜୁଭାଇ ଭାଲା ତାଙ୍କୁ ଅନୁରୋଧ କରିଛନ୍ତି। ସେପଟେ ୟେଦୁରପ୍ପା କହିଛନ୍ତି, ସେ ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ସହ ଆଲୋଚନା କରିବେ। ପରେ ସେ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇବେ।

**କର୍ନାଟକ ନାଟକର ଯବନିକା**

- ଆସ୍ଥାଭୋଟ ବେଳେ ୨୦ ବିଧାୟକ ଅନୁପସ୍ଥିତ
- ସପକ୍ଷରେ ୯୯, ବିପକ୍ଷରେ ୧୦୫ ଭୋଟ
- ରାଜ୍ୟପାଳଙ୍କୁ ଇସ୍ତଫା ପତ୍ର ଦେଲେ କୁମାରସ୍ୱାମୀ
- ଗଣତନ୍ତ୍ରର ବିଜୟ ହୋଇଛି: ୟେଦୁରପ୍ପା

"ରାଜନୀତିରେ ମୋର ପ୍ରବେଶ ହଠାତ୍ ଓ ଅପ୍ରତ୍ୟାଶିତ ଥିଲା। ଆମେ ଇତିହାସ ସୃଷ୍ଟି ପାଇଁ ଚେଷ୍ଟା କରୁଥିବାବେଳେ ମେଣ୍ଟ ସରକାରକୁ ଭାଙ୍ଗିଦେବା ଲାଗି ସବୁ ପ୍ରକାର ଉଦ୍ୟମ କରିଛି ଭାଜପା।

-ଏଚ୍.ଡି. କୁମାରସ୍ୱାମୀ, କର୍ନାଟକର କାମଚଳା ମୁଖ୍ୟମନ୍ତ୍ରୀ



■ ନାରୀ ନିର୍ଯାତନା, ନାବାଳିକା ବଳାତ୍କାର ପ୍ରସଙ୍ଗ

# ଦୁଇଦିନ ବିଧାନସଭା ବରବାଦ

**ଭୁବନେଶ୍ୱର, ୨୩।୭(ବ୍ୟୁରୋ)**

■ ବିରୋଧୀଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇଲେ ସରକାର

■ ଆଜି ହେବ ଆଲୋଚନା



ଦୁଇଦିନ ବିଧାନସଭା ଅଚଳ ହେବା ପରେ ବିରୋଧୀଙ୍କ ଜିଦ୍ ଆଗରେ ମୁଣ୍ଡ ନୁଆଁଇଛନ୍ତି ସରକାର। ନାରୀ ନିର୍ଯାତନା, ନାବାଳିକା ବଳାତ୍କାର ଏବଂ ଶିଶୁ ନିଖୋଜ ଘଟଣାକୁ ନେଇ ମୁଲତବୀ ପ୍ରସ୍ତାବ ଆକାରରେ ଆଲୋଚନା ହେବ। ମଙ୍ଗଳବାର ଅପରାହ୍ନରେ ବସିଥିବା ସର୍ବଦଳୀୟ ବୈଠକ ପରେ ଏହି ନିଷ୍କର୍ଷ ବାହାରିଛି। ଉଭୟ ଭାଜପା ଓ କଂଗ୍ରେସ ସରକାରଙ୍କ ଏହି ପ୍ରସ୍ତାବରେ ରାଜି ହୋଇଯାଇଛନ୍ତି। ମୁଲତବୀ ଆଲୋଚନା ସମ୍ପର୍କରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହରେ ଏହି ସୂଚନା ଦେଇଛନ୍ତି।

ନାବାଳିକା ବଳାତ୍କାର, ଶିଶୁ ନିଖୋଜକୁ ନେଇ ଉଭୟ ଭାଜପା ଓ କଂଗ୍ରେସ ସଦସ୍ୟଙ୍କ ପ୍ରବଳ ପ୍ରତିବାଦ ଯୋଗୁ ସୋମବାର ଏବଂ ମଙ୍ଗଳବାର ବିଧାନସଭା ଅଚଳ ହୋଇଯାଇଥିଲା। ମଙ୍ଗଳବାର ଦିନତମାମ କେବଳ ଦେଖିବାକୁ ମିଳିଥିଲା ବିରୋଧୀଙ୍କ ହଟ୍ଟଗୋଳ। ପୂର୍ବାହ୍ନ ୧୦ଟା ୩୦ ମିନିଟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ଭାଜପା ସଦସ୍ୟ ମୋହନ ଚରଣ ମାଝି, ମଦନମୋହନ ଦତ୍ତ, କୁସୁମ ଟେଟେ, ମୁକେଶ ମହାଲିଙ୍ଗ, ସୁକାନ୍ତ ନାୟକ, ଜୟନାରାୟଣ ମିଶ୍ରଙ୍କ ସମେତ ଦଳର ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ରାଜ୍ୟରେ ନାବାଳିକା ବଳାତ୍କାର, ଶିଶୁ ନିଖୋଜ ଏବଂ ଆଇନଶୃଙ୍ଖଳାକୁ ନେଇ ସରକାରଙ୍କଠାରୁ କୈଫିୟତ ତଲବ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବାତିଲ କରି ଏହି ପ୍ରସଙ୍ଗ ଉପରେ ଗୃହରେ ଆଲୋଚନା କରାଯାଉ ବୋଲି ଦାବି କରିଥିଲେ। କଂଗ୍ରେସ ସଦସ୍ୟମାନେ ମଧ୍ୟ ନିଜ ସିଟ୍ ନିକଟରେ ଛିଡ଼ାହୋଇ ପ୍ରତିବାଦ କରିଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଭାଜପା ସଭ୍ୟ ସୁକାନ୍ତ କୁମାର ନାୟକ ପଚାରିଥିବା ୪୨୧ ନମ୍ବର ପ୍ରଶ୍ନର ଉତ୍ତର ଦେବାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଡାକିଥିଲେ। ହୋ-ହାଲ୍ଲା ମଧ୍ୟରେ ମନ୍ତ୍ରୀ ଉତ୍ତର ପଢ଼ି ଶୁଣାଇ ଦେଲେ। ମାତ୍ର ପ୍ରଶ୍ନକର୍ତ୍ତା ହୋ-ହାଲ୍ଲାରେ ମାତି ଯାଇଥିଲେ। ପ୍ରବଳ ହଟ୍ଟଗୋଳ ହେବାରୁ ବାଚସ୍ପତି ଗୃହକୁ ୧୦ଟା ୩୨ ମିନିଟରେ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନ ୩ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି କଂଗ୍ରେସ ଓ ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପୁଣି ହଟ୍ଟଗୋଳ କରିଥିଲେ। ବାଚସ୍ପତି ଗୃହକୁ ୩ଟା ୦୩ ମିନିଟରୁ ୩୦ ମିନିଟ ପାଇଁ ମୁଲତବୀ ଘୋଷଣା କରିଥିଲେ। ୩ଟା ୩୩ରେ ମଧ୍ୟ ଅନୁରୂପ ଅବସ୍ଥା ହୋଇଥିଲା। ବିରୋଧୀ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଇସ୍ତଫା ଦାବିକରି ହଟ୍ଟଗୋଳ କରିଥିଲେ। ପୁଣି ଗୃହକୁ ବାଚସ୍ପତି ବିଭିନ୍ନ ପର୍ଯ୍ୟାୟରେ ଅପରାହ୍ନ ୪ଟା ୮ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ଅଚଳାବସ୍ଥା ଦେଖି ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଗୃହକୁ ଅଧଘଣ୍ଟା ପାଇଁ ମୁଲତବୀ ଘୋଷଣା କରିଥିଲେ। ସର୍ବଦଳୀୟ ବୈଠକରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପମୁଖ୍ୟ ସଚେତକ ପ୍ରଣବ ବଳବନ୍ତରାୟ, କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଦୀର୍ଘ ୨ ଘଣ୍ଟା ଧରି ଚାଲିଲା ବୈଠକ। ଏହାପରେ ବାଚସ୍ପତି ଘୋଷଣା କରିଥିଲେ ଯେ, ବୁଧବାର ମୁଲତବୀ ପ୍ରସ୍ତାବ ଜରିଆରେ ଏହି ବିଷୟରେ ଆଲୋଚନା ହେବ। ତେବେ ଗୃହରେ ସ୍କୁଲ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହୋଇ ପାରିଲା ନାହିଁ। ଆସନ୍ତା ୩୦ ତାରିଖରେ ଉକ୍ତ ଦୁଇ ବିଭାଗର ଖର୍ଚ୍ଚଦାବିକୁ ଗିଲୋଟିନରେ ପାରିତ କରାଯିବ ବୋଲି ବାଚସ୍ପତି କହିବା ସହିତ ଗୃହକୁ ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ।

## ବୋରିସ୍ ଜନ୍‌ସନ୍ ବ୍ରିଟେନ ପ୍ରଧାନମନ୍ତ୍ରୀ



**ଲଣ୍ଡନ, ୨୩।୭(ଆଇଏଏନ୍‌ଏସ୍):** ବ୍ରିଟେନର ପୂର୍ବତନ ବହିର୍ବ୍ୟାପାର ସଚିବ ତଥା ବ୍ରେକ୍‌ଜିଟ୍ ସପକ୍ଷବାଦୀ ବୋରିସ୍ ଜନ୍‌ସନ୍ ମଙ୍ଗଳବାର ଶାସକ କଞ୍ଜର୍ଭେଟିଭ୍ ପାର୍ଟି ନେତା ଏବଂ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି। ବୋରିସ୍‌ଙ୍କ ସପକ୍ଷରେ ୯୨,୧୫୩ ଖଣ୍ଡ ଭୋଟ ପଡ଼ିଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜେରେମି ହଣ୍ଟ ୪୬,୬୫୬ ଭୋଟ ପାଇଛନ୍ତି। ବୋରିସ୍ ଟୋରି ନେତା ଭାବେ ପ୍ରଥମ ଭାଷଣ ଦେଇ ଜେରେମିଙ୍କୁ ପ୍ରଶଂସା କରିବା ସହ ବିଦାୟୀ ପ୍ରଧାନମନ୍ତ୍ରୀ ଥେରେସା ମେ'ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। **(ଅଧିକ ଖବର: ପୃଷ୍ଠା-୭)**

## ଆଜି ପାଟକୁରା ଭୋଟ ଗଣତି

ଭୁବନେଶ୍ୱର, ୨୩।୭(ବ୍ୟୁରୋ): ପାଟକୁରାରେ ବିଧାନସଭା ଆସନ ଲାଗି ବୁଧବାର ଭୋଟ ଗଣତି ହେବ। ଏଥିପାଇଁ କେନ୍ଦ୍ରାପଡା ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସକାଳ ୮ଟାରୁ ଗଣନା ଆରମ୍ଭ ହେବ। ସେଥିପାଇଁ କଲେଜ ଚତୁପାର୍ଶ୍ୱରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସେହି ଅଞ୍ଚଳ ସିସିଟିଭି ନଜରରେ ରହିଥିବା ବେଳେ ତ୍ରି-ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏହି ବିଧାନସଭା ଆସନର ୩୦୯ ବୁଥ ଲାଗି ଭୋଟ ଗଣନା ୧୭ ରାଉଣ୍ଡରେ ହେବ। ଏଥିପାଇଁ ୧୮ଟି ଟେବୁଲର ବ୍ୟବସ୍ଥା କରାଯାଇଛି। ମଧ୍ୟାହ୍ନ ୧ଟା ସୁଦ୍ଧା ଭୋଟ ଫଳାଫଳ ମିଳିଯିବ ବୋଲି କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ଏହି ବହୁ ଚର୍ଚ୍ଚିତ ଆସନରେ ଭାଜପାର ବିଜୟ ମହାପାତ୍ର ଓ ବିଜେଡିର ସାବିତ୍ରୀ ଅଗ୍ରୱାଲଙ୍କ ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି କୁହାଯାଉଛି।


No.150-A

## ଓଡ଼ିଶା ସରକାର
## ଜଳସମ୍ପଦ ବିଭାଗ
## ପାଣି ପଞ୍ଚାୟତ ଓ ଚାଷୀ ଭାଇଭଉଣୀ ମାନଙ୍କୁ ନିବେଦନ

ଚଳିତବର୍ଷ ମୌସୁମୀ ପ୍ରବାହରେ ଅନିୟମିତତା ଯୋଗୁଁ ରାଜ୍ୟରେ ଏପର୍ଯ୍ୟନ୍ତ ବର୍ଷାର ପରିମାଣ ସ୍ୱାଭାବିକ ଠାରୁ ବହୁତ କମ୍ ହୋଇଅଛି। ଏଥିଯୋଗୁଁ ରାଜ୍ୟରେ ଥିବା ନଦୀ, ନାଳ, ବିଭିନ୍ନ ଜଳଭଣ୍ଡାର ଏବଂ ବ୍ୟାରେଜ ଗୁଡ଼ିକରେ ଜଳସେଚନ ଯୋଗାଇ ଦେବାପାଇଁ ଆବଶ୍ୟକତାରୁ କମ୍ ପରିମାଣର ଜଳ ଉପଲବ୍ଧ ଅଛି। ଏହାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ତରଫରୁ ଜଳଭଣ୍ଡାର ଏବଂ ବ୍ୟାରେଜ ଗୁଡ଼ିକରେ ଉପଲବ୍ଧ ଥିବା ଜଳର Rotational Irrigation ଦ୍ୱାରା ଚାଷଜମିରେ ସୁଷମ ବଣ୍ଟନପାଇଁ ବ୍ୟବସ୍ଥା କରାଯାଉଛି।

ଏତଦ୍ୱାରା ପାଣି ପଞ୍ଚାୟତର ସମସ୍ତ ସଦସ୍ୟ ତଥା ଚାଷୀ ଭାଇଭଉଣୀ ମାନଙ୍କୁ ନିବେଦନ କରାଯାଉଅଛି ଯେ ଜଳ ସଞ୍ଚୟ କରିବାରେ ସାହାଯ୍ୟ କରନ୍ତୁ। ସେମାନେ ଏଥିରେ ସହଯୋଗ କରି ଚାଷ କରାଯାଇଥିବା ଜମିରେ ଫସଲର ସୁରକ୍ଷା କରିବାରେ ସହାୟକ ହୁଅନ୍ତୁ।

ଇଂ. ଅକ୍ଷୟ କୁମାର ବାନାର୍ଜୀ
ସର୍ବୋଚ୍ଚ ଯନ୍ତ୍ରୀ, ଜଳସମ୍ପଦ

32031/11/0004/1920


**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଜିର ସମ୍ପାଦକୀୟ**

**କିଏ ବଞ୍ଚାଇବ**







NECC NATIONAL EGG CO-ORDINATION COMMITTEE 23.07.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 52 | 96 | 106 |
| CTC | 54 | 98 | 108 |
| DKL | 50 | 93 | 103 |
| BDK | 51 | 94 | 104 |
| BLS | 51 | 94 | 104 |
| ANG | 50 | 93 | 103 |
| BHM | 50 | 93 | 103 |

*Conditions Apply

Eggs Retail Price- 40/-Dozen
Issued in the Interest of Consumers


## ଅଗଷ୍ଟ ୩୧ ଯାଏ ବଢ଼ିଲା ଆଇଟିଆର୍ ଦାଖଲ

**ନୂଆଦିଲ୍ଲୀ, ୨୩।୭:** କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ(ସିବିଡିଟି) ମଙ୍ଗଳବାର ୨୦୧୯-୨୦ ନିର୍ଦ୍ଧାରଣ ବର୍ଷ ଲାଗି କେତେକ ଶ୍ରେଣୀର ଟିକସଦାତାଙ୍କ ପାଇଁ ଆୟକର ରିଟର୍ନ(ଆଇଟିଆର୍) ଦାଖଲ ସମୟସୀମାକୁ ଅଗଷ୍ଟ ୩୧ ଯାଏ ବୃଦ୍ଧି କରିଛନ୍ତି। ପୂର୍ବରୁ ଚଳିତମାସ ୩୧ ପର୍ଯ୍ୟନ୍ତ ଆଇଟିଆର୍ ଦାଖଲ ସମୟସୀମା ଧାର୍ଯ୍ୟ ହୋଇଥିଲା। ସିବିଡିଟି ପକ୍ଷରୁ କୁହାଯାଇଛି ଯେ, ବିଭିନ୍ନ କାରଣରୁ ଟିକସଦାତାମାନେ ଆୟକର ରିଟର୍ନ ଦାଖଲ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କାରଣରୁ ଫର୍ମ-୧୬ ଜାରି କରିବା ତଥା ଦାଖଲ କରିବାର ଅବଧିକୁ ଅଗଷ୍ଟ ୩୧ ଯାଏ ବୃଦ୍ଧି କରାଯାଇଛି।

**ଆଜିର ମନ୍ତବ୍ୟ**

"କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରସ୍ତାବ ପରେ ଭାରତର ପ୍ରତିକ୍ରିୟାକୁ ନେଇ ବିସ୍ମିତ।

-ଇମ୍ରାନ୍ ଖାନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଦେଶରେ କାର୍ଯ୍ୟକାରୀ ହେଉଥିବା ୩୪୫ ପ୍ରକଳ୍ପର ବ୍ୟୟ ଲକ୍ଷ୍ୟ ତୁଳନାରେ ପ୍ରକୃତ ଖର୍ଚ୍ଚ ବଢ଼ି ୩.୨୮ ଲକ୍ଷ କୋଟି ଟଙ୍କା ଛୁଇଁଛି।

- ପରିସଂଖ୍ୟାନ ମନ୍ତ୍ରଣାଳୟ




# ଗ୍ରୀନ୍ ମହାନଦୀ ମିଶନରେ ଗତବର୍ଷ ୬୯କୋଟିରୁ ଅଧିକ ଖର୍ଚ୍ଚ

**ଭୁବନେଶ୍ୱର, ୨୩।୭(ବ୍ୟୁରୋ)**

୨୦୧୮-୧୯ ବର୍ଷରେ ଗ୍ରୀନ୍ ମହାନଦୀ ମିଶନ ଯୋଜନାରେ ରାଜ୍ୟ ସରକାର ମହାନଦୀ, ଇବ୍, ତେଲ ଏବଂ ଏହାର ଶାଖା/ପ୍ରଶାଖାର ଉଭୟ ପାର୍ଶ୍ୱରେ ୧୪୫୨.୨୫ ହେକ୍ଟର ପରିମିତ ଅଞ୍ଚଳରେ ସଘନ ବନୀକରଣ, ୫୦ ହେକ୍ଟର ଝାଉଁ ଜଙ୍ଗଲ, ୪୦ ହେକ୍ଟର ଲଣ୍ଡା ପାହାଡରେ ବନୀକରଣ, ୬୦୭୭ ହେକ୍ଟର ଅଞ୍ଚଳରେ ଉଜୁଡା ଜଙ୍ଗଲ ପୁନରୁଦ୍ଧାର, ୨୧୦ ହେକ୍ଟରରେ ବାଉଁଶ ବନୀକରଣ, ୫ଲକ୍ଷ ୭୪ହଜାର ୨୦୦ ବୃକ୍ଷଚାରା ସହରାଞ୍ଚଳରେ ବନୀକରଣ କରାଯାଇଛି। ଏହା ବ୍ୟତୀତ ୨୯ଲକ୍ଷ ୪୧ ହଜାର ବୃକ୍ଷଚାରା ହିତାଧିକାରୀମାନଙ୍କୁ ନିଜସ୍ୱ ବାଡି ବଗିଚାରେ ରୋପଣ ଲାଗି ବିନା ମୂଲ୍ୟରେ ବିତରଣ କରାଯାଇଥିବା ଜଣାପଡିଛି। ଏ ବାବଦରେ ରାଜ୍ୟ ଯୋଜନାରେ ୫୯ କୋଟି ୪୮ଲକ୍ଷ ୩୪ ହଜାର ଟଙ୍କା ବ୍ୟୟ ହୋଇଛି। ଏହାସହ ଏମ୍‌ଜିଏନଆରଇଜିଏସରେ ୧୦ କୋଟି ୧୭ ଲକ୍ଷ ୨୮ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିବା ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସୂଚନା ଦେଇଛନ୍ତି। ବିଧାୟକ ଦେବେଶ ଆଚାର୍ଯ୍ୟ ପଚାରିଥିବା ଏକ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଏହା କହିବା ସହିତ ଆହୁରି କହିଛନ୍ତି, ୨୦୧୯-୨୦ ବର୍ଷରେ ଗ୍ରୀନ୍ ମହାନଦୀ ଯୋଜନାରେ ରାଜ୍ୟ ସରକାର ଇବ୍, ତେଲ, ବ୍ରାହ୍ମଣୀ, ବୈତରଣୀ, ଋଷିକୂଲ୍ୟା, ବଂଶଧାରା ଏବଂ ଏହାର ଶାଖା ଓ ପ୍ରଶାଖାର ଉଭୟ ପାର୍ଶ୍ୱରେ ୧ ହଜାର ୩୫ ହେକ୍ଟର ପରିମିତ ଅଞ୍ଚଳରେ ସଘନ ବନୀକରଣ, ୭୫ ହେକ୍ଟର ଝାଉଁ ଜଙ୍ଗଲ, ୨୦୩ ହେକ୍ଟର ଲଣ୍ଡା ପାହାଡରେ ବନୀକରଣ, ୭୭୬୩ ହେକ୍ଟର ଉଜୁଡା ଜଙ୍ଗଲର ପୁନଃରୁଦ୍ଧାର, ୧୭୧ ହେକ୍ଟର ବାଉଁଶ ବନୀକରଣ, ୭ଲକ୍ଷ ୧୨ହଜାର ଚାରା ସହରାଞ୍ଚଳ ବନୀକରଣ ଲାଗି ପ୍ରସ୍ତାବ ରଖାଯାଇଛି। ଏହାସହ ୫୦ଲକ୍ଷ ଚାରା ହିତାଧିକାରୀମାନଙ୍କୁ ନିଜସ୍ୱ ବାଡିବଗିଚାରେ ରୋପଣ ନିମନ୍ତେ ବିନାମୂଲ୍ୟରେ ବିତରଣ କରାଯିବାକୁ ପ୍ରସ୍ତାବ ରଖାଯାଇଛି। ଏ ବାବଦରେ ୫୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସରକାରଙ୍କ ଅନୁମୋଦନକ୍ରମେ ଗ୍ରୀନ୍ ମହାନଦୀ ମିଶନ ଯୋଜନା ୨୦୧୮-୧୯ ଆର୍ଥିକ ବର୍ଷଠାରୁ ୨୦୨୨-୨୩ ପର୍ଯ୍ୟନ୍ତ ଚାଲିବ। ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଚାଲିବ ବୋଲି ମନ୍ତ୍ରୀ ଉତ୍ତରରେ ଦର୍ଶାଇଛନ୍ତି।

**୨୦୧୯-୨୦ରେ ଖର୍ଚ୍ଚ ହେବ ୫୧ କୋଟି ଟଙ୍କା**

## ଫନୀ ଯୋଗୁ ରାଜଧାନୀରେ ଭାଙ୍ଗିଛି ୧ଲକ୍ଷରୁ ଅଧିକ ବୃକ୍ଷ

**ଭୁବନେଶ୍ୱର, ୨୩।୭(ବ୍ୟୁରୋ):** ବାତ୍ୟା ଫନୀ ପ୍ରଭାବରେ ଭୁବନେଶ୍ୱର ଭିତରେ ୧ଲକ୍ଷ ୮ ହଜାର ୫୬୪ ବୃକ୍ଷ ନଷ୍ଟ ହୋଇଛି। ଚନ୍ଦକା ଅଭୟାରଣ୍ୟରେ ୧ଲକ୍ଷ ୧୧ ହଜାର ୭୨୪ ବୃକ୍ଷ ନଷ୍ଟ ହୋଇଯାଇଛି। ଭୁବନେଶ୍ୱର ସହର ଏବଂ ଏହାର ଚତୁଃପାର୍ଶ୍ୱରେ ସବୁଜିମା ପୁନରୁଦ୍ଧାର କରିବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି। ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଦ୍ୱାରା ପଚରାଯାଇଥିବା ତାରକା ପ୍ରଶ୍ନ ସଂଖ୍ୟା ୪୨୩ର ଉତ୍ତରରେ ମନ୍ତ୍ରୀ ଏହା କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ଚଳିତ ବର୍ଷ ୨୦୧୯ ବର୍ଷାଋତୁରେ ୭୪ ହଜାର ଚାରା ରୋପଣ, ୬୨ ହଜାର ଡେଙ୍ଗା(୧୦ ଫୁଟରୁ ୧୨ ଫୁଟ) ବୃକ୍ଷଚାରା ରୋପଣ ଏବଂ ୬ଲକ୍ଷ ୩୫ ହଜାର ବୃକ୍ଷଚାରା ବିନା ମୂଲ୍ୟରେ ବିତରଣ କରିବାକୁ ପ୍ରସ୍ତାବ ରହିଛି।






ସୁନ୍ଦରଗଡ଼ରେ ଲଜ୍ଜା

## ଦୁଇ ବଳାତ୍କାର ଘଟଣାର ପୀଡ଼ିତା ନାବାଳିକା

- ଗଣବଳାତ୍କାର ଭିଡିଓ ଭାଇରାଲ
- ୨ ଗିରଫ, ୨ ଅଟକ

**ସୁନ୍ଦରଗଡ଼/କୁଆଁରମୁଣ୍ଡା, ୨୩।୭(ଡି.ଏନ୍.ଏ.):** ଅନୁଗୋଳ ଓ ଭବାନୀପାଟଣା ପରେ ଏବେ ସୁନ୍ଦରଗଡ଼ ଜିଲାରେ ନାବାଳିକା ବଳାତ୍କାର ଘଟଣା ପଦାକୁ ଆସିଛି। ଜିଲାରେ ଗତ ଦୁଇ ଦିନ ମଧ୍ୟରେ ୩ଜଣ ନାବାଳିକା ବଳାତ୍କାର ଓ ଗଣବଳାତ୍କାରର ଶିକାର ହୋଇଛନ୍ତି। ପୋଲିସ ୨ଜଣଙ୍କୁ ଗିରଫ କରିଥିବା ବେଳେ ୨ଜଣଙ୍କୁ ଅଟକ ରଖିଛି।

କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରେ ଜଣେ ନାବାଳିକା ଗତ ୮ତାରିଖରେ ଭୋଜି ଖାଇ ଘରକୁ ଫେରୁଥିଲେ। ସେତିକିବେଳେ ୧୦ଜଣ ଯୁବକ ତାଙ୍କୁ ବାଟରୁ ଟେକି ନେଇ ଗଣବଳାତ୍କାର କରିଥିଲେ। ନାବାଳିକା ଜଣକ ଭୟରେ ଘଟଣା ସଂକ୍ରାନ୍ତରେ କାହାରିକୁ ଜଣାଇ ନ ଥିଲେ। ହେଲେ ୨୦ ତାରିଖରେ ବଳାତ୍କାର ଘଟଣାର ଭିଡିଓ ଭାଇରାଲ ହେବା ପରେ ଘଟଣାରେ ସମ୍ପୃକ୍ତ ଯୁବକମାନଙ୍କ ପରିବାର ଲୋକେ ନାବାଳିକାଙ୍କ ବାପାଙ୍କୁ ଡାକି ଘଟଣାର ସମାଧାନ ପାଇଁ ଉଦ୍ୟମ କରିଥିଲେ। ହେଲେ ନାବାଳିକାଙ୍କ ବାପା ୨୨ ତାରିଖ ରାତି ପ୍ରାୟ ସାଢେ ୯ଟାରେ ବୀରମିତ୍ରପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ବଳାତ୍କାର ମାମଲା(ନଂ.୯୨/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ନାବାଳିକାଙ୍କ ଡାକ୍ତରୀ ମାଇନା କରାଇଛି। ଏହି ଘଟଣାରେ ୨ଜଣଙ୍କୁ ମଙ୍ଗଳବାର ଅଟକ ରଖିଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ନେଇ ଉଦ୍ୟମ ଜାରି ରହିଥିବା ବୀରମିତ୍ରପୁର ଥାନା ଆଇଆଇସି ଆନନ୍ଦ ଚନ୍ଦ୍ର ମାଝି ପ୍ରକାଶ କରିଛନ୍ତି।

ସେହିପରି ଗତ ଶନିବାର ରାଜଗାଙ୍ଗପୁର ଥାନା ଅଧୀନ ଟେକାପଡ଼ା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକା ସିଲେଇ ଶିଖିବାକୁ ଯାଇଥିଲେ। ଟ୍ରେନିଂ ସାରି ସେ ଏକାକୀ ଘରକୁ ଫେରୁଥିଲେ। ସେତିକିବେଳେ ରମେଶ ଏକ୍କା(୨୨) ଓ ମୁକେଶ ଏକ୍କା(୧୯) ଏକ ବାଇକ୍‌ରେ ଆସି ନାବାଳିକାଙ୍କୁ ବୁଲିଯିବାକୁ କହି ବାଇକ୍‌ରେ ବସାଇ ନେଇଥିଲେ। ସେମାନେ ବୁଲାବୁଲି ସାରି ସନ୍ଧ୍ୟାରେ ଘରକୁ ଫେରିବା ରାସ୍ତାରେ ପାହଡଟୋଲି ଜଙ୍ଗଲରେ ରମେଶ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ରବିବାର ସକାଳେ ନାବାଳିକା ଜଣକ ଘରକୁ ଫେରି ଘଟଣା ସଂକ୍ରାନ୍ତରେ ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା(ନଂ.୨୦୯/୧୯)ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପୋଲିସ ଘଟଣାର ମୁଖ୍ୟ ଅଭିଯୁକ୍ତ ରମେଶ ଏବଂ ତାଙ୍କ ସହଯୋଗୀ ମୁକେଶଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି।

ଅନୁରୂପ ଭାବେ ସୁନ୍ଦରଗଡ଼ ଜିଲା ହେମଗିର ଥାନା ଗୋପାଳପୁର ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲ ମଧ୍ୟରୁ ସୋମବାର ଅପରାହ୍ନରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କ ଗଳିତ ମୃତଦେହ ପୋଲିସ ଉଦ୍ଧାର କରିଥିଲା। ନାବାଳିକାଙ୍କୁ ବଳାତ୍କାର ପରେ ତଣ୍ଟି ଚିପି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି।

ନାରୀ ନିର୍ଯାତନା ପ୍ରତିବାଦ

## ଆଜି ଜିଲା ସଦର ମହକୁମାରେ କଂଗ୍ରେସର ୩ ଘଣ୍ଟିଆ ବିକ୍ଷୋଭ



ଖବରଦାତା ସମ୍ମିଳନୀରେ କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୩।୭(ବ୍ୟୁରୋ):** ନାବାଳିକା ବଳାତ୍କାର, ନାରୀ ନିର୍ଯାତନା ଏବଂ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ କଂଗ୍ରେସ ବିଧାନସଭାଠାରୁ ଆରମ୍ଭକରି ରାଜ୍ୟ ବାହାରେ ସରକାରଙ୍କୁ ଘେରିବାକୁ କଂଗ୍ରେସ ଯୋଜନା କରିଛି। ବୁଧବାର କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଡାକରା ଦିଆଯାଇଛି। ପ୍ରତି ଜିଲା ସଦର ମହକୁମାରେ ସକାଳ ୧୦ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ କଂଗ୍ରେସ କର୍ମୀମାନେ ବିକ୍ଷୋଭ କରିବେ । ଏହି ସୂଚନା ଦେଇଛନ୍ତି କଂଗ୍ରେସ ଦଳ ନେତା ନରସିଂହ ମିଶ୍ର। ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମିଶ୍ର କହିଛନ୍ତି ଯେ, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିଗିଡି ଯାଇଛି। ସରକାର ବାରମ୍ବାର ଗୃହରେ ଭୁଲ ତଥ୍ୟ ଦେଇ ବିଭ୍ରାନ୍ତ କରୁଛନ୍ତି। ଗୋଟିଏ ପ୍ରଶ୍ନ ପଚାରିଲେ ଅନ୍ୟ ଉତ୍ତର ମିଳୁଛି। ମରୁଡ଼ି କଥା ପଚାରିଲେ ବର୍ଷା କମ୍ ହୋଇଥିବା କହି ପ୍ରସଙ୍ଗକୁ ଏଡ଼ାଇ ଦେଉଛନ୍ତି। ବିଜେଡି ପଞ୍ଚମ ଥର ଜିତିଲା ପରେ ଅହଂକାର ବଢ଼ିଯାଇଛି। ଯେତେବେଳେ ଅହଂକାର ବଢ଼ିଯାଏ ସେତେବେଳେ ବିନାଶ ନିଶ୍ଚିତ। ସରକାରଙ୍କ ବେଖାତିର ମନୋଭାବ ପ୍ରତିବାଦରେ କଂଗ୍ରେସ କର୍ମୀମାନେ ଜିଲାର ସଦର ମହକୁମାରେ ପିକେଟିଂ କରିବା ସହ ବିକ୍ଷୋଭ କରିବେ। ନାବାଳିକା ବଳାତ୍କାର ଭଳି ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯିବ ବୋଲି ନରସିଂହ କହିଛନ୍ତି।




### ଅନୁଗୋଳ ନାବାଳିକା ବଳାତ୍କାର ଘଟଣା

# ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

**ଅନୁଗୋଳ ଅଫିସ, ୨୩।୭**

ଅନୁଗୋଳ ବସ୍‌ଷ୍ଟାଣ୍ଡ ନିକଟ ଆହାରକେନ୍ଦ୍ର ପଛପଟେ ଶନିବାର ରାତିରେ ଘଟିଥିବା ନାବାଳିକା ବଳାତ୍କାର ଘଟଣାର ଅଭିଯୁକ୍ତ ଅମଲାପଡ଼ାର ଶିବୁ ପଟ୍ଟନାୟକ(୫୫)ଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ନାବାଳିକାଙ୍କ ମାଈଁ କରିଥିବା ଅଭିଯୋଗ ଆଧାରରେ ନଂ. ୫୫୨/୧୯ରେ ମାମଲା ରୁଜୁ ସହ ଅଭିଯୁକ୍ତ ଶିବୁଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମିତ୍ରଭାନୁ ମହାପାତ୍ର ସୂଚନା ଦେଇଛନ୍ତି। ୧୫ ଦିନ ମଧ୍ୟରେ ଏହି ମାମଲାର ଚାର୍ଜସିଟ୍ କୋର୍ଟରେ ଦାଖଲ ସହ ଯଥାଶୀଘ୍ର ଟ୍ରାଏଲ ପାଇଁ କୋର୍ଟଙ୍କୁ ଅନୁରୋଧ କରାଯିବ ବୋଲି ଏସ୍‌ପି ମହାପାତ୍ର ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ଥିଲେ ମଧ୍ୟ ବସ୍‌ଷ୍ଟାଣ୍ଡରେ ଲାଗିଥିବା କେତୋଟି କ୍ୟାମେରାରେ କଏଦ ହୋଇଥିବା କିଛି ଦୃଶ୍ୟ ଖୋଜାଯାଉଥିବା ପୋଲିସ ପକ୍ଷରୁ କୁହାଯାଇଛି।

MIPS
MITS INSTITUTE OF PROFESSIONAL STUDIES
Approved by DHE, Govt. of Odisha & Affiliated to Berhampur University
Invites application for vacant seats in
B.Sc Agriculture (4 Years)
B.Sc Biotech | B.Sc Foodtech | BCA
Apply online: www.mips.edu.in
- B.Sc. Agriculture course syllabus (4 yrs) is at par with OUAT.
- B.Sc. Ag. course syllabus is as per guidelines of ICAR Vth Deans Committee.
- Own farm land for agriculture practical training.
- Best in class faculty with NET and Ph.D qualification.
- MIPS is the sister concern of MITS Mega Foodpark which is the 1st operational Food Park in Odisha and 9th Mega Food Park in India.
- Practical hands-on training, Field Exposure & quality placement for students.
Affordable Fees | SC/ST Scholarship | Hostel Available
Campus: RAYAGADA, ODISHA
7735737890 / 7077505482

### ■ ଅସହ୍ୟ ହେଲା ଋଣ ବୋଝ

# ଆତ୍ମହତ୍ୟା କଲେ ଚାଷୀ

**ବାଲେଶ୍ୱର ଅଫିସ,୨୩।୭**

ଋଣ ବୋଝ ସହି ନ ପାରି ବାଲେଶ୍ୱର ଚାନ୍ଦିପୁର ଥାନା ପଦ୍ମପୁର ଗ୍ରାମର ଚାଷୀ ସୁମନ୍ତ ବେହେରା (୪୬) ମଙ୍ଗଳବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଏନେଇ ଚାନ୍ଦିପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୬୨୦/୧୯) ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୁମନ୍ତ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ୨୬ବର୍ଷର ପୁଅ ରୋଗାଗ୍ରସ୍ତ। ୩ଟି ଝିଅ ମଧ୍ୟରୁ ଗୋଟିଏ ଝିଅକୁ ବିବାହ କରିଛନ୍ତି। ଅନ୍ୟ ଦୁଇ ଝିଅ ପାଠ ପଢୁଛନ୍ତି। କିଛିଦିନ ପୂର୍ବରୁ ସ୍ତ୍ରୀଙ୍କ ଖାଦ୍ୟ ନଳୀରେ ଘା' ହୋଇଥିବା ସେ ଜାଣିବା ପରେ ଭାଙ୍ଗିପଡିଥିଲେ। ୨/୩ ଏକର ଜମିରୁ ଯାହା ଚାଷ ହୁଏ ସେଥିରୁ ପରିବାର ଚଳେ। ଚାଷ ପାଇଁ ସେ ସେଣ୍ଟ୍ରାଲ ବ୍ୟାଙ୍କରୁ ୮୦ହଜାର, ଦେନା ବ୍ୟାଙ୍କରୁ ୨୫ହଜାର, କୋଅପରେଟିଭ୍ ବ୍ୟାଙ୍କ ଏବଂ ହାତ ଉଧାରି ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା କରଜ କରିଥିଲେ। ଏହାସହ ଅସୁସ୍ଥ ପୁଅ ଚିନ୍ତା ସୁମନ୍ତଙ୍କୁ ସବୁବେଳେ ବ୍ୟସ୍ତ ବିବ୍ରତ କରୁଥିଲା। ଉକ୍ତ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ନ ଥିବାରୁ ଚଳିତବର୍ଷ ଚାଷ ପାଇଁ ସେ ଛୋଟିଆ ପୋଖରୀ ନିକଟରେ ତଳି ପକାଇଥିଲେ। ବର୍ଷା ଅଭାବରୁ ପୋଖରୀ ପାଣି ଶୁଖିଯିବା ଫଳରେ ତଳି ମରିବାକୁ ଲାଗିଥିଲା। ମଙ୍ଗଳବାର ପୂର୍ବାହ୍ନରେ ଗାଁରେ ଅନ୍ୟ ଚାଷୀଙ୍କ ସହ ସେ ତଳି ମରିଯିବା ବିଷୟରେ ଆଲୋଚନା କରିଥିଲେ। ଘରକୁ ଯାଇ ପୁଅର ଚିକିତ୍ସା ସହିତ ଋଣ ପରିଶୋଧ ବିଷୟରେ ସ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରେ ସେ ସେଠାରୁ ଯାଇ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଦେଇଥିଲେ। ସେ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ପରିବାର ଲୋକେ ବିଷ ପିଇବା କଥା ଜାଣି ପଡ଼ୋଶୀଙ୍କ ସହଯୋଗରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଏକ ଅଟୋରିକ୍ସା ଯୋଗେ ଆଣିଥିଲେ। ସେଠାରେ କିଛି ସମୟ ଚିକିତ୍ସା ହେବା ପରେ ପ୍ରାୟ ସାଢେ ୧୦ଟା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା।





| S.NO. | DETAILS OF TOWER | OFFER OF SALE |
|---|---|---|
| 1. | Tower - I | Sale open through e-auction |
| 2. | Tower - II | Expression of Interest (EOI) |

For Complete Information, visit NBCC's website at www.nbccindia.com
RERA Registration No.: MP/19/2018/00027

NBCC Imperia
The new Commercial & Residential Landmark of Bhubaneswar
FEATURES
- Centrally located prime land.
- Commercial-Retail & Office Spaces.
- Good visibility and easy access for retail and shops.
- Gated complex.
- Earthquake resistant structure & Rainwater Harvesting system.
- Advanced stage of completion



एन बी सी सी NBCC A Navratna CPSE
NBCC (INDIA) LIMITED
(A Government of India Enterprise)
MARKETING OFFICE:
NBCC Place, Pragati Vihar, Bhisham Pitamah Marg, New Delhi-110003
CALL @:
011-46990020, 8527495482, 8527559481
E-Mail: remktgr@nbccindia.com
Website: www.nbccindia.com
Follow us on:
Corrigendum/addendum, if any, would appear only on the website
LOCATION
Airport - 11.5 Km
Bhubaneswar Railway Station - 8.5 Km
LANDMARK WITH IN 5 KM. RANGE
• Apollo Hospital • Kalinga Hospital
• Acharya Vihar Crossing


TRIDENT
GROUP OF INSTITUTIONS
Redefining Engineering Education in Odisha By introducing industry required training / exposure for B.Tech students
F2, Chandaka Industrial Estate, Infocity Area, Bhubaneswar - 751024
Telephone : (0674)-6649000, 6649003, 6649008, 6649036 Mob : 9861191195
www.trident.ac.in

Mechanical
- Exposure to Mechatronics
- Exposure to Design packages like Auto-CAD Solid works, Creo, CATIA etc.
- Study of CFD through CAE package ANSYS Fluent,
- Exposure to Subtroctive practices with CNC Machines ( Concept of 5-Axis / 7 Axis machining) and Additive practices of 3-D metal printing with Rhino-6 ( NURB modeller to use Laser flow).
- Exposure to Plastic Injection Moulding, Blow Moulding, Roto Moulding and Moulding Flow Techniques.

Electrical
- On-Project training on HT/EHT substation & Railway OHE / TSS.
- On-Project training on Load Flow Analysis with MI Power Software
- On-Project training on Solar Power Engineering
- Exposure to PLC and SCADA techniques with actual underground cabling projects executed by EPC Companies
- Electromagnetic Flow & High Frequency Simulation Process with latest PLM Softwares

Civil
- Most advanced survey techniques with TS, GPS, DGPS & Drones
- Advanced Structural Designs with latest STAAD Pro & ETAB Software
- 3-D model of buildings with REVIT Software
- Exposure to Spatial Analysis, Photogrammetry & Remote Sensing & GIS with actual Projects of Govt.
- Exposure to consulting works done by the college including Design Validation of Structures including Megafit Irrigation.

Electronics
- Micro Electro Mechanical System (MEMS) design with Indian Institute of Science, Bangalore.
- Use of Lab-View Software with guidance of National Instruments (NI).
- Projects of IoT (Internet of Things) with guidance of CISCO Inc.
- PIC microcontrollers with guidance of Microchip Inc.
- Design of PCBs with guidance of NIELIT
- Working in the Project of Structure Technical Enhancement Program (STEP) of Electronics Sector Skill Council of India (ESSCI), Govt. of India.

Biotechnology
Access to the most contemporary & advanced instruments and processes including
1. PCR & RT-PCRs
2. $CO_2$ Incubotor
3. HPLC/FPLC
4. Flow Cytometers
5. UV Spectrophotometer
6. Genetic Analyser
7. Atomic Absorption Spectroscopy( AAS)
8. Differential Scanning Calorimetry (DSC)
9. Scanning Electronic Microscope (SEM)
10. Atomic Force Microscope (AFM)
11. Fourier Transform Infrared Spectroscopy
12. Particle Size Analyser
13. Robotic Protein Crystallization
14. Bioplex
15. Ultracentrifuge

HIGHEST NUMBER OF CAMPUS RECRUITERS (102) IN BPUT

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................



ସମ୍ଭବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ୟୁଏସ-ଇଣ୍ଡିଆ ଷ୍ଟ୍ରାଟେଜିକ ପାର୍ଟନରଶିପ୍ ଫୋରମ୍ ଅଧ୍ୟକ୍ଷଙ୍କ ସହ ଧର୍ମେନ୍ଦ୍ରଙ୍କ ଆଲୋଚନା

ଭୁବନେଶ୍ୱର, ୨୩।୭(ବ୍ୟୁରୋ): ୟୁଏସ-ଇଣ୍ଡିଆ ଷ୍ଟ୍ରାଟେଜିକ ପାର୍ଟନରଶିପ୍ ଫୋରମ୍‌ର ଅଧ୍ୟକ୍ଷ ତଥା ସିଇଓ ମୁକେଶ ଅଘିଙ୍କ ସହ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାକ୍ଷାତ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ସହ ମୁକେଶ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି । ଭାରତ-ଆମେରିକା ମଧ୍ୟରେ ଷ୍ଟ୍ରାଟେଜିକ୍ ଶକ୍ତି ସହଭାଗିତାକୁ ଦୃଢ କରିବା ପାଇଁ ଦ୍ୱିପକ୍ଷ ବ୍ୟାପାରକୁ ବୃଦ୍ଧି କରିବା ଦିଗରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ସେହିପରି ଉର୍ଜା ଓ ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜି ନିବେଶ କରିବା ଦିଗରେ ମଧ୍ୟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଧର୍ମେନ୍ଦ୍ର କହିଛନ୍ତି।

# ୧୧ ଜିଲାରେ ସ୍ୱଳ୍ପ ବୃଷ୍ଟିପାତ

- ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩୧ ପ୍ରତିଶତ କମ୍ ବର୍ଷା
- ଧାନ ଫସଲ ଗୁରୁତର ପ୍ରଭାବିତ ହେବା ସମ୍ଭାବନା
- ଲଘୁଚାପ ହେଲେ ୨୫ରୁ ବଦଳିପାରେ ପାଗ

ଭୁବନେଶ୍ୱର, ୨୩।୭(ବ୍ୟୁରୋ)

ଚଳିତବର୍ଷ ରାଜ୍ୟରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି। ସାରା ଦେଶରେ ୧୫ ସ୍ଥାନରେ ସ୍ୱାଭାବିକ ବର୍ଷା ହୋଇଥିବାବେଳେ ୨୧ ସ୍ଥାନରେ ବର୍ଷାର ପରିମାଣ କମ୍ ରହିଛି। ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ୩୧ ପ୍ରତିଶତ କମ୍ ବର୍ଷା ହୋଇଛି। ସୁନ୍ଦରଗଡ଼, ମୟୂରଭଞ୍ଜ, ଗଜପତି, ଅନୁଗୋଳ, ଦେବଗଡ଼, କନ୍ଧମାଳ, ବୌଦ୍ଧ, ରାୟଗଡ଼ା, କେନ୍ଦୁଝର, ବଲାଙ୍ଗୀର, ବାଲେଶ୍ୱର ଆଦି ୧୧ ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଅଧିକାଂଶ ବ୍ଲକ୍‌ରେ ଧାନ ତଥା ଅଣଧାନ ଫସଲ ଗୁରୁତର ପ୍ରଭାବିତ ହେବା ସମ୍ଭାବନା ରହିଛି। ଆଉ କିଛିଦିନ ମଧ୍ୟରେ ଯଦି ଭଲ ବର୍ଷା ନ ହୁଏ ତେବେ ରାଜ୍ୟରେ ମରୁଡ଼ି ହୋଇଯିବ ବୋଲି ପାଣିପାଗ ବିଶେଷଜ୍ଞମାନେ ଆକଳନ କରୁଛନ୍ତି।

ଅନ୍ୟପକ୍ଷରେ ୨୪ ତାରିଖ ବୁଧବାର ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସମ୍ଭାବନା ରହିଛି। ଏହା ଲଘୁଚାପରେ ପରିଣତ ହେଲେ ୨୫, ୨୬ ଓ ୨୭ ତାରିଖରେ ପ୍ରବଳ ବର୍ଷା ହେବ। ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ୨୫ ତାରିଖରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ରହିଛି। ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର, ସୁନ୍ଦରଗଡ଼, ଦେବଗଡ଼, ନବରଙ୍ଗପୁର, କଳାହାଣ୍ଡି ଓ ବାଲେଶ୍ୱର ଜିଲାରେ ପ୍ରବଳ ବର୍ଷା ହେବ। ତେବେ ୨୬ ତାରିଖରେ ଦେବଗଡ଼, ସମ୍ବଲପୁର, କଟକ, ଅନୁଗୋଳ, ଢେଙ୍କାନାଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାବେଳେ କୋରାପୁଟ, କଳାହାଣ୍ଡି, କନ୍ଧମାଳ, ସୋନପୁର, ଝାରସୁଗୁଡ଼ା, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବ। ସେହିପରି ୨୭ ତାରିଖରେ ସମ୍ବଲପୁର, ବରଗଡ଼, ବୌଦ୍ଧ, କଳାହାଣ୍ଡି ଓ ନବରଙ୍ଗପୁରରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ପୁରୀ, ଗଞ୍ଜାମ, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ ଓ କନ୍ଧମାଳରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି। ସେପଟେ ମଙ୍ଗଳବାର ସନ୍ଧ୍ୟା ୫ଟା ସୁଦ୍ଧା କେନ୍ଦୁଝରରେ କେନ୍ଦୁଝରଗଡ଼ରେ ସର୍ବାଧିକ ୩୨ ମିଲିମିଟର ବର୍ଷା ହୋଇଥିବାବେଳେ କୋରାପୁଟରେ ୨୪ମିମି, ବାରିପଦାରେ ୧ମିମି ବର୍ଷା ରେକର୍ଡ କରାଯାଇଛି।

### ଫସଲ ସୁପରିଚାଳନା ପାଇଁ ଓୟୁଏଟିର ପରାମର୍ଶ

ରାଜ୍ୟରେ ସ୍ୱଳ୍ପ ବୃଷ୍ଟି ଯୋଗୁ ମରୁଡ଼ି ଆଶଙ୍କା। ସେପଟେ ଲଘୁଚାପ ହେଲେ ବର୍ଷା ସମ୍ଭାବନା। ଏପରିସ୍ଥିତିରେ ଚାଷୀମାନେ କିପରି ଫସଲର ସୁପରିଚାଳନା କରିବେ ସେଥିପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ପକ୍ଷରୁ କୃଷି ପରାମର୍ଶ ଦିଆଯାଇଛି। ଯେଉଁଠି ଧାନ ବୁଣାବୁଣି ସରିଯାଇଛି, ସେଠି ପାଣିପାଗ ବିଭାଗର ବର୍ଷାର ପୂର୍ବାନୁମାନ ଅନୁଯାୟୀ ଧାନ ଫସଲକୁ ନଷ୍ଟ ନ କରି ଅପେକ୍ଷା କରିବାକୁ କୁହାଯାଇଛି। ଯେଉଁ ଜମିରେ ରୁଆ ସରିଯାଇଛି, ସେଠି ଧାନ ଫସଲକୁ ବଞ୍ଚାଇବା ପାଇଁ ଫସଲ ରକ୍ଷାକାରୀ ଜଳସେଚନ କରିବାକୁ ପରାମର୍ଶ ଦିଆଯାଇଛି। ଏହି ସମୟରେ ତଳିଘରାରେ ମହିଷା, ମୂଳଶଢ଼ା ଓ ବୀଜାଣୁଜନିତ ପତ୍ରପୋଡ଼ା ରୋଗ ଲାଗିବାର ଆଶଙ୍କା ରହିଥିବାରୁ ନିରାକରଣ ବ୍ୟବସ୍ଥା ପାଇଁ ଚାଷୀମାନେ ପଦକ୍ଷେପ ନେବା ଉଚିତ। ବର୍ଷା ଜଳ ପାଇବା ପରେ ପ୍ରଥମେ ମଝିଆଳି ଜମିରେ ଓ ପରେ ଖାଲୁଆ ଜମିରେ ରୁଆ କାର୍ଯ୍ୟ ସାରିବାକୁ କୁହାଯାଇଛି। ସେହିପରି ଯେଉଁ ଡିପ ଜମିରେ ଧାନ ଫସଲ ହେବାର ଆଉ ସମ୍ଭାବନା ନାହିଁ ସେଠାରେ ଅଣଧାନ ଯେପରିକି ମକା, ମାଣ୍ଡିଆ, ମୁଗ, ବିରି, ବରଗୁଡ଼ି, ରାଶି, କନ୍ଦମୂଳ ଇତ୍ୟାଦି ଚାଷ କରିବାକୁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ପଡୁଥିବା ମୁଗ, ବିରି ବିହନ ପାଇଁ ଚାଷୀମାନେ ବିହନ ନିଗମ ସହିତ ଯୋଗାଯୋଗ କରନ୍ତୁ। ସଅଳ ଅମଳ ପାଇଁ ଫୁଲକୋବି, ବନ୍ଧାକୋବି, ବିଲାତିବାଇଗଣ, ଲଙ୍କା, ବାଇଗଣ ଓ ଖରିଫ୍ ପିଆଜ ପଲିଥିନ୍ ମଞ୍ଚା ତଳେ ଉଚ୍ଚ ତଳିଘରା କରି ତଳି ପକାଇବାକୁ ଓୟୁଏଟି ପକ୍ଷରୁ କୃଷକମାନଙ୍କୁ ପରାମର୍ଶ ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରେବତୀ ନକ୍ଷତ୍ରସ୍ଥ ଚନ୍ଦ୍ର ପଡ଼ୋଶୀଙ୍କ ହସ୍ତକ୍ଷେପରେ ପାରିବାରିକ ଶାନ୍ତି ଫେରାଇ ଆଣିବାରେ ସହାୟକ ହେବ। କିନ୍ତୁ ଚତୁର୍ଥସ୍ଥ ପାପଗ୍ରହ ପାରିବେଶିକ ଓ ମାନସିକ ତଥା ଶାରୀରିକ ଦିଗ ପାଇଁ ଅନୁକୂଳ ହେବ ନାହିଁ। ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ, ଧର୍ମୀୟ ଭାବନା, ବନ୍ଧୁମିଳନ ଓ ପ୍ରତ୍ୟୁଷ ଯାତ୍ରା କେତେକାଂଶରେ ମନକୁ ପ୍ରଭାବିତ କରିପାରେ।

**ବୃଷ** ରବି କେନ୍ଦ୍ରକୋଣାଧିପ ଶନି ନକ୍ଷତ୍ରସ୍ଥ ହୋଇ ଷଡାଷ୍ଟକ ସ୍ଥିତିରେ ଥିବାରୁ ଆଲୋଚନାନୁଯାୟୀ କାର୍ଯ୍ୟସାଧନ କରିପାରିବା କଷ୍ଟକର ହେବ । ଅବଶ୍ୟ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ । ଆର୍ଥିକ ଅଭାବ ଓ ଅନଟନକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିପାରନ୍ତି।

**ମିଥୁନ** ମଙ୍ଗଳ ଷଷ୍ଠଏକାଦଶାଧିପତି ହେତୁ ଧାରକରଜ କିମ୍ବା ବ୍ୟାଙ୍କଲୋନ୍ ମାଧ୍ୟମରେ ଅର୍ଥପ୍ରାପ୍ତି କରାଇପାରେ । କିନ୍ତୁ ରାଶ୍ୟାଧିପତି ସହ ସମ୍ପର୍କିତ ଯୋଗୁ ଔଷଧକ୍ରୟ, ଡାକ୍ତର ଫି' କିମ୍ବା ଶାରୀରିକ ପରୀକ୍ଷାଜନିତ ବ୍ୟୟ ମଧ୍ୟ କରିପାରନ୍ତି। ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ** ତୃତୀୟବ୍ୟୟାଧିପ ବୁଧ ଧନଲାଭାଧିପତି ଯୁକ୍ତ ହେତୁ ବନ୍ଧୁଙ୍କୁ ଅର୍ଥସାହାଯ୍ୟ ପ୍ରଦାନ କରିପାରନ୍ତି। କର୍ମକ୍ଷେତ୍ରରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭରେ ସୌଭାଗ୍ୟ ପାଇବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇପାରନ୍ତି। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ନ ଘଟିବାରୁ ମନ ସାମୟିକ ବିଚଳିତ ରହିପାରେ।

**ସିଂହ** ବୃହସ୍ପତି ଚତୁର୍ଥସ୍ଥ ହୋଇ ବୁଧଙ୍କ ନକ୍ଷତ୍ରରେ ରହିଥିବାରୁ ପୁରୁଣା ଘର, ଯାନବାହନ, କ୍ରୟବିକ୍ରୟ ପାଇଁ ମନସ୍ଥ କରିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ପାରିବାରିକ ଅସ୍ଥିରତା କାରଣରୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ । ବ୍ୟବସାୟ,ପରିବହନ, ଜମିଜମା, କଳକାରଖାନା, ସଭାସମିତି, ସଭା ସମିତିରେ ସଫଳତା ଅର୍ଜନ କରିବେ।

**କନ୍ୟା** ଧନଭାଗ୍ୟାଧିପ ଶୁକ୍ର ରାଜଯୋଗକାରକ ଚତୁଃଗ୍ରହ ସମ୍ମିଳନୀରେ ରହି ଆପଣଙ୍କ ସୁଖ, ସମ୍ମାନ, ପ୍ରତିଷ୍ଠାଦି ଗୌରବ ପ୍ରଦାନ କରିବ। କେବଳ ଚିତ୍ରା ନକ୍ଷତ୍ର ବ୍ୟତୀତ ଅନ୍ୟମାନଙ୍କ ସକାଶେ ଶତକଡା ଶହେଭାଗ ସୁଫଳ ମିଳିପାରେ । ତଥାପି ପାରିବାରିକ, ସାମାଜିକ, ପରିବହନ, ଲୋକସମ୍ପର୍କ ଦିଗ ପ୍ରତି ଆଜିର ଗ୍ରହସ୍ଥିତି ପ୍ରତିକୂଳ ରହିବ।

**ତୁଳା** ରାଜଯୋଗକାରକ ଗ୍ରହ ଶନି ରାଶ୍ୟାଧିପଙ୍କ ନକ୍ଷତ୍ରରେ ରହିଥିବାରୁ କାର୍ଯ୍ୟହାସଲ ସକାଶେ ଆପଣଙ୍କ ଚେଷ୍ଟା ଅବ୍ୟାହତ ରହିବ । କିନ୍ତୁ ତୃତୀୟଭାବରୁ ଦ୍ୱାଦଶସ୍ଥ ବୃହସ୍ପତି ଯୋଗୁ କଥା ଦେଇ କଥା ରଖୁ ନ ଥିବା କାରଣରୁ ମନ ଭଲ ରହି ନ ପାରେ । ଫଳତଃ କୌଣସି କାମ ସକାଶେ ନିଜ ଲୋକମାନଙ୍କ ଉପରେ ଭରସା କରି ପାରିବେ ନାହିଁ।

**ବିଚ୍ଛା** ଅଷ୍ଟମସ୍ଥ ରାହୁ ରାଶିରେ ଥିବାରୁ ଧନହାନି ଓ ସମସ୍ୟା ସାମୟିକ ଆସିପାରେ। କିନ୍ତୁ କୌଣସି କାମରେ ପଛକୁ ଫେରିବାର ଚିନ୍ତା କରି ନ ପାରନ୍ତି ଓ କାର୍ଯ୍ୟ ସିଦ୍ଧି ଅବଶ୍ୟମ୍ଭାବୀ। ଏକାଧିକ ଗ୍ରହ ପ୍ରଭାବରୁ ଧର୍ମକାର୍ଯ୍ୟ, ବନ୍ଧୁମିଳନ, ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପ୍ରଭୃତିରୁ ସଫଳତା ମିଳିବ। କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ।

**ଧନୁ** ସମସ୍ୟା ଭିତରେ ମାନସିକ ଦୁଶ୍ଚିନ୍ତା ବଢି ଚାଲିଥିଲେ ମଧ୍ୟ ଗୁରୁକ୍ଷେତ୍ରସ୍ଥ ଚତୁର୍ଥଚନ୍ଦ୍ର ଯୋଗୁ ଆପଣଙ୍କ ପରିବାର ଓ କର୍ମକ୍ଷେତ୍ରରେ କୌଣସି ପ୍ରଭାବ ପଡିବ ନାହିଁ। ଆଲୋଚନା ପରିସରରେ କୌତୁକିଆ କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିବେ। ସାମାଜିକ ସ୍ତରରେ ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** ରାଶିଠରୁ ଦ୍ୱାଦଶସ୍ଥ ଓ ଚନ୍ଦ୍ରଙ୍କ ନିକଟରୁ କେନ୍ଦ୍ରସ୍ଥ ଶନି ଯୋଗୁ କୌଣସି ଅସୁବିଧା ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ବୁଝାମଣା ଠିକ୍ ନ ରହିବାରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ । ଶିକ୍ଷା, ପରୀକ୍ଷା, ଲେଖାପଢା, ଆଲୋଚନା ଓ ସଭାସମିତି କ୍ଷେତ୍ରରୁ ପ୍ରଶଂସିତ ହେବେ।

**କୁମ୍ଭ** ଅର୍ଥ ସମ୍ପର୍କକୁ ନେଇ କିମ୍ବା କୌଣସି ମନ୍ତବ୍ୟକୁ କେନ୍ଦ୍ରକରି ବିବାଦର ଆଶଙ୍କା ରହିଛି। ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷା କରିବାକୁ ଯାଇ ପରିଜନ ସହ ଯାତ୍ରା କରିବାକୁ ପଡିପାରେ। ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ବ୍ୟବସାୟ, ବାଣିଜ୍ୟ, ପରିବହନ, ସଭାସମିତି, ଆଲୋଚନାଦି କ୍ଷେତ୍ରରେ ସମସ୍ୟା ସମାଧାନ କରିପାରିବେ।

**ମୀନ** କେନ୍ଦ୍ରାଧିପ ବୁଧଙ୍କ ନକ୍ଷତ୍ରରେ ରାଶ୍ୟାଧିପ ବୃହସ୍ପତି କୋଣଭାବ ମଣ୍ଡନ କରିଥିବାରୁ ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗ ପାଇ କାର୍ଯ୍ୟହାସଲ କରିବେ। ସାମାଜିକ ସମ୍ମାନ ସହ ଅଭିଳଷିତ ଜିନିଷ ପ୍ରାପ୍ତି ମନକୁ ଖୁସି କରାଇଦେବ। ପଦସ୍ଥ ବ୍ୟକ୍ତିଙ୍କ ବଦାନ୍ୟତାରୁ କର୍ମକ୍ଷେତ୍ରର ସମସ୍ୟା ସମାଧାନ ହେବା ସାଙ୍ଗକୁ ଟେନସନ୍ କମିଯିବ।

ଆଜି ଶ୍ରାବଣ କୃଷ୍ଣ ସପ୍ତମୀ ବୁଧବାର, ଜୁଲାଇ ୨୪ ତାରିଖ, ଆୟକର ଦିବସ, ରାଶି ନକ୍ଷତ୍ର, ରେବତୀ/ମୀନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୫୦ମି. ଗତେ ଘ୮ ।୨୯ମି. ମଧ୍ୟେ, ଘ୩।୦୫ମି. ଗତେ ଘ୪ ।୪୪ମି. ମଧ୍ୟେ ଅମୃତବେଳା। ଦିବା ଘ୬ ।୫୦ମି. ମଧ୍ୟେ ଘ୧୦ ।୦୮ମି. ଗତେ, ଘ୧ ।୪୭ମି. ମଧ୍ୟେ ଘ୪ ।୪୪ମି. ଗତେ, ଘ୬ ।୦୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୧ ।୫୩ମି. ଗତେ ଘ୧ ।୩୧ମି. ମଧ୍ୟେ ରାହୁକାଳ।

# classifieds Everyday 0674-2580101, 2549302





### BRIDE WANTED

Khandayat 35/5'6" working as Electrician in BPCL searching bride. 8338083380. D-13562

ତେଲିପାତ୍ର 55 1/2, ମାଟ୍ରିକ୍, କମ୍ପାନି ଚାକିରିଙ୍କ ପାଇଁ ସହୃଦୟା ପାତ୍ରୀ ଆବଶ୍ୟକ। 7377316197. D-13496

### GROOM WANTED

Khadayat girl B.com 22/5, Cuttack, seaching groom (near Cuttack). 8338083380. D-13566

Teli B.Tech 27/5'5" working as Software Engineer searching groom. 8338083380. D-13565

Brahmin MBBS, 27/5'4", Cuttack, Searching groom (any location). 8338083380, 8480611745. D-13567

Gopal B.com girl 30/5'2" Mayurbhanja, searching groom in Mayurbhanja. 8338083380. D-13563

BBSR ସ୍ଥିତ Nurse 40k ପାଉଥିବା 28 ବୟସ୍କା divorcee ବ୍ରାହ୍ମଣଙ୍କ ପାଇଁ any caste ପୁଅ ଦରକାର। 9658674636. D-13516

Divorcee bride Lecturer 38, Engineer 35, Bank 43 (Caste-no-bar). 7873374269. D-67016

Khandayat girl 1993, 5'6", MBA, serving MNC, Bangalore. Sunasansar: 9937512659. D-66741

Professional qualified matches for Muslim Girl, DOB: 1986, 5'4", working as Software Engineer. Mobile: 9437121410, 9937339699. D-37371

**Now Matrimonial ads. only on Wednesday & Sunday Book 1 Get 1 FREE**

### real estate

### SALE

3 Store Building For Sale Near Dhauli Bhubaneswar. All Are 3BHK Flat. New Building Contact - 9337730923. D-13575

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m. ବାସୋପଯୋଗୀ plot 1200sqft. 5,40,000/- immediate possession/registration. 9937032327, 9583328312. D-66730

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66729

1000 sqft land 12lakhs at Sisupalgarh, near Lingaraja Temple. Contact: Hindustan Jewellers, Bhubaneswar. D-65670

House for sale at Gothapatna 70,00,000/-, 16000sqft. land and 3200sqft. plot sale, sqft. 1400/- Gothapatna Mainroad, Bhubaneswar. 7735768268. D-66743

ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ **Viswass +2 Science** କଲେଜକୁ ଲାଗି **yellowzone** ପ୍ଲଟ ମିଳୁଅଛି। **9348261968.** D-66738

SUM hospital ନିକଟରେ ଏବଂ Tamando ବଜାର Infocity-2 ପାଖରେ plot ମିଳୁଅଛି। 9439864322. D-66715

**ଭୁବନେଶ୍ୱର ଗୀତା କଲେଜରୁ 4k.m ମେଣ୍ଢାଶାଳ ମୌଜାରେ satellitecity ପାଖରେ Demarcated Plot sqft.300/-ରେ ମିଳୁଅଛି। 9439857581.** D-66733

BDA plot NH-5 ସନ୍ନିକଟରେ road, electric poll, boundary ମାତ୍ର sqft. 600/- ରେ ମିଳୁଅଛି। Contact: 9437285016 / 6371719107. D-13559

212decml. yellowzone gharabari sthitiban plot at Sunderpur on Sikharchandi, Chandaka road @ 1250 per sqft. Contact: 9338342502. D-67302

**Bhubaneswar AIIMS Medical ନିକଟରେ Govt. roadକୁ ଲାଗି BDA approved yellowzone gharabari plot- 1499/- 9777553622.** D-66736

ବଅଁରପାଳଠାରୁ ବାଲିମେଳା ଯାଇଥିବା NH-64 ରାସ୍ତାର ବଉଳିଗଡ ଗ୍ରାମ ବ୍ରିଜ ମୁଣ୍ଡରେ ଥିବା ୪୬ଡିସିମିଲ ଜାଗା ବିକ୍ରିହେବ। ଯୋଗାଯୋଗ: ୯୮୬୧୨୨୨୮୦୦, ୬୩୭୧୭୯୫୩୧୬। D-60948

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66932

**2400sqft. BDA plot for sale at K9/A Patrapada. Contact: 8114860043.** D-64991

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67318

2BHK, 3BHK, ready to move flats at Hitech Heaven Project near Gudiapokhari Chowk, Bhubaneswar. 9853035888, 9437285016. D-13519

**High commercial building for sale at Bhubaneswar near Kalpana area, constructed area- 4610sqft. Rs. 1.30 rental income p.m. Contact: 9437068886.** D-13561

BDA plot NH-5 ସନ୍ନିକଟ road, Electric poll, boundary ଥାଇ sqft 600/- ମିଳୁଅଛି। Contact: 7750068828 / 6370485344. D-13542

**ଭୁବନେଶ୍ୱର ବାଳକାଟି ବଜାରରୁ 2km. boundary ଘରବାରି plot ଇଲେକ୍ଟ୍ରିସିଟି ସୁବିଧାଥାଇ sqft.-500/- (Spot possession then registration). 9348020724, 7978939440.** D-66744

2BHK simplex 26,00,000/-finishing Hanspal, Bank finance available 7381578650, 7377605498. D-67022

### to-let

3BHK independent house with parking at Santha Vihar, Lingipur. 9439357429, 8114351359. D-61059

Fully AC furnishing 2BHK for two working women / men. 7008054806. D-67205

Tolet service for bachelor, family, girls, all over Bhubaneswar. 6371209927. D-64982

Showroom (semi furnished) 400sqft .at prime location (Indradhanu market, Nayapalli) to be given on rent Rs. 25000/-. No brokers. Contact: 7798442743, 9853878489. D-35845

3BHK 1800 sqft. house near ITER College, Dumduma. Phone- 8179751075. D-66266

### business

ସ୍ୱଳ୍ପ ପୁଞ୍ଜି ବିନିଯୋଗ କରି ନିଜଘରେ ପେପର ପ୍ଲେଟ, Buffet, ଧୂପକାଠି ଉଦ୍ୟୋଗ ବସାଇ ମାସିକ 25 ରୁ 30 ହଜାର ଟଙ୍କା ରୋଜଗାର କରନ୍ତୁ। Raw material available. 6372582671, 8895777350. D-67321

### healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-67312

Rejuvenate and ayurvedic full body massage by smart therapist: 9114402304. D-67311

Full body herbal massage with refreshment, expert therapist. 7381239385, 0674-2540855. D-67313

Experience full body massage with us (expert). Call: 7377048581, 0674-2597822. D-67314

Summer special mesmerizing offer expert therapeutic refreshing massage appointment: 9668374480. D-67307

Herbal full body massage by smart/expert therapist. Contact: 8338067247. D-67315

Newly opening Ayurvedic body massage smart therapist, Shree herbal, 775 0020754. D-67317

Kajal ayurvedic massage club fully relaxed by smart lady, home service available. 9937637219. D-66930

Ayurvedic full body massage ladies & gents smart therapist. 9040900385. D-66931

### LOST

I Sri Banamali Pani, S/o- Late Balaram Pani, Vill/Po- Tentulidihi, P.S- Chandbali, Dist- Bhadrak lost a sale deed bearing number 956/2000 on 14.07.2019 while travelling by bus from Chandbali to Pattamundai. If anybody found please contact at 7008402310. D-13572

### AFFIDAVIT

By virtue of an affidavit dated 22.07.2019 before Notary, Bhubaneswar, I changed my name from Susree Sucharita Pattanaik to Sushree Sucharita Pattanaik. D-13564

By virtue of an affidavit before Notary, BBSR, I have changed my name from Srikanta Kumar Sahu to Srikant Kumar Sahoo. Henceforth I known as Srikant Kumar Sahoo for all purposes. D-62196

### ୭ମ ଜନ୍ମଦିନ ଶୁଭେଚ୍ଛା



**ଦର୍ଶନ ଆଚାର୍ଯ୍ୟ (ସମ୍ଭବ)**
ଜନ୍ମ ତାରିଖ: ତା ୨୪।୦୭।୨୦୧୨
**ଲୋକେଶ୍ୱରପୁର, ଖୋର୍ଦ୍ଧା**
ତୋର ସପ୍ତମ ବାର୍ଷିକ ଜନ୍ମତିଥି ଅବସରରେ ଶ୍ରୀଜଗନ୍ନାଥ ଜୀଉଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ତଥା ଯଶସ୍ୱୀ କରନ୍ତୁ।
**ଶୁଭେଚ୍ଛା ସହ**
କେକେବାପା, କେକେ ମା', ନନା, ବୋଉ, ଅଜା, ଆଈ, ମାମୁ, ମାଇଁ, ଭାଇନା, ନାନୀ, ପିଉସା, ପିଉସୀ ଓ ମାମା ନାନୀ।
ଧ-୧୩୫୭୪

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# କିଏ ବଞ୍ଚାଇବ

ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତି କିଭଳି ବିପର୍ଯ୍ୟସ୍ତ ହେବାରେ ଲାଗିଛି, ତାହା ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଟୁଥିବା ଅପରାଧରୁ ଦେଖିବାକୁ ମିଳୁଛି। ନିକଟରେ କଳାହାଣ୍ଡି ଜିଲା ଭବାନୀପାଟଣାର ଏକ ଆଶ୍ରୟ ଗୃହ ମୁଖ୍ୟ ଏଚ୍ଆଇଭି ସଂକ୍ରମିତ ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବା, ଅନୁଗୋଳ ବସ୍ତାଣ୍ଡ ନିକଟରେ ୮ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଉଦ୍ୟମ, ଗତ ଦୁଇ ଦିନ ମଧ୍ୟରେ ସୁନ୍ଦରଗଡ଼ ଜିଲାରେ ୩ଟି ବଳାତ୍କାର ଘଟଣା ରାଜ୍ୟବାସୀଙ୍କୁ ଆଶ୍ଚର୍ଯ୍ୟ କଲାଣି। ସେହିପରି ପୁରୀ ଜିଲା ସାକ୍ଷୀଗୋପାଳ ନିକଟ ପଜନାପିଲିଆଠାରେ ସ୍ପଷ୍ଟ ଦିବାଲୋକରେ ୩ ଭାଇଙ୍କୁ ହତ୍ୟା କରାଯିବା ଘଟଣା ଆଇନ ଶୃଙ୍ଖଳାରେ ଦ୍ରୁତ ଅବନତି ଘଟୁଥିବା ବିଷୟକୁ ଇଙ୍ଗିତ କରୁଛି। ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି, ଚଳିତବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟରେ ୫୦୨ ଝିଅ ନିଖୋଜ ହୋଇଥିବା ବିଧାନସଭାରେ ଦିଆଯାଇଥିବା ତଥ୍ୟରୁ ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ମାତ୍ର ୭୯ ଜଣଙ୍କୁ ଠାବ କରାଯାଇଥିବା କୁହାଯାଉଛି। ନିଖୋଜ ସଂଖ୍ୟାକୁ ଦେଖିଲେ ପୋଲିସ ସେମାନଙ୍କୁ ଖୋଜିବାରେ କେତେ ତତ୍ପର ବୁଝାପଡ଼ୁଯାଉଛି। ଏଭଳି ପରିସ୍ଥିତିରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ଗତ ୫ ବର୍ଷ ମଧ୍ୟରେ ଓଡ଼ିଶା ନିର୍ଭୟା ପାଣ୍ଠିରୁ ପାଇଥିବା ଅର୍ଥ ମଧ୍ୟରୁ ୧୦ ପ୍ରତିଶତରୁ କମ୍ ଖର୍ଚ୍ଚ କରିପାରିଛି। ଉଲ୍ଲେଖଯୋଗ୍ୟ, ଏ ସଂକ୍ରାନ୍ତ ୫ଟି ପ୍ରକଳ୍ପ ଲାଗି କେନ୍ଦ୍ର ସରକାର ଓଡ଼ିଶାକୁ ୩୪.୬୧ କୋଟି ଟଙ୍କା ଦେଇଥିବା ବେଳେ ମାତ୍ର ୨.୮୭ କୋଟି ଟଙ୍କା ବ୍ୟୟ କରାଯାଇଛି। ଏଥିରୁ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ମଧ୍ୟ ବାରି ହୋଇପଡ଼ୁଛି।

ଓଡ଼ିଶାରେ ନାବାଳିକାଙ୍କୁ ବଳାତ୍କାର ଓ ନିଖୋଜ ଝିଅମାନଙ୍କ ସଂଖ୍ୟା ଦେଖିଲେ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରୁଛି। ଆଇନ ଶୃଙ୍ଖଳା ପରିସ୍ଥିତିରେ ଘୋର ଅବନତି ଦେଖାଦେଇଥିବାରୁ ବିଧାନସଭାରେ ଗତ ଦୁଇ ଦିନ ଧରି ବିରୋଧୀ ସଦସ୍ୟମାନେ ଶାସକ ଦଳକୁ ସମାଲୋଚନା କରିଛନ୍ତି। ସରକାର ନିର୍ବାଚନରେ ଜିତିବା ଜାଣନ୍ତି, କିନ୍ତୁ କିଭଳି ରାଜ୍ୟକୁ ଶାସନ କରିବାକୁ ହୋଇଥାଏ ତାହା ଜାଣିନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏ ପରିସ୍ଥିତିରେ ଯଦି ଅନୁଗୋଳ ବସ୍ତାଣ୍ଡ ନିକଟ ନାବାଳିକାଙ୍କୁ ବଳାତ୍କାର ଘଟଣାକୁ ଦେଖାଯାଏ, ତେବେ ଅଧିକ ଆଶ୍ଚର୍ଯ୍ୟ ହେବାକୁ ପଡ଼ିବ। ଫାଣ୍ଡିଠାରୁ ମାତ୍ର ୪୦୦ ମିଟର ଦୂରରେ ଏଭଳି ଜଘନ୍ୟ କାଣ୍ଡ ଘଟିଯାଇଛି। ଅର୍ଥାତ୍ ପୋଲିସ ନିଜ ଆଖପାଖକୁ ଜଗିବାରେ ବିଫଳ ହେଉଥିବା ଏଥିରୁ ସ୍ପଷ୍ଟ ହେଉଛି।

ନାରୀ ସଶକ୍ତୀକରଣ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ବିଷୟ ସର୍ବଦା କହି ଚାଲିଛନ୍ତି। କିନ୍ତୁ ନାବାଳିକା, ଯୁବତୀ ଏବଂ ମହିଳାମାନଙ୍କ ପ୍ରତି ବଢ଼ି ଚାଲିଥିବା ଅତ୍ୟାଚାର ପୋଲିସ ପ୍ରଶାସନର ବିଫଳତାକୁ ସୂଚାଉଛି। ଅନୁଶାସନ ଆଣିବା ପାଇଁ ପୋଲିସ ଉପରେ ଦାୟିତ୍ୱ ଦିଆଯାଇଛି। ତଳ ସ୍ତରରେ ରହୁଥିବା ଏଏସ୍ଆଇ ଓ ଏସ୍ଆଇମାନେ ନିଜ ଥାନା ଅଞ୍ଚଳରେ ଘଟୁଥିବା ଅପରାଧ ପାଇଁ ଦାୟୀ ରହି ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ନେଇପାରିଲେ ଅସାମାଜିକ ବ୍ୟକ୍ତିମାନେ ଡରନ୍ତେ। କିନ୍ତୁ ଦୁଃଖର ବିଷୟ, ଝିଅ ହରଣଚାଲାଠାରୁ ଆରମ୍ଭ କରି ସବୁ ପ୍ରକାରର ଅପରାଧ ସହିତ ପୋଲିସର ସିଧାସଳଖ ସମ୍ପର୍କ ରହୁଛି। ଏହା ସମସ୍ତେ ସ୍ୱୀକାର କରିବେ ଯେ, ପୋଲିସ ଅଜାଣତରେ ବା ଅନିଚ୍ଛାରେ ଅପରାଧ ଘଟାଇବା ଅସମ୍ଭବ ହୋଇଥାଏ। ଏଣେ ଉପର ସ୍ତରର ଅଧିକାରୀମାନେ ସେଟିଂରେ ଅଧିକ ବ୍ୟସ୍ତ ରହି ଦାୟିତ୍ୱରେ ଅବହେଳା କରୁଛନ୍ତି। ଏହି ମନୋଭାବର ଦୁର୍ଗନ୍ଧ ଅପରାଧୀମାନଙ୍କୁ ଉତ୍ସାହିତ କରୁଛି।

## ଏଇ ଭାରତରେ

କୌଣସି ବ୍ୟକ୍ତି ଅପରାଧ କରି ଦୋଷୀ ସାବ୍ୟସ୍ତ ହେଲେ ତାଙ୍କୁ ଦଣ୍ଡବିଧାନ ସ୍ୱରୂପ ଜେଲ୍‌ରେ ରଖାଯାଇଥାଏ। କିନ୍ତୁ ଆମ ଭାରତରେ ଏପରି ଏକ ଜେଲ୍ ରହିଛି ଯେଉଁଠି ଦେଶବିଦେଶରୁ ପର୍ଯ୍ୟଟକମାନେ ଆସି କଏଦୀଭାବେ ରହିବାକୁ ପସନ୍ଦ କରନ୍ତି। କଏଦୀଙ୍କ ଭଳି ସୁବିଧାସୁଯୋଗ ମିଳେ ଏହି ଜେଲ୍‌ରେ। ପର୍ଯ୍ୟଟକଙ୍କୁ ଟିକେଟ କାଟି ଜେଲ୍ ଭିତରକୁ ଆସିବାକୁ ପଡ଼ିଥାଏ। ଏପରି ଏକ ଜେଲ୍ ତେଲେଙ୍ଗାନା ମେଡକଠାରେ ରହିଛି। ସାଙ୍ଗାରେଡ୍ଡୀ ଜେଲ୍ ଭାବେ ଏହା ବେଶ୍ ଜଣାଶୁଣା। ଏଠାରେ ବନ୍ଦୀ ଜୀବନ କାଟିବାକୁ ଚାହୁଁଥିବା ବ୍ୟକ୍ତି ୫ଶହ ଟଙ୍କା ଦେଇ ଟିକେଟ କାଟିଥାନ୍ତି। ସେମାନଙ୍କୁ କଏଦୀଙ୍କ ପୋଷାକ, ଆଲୁମିନିୟମ୍ ବାସନ ଆଦି ଯୋଗାଇ ଦିଆଯାଏ। ଏହା ସହିତ କଏଦୀଙ୍କ ଭଳି ଖାଦ୍ୟ ମଧ୍ୟ ଦିଆଯାଏ। ୨୨୩ ବର୍ଷର ପୁରୁଣା ଏହି ଜେଲ୍ ଏବେ ସଂଗ୍ରହାଳୟ ପାଲଟିଛି। ୧୭୯୬ ମସିହାରେ ଏହା ନିର୍ମାଣ କରାଯାଇଥିବା ଅନୁମାନ କରାଯାଏ। ଜେଲ୍ ୩ ଏକର ପରିମିତ ଅଞ୍ଚଳରେ ନିର୍ମିତ ହୋଇଛି।

### ଚିରନ୍ତନୀ

କି ଉଦ୍ଦେଶ୍ୟେ ଏ ସୃଷ୍ଟିର କି ସନ୍ଦେଶ କିବା ତା'ର ବାଣୀ
କି ଅମୂଲ୍ୟ ନିଧି ତୁଲେ ଅବିଶ୍ରାମ ଧାଇଁଚାଲେ ପ୍ରାଣୀ। (ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୪ ଜୁଲାଇ ୧୯୯୪

- ର୍ୱାଣ୍ଡାରେ ହଇଜା ବ୍ୟାପିବା ଫଳରେ ୨୦୦୦ରୁ ଅଧିକ ବ୍ୟକ୍ତି ଆକ୍ରାନ୍ତ ହେବା ସହିତ ବର୍ତ୍ତମାନ ସୁଦ୍ଧା ୧୦୦ ରୋଗୀଙ୍କର ପ୍ରାଣହାନି ଘଟିଲାଣି।
- ଭାରତରେ ଡ୍ରଗ୍ସ କାରବାର ସମ୍ପର୍କିତ ମକଦ୍ଦମାର ବିଚାର ପାଇଁ ୧୦ଟି ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା।

### su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | | | | | | | | 5 | | | | | | |
| | 0 | | B | | | 8 | | | 9 | | C | | A | |
| | 7 | | C | | D | B | 1 | 3 | 8 | 5 | | | | 6 |
| | | | 6 | | | | | D | | | | 2 | | |
| | | | 7 | | 5 | C | 0 | 9 | | | 2 | E | | |
| | | 3 | 8 | | C | | | 4 | | | B | | E | 2 |
| | | E | | 0 | | 1 | 5 | | | C | | | | 3 |
| 6 | | | | | B | | | C | | A | | | | |
| | | 9 | | 4 | A | | | E | 7 | 3 | | 1 | 8 | |
| | | | | | | 6 | | 8 | 5 | | | | | B |
| E | 3 | | | C | | | D | | | | | | | |
| | | | 5 | | | | A | | C | 7 | | D | | |
| | A | 1 | | 8 | 3 | | | 6 | | 4 | | C | | |
| 7 | | 4 | D | | 0 | | | 1 | | | | 5 | | |
| 8 | D | | | 7 | | | | | | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 4 | 8 | B | 3 | 6 | 7 | 9 | A | 1 | D | 2 | 5 | C | E |
| 3 | 9 | 2 | 5 | 4 | 7 | D | B | 1 | C | 6 | E | 0 | A | 8 |
| B | C | 5 | D | 0 | E | 3 | 8 | 6 | A | 4 | 7 | 1 | 9 | 2 |
| D | 6 | 1 | 2 | A | 9 | E | C | 0 | B | 8 | 5 | 3 | 7 | 4 |
| E | A | 7 | C | 1 | 8 | 5 | 4 | 2 | 9 | 0 | 3 | B | D | 6 |
| 1 | 8 | 6 | A | 7 | D | C | 5 | 4 | 0 | 3 | 9 | E | 2 | B |
| A | B | 0 | 3 | 2 | C | 8 | 7 | E | 4 | 1 | D | 9 | 6 | 5 |
| 5 | D | 4 | 6 | E | 0 | B | 1 | 9 | 2 | 7 | C | A | 8 | 3 |
| 2 | 7 | E | 1 | 9 | 5 | 0 | 6 | 3 | 8 | B | A | D | 4 | C |
| 9 | 3 | C | 4 | 8 | B | A | 2 | D | E | 5 | 6 | 7 | 0 | 1 |
| C | 0 | B | 9 | 6 | 2 | 4 | A | 5 | 7 | E | 1 | 8 | 3 | D |
| 8 | 1 | 3 | 7 | B | A | 9 | E | C | D | 2 | 4 | 6 | 5 | 0 |
| 4 | 2 | 9 | 0 | 5 | 1 | 6 | D | B | 3 | A | 8 | C | E | 7 |
| 6 | E | A | 8 | D | 4 | 1 | 3 | 7 | 5 | C | 0 | 2 | B | 9 |
| 7 | 5 | D | E | C | 3 | 2 | 0 | 8 | 6 | 9 | B | 4 | 1 | A |

ଗତକାଲିର ଉତ୍ତର

# କଶ୍ମୀରରେ ବଞ୍ଚିତ ବାଲ୍ମୀକି ସମ୍ପ୍ରଦାୟ

ନାରାୟଣ ପଣ୍ଡା

ଭାରତ ତାଙ୍କର ମାତୃଭୂମି, ଏହି ମାଟିରେ ସେମାନେ ପୁରୁଷ ପୁରୁଷ ଧରି ବସବାସ କରିଆସୁଛନ୍ତି, କିନ୍ତୁ ନାଗରିକ ମର୍ଯ୍ୟାଦାରୁ ଏଠାରେ ବଞ୍ଚିତ ସେମାନେ। ଏମିତି ଘଟୁଛି ଜମ୍ମୁରେ ରହୁଥିବା ବାଲ୍ମୀକି ସମ୍ପ୍ରଦାୟର ଦଳିତ ପରିବାରଙ୍କ କ୍ଷେତ୍ରରେ। ବକ୍ସି ଗୁଲାମ ମହମ୍ମଦଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଜମ୍ମୁ-କଶ୍ମୀର ମ୍ୟୁନିସିପାଲିଟିର ସଫେଇ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳପାଇଁ ଧର୍ମଘଟ ଘୋଷଣାକରି କାର୍ଯ୍ୟ ବନ୍ଦକଲେ। ସାରା ଉପତ୍ୟକା ଅଳିଆ ଆବର୍ଜନାରେ ପୂର୍ଣ୍ଣହେଲା, ପୂତିଗନ୍ଧମୟ ପରିବେଶରେ ଅଣନିଃଶ୍ୱାସୀ ହୋଇଉଠିଲେ ଲୋକେ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧରେ ପଞ୍ଜାବର ଗୁରୁଦାସପୁର ଓ ଅମୃତସର ଅଞ୍ଚଳରୁ ୭୦ ପରିବାର କଶ୍ମୀର ଯାଇ ଆନ୍ଦୋଳନରତ କର୍ମଚାରୀଙ୍କ କାମରେ ନିଯୁକ୍ତି ପାଇଲେ। ସେମାନଙ୍କ ଯାତାୟାତର ଭାର ବହନକଲେ ସରକାର। ଜମ୍ମୁର ଗାନ୍ଧୀନଗର ଅଞ୍ଚଳରେ ସେମାନଙ୍କୁ ଘର ଯୋଗାଇ ଦିଆଗଲା। ଏହା ଥିଲା ୧୯୫୭ ମସିହାର ଘଟଣା। ଇତି ମଧ୍ୟରେ ୭୦ବର୍ଷ ଅତିକ୍ରାନ୍ତ ହେଲାଣି। ସେମାନଙ୍କ ସଂଖ୍ୟା ବୃଦ୍ଧିପାଇ ୪୫୦ରୁ ୫୦୦ ପରିବାରରେ ପହଞ୍ଚିଛି। କିନ୍ତୁ କୌତୂହଳର ବିଷୟ, ଏମାନଙ୍କୁ ରାଜ୍ୟର ନାଗରିକ ମାନ୍ୟତା ଦିଆଯାଇନାହିଁ। ସ୍ଥାନୀୟ ସ୍ୱାୟତ୍ତଶାସନ କିମ୍ବା ବିଧାନସଭା ନିର୍ବାଚନରେ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବାର ଅଧିକାର ନାହିଁ। କେବଳ ଲୋକ ସଭା ନିର୍ବାଚନରେ ସେମାନେ ନିୟମିତ ଅଂଶଗ୍ରହଣ କରିଆସୁଛନ୍ତି। ତାଙ୍କର ସନ୍ତାନସନ୍ତତିମାନେ ଉଚ୍ଚଶିକ୍ଷା ଲାଭକଲେଣି, କିନ୍ତୁ ସବୁପ୍ରକାର ସରକାରୀ ନିଯୁକ୍ତିରୁ ବଞ୍ଚିତ ସେମାନେ। ସେମାନଙ୍କ ପାଇଁ ସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନରେ ଅଧ୍ୟୟନର ସୁବିଧା କିମ୍ବା ସରକାରୀ ବୃତ୍ତିର ବ୍ୟବସ୍ଥା ମଧ୍ୟ ନାହିଁ। ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରରେ ସଫେଇ କର୍ମଚାରୀ ଉଲ୍ଲେଖ କରାଯିବା ଦ୍ୱାରା ପିଢ଼ି ପରେ ପିଢ଼ି କେବଳ ପାଇଖାନା ଓ ନାଳନର୍ଦ୍ଦମା ସଫା କରିବା ସେମାନଙ୍କ ଭାଗ୍ୟରେ ଯେପରି ଲେଖାଯାଇଛି।

ଗାନ୍ଧୀନଗର ସମ୍ପ୍ରତି ଏକ ଅଭିଜାତ ଅଞ୍ଚଳରୂପେ ଗଢ଼ି ଉଠୁଥିବାରୁ ସେମାନଙ୍କ ଘରବାଡ଼ି ଉପରେ ଅନ୍ୟ ପ୍ରଭାବୀ ଗୋଷ୍ଠୀଙ୍କର ଲୋଲୁପ ଦୃଷ୍ଟି ପଡ଼ିଲାଣି, ଯେ କୌଣସି ସମୟରେ ସେମାନଙ୍କୁ ବାସଚ୍ୟୁତ କରାଯିବ, ଏଭଳି ସମ୍ଭାବନା ମଧ୍ୟ ରହିଛି। ପଞ୍ଜାବରେ ଥିବା ତାଙ୍କ ସମ୍ପ୍ରଦାୟର ଲୋକମାନେ ଅନୁସୂଚିତ ଜାତିର ସମସ୍ତ ସୁବିଧା ଉପଭୋଗ କରୁଥିବା ସମୟରେ ଏମାନେ କିନ୍ତୁ ଦେଶର ନାଗରିକ ହୋଇଥିଲେ ମଧ୍ୟ କଶ୍ମୀରରେ ଦ୍ୱିତୀୟଶ୍ରେଣୀର ନାଗରିକ ରୂପେ ପରିଗଣିତ ହୁଅନ୍ତି। ଉକ୍ତ ବୈଷମ୍ୟର ପ୍ରତିବାଦକରି ରାଜ୍ୟର ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସେମାନଙ୍କ ଦାବି ପ୍ରତ୍ୟାଖ୍ୟାତ ହୋଇଛି। ବର୍ତ୍ତମାନ ସୁପ୍ରିମ୍‌କୋର୍ଟରେ ସେମାନେ ନ୍ୟାୟପ୍ରାର୍ଥୀ ହୋଇଛନ୍ତି।

ଅନୁରୂପଭାବେ ପ୍ରଥମ ଭାରତ-ପାକିସ୍ତାନ ଯୁଦ୍ଧ ୧୯୪୭ରେ ବର୍ତ୍ତମାନର ପାକିସ୍ତାନ ଶାସିତ ପଶ୍ଚିମ ପାକିସ୍ତାନରୁ ଲକ୍ଷାଧିକ ହିନ୍ଦୁ ଶରଣାର୍ଥୀ ମୁସଲମାନଙ୍କ ଅତ୍ୟାଚାରରେ ଅତିଷ୍ଠହୋଇ ଶରଣାର୍ଥୀରୂପେ କଶ୍ମୀର ଚାଲିଆସିଥିଲେ। ଏମାନଙ୍କ ସଂଖ୍ୟା ବର୍ତ୍ତମାନ ପାଞ୍ଚଲକ୍ଷରେ ପହଞ୍ଚିଛି। କିନ୍ତୁ ବିଡମ୍ବନାର ବିଷୟ, ଏହି ହିନ୍ଦୁ ଶରଣାର୍ଥୀମାନଙ୍କୁ ଗତ ୭୨ବର୍ଷ ଧରି ଜମ୍ମୁ-କଶ୍ମୀର ସରକାର ରାଜ୍ୟରେ ନାଗରିକ ଅଧିକାର ଦେଇନାହାନ୍ତି। ବିଭାଜନ ସମୟରେ ପାକିସ୍ତାନରୁ ପଳାଇ ଆସିଥିବା ମୁସଲମାନମାନେ ଭାରତରେ ସ୍ଥାୟୀ ନାଗରିକ ଅଧିକାର ପାଇଥିବା ବେଳେ କଶ୍ମୀରରେ ଏହାର ଘୋର ବ୍ୟତିକ୍ରମ ଘଟିଛି। ୧୯୪୭ ଅକ୍ଟୋବର ୨୭ରେ ଭାରତ ସହିତ ଜମ୍ମୁ-କଶ୍ମୀରର ଆନୁଷ୍ଠାନିକ ମିଶ୍ରଣ ଘଟି ଅନ୍ୟ ଦେଶୀୟ ରାଜ୍ୟଗୁଡ଼ିକ ପରି ମିଶ୍ରଣର ସର୍ତ୍ତ ଅନୁଯାୟୀ କେନ୍ଦ୍ରସରକାରଙ୍କୁ ରାଜ୍ୟର ପ୍ରତିରକ୍ଷା, ବୈଦେଶିକ ଓ ଯୋଗାଯୋଗ ଆଦି କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅର୍ପଣ କରାଯାଇଛି। ଶାସନ ବ୍ୟବସ୍ଥାର ଅନ୍ୟ କ୍ଷମତାଗୁଡ଼ିକ ରାଜ୍ୟଗୁଡ଼ିକ ଅଧୀନରେ ରହିଛି। ପରବର୍ତ୍ତୀ ସମୟରେ କଶ୍ମୀର ଶାସନ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ସଂଘଟିତ ହୋଇଛି। ୧୯୫୨ରେ କଶ୍ମୀରର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ଅବ୍‌ଦୁଲା ଓ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ମଧ୍ୟରେ କଶ୍ମୀର ଶାସନ ସଂକ୍ରାନ୍ତରେ ଦିଲ୍ଲୀ ରାଜିନାମା ନାମରେ ଏକ ବୁଝାମଣା ଦଲିଲ ସ୍ୱାକ୍ଷରିତ ହୋଇ ଭାରତ ସମ୍ବିଧାନରେ ଯୋଡ଼ି ଦିଆଯାଇଛି। ବାସ୍ତବରେ ଉକ୍ତ ରାଜିନାମାରେ ଉଲ୍ଲିଖିତ ବିଷୟରାଜି ସମ୍ବିଧାନର ୩୬୮ ଧାରା ଅନୁଯାୟୀ ବିଧିସମ୍ମତ ଭାବରେ ପାର୍ଲାମେଣ୍ଟରେ ଆଲୋଚନା ଓ ଅନୁମୋଦନ ପାଇଁ ଉପସ୍ଥାପନ କରା ନ ଯାଇ ପଛଦ୍ୱାର ବାଟଦେଇ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭକରିଛି। ବିଧିପ୍ରଣୟନ ବ୍ୟବସ୍ଥା ରାଷ୍ଟ୍ରପତିଙ୍କର କ୍ଷମତା ପରିସରଭୁକ୍ତ ନ ଥିବା ସତ୍ତ୍ୱେ ଏବଂ ଉକ୍ତ ରାଜିନାମାର ଏକ ପରିଶିଷ୍ଟକୁ ଆଧାରକରି ସମ୍ବିଧାନର ଧାରା ୩୫(କ) ଗୃହୀତ ହୋଇ କିଭଳି କଶ୍ମୀରକୁ ଉକ୍ତ ସ୍ୱତନ୍ତ୍ର କ୍ଷମତା ଦିଆଯାଇପାରିଲା, ତାହା ଆଜି ବି ବିତର୍କର ବିଷୟ। ୩୫(କ) ଧାରା ଅନୁସାରେ କଶ୍ମୀର ବିଧାନସଭାକୁ, ରାଷ୍ଟ୍ରପତିଙ୍କ ମେ ୧୪ ତାରିଖ ୧୯୫୪ର ବିଶେଷ ଆଦେଶ ଅନୁଯାୟୀ, ରାଜ୍ୟରେ ନାଗରିକ ଆଇନ ନିର୍ଦ୍ଧାରଣ କରିବା ପାଇଁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଗଲା। ଏହାର ଶିକାର ହେଲେ ପଶ୍ଚିମ ପାକିସ୍ତାନରୁ ଆଗତ ହିନ୍ଦୁ ଶରଣାର୍ଥୀ ଓ ବାଲ୍ମୀକି ସମ୍ପ୍ରଦାୟର ଲୋକମାନେ। ସେମାନଙ୍କୁ ନାଗରିକ ଅଧିକାର ଦେବାରେ ପ୍ରତିବନ୍ଧକ ସାଜିଛି ଏହି ଆଇନ। ନିଜ ଦେଶରେ ଜନ୍ମଗ୍ରହଣ କରି ପୁରୁଷ ପୁରୁଷ ଧରି ନାଗରିକ ଅଧିକାରରୁ ବଞ୍ଚିତହେବା କେବଳ ଭାରତର କଶ୍ମୀର ରାଜ୍ୟରେ ସମ୍ଭବ ହୋଇଥାଏ। ପ୍ରଚଳିତ ଆଇନ ଅନୁସାରେ କଶ୍ମୀର ବିଧାନସଭାର ଦୁଇତୃତୀୟାଂଶ ସଭ୍ୟଙ୍କର ଅନୁମୋଦନ ବ୍ୟତୀତ କୌଣସି ଆଇନ ତିଆରି କିମ୍ବା ସଂଶୋଧିତ ହୋଇପାରିବ ନାହିଁ। ଅସୀମିତ କାଳପାଇଁ ଏମାନଙ୍କୁ ନାଗରିକତ୍ୱ ଅଧିକାରରୁ ବଞ୍ଚିତ କରିରଖିବା ଏହି କଳା ଆଇନର ମୂଳଲକ୍ଷ୍ୟ।

ଅନ୍ୟ ଏକ ଚିନ୍ତାଉଦ୍ରେକକାରୀ ପ୍ରସଙ୍ଗ ହେଉଛି ଜମ୍ମୁ-କଶ୍ମୀର ବିଧାନସଭାର ୮୭ ସଦସ୍ୟଙ୍କ ମଧ୍ୟରୁ ମାତ୍ର ୧୬% ଭୂଭାଗ ରହିଥିବା କଶ୍ମୀର ଉପତ୍ୟକାରୁ ୪୭ ସଦସ୍ୟ ବିଧାନସଭାକୁ ପ୍ରତିନିଧିତ୍ୱ କରୁଥିବା ବେଳେ, ୫୮% ଭୂଭାଗ ଥିବା ଲଦାଖର ଶିୟା ମୁସଲମାନ ଓ ବୌଦ୍ଧ ଅଧ୍ୟୁଷିତ ଅଞ୍ଚଳ ଓ ୨୬% ଭୂଭାଗ ଥିବା ହିନ୍ଦୁବହୁଳ ଜମ୍ମୁରୁ ଯଥାକ୍ରମେ ୪ ଓ ୪୧ ଜଣ ସଦସ୍ୟ ନିର୍ବାଚିତ ହୋଇଥାନ୍ତି। ବିଧାନ ସଭାରେ ଉକ୍ତ ୩ ଅଞ୍ଚଳରେ ଆସନ ସଂଖ୍ୟା ଏପରି ବଣ୍ଟନ କରାଯାଇଛି, ଯେପରି ସବୁ ସମୟରେ ମୁସଲମାନବହୁଳ କଶ୍ମୀର ଉପତ୍ୟକାରୁ ଜଣେ ନିର୍ବାଚିତ ପ୍ରତିନିଧି ମୁଖ୍ୟମନ୍ତ୍ରୀ ହେବେ ଏବଂ ତାଙ୍କର ଆଙ୍ଗୁଠି ଅଗରେ ସମଗ୍ର ଜମ୍ମୁ-କଶ୍ମୀର ଶାସିତ ହେଉଥିବ। ମୁସଲମାନ ଭିନ୍ନ ରାଜ୍ୟର ଅନ୍ୟ କୌଣସି ସମ୍ପ୍ରଦାୟଙ୍କ ସାମଗ୍ରିକ କଲ୍ୟାଣ ପାଇଁ ଆବଶ୍ୟକତା ଅନୁଭୂତ ହେଲେ, ରାଜ୍ୟରେ ସମ୍ବିଧାନ ସଂଶୋଧନ ସହଜରେ ହୋଇପାରିବ ନାହିଁ। ସେହିପରି ସମ୍ବିଧାନର ୩୭୦ ଧାରାରେ କଶ୍ମୀରକୁ ସ୍ୱୟଂଶାସିତ ରାଜ୍ୟରୂପେ ଅନେକ ସ୍ୱତନ୍ତ୍ର କ୍ଷମତା ପ୍ରଦାନକରି ଏକ ପ୍ରକାର ସ୍ୱାଧୀନ ଓ ସାର୍ବଭୌମ ପ୍ରଦେଶର ମାନ୍ୟତା ଦେବାକୁ ଚେଷ୍ଟା କରାଯାଇଛି। ଦେଶର ଅନ୍ୟ ରାଜ୍ୟ ତୁଳନାରେ ଜମ୍ମୁ-କଶ୍ମୀରକୁ ଭାରତ ସରକାର ଅଧିକ ଆଠଗୁଣ ସବ୍‌ସିଡ଼ି ପ୍ରଦାନ କରିଥାନ୍ତି। ରାଜ୍ୟର ରାଜସ୍ୱ ଆୟ ସରକାରୀ କର୍ମଚାରୀଙ୍କ ବେତନକୁ ନିଅଣ୍ଟ ହୋଇଥାଏ, କେନ୍ଦ୍ର ସରକାରଙ୍କ ସବ୍‌ସିଡ଼ି ଏହାକୁ ଭରଣା କରେ। ରାଜ୍ୟ ପାଇଁ ସ୍ୱତନ୍ତ୍ର ଜାତୀୟ ସଙ୍ଗୀତ ଓ ସ୍ୱତନ୍ତ୍ର ଜାତୀୟ ପତାକାର ବ୍ୟବସ୍ଥା ରହିଛି, ଯାହା ଅନ୍ୟ ରାଜ୍ୟରେ ପରିଦୃଷ୍ଟ ହୁଏନାହିଁ। ଅନ୍ୟ ରାଜ୍ୟର ଅଧିବାସୀ, ଏପରି କି ଦେଶର ଅନ୍ୟ ପ୍ରାନ୍ତର ମୁସଲମାନ ମଧ୍ୟ ସ୍ଥାୟୀ ସମ୍ପତ୍ତି ଅର୍ଜନ କରିବା ଓ ରାଜ୍ୟରେ ସରକାରୀ ନିଯୁକ୍ତିରେ ପ୍ରବେଶ କରିବାକୁ ରାଜ୍ୟରେ ନିଷେଧ କରାଯାଇଛି। କଶ୍ମୀର ଅଧିବାସୀ ଦେଶର ଅନ୍ୟ ପ୍ରାନ୍ତରେ ନିଯୁକ୍ତି ପାଇବାରେ ବାଧା ନ ଥିବାବେଳେ ଅନ୍ୟ ରାଜ୍ୟର ଯୋଗ୍ୟପ୍ରାର୍ଥୀ ସେଠାରେ କାହିଁକି ନିଯୁକ୍ତିରୁ ବଞ୍ଚିତ ହେବେ, ଏକ ଅସମାହିତ ପ୍ରଶ୍ନ, ଯାହା ସାତ ଦଶନ୍ଧି ଧରି ଜନମାନସକୁ ଆନ୍ଦୋଳିତ କରିଆସୁଛି। କଶ୍ମୀରରେ ଅବଦୁଲ୍ଲା ପରିବାରକୁ ସବୁଦିନ ପାଇଁ ପ୍ରଥମ ପରିବାରରୂପେ ପ୍ରକଟିତ କରି ଯୁଗଯୁଗ ଧରି ରାଜ୍ୟର ସ୍ୱାଧୀନ ପତାକା ଉଡେଇ ରଖିବା ନିମନ୍ତେ ସମ୍ବିଧାନରେ ବିଶେଷ ଧାରା ସଂଯୋଗ କରିବା ହୁଏତ ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ହୋଇପାରେ। ଦୀର୍ଘବର୍ଷ ଧରି କଶ୍ମୀରବାସୀଙ୍କୁ ଅଧିକ ଆର୍ଥିକ ସହାୟତା ଅବଶିଷ୍ଟ ଭାରତର ନାଗରିକଙ୍କ ମନରେ ଅସନ୍ତୋଷ ସୃଷ୍ଟିକରିବା ସ୍ୱାଭାବିକ। ତେଣୁ ନିହିତସ୍ୱାର୍ଥ ନିମନ୍ତେ ଗଣତନ୍ତ୍ରର ସମସ୍ତ ବିଧିବ୍ୟବସ୍ଥାକୁ ଉଲ୍ଲଂଘନ କରି କଶ୍ମୀର ଉପତ୍ୟକାରେ ସ୍ମିତହାସ୍ୟ କରି ଆସୁଥିବା ସମ୍ବିଧାନର ୩୭୦ ଓ ୩୫(କ)କୁ ଉଚ୍ଛେଦ କିମ୍ବା ସଂଶୋଧନ କରିବା ଅତୀବ ଜରୁରୀ। ଭାରତ ଭିତରେ ଅନ୍ୟ ଏକ ପାକିସ୍ତାନ ସୃଷ୍ଟିକରିବା ମାନସିକତାକୁ ପଥରୋଧ ଓ ପାକିସ୍ତାନୀ ମଗଜଗୁଡ଼ିକର ସମୟୋପଯୋଗୀ ଅସ୍ତ୍ରୋପଚାର କରିବା ସମୟ ବର୍ତ୍ତମାନ ଉପସ୍ଥିତ ହୋଇଛି।

ନୂଆବନ୍ଧସାହି, ନବରଙ୍ଗପୁର, ମୋ-୯୪୩୭୧୧୮୯୬୨

# ଆୟକର ଓ ଭାରତର ପ୍ରଗତି

ସୁରେଶ ଚନ୍ଦ୍ର ମହାପାତ୍ର

୧୮୫୭ ମସିହାରେ ଭାରତରେ ସଂଘଟିତ ସିପାହୀ ବିଦ୍ରୋହରେ ତତ୍କାଳୀନ ବ୍ରିଟିଶ ସରକାରଙ୍କୁ ପ୍ରଭୂତ କ୍ଷତି ସହିବାକୁ ପଡ଼ିଥିଲା। ସେହି ଆର୍ଥିକ କ୍ଷତିକୁ ଭରଣା କରିବା ଉଦ୍ଦେଶ୍ୟରେ ସେ ସମୟରେ ବ୍ରିଟେନର ପ୍ରଧାନମନ୍ତ୍ରୀ ଲର୍ଡ ପାଲମେର୍ଷ୍ଟନଙ୍କ ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳର ଅର୍ଥମନ୍ତ୍ରୀ ସାର୍ ଜେମ୍ସ ୱିଲସନ ୧୮୬୦ ମସିହାରେ ଭାରତ ପାଇଁ ପ୍ରଥମ ସଂଘୀୟ ବଜେଟରେ ଲୋକଙ୍କର ଆୟ ଉପରେ ଏକ କରର ପ୍ରସ୍ତାବନା କରିଥିଲେ। ଇଂଲଣ୍ଡ ପାର୍ଲାମେଣ୍ଟରେ ତାହା ଅନୁମୋଦିତ ହେବା ପରେ ବ୍ରିଟିଶ ଶାସନାଧୀନ ତତ୍କାଳୀନ ଭାରତରେ ୧୮୬୦ ଜୁଲାଇ ୨୪ରୁ ଆୟ ଉପରେ ଟିକସ ଲଗାଇବାର କ୍ଷମତା ସେ ସମୟର ଇଂରେଜ ସରକାରଙ୍କୁ ମିଳିଥିଲା। ତେଣୁ ଭାରତରେ ଜୁଲାଇ ୨୪ ତାରିଖକୁ ଆୟକର ଦିବସ ଭାବେ ପାଳନ କରାଯାଏ। ଭାରତ ପରିପ୍ରେକ୍ଷୀରେ ତାହାକୁ ଅର୍ଥଶାସ୍ତ୍ରୀମାନେ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥାନ୍ତି।

ଆୟ ଉପରେ କର ବସାଇବା ସମ୍ଭବତଃ ମାନବ ସଭ୍ୟତାର ଆଦ୍ୟ ସମୟରୁ ରହି ଆସିଛି। ଭାରତରେ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରୁ ଏଭଳି ଏକ କରର ପ୍ରଚଳନ ଥିବାର ପ୍ରମାଣ ମିଳେ। ମନୁସ୍ମୃତି ଅନୁସାରେ ରାଜା ନିଜ ପ୍ରଜାଙ୍କଠାରୁ କର ଏମିତି ଭାବରେ ଆଦାୟ କରିବା ଉଚିତ ଯେମିତିକି ପ୍ରଜା କୌଣସି ପ୍ରକାର କଷ୍ଟ ଅନୁଭବ ନ କରିବେ। ରଘୁବଂଶ ମହାକାବ୍ୟରେ ମହାକବି କାଳିଦାସ ସୂର୍ଯ୍ୟବଂଶର ରାଜା ଦିଲୀପଙ୍କ ପ୍ରଶଂସା କରିବାକୁ ଯାଇ କହିଛନ୍ତି ଯେ, ପ୍ରଜାମାନଙ୍କ ଉପକାରାର୍ଥେ ରାଜା କର ସେହିଭଳି ଆଦାୟ କରନ୍ତି, ଯେମିତି ସୂର୍ଯ୍ୟ ପୃଥିବୀ ଦେହରୁ ଜଳକଣା ସଂଗ୍ରହ କରେ ଓ ବର୍ଷା ଆକାରରେ ତାହାର ସହସ୍ରଗୁଣା ପୁନରାୟ ପୃଥିବୀକୁ ଫେରାଇଦିଏ। ଅର୍ଥଶାସ୍ତ୍ରର ପ୍ରଣେତା କୌଟିଲ୍ୟଙ୍କ କହିବା ଅନୁସାରେ ରାଷ୍ଟ୍ର ନିଜର ପ୍ରଜାଙ୍କଠାରୁ କର ସେହିଭଳି ଆଦାୟ କରିବା ଉଚିତ ଯେମିତି ମଧୁମକ୍ଷିକା ଫୁଲ ଦେହରୁ ଫୁଲକୁ କଷ୍ଟ ନ ଦେଇ ମଧୁ ସଂଗ୍ରହ କରିଥାଏ।

ଆୟ ଉପରେ କର ଲାଗୁ କରିବା ପ୍ରଥମ କରି ପ୍ରାଚୀନ ମିଶର ଦେଶରେ ଆରମ୍ଭ ହୋଇଥିଲା ବୋଲି କୁହାଯାଏ। ଚାଇନାରେ ଦଶମ ଶତାବ୍ଦୀରେ ଜିଙ୍ଗ ରାଜବଂଶର ସମ୍ରାଟ ୱାଙ୍ଗ ମାଙ୍ଗଙ୍କ ଦ୍ୱାରା ଶତକଡ଼ା ୧୦ ହାରରେ ଆୟ ଉପରେ କର ଲଗାଯାଇଥିଲା। ଆମେରିକାରେ ଆୟକରର ପ୍ରଚଳନ ୫ ଅଗଷ୍ଟ ୧୮୬୧ରୁ ଆରମ୍ଭ ହୋଇଥିଲା। ବ୍ରିଟେନରେ ଆୟକରର ପ୍ରଚଳନ ୧୭୯୯ ମସିହାରୁ ଆରମ୍ଭ ହୋଇଛି। ମୋଟାମୋଟି ଭାବେ କହିବାକୁ ଗଲେ କୌଣସି ନା କୌଣସି ଭାବେ ଆୟ ଉପରେ କର ଲଗାଇବାର ବ୍ୟବସ୍ଥା ପ୍ରତ୍ୟେକ ଦେଶରେ ପ୍ରାଚୀନ କାଳରୁ ରହିଆସିଛି।

ଭାରତର ସମ୍ବିଧାନର ସପ୍ତମ ଅନୁସୂଚୀର

## ଆୟକର ଦିବସ ଉପଲକ୍ଷେ

ପ୍ରଥମ ସୂଚୀ ବା ସଂଘ ସୂଚୀରେ ଆୟକର ଉପରେ ନିୟମ ପ୍ରଣୟନ କ୍ଷମତା କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇଛି। ଏବେକାର ଆୟକର ଅଧିନିୟମଟି ୧ ଏପ୍ରିଲ ୧୯୬୧ରୁ ପ୍ରଚଳିତ। ଏହା ସମ୍ପୂର୍ଣ୍ଣ ଭାରତ ପାଇଁ ଲାଗୁ ଅଟେ। ୧୯୬୩ରେ ପ୍ରଣୟନ କରାଯାଇଥିବା କେନ୍ଦ୍ରୀୟ ରାଜସ୍ୱ ବୋର୍ଡ ଅଧିନିୟମର ଧାରା ୩ ଅନୁସାରେ ୧ ଜାନୁୟାରୀ ୧୯୬୪ରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ ସ୍ୱତନ୍ତ୍ର ଭାବେ ଭାରତରେ ପ୍ରତ୍ୟକ୍ଷ କରର ଦାୟିତ୍ୱ ବହନ କରିଛି।

ଆୟକର ଏକ ପ୍ରତ୍ୟକ୍ଷ କର ହୋଇଥିବାରୁ ଏହା ଲୋକଙ୍କୁ ସିଧାସଳଖ ପ୍ରଭାବିତ କରେ। ଭାରତର ପ୍ରତ୍ୟକ୍ଷ କର ବ୍ୟବସ୍ଥାକୁ ଏକ ପ୍ରଗତିଶୀଳ କର ବ୍ୟବସ୍ଥା କୁହାଯାଏ। ବର୍ଷକୁ ବର୍ଷ ଏହାର ଆଦାୟରେ ବୃଦ୍ଧି ଘଟିବାର ଶ୍ରେୟ କେବଳ ଏ ଦେଶର ଅଗଣିତ କରଦାତାଙ୍କୁ ଯାଏ। ପ୍ରାୟ ଦେଢ଼ଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରଚଳିତ ଏପରି ଏକ ଟିକସ ବ୍ୟବସ୍ଥାରେ କରଦାତାଙ୍କ ପ୍ରତ୍ୟକ୍ଷ ଭାଗୀଦାରି ହିଁ ଆୟକର ଓ ପ୍ରତ୍ୟକ୍ଷ କରକୁ ସରକାରୀ ରାଜସ୍ୱ ସଂଗ୍ରହର ଏକ ପ୍ରମୁଖ ମାଧ୍ୟମ ଭାବେ ଗଢ଼ିତୋଳିଛି। ଦିନକୁ ଦିନ ଏହାର ସଂଗ୍ରହରେ ବୃଦ୍ଧି ଏ ଦେଶର ଅର୍ଥ ବ୍ୟବସ୍ଥା ପାଇଁ ଏକ ଅତ୍ୟନ୍ତ ଶୁଭ ସୂଚନା। କେନ୍ଦ୍ର ସରକାରଙ୍କ ବାର୍ଷିକ ରାଜସ୍ୱ ଆୟର ପାଖାପାଖି ଷାଠିଏ ଭାଗ ପ୍ରତ୍ୟକ୍ଷ କରରୁ ସଂଗ୍ରହ ହୋଇଥାଏ। ପ୍ରତ୍ୟକ୍ଷ କର ଜିଡିପିର ଶତକଡ଼ା ୬ ଭାଗ।

ସଂଗୃହୀତ ଉପରୋକ୍ତ କର ଭାରତ ଭଳି ବିଶାଳ ଦେଶର ବିକାଶରେ ହିଁ ବିନିଯୋଗ ହେଉଛି। ରାସ୍ତାଘାଟ, ରେଳ, ବିମାନବନ୍ଦର, ପୋତାଶ୍ରୟ ଭଳି ଭିତ୍ତିଭୂମିର ବିକାଶ ସେହି କର ସମ୍ବଳ ଯୋଗୁ ହିଁ ହେଉଛି। ଆଜି ଭାରତ ମହାକାଶ ବିଜ୍ଞାନରେ ଏକ ଅଗ୍ରଗାମୀ ଦେଶ। ଗୋଟିଏ ଗୋଟିଏ ମହାକାଶ ଯାନର ଉତ୍କ୍ଷେପଣରେ ଖର୍ଚ୍ଚ ହେଉଥିବା କୋଟି କୋଟି ଟଙ୍କା ସେହି ସମ୍ବଳରୁ ଆସୁଛି। ଦେଶର ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ପରିବହନ, ସମାଜର ଦୁର୍ବଳ ଶ୍ରେଣୀଙ୍କର ଉନ୍ନତି ଓ ଲୋକଙ୍କ ଜୀବନର ବହୁମୁଖୀ ବିକାଶରେ ଆୟକରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦେଶର ଆଭ୍ୟନ୍ତରିକ ସୁରକ୍ଷା ଓ ବହିଃସୁରକ୍ଷାରେ ଉପରୋକ୍ତ କରରାଶିର ଉପଯୋଗ ହେଉଛି। କହିବାକୁ ଗଲେ ଆୟକର ଏ ଦେଶର ପ୍ରତ୍ୟକ ବ୍ୟକ୍ତିର ସର୍ବାଙ୍ଗୀଣ ବିକାଶରେ ହିଁ ବିନିଯୋଗ ହେଉଛି।

କୌଣସି ଦେଶର ଉନ୍ନତି ଓ ବିକାଶ ଏହାର ଦୃଢ଼ ଅର୍ଥ ବ୍ୟବସ୍ଥା ଉପରେ ପର୍ଯ୍ୟବସିତ। ଏକ ଦୃଢ଼ ଅର୍ଥ ବ୍ୟବସ୍ଥା ଏକ ସୁସଂହତ କର ବ୍ୟବସ୍ଥା ଉପରେ ନିର୍ଭରଶୀଳ। ଉକ୍ତ କର ବ୍ୟବସ୍ଥାରେ ନାଗରିକଙ୍କ ସ୍ୱେଚ୍ଛାକୃତ ଅବଦାନ ଭାରତକୁ ବିଶ୍ୱରେ ଏକ ଶକ୍ତିଶାଳୀ ରାଷ୍ଟ୍ରଭାବେ ଗଢ଼ିତୋଳିବ। ତେଣୁ ସ୍ୱେଚ୍ଛାରେ ଆୟକର ପ୍ରଦାନ ପ୍ରତ୍ୟେକ ଭାରତୀୟଙ୍କର କେବଳ ଏକ ରାଷ୍ଟ୍ରୀୟ ଓ ନୈତିକ କର୍ତ୍ତବ୍ୟ।

ବିଗତ ଦେଢ଼ଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆୟକର ବିଭାଗ ନିଜର କର ନୀତିରେ ବିଭିନ୍ନ ପ୍ରକାର ସମୟୋପଯୋଗୀ ପରିବର୍ତ୍ତନ କରିଚାଲିଛି। ଏକ ସୁଦକ୍ଷ ଓ ପ୍ରଭାବଶାଳୀ କର ପ୍ରଶାସନ ମାଧ୍ୟମରେ ନାଗରିକଙ୍କ ଦ୍ୱାରା ସ୍ୱତଃପ୍ରବୃତ୍ତ କର ପ୍ରଦାନକୁ ଉତ୍ସାହିତ କରିବା ଏ ବିଭାଗର ଅନ୍ୟତମ ଲକ୍ଷ୍ୟ। ତତ୍ ସହ କରଫାଙ୍କିକୁ ଶୂନ୍ୟମାତ୍ରାରେ ବି ନ ସହିବାର ଏକ ଦୃଢ଼ ଶପଥ ନେଇ ଆୟକର ବିଭାଗ ଏ ଦେଶର ବିକାଶ ପାଇଁ ଶପଥବଦ୍ଧ। ଆଜି ଦେଶଯାକରେ ୫୬୦ରୁ ଅଧିକ ଜାଗାରେ ଆୟକର ବିଭାଗର ଅଫିସ ରହିଛି। ପ୍ରାୟ ୫୫ ହଜାରରୁ ଅଧିକ କର୍ମଚାରୀ କର ସଂଗ୍ରହରେ ନିୟୋଜିତ। ଦେଶ ଯେତେବେଳେ ସ୍ୱାଧୀନତା ଲାଭ କଲା ସେତେବେଳେ ମାତ୍ର କେଇ ହଜାର ଆୟକରଦାତା ଥିଲେ। ମାତ୍ର ତାହା ଆଜି ପ୍ରାୟ ୬ କୋଟିରୁ ଊର୍ଦ୍ଧ୍ୱରେ ପହଞ୍ଚିଲାଣି, କିନ୍ତୁ ସଂଖ୍ୟା ଦୃଷ୍ଟିରୁ ୧୩୫ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶ ପାଇଁ ଏହି ସଂଖ୍ୟା ମୋଟେ ଉତ୍ସାହପ୍ରଦ ନୁହେଁ। ଅବଶ୍ୟ ୨୦୧୯-୨୦୨୦ ସୁଦ୍ଧା ଆଉ ଏକ କୋଟିରୁ ଊର୍ଦ୍ଧ୍ୱ କରଦାତାଙ୍କୁ ଆୟକର ପରିସରକୁ ଆଣିବାର ଯୋଜନା ବିଭାଗର ଅନ୍ୟତମ ଲକ୍ଷ୍ୟ। ଆର୍ଥିକ ବର୍ଷ ୨୦୧୮-୧୯ରେ ପ୍ରତ୍ୟକ୍ଷ କର ସଂଗ୍ରହ ୧୧.୩୮ ଲକ୍ଷ କୋଟିରେ ପହଞ୍ଚିଛି, ଯାହାକି ପୂର୍ବ ଆର୍ଥିକବର୍ଷ ତୁଳନାରେ ୧୩.୪୭% ଅଧିକ। ସାଢ଼େ ଚାରି କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଓଡ଼ିଶାରେ ୨୦୧୮-୧୯ରେ ୧୩,୧୦୧.୪୦ କୋଟି ଟଙ୍କାର ପ୍ରତ୍ୟକ୍ଷ କର ଆଦାୟ ହୋଇପାରିଛି, ଯାହାକି ପୂର୍ବ ବର୍ଷ ତୁଳନାରେ ୨୮%ରୁ ଅଧିକ।

ଏକବିଂଶ ଶତାବ୍ଦୀର ଆୟକର ବିଭାଗ ଡିଜିଟାଲ ଇଣ୍ଡିଆ ପାଇଁ ନିଜକୁ ଏକ ଅଗ୍ରଦୂତ ଭାବେ ପ୍ରତିପାଦିତ କରିଛି। ବର୍ତ୍ତମାନ ଆୟକର ବିଭାଗ ନିଜର ସମସ୍ତ କାର୍ଯ୍ୟକୁ ସୂଚନା ପ୍ରଯୁକ୍ତି ବିଜ୍ଞାନ ମାଧ୍ୟମରେ ନିଷ୍ପାଦନ କରୁଛି। କରଦାତାଙ୍କୁ ନିଜର ବାର୍ଷିକ ଆୟକର ରିଟର୍ନ ଦାଖଲ କରିବାକୁ ଆୟକର ବିଭାଗ ଅଫିସକୁ ଆଉ ପରିଶ୍ରମ କରି ଓ ଖର୍ଚ୍ଚାନ୍ତ ହୋଇ ଆସିବାକୁ ପଡୁନାହିଁ। ରିଫଣ୍ଡ ପାଇଁ ବିଭାଗର ଦପ୍ତରକୁ ଆସିବାର ଆବଶ୍ୟକତା ନାହିଁ। ଆପଣାଛାଏଁ ତାହା କରଦାତାଙ୍କ ବ୍ୟାଙ୍କ ଖାତାରେ ଜମା ହୋଇଯାଉଛି।

ଆୟକର ବିଭାଗ, ଭୁବନେଶ୍ୱର, ମୋ-୯୪୩୮୯୧୭୧୪୭

## ପାଠକ ଶ୍ରେଷ୍ଠ ବିଚାରକ

### ପିଲାମାନେ କେଉଁଠି ପଢ଼ିବେ

ମହାଶୟ,

ଫନୀ ବାତ୍ୟାରେ ପୁରୀ ଜିଲାର ବହୁ ଶିକ୍ଷାନୁଷ୍ଠାନ ଭାଙ୍ଗିଯାଇଛି। ସ୍କୁଲ ଘରଗୁଡ଼ିକର ଛାତ ସବୁ ଉଡ଼ିଯାଇ ଶ୍ରୀହୀନ ଦିଶୁଛି। ସତ୍ୟବାଦୀ ସେବକସାହି ସ୍କୁଲ, ଶ୍ରୀରାମଚନ୍ଦ୍ରପୁର ହାଇସ୍କୁଲ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଫନୀ ଯିବାର ଦୁଇ ତିନି ମାସ ଅତିବାହିତ ହେଲା ପରେ ମଧ୍ୟ ସ୍କୁଲ ମରାମତି ହୋଇ ନ ପାରିବା ଦୁଃଖର ବିଷୟ। ବର୍ତ୍ତମାନ ପିଲାମାନେ କେଉଁଠି ପଢ଼ିବେ ? ସରକାର ଯୁଦ୍ଧକାଳୀନ ଭିତ୍ତିରେ ଦୁଇଟି ସ୍କୁଲକୁ ମରାମତି କରି ପିଲାମାନଙ୍କ ପାଠପଢ଼ା ପାଇଁ ସୁଯୋଗ ସୃଷ୍ଟି କରନ୍ତୁ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ପାକିସ୍ତାନରେ ଭାରତୀୟ ବୀରଙ୍କୁ ସମ୍ମାନ

ଧରିତ୍ରୀ(୩୦।୬)ରେ ପ୍ରକାଶିତ ଆକାର ପଟେଲଙ୍କ ବର୍ଣ୍ଣନାଟି ଅସଂପୂର୍ଣ୍ଣ। ଏହା ପାକିସ୍ତାନର ଅସଲ ଚିତ୍ର ବା ପରିସ୍ଥିତିର ରୂପାୟନ ନୁହେଁ। ସେ ଯେଉଁ ପଞ୍ଜାବୀ, ସଂସ୍କୃତି, ଜନସଂଖ୍ୟା, ଭୌଗୋଳିକ ଭୂଭାଗ ବା ଅଞ୍ଚଳ, ସେନାରେ (ପାକିସ୍ତାନୀ ବା ପଶ୍ଚିମ) ପଞ୍ଜାବର ୮୫% ଅଂଶ ପ୍ରସଙ୍ଗଟି ସୂଚାଇଛନ୍ତି ତାହା ଭାରତ ଓ ଭାରତୀୟତାର ଘୋର ବିରୋଧୀ। ଏବର (ପାକିସ୍ତାନୀ) ସେନାମୁଖ୍ୟ ଜେନେରାଲ ବାଜୱାଙ୍କ ଏକଦା ପୂର୍ବଜଗଣ ହରିୟାଣା ବା ସେତେବେଳର ପୂର୍ଣ୍ଣାଙ୍ଗ ପଞ୍ଜାବର ଜାଠ ହିନ୍ଦୁରୁ ଇସ୍‌ଲାମକୁ ଧର୍ମାନ୍ତରିତ ହେବା ପରେ ପଞ୍ଚନଦୀରେ ବହୁଜଳ ପ୍ରବାହିତ ହୋଇସାରିଛି ଓ ଦେଶ ବିଭାଜନ/ପାକିସ୍ତାନ ଗଠନ ସହିତ ଏକଦା ଉତ୍ତର-ପଶ୍ଚିମ ଅବିଭାଜିତ ଭାରତର ଅଧୁନା ପାକିସ୍ତାନ ଅନ୍ତର୍ଗତ ସେସବୁ ପ୍ରଦେଶର ଅନେକ ଧର୍ମାନ୍ତରିତ ହିନ୍ଦୁ ବଂଶୋଦ୍ଭବ ଏବେ ସଚ୍ଚା ମୁସଲମାନ ଓ ପାକିସ୍ତାନୀ। ଏହି ଗୋଷ୍ଠୀ ଭାରତ ସହିତ ସୈନ୍ୟବାହିନୀ ଓ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ମାଧ୍ୟମରେ ଭାରତର ଅସ୍ତିତ୍ୱ ବିଲୋପ ସହିତ କଶ୍ମୀରକୁ କଳେବଳେକୌଶଳେ ନେଇଯିବା ଲାଗି ସକ୍ରିୟ। ନୱାଜ ଶରିଫଙ୍କ କେନ୍ଦ୍ର ସରକାର ଓ ତାଙ୍କ ଦଳ ପରିଚାଳିତ ପଞ୍ଜାବ ସରକାର ଶାଦମାନ୍ ଚୌକର ନାମ ପରିବର୍ତ୍ତନ କରି ଭଗତ ସିଂଙ୍କ ସ୍ମୃତିରେ କରିବାର ଉଦ୍ୟମକୁ ସେନା ଓ ମୌଳବାଦୀମାନେ ପ୍ରଚଣ୍ଡ ବିରୋଧ କରିଥିବା କ'ଣ ଆକାରଙ୍କ ଅନୁସାରେ ଭାରତୀୟ ଗଣମାଧ୍ୟମର ମନଗଢ଼ା କାହାଣୀ ଥିଲା ?

ରାମକୃଷ୍ଣ ମହାନ୍ତି, କୋଳଥିଆ, ଖଣ୍ଡଗିରି, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସବୁକିଛି କିଣାଯାଇ ପାରେନା, ସମସ୍ତଙ୍କୁ ଭୟଭୀତ କରିବା ଅସମ୍ଭବ ଓ ପ୍ରତ୍ୟେକ ମିଛ ଶେଷରେ ଧରାପଡ଼େ। ଦିନ ଆସିବ ଭାଜପା ଏହା ଜାଣିପାରିବ।

-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ



# ପାଗ ଭିଡୁଛନ୍ତି ୟେଦୁରପ୍ପା

**ବେଙ୍ଗାଲୁରୁ,୨୩।୭**

କର୍ନାଟକ ବିଧାନସଭାରେ ୧୪ ମାସର କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାର ଆସ୍ଥାଭୋଟରେ ପରାଜୟବରଣ କରିବା ପରେ ଭାଜପା ରାଜ୍ୟରେ ସରକାର ଗଠନ କରିବା ଲାଗି ଆଗେଇ ଆସିଛି। ୪ ଦିନ ଧରି ଆସ୍ଥାଭୋଟ ଲାଗି ଚାଲିଥିବା ନାଟକକୁ ନିରୀକ୍ଷଣ କରି ନୀରବରେ ଦେଖୁଥିବା ଭାଜପା ନେତା ବି.ଏସ୍. ୟେଦୁରପ୍ପା ଚତୁର୍ଥଥର ଲାଗି କର୍ନାଟକର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଆସ୍ଥା ଭୋଟରେ ଭାଜପା ସପକ୍ଷରେ ୧୦୫ ଭୋଟ ପଡ଼ିଥିବାବେଳେ କୁମାରସ୍ୱାମୀ ସରକାର ସପକ୍ଷରେ ୯୯ ଭୋଟ ପଡ଼ିଥିଲା। ୨୨୫ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ ୨୦ଜଣ ଆସ୍ଥାଭୋଟ ବେଳେ ଗୃହରେ ଅନୁପସ୍ଥିତ ରହିଥିଲେ।

କଂଗ୍ରେସ-ଜେଡିଏସ୍ ସରକାରର ପତନ ପରେ ଏହା ଗଣତନ୍ତ୍ରର ବିଜୟ ବୋଲି ୟେଦୁରପ୍ପା କହିଛନ୍ତି। ଲୋକମାନେ ରାଜ୍ୟ ସରକାରଙ୍କ ଉପରୁ ବିଶ୍ୱାସ ହରାଇଥିଲେ ବୋଲି ସେ କହିବା ସହ ଏବେ ବିକାଶର ନୂଆ ଯୁଗ ଆରମ୍ଭ ହେବାକୁ ଯାଉଛି ବୋଲି ପ୍ରକାଶ କରିଛନ୍ତି। ଭାଜପା ସରକାର କର୍ନାଟକ କୃଷକଙ୍କ ବିକାଶ ଉପରେ ଗୁରୁତ୍ୱ ଦେବ ବୋଲି ସେ ଏହି ଅବସରରେ କହିଛନ୍ତି। ଅସାଧୁ ମେଣ୍ଟ ଓ ଦୁର୍ନୀତିର ଯୁଗ ଶେଷ ହୋଇଛି। ଆମେ ସ୍ଥିର ଓ ସୁଦୃଢ଼ ସରକାର ଦେବୁ ଓ ରାଜ୍ୟର ବିକାଶକୁ ଆଗେଇ ନେବୁ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

ଗତବର୍ଷ ମେ'ରେ ୟେଦୁରପ୍ପା ମୁଖ୍ୟମନ୍ତ୍ରୀ ପଦଭାର ଗ୍ରହଣ କରିବାର ଅଢ଼େଇ ଦିନ ପରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇପାରି ନ ଥିଲେ। କଂଗ୍ରେସ-ଜେଡିଏସ୍ ସଦସ୍ୟମାନେ ତାଙ୍କୁ ଅଡୁଆରେ ପକାଇଥିଲେ। ଏବେ ସ୍ଥିତି ଓଲଟିଛି। କଂଗ୍ରେସ-ଜେଡିଏସ୍ ନେତାଙ୍କ ମଧ୍ୟରେ ଫାଟ ସୃଷ୍ଟିହୋଇଛି। କୁମାରସ୍ୱାମୀ ନିଜକୁ ଅସହାୟ ମଣି ଶେଷରେ ଆସ୍ଥାଭୋଟରେ ହାରିଛନ୍ତି। ୧୬ ବିଧାୟକଙ୍କ ଇସ୍ତଫା ଓ ୨ ସ୍ୱାଧୀନ ବିଧାୟକଙ୍କ କରଛଡ଼ା ପରେ ମେଣ୍ଟ ସରକାର ଭାଙ୍ଗିଛି। ଭାଜପା କର୍ନାଟକରେ ସରକାର ଗଠନ କରିବା ଲାଗି ଦାବି କରିଥିବାବେଳେ ପୁଣି ୟେଦୁରପ୍ପା ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ ହୋଇପଡ଼ିଛି।



## ଚତୁର୍ଥ ଥର ମୁଖ୍ୟମନ୍ତ୍ରୀ ହେବେ ବିଏସ୍‌ୱାଇ

## କର୍ନାଟକରେ ୩ ପୂର୍ଣ୍ଣକାଳୀନ ମୁଖ୍ୟମନ୍ତ୍ରୀ

**ବେଙ୍ଗାଲୁରୁ,୨୩।୭(ପି.ଟି.)**

୧୯୫୬ରେ କର୍ନାଟକ ଗଠନ ହେବା ପରଠୁ ଅଦ୍ୟାବଧି ୨୫ ଜଣ ମୁଖ୍ୟମନ୍ତ୍ରୀ ହେଲେଣି। ହେଲେ ରାଜ୍ୟର ରାଜନୈତିକ ଇତିହାସରେ କଂଗ୍ରେସର କେବଳ ୩ ନେତା ପୂର୍ଣ୍ଣକାଳୀନ ମୁଖ୍ୟମନ୍ତ୍ରୀ ଭାବେ ଶାସନ କରିବାରେ ସକ୍ଷମ ହୋଇଛନ୍ତି। ଜେଡିଏସ୍ ଏବଂ ଭାଜପାରୁ ଅନ୍ୟ ଯେତିକି ମୁଖ୍ୟମନ୍ତ୍ରୀ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ପୂରା ୫ ବର୍ଷ କ୍ଷମତାରେ ରହି ପାରିନାହାନ୍ତି। ଏସ୍. ନିଜାଲିଙ୍ଗାପ୍ପା (୧୯୬୨-୬୮), ଡି. ଦେବରାଜ ଉର୍ସ (୧୯୭୨-୭୭) ଓ ସିଦ୍ଧାରାମାୟା (୨୦୧୩-୨୦୧୮) ହେଉଛନ୍ତି ପୂର୍ଣ୍ଣକାଳୀନ ମୁଖ୍ୟମନ୍ତ୍ରୀ। ଏଚ୍.ଡି. କୁମାରସ୍ୱାମୀ ଭାଜପା ସମର୍ଥନରେ ୨୦୦୬ ଫେବୃୟାରୀରୁ ୨୦୦୭ ଅକ୍ଟୋବର ଯାଏ ମୁଖ୍ୟମନ୍ତ୍ରୀ ହୋଇଥିଲେ। କ୍ଷମତା ଭାଗବଣ୍ଟାକୁ ନେଇ ବିବାଦ ପରେ ତାଙ୍କୁ ପଦ ଛାଡ଼ିବାକୁ ପଡ଼ିଥିଲା। ୨୦୧୮ ମେ'ରେ କଂଗ୍ରେସ ସମର୍ଥନରେ ଆରମ୍ଭ ହୋଇଥିବା କୁମାରସ୍ୱାମୀଙ୍କ ଦ୍ୱିତୀୟ ପାଳି ସରକାରର ଏବେ ପତନ ହୋଇଛି। ଭାଜପା ନେତା ବି.ଏସ୍. ୟେଦୁରପ୍ପା ପୂର୍ବରୁ ୩ ଥର ମୁଖ୍ୟମନ୍ତ୍ରୀ ହୋଇଥିବାବେଳେ କୌଣସି ପାଳି ପୂରା ୫ ବର୍ଷ ଯାଇନାହିଁ।



କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଆସ୍ଥାଭୋଟ ହାରିବା ପରେ ମଙ୍ଗଳବାର ରାଜଭବନରେ ରାଜ୍ୟପାଳ ଭଜୁଭାଇ ଭାଲାଙ୍କୁ ଇସ୍ତଫାପତ୍ର ପ୍ରଦାନ କରୁଛନ୍ତି।

## ବିଏସ୍‌ପି ବିଧାୟକ ନିଲମ୍ବିତ

**ବେଙ୍ଗାଲୁରୁ,୨୩।୭(ପି.ଟି.)**

କୁମାରସ୍ୱାମୀ ସରକାରଙ୍କ ଆସ୍ଥାଭୋଟ ବେଳେ ବିଧାନସଭାରେ ଅନୁପସ୍ଥିତ ରହିଥିବା ବହୁଜନ ସମାଜ ପାର୍ଟି (ବିଏସ୍‌ପି) ବିଧାୟକ ଏନ୍. ମହେଶଙ୍କୁ ମଙ୍ଗଳବାର ରାତିରେ ନିଲମ୍ବନ କରାଯାଇଛି। ଆସ୍ଥାଭୋଟ ବେଳେ ଉପସ୍ଥିତ ରହି ସରକାରଙ୍କ ସପକ୍ଷରେ ମତଦାନ କରିବାକୁ ବିଏସ୍‌ପି ସୁପ୍ରିମୋ ମାୟାବତୀ ରବିବାର ବିଧାୟକ ମହେଶଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସେ ଦଳର ହାଇକମାଣ୍ଡଙ୍କ ନିର୍ଦ୍ଦେଶକୁ ଅବଜ୍ଞା କରିଥିବାରୁ ତାଙ୍କୁ ତତ୍କାଳ ନିଲମ୍ବନ କରାଯାଇଛି ବୋଲି ମାୟାବତୀ ଟୁଇଟ୍ କରିଛନ୍ତି। ପ୍ରକାଶ ଯେ, ୨୦୧୮ ବିଧାନସଭା ନିର୍ବାଚନରେ ଜେଡିଏସ୍ ସହ ବିଏସ୍‌ପି ମେଣ୍ଟ କରି ଲଢ଼ିଥିଲା। କେବଳ ମହେଶ ଜିତିଥିବାବେଳେ କ୍ୟାବିନେଟରେ ତାଙ୍କୁ ଶିକ୍ଷାମନ୍ତ୍ରୀ କରାଯାଇଥଲା। ୨୦୧୮ ଅକ୍ଟୋବରରେ ସେ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିଲେ ହେଁ ମେଣ୍ଟ ସରକାରକୁ ସମର୍ଥନ ଜାରି ରହିବ ବୋଲି ଘୋଷଣା କରିଥିଲେ।



"କର୍ନାଟକରେ କଂଗ୍ରେସ-ଜେଡିଏସ୍ ମେଣ୍ଟ ଗଠନ ହେବା ଦିନଠୁ ଉଭୟ ଭିତରୁ ଓ ବାହାରୁ ସେହି ନ୍ୟସ୍ତସ୍ୱାର୍ଥଙ୍କ ଟାର୍ଗେଟରେ ରହିଆସିଛି, ଯେଉଁମାନେ ଏହାକୁ ନିଜ କ୍ଷମତାର ପଥରେ ପ୍ରତିବନ୍ଧକ ବୋଲି ବିବେଚନା କରିଛନ୍ତି।

**-ରାହୁଲ ଗାନ୍ଧୀ, କଂଗ୍ରେସର କାମଚଳା ଅଧ୍ୟକ୍ଷ**



"କର୍ନାଟକରେ କ୍ଷମତାସୀନ ହେବା ପାଇଁ ଅନୈତିକ, ବେଆଇନ ଏବଂ ଅସାମ୍ବିଧାନିକ ଭାବେ ପଛଦ୍ୱାର ନୀତି ଆପଣେଇଛି ଭାଜପା। ଗଣତନ୍ତ୍ରରେ ଏହି ଦଳ ବିଶ୍ୱାସ କରେନାହିଁ।

**-ସିଦ୍ଧାରାମାୟା, କର୍ନାଟର ପୂର୍ବତନ ମୁଖ୍ୟମନ୍ତ୍ରୀ**



"କୁମାରସ୍ୱାମୀ ସରକାରର ଆସ୍ଥାଭୋଟରେ ପରାଜୟ ହେବା ଗଣତନ୍ତ୍ର ପାଇଁ କଳାଦିବସ।

**-ମେହବୁବା ମୁଫ୍‌ତି, ପିଡିପି ମୁଖ୍ୟ**



"କର୍ନାଟକରେ ବେଆଇନ ଭାବେ ଚାଲିଥିବା ଭ୍ରଷ୍ଟାଚାରୀ ଶାସନର ଅନ୍ତ ଘଟିଛି। ରାଜ୍ୟବାସୀଙ୍କ ପାଇଁ ଏହା ଏକ ଭଲ ଖବର।

**-ଜିଭିଏଲ୍ ନରସିଂହା, ଭାଜପା ମୁଖପାତ୍ର**

## ବ୍ରିଟେନର ଶକ୍ତି ବଢ଼ାଇବେ ବୋରିସ୍



**ଲଣ୍ଡନ,୨୩।୭(ପି.ଟି.)**

ବୋରିସ୍ ଜନ୍‌ସନ୍ ମଙ୍ଗଳବାର କଞ୍ଜରଭେଟିଭ୍ ପାର୍ଟିର ନେତୃତ୍ୱ ନେବା ପରେ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଛନ୍ତି। ୟୁରୋପୀୟ ୟୁନିୟନ୍‌କୁ ନେଇ ଦେଶର ବ୍ରେକ୍‌ଜିଟ୍ ଡିଲ୍‌ରେ ରାଜନୈତିକ ଅସ୍ଥିରତା ଜାରି ରହିଥିବାବେଳେ ବୋରିସ୍ ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିଛନ୍ତି। ବୋରିସ୍ ହେଉଛନ୍ତି ପୂର୍ବତନ ବୈଦେଶିକ ସଚିବ ତଥା ଲଣ୍ଡନ ମେୟର। ପ୍ରଧାନମନ୍ତ୍ରୀ ପଦ ପାଇଁ ସେ ଫରେନ୍ ସେକ୍ରେଟାରି ଜେରେମି ହଣ୍ଟଙ୍କୁ ହରାଇବା ଦୃଢ଼ ଆଶା କରାଯାଉଥିଲା। ମଙ୍ଗଳବାର ଫଳାଫଳ ଘୋଷଣା ହେବା ପରେ ପରେ ପାର୍ଲାମେଣ୍ଟ ହାଉସ୍ ନିକଟବର୍ତ୍ତୀ ଲଣ୍ଡନସ୍ଥିତ କୁଇନ୍ ଏଲିଜାବେଥ୍ ୨ ସେଣ୍ଟରରେ ଟୋରି ପାର୍ଟିର ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେଇ ବୋରିସ୍(୫୫) କହିଥିଲେ, କଞ୍ଜରଭେଟିଭ୍ ପାର୍ଟି ପ୍ରତି ବ୍ରିଟେନବାସୀଙ୍କର ସମର୍ଥନ ରହିଛି। ବ୍ରିଟେନ୍ ଇତିହାସରେ ବ୍ରେକ୍‌ଜିଟ୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାବେଳେ ଏହାକୁ ସମର୍ଥନ କରିବା ଆବଶ୍ୟକ। ଆମର ମନ୍ତ୍ର ହେଉଛି, ବ୍ରେକ୍‌ଜିଟ୍ ସପକ୍ଷରେ ଭୋଟ ଦେବା, ଦେଶକୁ ସଂଘବଦ୍ଧ କରିବା ଏବଂ ଲେବର ପାର୍ଟିର ନେତା ଜେରେମି କର୍‌ବିନ୍‌ଙ୍କୁ ପରାଜିତ କରିବା। ଆପଣମାନଙ୍କର ଆତ୍ମବିଶ୍ୱାସ ଫେରାଇଦେବା ପାଇଁ ପୂର୍ଣ୍ଣପ୍ରାଣରେ କାର୍ଯ୍ୟ କରିବି ବୋଲି ବୋରିସ୍ ପ୍ରତିଶ୍ରୁତି ଦେଇଥିଲେ।

## 'ଫାର୍ଷ୍ଟ ଗର୍ଲଫ୍ରେଣ୍ଡ'ଙ୍କ ଭବିଷ୍ୟତ ନେଇ ଚର୍ଚ୍ଚା



ବୋରିସ୍ ଜନ୍‌ସନ୍ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଭାବେ ଡାଉନିଂ ଷ୍ଟ୍ରିଟ୍‌ରେ ଅବସ୍ଥାନ କରିବାକୁ ଯାଉଥିବାବେଳେ ତାଙ୍କଠୁ ବୟସରେ ଯଥେଷ୍ଟ ସାନ ତରୁଣୀ-ବାନ୍ଧବୀ କ୍ୟାରି ସାଇମଣ୍ଡଙ୍କୁ ସାଥିରେ ରଖିବେ କି ନାହିଁ ସେଥିନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ଦୁଇଥର ବିବାହ କରିଥିବା ବୋରିସ୍ ମଙ୍ଗଳବାର କଞ୍ଜରଭେଟିଭ୍ ପାର୍ଟିର ନେତା ନିର୍ବାଚିତ ହେବା ପରେ ସେ ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିଛନ୍ତି। ଦୀର୍ଘ ୩୧ବର୍ଷ ଧରି ଦଳର କମ୍ୟୁନିକେଶନ୍ ଡାଇରେକ୍ଟର ଭାବେ କାର୍ଯ୍ୟ କରିଆସୁଥିବା ବୋରିସ୍‌ଙ୍କୁ କୁଇନ୍ ଏଲିଜାବେଥ୍ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ସାଇମଣ୍ଡ ହେଉଛନ୍ତି ପରିବେଶ ସୁରକ୍ଷାର ଜଣେ ଆଗଧାଡ଼ିର ପ୍ରଚାରକ। ୨୦୧୨ରେ ଲଣ୍ଡନର ମେୟର ନିର୍ବାଚନ ବେଳେ ସେ ବୋରିସ୍‌ଙ୍କ ପାଇଁ ପ୍ରଚାର କରିଥିଲେ। ୨୦୧୮ରେ ବୋରିସ୍ ଦୀର୍ଘ ୨୬ବର୍ଷର ବୈବାହିକ ଜୀବନର ଅନ୍ତ ଘଟାଇଥିଲେ। ବିବାହ ବିଚ୍ଛେଦ ଘଟିବା ପରେ ତରୁଣୀ ସାଇମଣ୍ଡଙ୍କ ସହିତ ତାଙ୍କର ସମ୍ପର୍କ ବିଷୟ ଚର୍ଚ୍ଚାର ପରିସରକୁ ଆସିଥିଲା। ତେବେ ବୋରିସ୍ କ୍ଷମତାକୁ ଆସିବା ପରେ ଦେଶର 'ଫାର୍ଷ୍ଟ ଗର୍ଲଫ୍ରେଣ୍ଡ'ଙ୍କ ଭବିଷ୍ୟତ ନେଇ ବ୍ରିଟିଶ ଖବରକାଗଜଗୁଡ଼ିକରେ ଚର୍ଚ୍ଚା ଜୋର ଧରିଛି।

## ବାଚସ୍ପତିଙ୍କୁ ୪ ସପ୍ତାହ ସମୟ ମାଗିଲେ ୧୫ ବିଦ୍ରୋହୀ ବିଧାୟକ

**ବେଙ୍ଗାଲୁରୁ,୨୩।୭(ପି.ଟି.)**

କଂଗ୍ରେସର ୧୩ ଏବଂ ଜେଡିଏସ୍‌ର ୨ ବିଦ୍ରୋହୀ ବିଧାୟକ ଇସ୍ତଫା ଦେବା ପରେ କର୍ନାଟକରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିଲା। ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ଉଭୟ କଂଗ୍ରେସ ଏବଂ ଜେଡିଏସ୍ ପକ୍ଷରୁ ବାଚସ୍ପତିଙ୍କୁ ଅନୁରୋଧ କରାଯାଇଥିଲା। ବାଚସ୍ପତି କେ.ଆର. ରମେଶ କୁମାର ଏ ସମ୍ପର୍କିତ ବିଚାର ପାଇଁ ୧୫ ବିଦ୍ରୋହୀ ବିଧାୟକଙ୍କୁ ସମନ କରିଥିଲେ। ହେଲେ ସେମାନେ ବାଚସ୍ପତିଙ୍କ ନିକଟରେ ହାଜର ନ ହୋଇ ୪ ସପ୍ତାହ ସମୟ ମାଗିଛନ୍ତି।

## କର୍ନାଟକ ଭାଜପା ନେତାଙ୍କୁ ଶାହଙ୍କ ମନ୍ତ୍ରଣା

**ନୂଆଦିଲ୍ଲୀ,୨୩।୭(ପି.ଟି.)**

କୁମାରସ୍ୱାମୀ ସରକାର ଆସ୍ଥାଭୋଟରେ ପରାଜିତ ହେବା ପରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ କର୍ନାଟକର ଦଳୀୟ ନେତାଙ୍କୁ ମନ୍ତ୍ରଣା ଦେଇଛନ୍ତି। କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାରଙ୍କ ପତନର ନେତୃତ୍ୱ ନେଇଥିବା ଭାଜପା ବିଧାୟକ ଦଳ ନେତା ବି.ଏସ୍. ୟେଦୁରପ୍ପା ପୁନର୍ବାର ମୁଖ୍ୟମନ୍ତ୍ରୀ ହେବା ଏକପ୍ରକାର ସ୍ଥିର ହୋଇଥିଲେ ହେଁ ସମ୍ଭାବ୍ୟ ନେତାଙ୍କ ନାମକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ତେବେ ଶାହ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି କର୍ନାଟକର ଭାଜପା ନେତା ତଥା କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ସୂଚନା ଦେଇଛନ୍ତି।



## ମୋଟର ଭେହିକିଲ୍ସ ସଂଶୋଧନ ବିଲ୍‌କୁ ବିଜେଡିର ସମର୍ଥନ

**ନୂଆଦିଲ୍ଲୀ,୨୩।୭(ପି.ଟି.)**

ମୋଟର ଭେହିକିଲ୍ସ ସଂଶୋଧନ ବିଲ୍ ମଙ୍ଗଳବାର ପାର୍ଲାମେଣ୍ଟରେ ପାସ୍ ହୋଇଥିବାବେଳେ ବିଜେଡି ଏହାକୁ ସମର୍ଥନ କରିଛି। କେନ୍ଦୁଝରର ବିଜେଡି ସାଂସଦ ଚନ୍ଦ୍ରାଣୀ ମୁର୍ମୁ ଏନେଇ କେନ୍ଦ୍ର ସରକାରଙ୍କୁ ପ୍ରଶଂସା କରିବା ସହ ଦୁର୍ଘଟଣା ମୃତ୍ୟୁରେ କ୍ଷତିପୂରଣ ରାଶି ବୃଦ୍ଧି କରିବା ସପକ୍ଷରେ ମତ ରଖିଥିଲେ। ଏହି ସଂଶୋଧିତ ବିଲ୍‌ରେ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଲେ ଏବେକାର ଲକ୍ଷେ ଟଙ୍କା ପର୍ଯ୍ୟାପ୍ତ ନୁହେଁ ବୋଲି ସେ ଦର୍ଶାଇଥିଲେ। ଗୃହରେ ସାଧାରଣ ଆଲୋଚନାରେ ଭାଗନେଇ ସେ କେନ୍ଦ୍ର ସରକାରଙ୍କଠାରୁ ସଡ଼କ ସୁରକ୍ଷା ସମ୍ପର୍କିତ ଖର୍ଚ୍ଚ ନେଇ ହିସାବ ମାଗିଥିଲେ। ରାସ୍ତାରେ ସ୍ପିଡ୍ ଡିଟେକ୍ଟର, ସିସିଟିଭି କ୍ୟାମେରା ଲଗାଇବା କ୍ଷେତ୍ରରେ ରାଜ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିବା ନେଇ ସେ ମତ ରଖିଥିଲେ।

## ମୋଷ୍ଟ ୱାଣ୍ଟେଡ୍ ମାଓବାଦୀ ଗିରଫ

**ଗୁମ୍‌ଲା,୨୩।୭(ପି.ଟି.):** ଝାଡ଼ଖଣ୍ଡର ଗୁମ୍‌ଲାରୁ ମୋଷ୍ଟ ୱାଣ୍ଟେଡ୍ ମାଓବାଦୀ କେ. ଆର୍. ବଡାଇକ୍‌ଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ନିଷିଦ୍ଧ ଝାଡ଼ଖଣ୍ଡ ଜନମୁକ୍ତି ମୋର୍ଚ୍ଚା ପରିଷଦର ସଦସ୍ୟ। ତାଙ୍କ ମୁଣ୍ଡ ଲାଗି ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସର୍ଚ୍ଚ ଅପରେଶନ ବେଳେ ପୁଗୁ ଗ୍ରାମରୁ ତାଙ୍କୁ ଗିରଫ କରାଯାଇଥିବା ଏସ୍‌ପି ଅଞ୍ଜନୀ କୁମାର ଝା ପ୍ରକାଶ କରିଛନ୍ତି। ବିଷ୍ଣୁପୁର ପୋଲିସ ଷ୍ଟେଶନରେ ତାଙ୍କ ବିରୋଧରେ ଅନେକ ମାମଲା ରହିଥିବା ଜଣାପଡ଼ିଛି।




ଦେଶରେ ବଳାତ୍କାର ଓ ମହିଳା ବିରୋଧୀ ହିଂସା ବଢ଼ିଚାଲିଛି। ଏହାର ପ୍ରତିବାଦରେ ପାଟନାସ୍ଥିତ ବିହାର ବିଧାନସଭା ସମ୍ମୁଖରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ପାର୍ଲାମେଣ୍ଟରେ କଶ୍ମୀର ଝଡ଼

**ନୂଆଦିଲ୍ଲୀ,୨୩।୭(ପି.ଟି.)**

କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବା ଲାଗି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୋତେ ଅନୁରୋଧ କରିଥିଲେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ସହ ସୋମବାର ଆଲୋଚନା ବେଳେ କହିବା ଘଟଣାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟିହୋଇଛି। ମଙ୍ଗଳବାର ଏହି ଘଟଣାକୁ ନେଇ ପାର୍ଲାମେଣ୍ଟରେ ଝଡ଼ ସୃଷ୍ଟିହୋଇଛି। ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଏହି ପ୍ରସଙ୍ଗକୁ ନେଇ ଗୃହ ବାରମ୍ବାର ମୁଲତବୀ ହେବା, ହଟ୍ଟଗୋଳ ଲାଗି ରହିବା ଭଳି ପରିସ୍ଥିତି ଦେଖିବାକୁ ମିଳିଥିଲା। ଏମିତିକି ବିରୋଧୀ ସଦସ୍ୟମାନେ ଗୃହ ଛାଡ଼ି ପଳାଇଥିଲେ। ପ୍ରଧାନମନ୍ତ୍ରୀ ଏନେଇ ନିଜେ ମନ୍ତବ୍ୟ ଦିଅନ୍ତୁ ବୋଲି ବିରୋଧୀ ଦଳର ସଦସ୍ୟମାନେ ଦାବି କରିଥିଲେ।

ରାଜ୍ୟ ସଭାରେ କଂଗ୍ରେସର ଉପନେତା ଆନନ୍ଦ ଶର୍ମା, ସିପିଆଇ ନେତା ଡି. ରାଜା ଏନେଇ ବିଭିନ୍ନ ପ୍ରଶ୍ନ କରିଥିଲେ। ସିପିଆଇଏମ୍, ଆପ୍, ଡିଏମ୍‌କେ, ଟିଏମ୍‌ସି, ଏସ୍‌ପି, ବିଏସ୍‌ପି ସଦସ୍ୟମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ତେବେ ପ୍ରଧାନମନ୍ତ୍ରୀ ଏଭଳି କୌଣସି ଅନୁରୋଧ ଟ୍ରମ୍ପଙ୍କୁ କରି ନ ଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସ୍ପଷ୍ଟ କରିଥିଲେ। ଲୋକ ସଭାରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଏନେଇ ପ୍ରଧାନମନ୍ତ୍ରୀଙ୍କଠାରୁ ଉତ୍ତର ମଗାଯାଇଥିଲା। ଶୂନ୍ୟକାଳରେ କଂଗ୍ରେସ ନେତା ମନୀଷ ତିୱାରୀ, ଟିଏମ୍‌ସି ନେତା ସୌଗତ ରାୟ, ଏଆଇଏଡିଏମ୍‌କେ ନେତା ଟି.ଆର୍. ବାଲୁ ପ୍ରମୁଖ ସ୍ୱର ଉଠାଇ ମୋଦିଙ୍କଠାରୁ ଉତ୍ତର ଦାବି କରିଥିଲେ। ଗୃହରେ ହଟ୍ଟଗୋଳ ହେବା ଯୋଗୁ ଏହାକୁ ବାରମ୍ବାର ମୁଲତବୀ ରଖିବାକୁ ପଡ଼ିଥିଲା। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏନେଇ ସରକାରଙ୍କ ପକ୍ଷ ରଖିଥିଲେ। ସରକାର ସ୍ପଷ୍ଟ କରିଥିଲେ ହେଁ ବିରୋଧୀ ଏଥିରେ ସନ୍ତୁଷ୍ଟ ନ ହୋଇ ପ୍ରଧାନମନ୍ତ୍ରୀଙ୍କଠାରୁ ଉତ୍ତର ଦାବି କରିଥିଲେ।



ଗୃହରେ କଂଗ୍ରେସ ଏମ୍‌ପିଙ୍କ ହଟ୍ଟଗୋଳ।

### ଟ୍ରମ୍ପଙ୍କ ମଧ୍ୟସ୍ଥତା ମନ୍ତବ୍ୟ

- ପ୍ରଧାନମନ୍ତ୍ରୀଙ୍କଠାରୁ ବିବୃତି ଦାବିକଲେ ବିରୋଧୀ
- ମୋଦି କୌଣସି ଅନୁରୋଧ କରିନାହାନ୍ତି: କେନ୍ଦ୍ର

# କେନ୍ଦ୍ରୀୟ ଡେପୁଟେଶନରେ ଏସ୍.ଏନ. ଗିରିଶ

## -ଛୁଟିରେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୨୩।୭(ବ୍ୟୁରୋ):** ୨୦୦୨ ବ୍ୟାଚ ଆଇଏଏସ୍ ଅଧିକାରୀ ତଥା ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବ ଏସ.ଏନ୍. ଗିରିଶ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିବା ସୂଚନା ମିଳିଛି। ସେହିପରି ୧୯୯୫ ବ୍ୟାଚ ଆଇଆରଏସ ଅଧିକାରୀ ସୋମନାଥ ହାଁସଦାଙ୍କୁ ଭୁବନେଶ୍ୱରରେ ନବରତ୍ନ କମ୍ପାନୀ ନାଲ୍‌କୋ ଚିଫ୍ ଭିଜିଲାନ୍ସ ଅଫିସର ଭାବେ ଅବସ୍ଥାପିତ କରାଯାଇଥିବା ଜଣାପଡିଛି। ଅନ୍ୟପଟେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ୧୫ ଦିନିଆ ଛୁଟିରେ ଯାଇଥିବା ଜଣାପଡ଼ିଛି। ବିଧାନସଭା ଚାଲିଥିବା ସମୟରେ ପାଢୀଙ୍କ ଛୁଟି ନେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ପାଢୀ ସୋମବାରଠାରୁ ଛୁଟିରେ ଯାଇଥିବା ବେଳେ ଅଗଷ୍ଟ ୫ତାରିଖରେ କାର୍ଯ୍ୟରେ ଯୋଗଦେବେ ବୋଲି କୁହାଯାଉଛି। ତାଙ୍କ ସ୍ଥାନରେ ଉନ୍ନୟନ କମିଶନର ଅସୀତ ତ୍ରିପାଠୀ ଅସ୍ଥାୟୀ ଭାବେ ମୁଖ୍ୟ ଶାସନ ସଚିବ ଦାୟିତ୍ୱ ତୁଲାଇବେ। ସେହିପରି ୧୯୮୭ ବ୍ୟାଚର ଆଇଏଏସ୍ ରାଜେଶ ବର୍ମା କେନ୍ଦ୍ର କୃଷି ମନ୍ତ୍ରଣାଳୟରେ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରମୁଖ ସଚିବ ପଦରେ ରହିଥିଲେ। ବର୍ମା ଯିବା ପରେ ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତି ମିଳିବ ତାକୁ ନେଇ ମଧ୍ୟ ଚର୍ଚ୍ଚା ଲାଗି ରହିଛି। ବିଧାନସଭା ଅଧିବେଶନ ଶେଷ ହେବା ପରେ ଆଇଏଏସ୍ ଏବଂ ଆଇପିଏସ ସ୍ତରରେ ଏକ ବଡ ଧରଣର ଅଦଳବଦଳ ହେବ ବୋଲି ଶୁଣିବାକୁ ମିଳୁଛି।

# ଢେଙ୍କାନାଳ ବିୟର ଫ୍ୟାକ୍ଟ୍ରି ଗଛକଟାକୁ ଫାଙ୍କିଦେଲେ ମନ୍ତ୍ରୀ

**ଭୁବନେଶ୍ୱର, ୨୩।୭(ବ୍ୟୁରୋ**

ଢେଙ୍କାନାଳ ଜିଲାରେ ବିୟର ଫ୍ୟାକ୍ଟ୍ରିପାଇଁ ୫୦୦ରୁ ଊର୍ଦ୍ଧ୍ୱ ଗଛ କାଟି ଦିଆଗଲା। ଏହାକୁ ନେଇ ଜିଲାରୁ ଆରମ୍ଭକରି ବିଧାନସଭାରେ ତୁମ୍ଭିତୋଫାନ ହେଲା। ମାତ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଢେଙ୍କାନାଳ ବିୟର ଫ୍ୟାକ୍ଟ୍ରି ପାଇଁ କେତେ ଗଛ କଟା ହୋଇଛି ତାହାକୁ ଏଡ଼ାଇ ଦେଇଛନ୍ତି। ଢେଙ୍କାନାଳ ଜିଲାରେ ଆଦୌ ଗଛ କଟା ଯାଇ ନ ଥିବା ସେ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

ମଙ୍ଗଳବାର ବିଧାନସଭାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଦେଇଥିବା ବୟାନରେ ସତ ଲୁଚାଇବାକୁ ଅପଚେଷ୍ଟା କରାଯାଇଛି ବୋଲି ଅଭିଯୋଗ ହୋଇଛି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ ପଚାରିଥିବା ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ୨୦୧୮-୧୯ରେ କେତେ ଗଛ କଟାଯାଇଛି ତାହାର ଉତ୍ତର ଦିଆଯାଇଥିବା ସ୍ଥାନରେ ଢେଙ୍କାନାଳ ଜିଲାରେ କୌଣସି ଗଛ କଟାଯାଇ ନ ଥିବା ଉଲ୍ଲେଖ କରାଯାଇଛି। ମନ୍ତ୍ରୀ ଉତ୍ତରରେ ଏହାକୁ କାହିଁକି ଲୁଚାଇଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏଠାରେ ସୂଚନାଯୋଗ୍ୟ ଯେ ଢେଙ୍କାନାଳ ଜିଲାରେ ବିୟର ଫ୍ୟାକ୍ଟ୍ରି କରିବାକୁ ୨୦୧୮ ନଭେମ୍ବର ୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭ ଦେଇଥିଲେ। ଏଥିପାଇଁ ୧୨ ଏକର ଜମି ଯୋଗାଇ ଦିଆଯାଇଥିଲା। ପ୍ରକଳ୍ପ ନିର୍ମାଣ କରିବା ପୂର୍ବରୁ ଝିଙ୍କରଗଡି ବନାଞ୍ଚଳରେ ଥିବା

- ଉଜୁଡିଯାଉଛି ଜଙ୍ଗଲ
- ରାସ୍ତା, ଶିଳ୍ପ ପାଇଁ ୪ ଲକ୍ଷ ୬୭ ହଜାର ଗଛ ଧ୍ୱଂସ

୫୦୦ ବଡ଼ ବଡ଼ ଗଛକୁ ଭୂଲୁଣ୍ଠିତ କରାଯାଇଥିଲା। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ପ୍ରବଳ ବିରୋଧ ଯୋଗୁ ଗଛ କଟାକୁ ସ୍ଥଗିତ ରଖାଯାଇଥିଲା। ମୁଖ୍ୟମନ୍ତ୍ରୀ ଗଛ କଟାକୁ ବନ୍ଦ କରିବା ସହ ଏହି ଘଟଣାର ଆରଡିସି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏତେସବୁ ଘଟଣା ପରେ ବିଧାନସଭାରେ ମନ୍ତ୍ରୀ କାହିଁକି ଉତ୍ତର ଦେଲେ ନାହିଁ ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

ଅନ୍ୟପକ୍ଷରେ ମନ୍ତ୍ରୀ ଉତ୍ତରରେ କହିଛନ୍ତି ଯେ, ରାସ୍ତା ଚଉଡା କରିବା ଏବଂ ଶିଳ୍ପ ପାଇଁ ଗତ ୩ ବର୍ଷ (୨୦୧୬-୧୭ରୁ ୨୦୧୮-୧୯)ମଧ୍ୟରେ ୪,୪,୬୭,୭୧୮ଟି ଗଛ କଟାଯାଇଛି। ରାସ୍ତା ନିର୍ମାଣ କରିବାକୁ ୪,୨୫,୨୮୧ଗଛ କଟାଯାଇଥିବା ବେଳେ ଶିଳ୍ପ ସ୍ଥାପନ ପାଇଁ ଗତ ୩ ବର୍ଷରେ ୪୨,୪୩୭ଟି ଗଛ କଟାଯାଇଛି। ୨୦୧୬-୧୭ରେ ସରକାର ରାସ୍ତା ନିର୍ମାଣ ପାଇଁ ୭୭,୩୦୫ ଗଛ କାଟିଥିବା ବେଳେ ୨୦୧୭-୧୮ରେ ୧,୧୩,୯୭୮ ଏବଂ ୨୦୧୮-୧୯ରେ ୨,୩୩,୯୯୮ ଗଛ କଟାଯାଇଛି। ସେହିପରି ଶିଳ୍ପ ସ୍ଥାପନ ପାଇଁ ୨୦୧୭-୧୮ରେ ୧୩, ୬୧୨ ଏବଂ ୨୦୧୮-୧୯ରେ ୧୭,୨୫୩ ଗଛ କଟାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କନସିରି ଗୋଟା ସୁଦ୍ଧା ଯାଉଛି**
**ପାନରୁ ଶିରା କଢ଼ା ହେଉଛି ।**

ଅଜସ୍ର ଅର୍ଥ ଅଯଥାରେ ବ୍ୟୟ ହୋଇଯାଉଥିବା ବେଳେ ସେଥିପ୍ରତି ଅନେକ ଦୃଷ୍ଟି ଦେଇ ନ ଥାନ୍ତି। ଅଥଚ ଅଳ୍ପ କେତେକ ଧନ ରକ୍ଷାହେବା ନିମନ୍ତେ ଅକ୍ଲାନ୍ତ ଚେଷ୍ଟା ଚଳାଇଥାନ୍ତି। ଅନ୍ୟ ଦିଗରେ ବହୁତ ଖର୍ଚ୍ଚ ହେଲାବେଳେ ସାମାନ୍ୟ କଥାରେ କୃପଣତା ଭାବ ପ୍ରଦର୍ଶନ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କଖାରୁ ଡଙ୍କ**
**ବଡ଼ଘର ପୁଅ ଏଡିକି ରଙ୍କ ।**

ଯାହା ପରେ ସବୁ ଅଛି, କିଛି ଅଭାବ ଅନଟନ ନାହିଁ , ସେ ଘରର ପିଲା ମଧ୍ୟ ବାହାରେ କେଉଁଠି ଜାଗା ଅଜାଗା ନ ବାରି ଭଲ ଜିନିଷ ଦେଖିଲେ ନ ପାଇବା ନ ଖାଇବା ଭଳି ବିକଳ ହୋଇ ପଡୁଥିବାର ଲକ୍ଷ୍ୟ କରାଯାଏ। ଧନୀଲୋକ ମଧ୍ୟ ରଙ୍କୁଣା ହୋଇପାରେ। ଥିଲାବାଲା ଘର ପିଲାଙ୍କର ଏପରି ସ୍ୱଭାବ ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବ୍ୟବସାୟୀ ରାକେଶ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

# ପୁଅ ମୁଖ୍ୟ ଅଭିଯୁକ୍ତ

**ବାଲିଆପାଳ, ୨୩।୭(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବାଲିଆପାଳ ଥାନାର ଟାଙ୍ଗରପିଟା ଗ୍ରାମରେ ଗତ ମାସ ୨୫ତାରିଖ ରାତିରେ କେତେଜଣ ଦୁର୍ବୃତ୍ତ ରାକେଶ ଚୌଧୁରୀ ନାମକ ଜଣେ କ୍ଷୀର ବ୍ୟବସାୟୀଙ୍କୁ ଗୁଳି କରି ହତ୍ୟା କରି ଫେରାର ହୋଇଯାଇଥିଲେ। ଏହି ହତ୍ୟାକାଣ୍ଡର ରହସ୍ୟ ମଙ୍ଗଳବାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ପୋଲିସ ତାଙ୍କ ପୁଅ ଅନୁଜ କୁମାର ଚୌଧୁରୀ ଓରଫ୍ ଗୁଡ୍ଡୁଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ବାଲିଆପାଳରୁ ଜଣେ ସହଯୋଗୀଙ୍କୁ ଗିରଫ କରାଯାଇଥିବା ବେଳେ ଗୁଡ୍ଡୁ ଓ ଅନ୍ୟ ଜଣଙ୍କୁ ଉତ୍ତରପ୍ରଦେଶରୁ ଗିରଫ କରାଯାଇଛି। ଏ ସମ୍ପର୍କରେ ବସ୍ତା ଏସ୍‌ଡ଼ିପିଓ ଓ ବାଲିଆପାଳ ଆଇଆଇସି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ ରାକେଶ ଚୌଧୁରୀ ଉତ୍ତରପ୍ରଦେଶର ବୁଲନ୍ଦସହର ଜିଲାର ମୂଳ ବାସିନ୍ଦା। ସେ ୨୦୦୬ରେ ଟାଙ୍ଗରପିଟା ଗ୍ରାମର ଆରତୀଙ୍କୁ ଦ୍ୱିତୀୟ ବିବାହ କରି ୨୦୧୩ରୁ ରହି ଆସୁଥିଲେ। ଏଠାରେ ସେ କ୍ଷୀର ବ୍ୟବସାୟ କରୁଥିଲେ। ରାକେଶ ଉତ୍ତରପ୍ରଦେଶରେ ନିଜ ନାମରେ ଥିବା ଜମିବାଡି ବିକ୍ରି କରି ପ୍ରାୟ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଏଠାକୁ ଆସିଥିଲେ। ତାଙ୍କର ପ୍ରଥମ ସ୍ତ୍ରୀ ଏବଂ ପିଲା ଛୁଆଙ୍କ କଥା କିଛି ବୁଝୁ ନ ଥିଲେ କିମ୍ବା ଜମିବାଡ଼ି ବିକ୍ରି କରିଥିବା ଟଙ୍କାରୁ କିଛି ଅଂଶ ମଧ୍ୟ ଦେଇ ନ ଥିଲେ। ଏଥିରେ ରାକେଶଙ୍କର



ପୋଲିସର ଖବରଦାତା ସମ୍ମିଳନୀ।

- ଉତ୍ତରପ୍ରଦେଶରୁ ୨ ଗିରଫ
- ଆଉ ଜଣେ ସହଯୋଗୀ ବାଲିଆପାଳରୁ ଗିରଫ
- କାର ଓ ବନ୍ଧୁକ ଜବତ

ପ୍ରଥମ ସ୍ତ୍ରୀଙ୍କ ପୁଅ ଗୁଡ୍ଡୁ ପ୍ରତିଶୋଧ ପରାୟଣ ହୋଇ ହତ୍ୟା ପାଇଁ ଯୋଜନା କରିଥିଲେ। ଗୁଡ୍ଡୁ ତାଙ୍କ ସହଯୋଗୀ ରାଜସ୍ଥାନର ପ୍ରବୀନ ଅଗ୍ରୱାଲ ଏବଂ ବୁଲନ୍ଦସହରର ଯଶରାଜ ଚୌଧୁରୀଙ୍କ ସହ ଏକ କାରରେ ବାଲିଆପାଳ ଆସି ବିଭିନ୍ନ ଲଜ୍‌ରେ ରହି ହତ୍ୟା ପାଇଁ ଯୋଜନା କରିଥିଲେ। ଗତ ମାସ ୨୫ ତାରିଖ ସନ୍ଧ୍ୟାରେ ସେମାନେ ଟାଙ୍ଗରପିଟା ନିକଟରେ ଅପେକ୍ଷା କରି ରହିଥିଲେ। ଯେତେବେଳେ ରାକେଶ ବାଇକ୍‌ରେ କ୍ଷୀର ଦେଇ ଘରକୁ ଫେରୁଥିଲେ ସେମାନେ ତାଙ୍କୁ ରାସ୍ତାରେ ଅଟକାଇ ପୁଅ ଗୁଡ୍ଡୁ ରାକେଶଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏହାପରେ ସେମାନେ କାର୍‌ରେ ଫେରାର ହୋଇଯାଇଥିଲେ। ବାଲିଆପାଳ ପୋଲିସ ଏକ ମାମଲା (ନଂ.୧୧୭/୧୯) ରୁଜୁ କରି ତଦନ୍ତ କରୁଥିଲା। ବାଲିଆପାଳ ଥାନା ଅଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ଉତ୍ତରପ୍ରଦେଶ ଯାଇ ଗୁଡ୍ଡୁଙ୍କ ସହଯୋଗୀ ପ୍ରବୀନ୍ ଅଗ୍ରୱାଲଙ୍କୁ ଗିରଫ କରିଥିଲେ। ଏହାପୂର୍ବରୁ ଉତ୍ତରପ୍ରଦେଶ ଜାହାଙ୍ଗିରପୁର ଥାନାଧିକାରୀ ପୁଅ ଗୁଡ୍ଡୁ ଏବଂ ଯଶରାଜଙ୍କୁ ଗତ ୨୩ତାରିଖରେ ଗିରଫ କରିବା ସହିତ ସେମାନେ ବ୍ୟବହାର କରିଥିବା ବନ୍ଧୁକକୁ ଜବତ କରିଥିଲେ। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଗୁଡ୍ଡୁ ଏବଂ ଯଶରାଜଙ୍କୁ ରିମାଣ୍ଡରେ ଆଣିବା ପାଇଁ ଖୁବଶୀଘ୍ର ବାଲିଆପାଳ ପୋଲିସର ଏକ ଦଳ ଉତ୍ତରପ୍ରଦେଶ ଯିବ ବୋଲି ଏସ୍‌ଡ଼ିପିଓ ରଣଜିତ ପୃଷ୍ଟି ସୂଚନା ଦେଇଛନ୍ତି।

# ବିଦ୍ୟୁତ୍ କର୍ମଚାରୀ ମୃତ୍ୟୁକୁ ନେଇ ଉତ୍ତେଜନା, ରାସ୍ତାରୋକୋ

**ଆଳି, ୨୩।୭ (ଡି.ଏନ୍.ଏ.)**

ଆଳି ଥାନା ଅଧୀନ ସାନଅଙ୍କୋ ଗ୍ରାମରେ ୧୧ କେଭିରେ ଫ୍ୟୁଜ୍ ବାନ୍ଧୁଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମଙ୍ଗଳବାର ଜଣେ ବିଦ୍ୟୁତ୍ କର୍ମଚାରୀଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ବେଲସରପୁର ଗ୍ରାମର କାଳନ୍ଦୀ ସିଂହ। କାଳନ୍ଦୀଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ବେଲସରପୁର ଗ୍ରାମର ଯୁବକମାନେ କ୍ଷତିପୂରଣ ଦାବିରେ କଟକ-ଚାନ୍ଦବାଲି ରାସ୍ତାର ସେସୁ ଅଫିସ୍ ଆଗରେ ରାସ୍ତାରୋକୋ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ିମୋଟର ଅଟକି ରହିଥିବା ବେଳେ କ୍ଷତିପୂରଣ ନ ମିଳିବା ଯାଏ ରାସ୍ତାରୋକୋ ପ୍ରତ୍ୟାହୃତ ନ କରିବା ଲାଗି ଯୁବକମାନେ ଅଡ଼ି ବସିଥିଲେ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ଏଭଳି ଅଘଟଣ ଘଟିଥିବାରୁ ସ୍ଥାନୀୟ ଯୁବକମାନେ କାଳନ୍ଦୀଙ୍କ ମୃତଦେହ ରଖି ରାସ୍ତା ଉପରେ ବସି ରହିଥିଲେ।

# ଓଡ଼ିଶାକୁ ୩,୩୦୦ କୋଟି ଫନୀ ସହାୟତା ମିଳିବା ନେଇ ସୂଚନା

**ଭୁବନେଶ୍ୱର, ୨୩।୭(ବ୍ୟୁରୋ):**

ବାତ୍ୟା ମୁକାବିଲାରେ ଓଡ଼ିଶା ସରକାରଙ୍କ କାର୍ଯ୍ୟକ୍ରମ ବ୍ୟବସ୍ଥା ବିଶ୍ୱସ୍ତରୀୟ ବୋଲି ବାତ୍ୟା କ୍ଷୟକ୍ଷତି ଓ ପୁନଃଥଇଥାନ ଆକଳନ ଲାଗି ଆସିଥିବା କେନ୍ଦ୍ରୀୟ ଟିମ୍ କହିଥିଲେ। ଯେତେଥର କେନ୍ଦ୍ରୀୟ ଟିମ୍ ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ସେତେଥର ଏହି ସମାନ କଥା କହିଲେ। ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କ ସହ ଆଲୋଚନା ସମୟରେ ସବୁବେଳେ ଉଚ୍ଚପଦସ୍ଥ ଅଧିକାରୀମାନେ ଅଧିକ ସହାୟତା ଯୋଗାଇ ଦେବାକୁ ଦାବି କରି ଆସୁଥିଲେ। ଏନ୍‌ଡିଆର୍‌ଏଫ୍ ସହାୟତା ନିୟମ ଅନୁଯାୟୀ ରାଜ୍ୟକୁ ଆଉ ୫୨୦୦ କୋଟି ଟଙ୍କା ଯଥାଶୀଘ୍ର ଯୋଗାଇଦେବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଅନୁରୋଧ କରି ଆସୁଥିଲେ। କେନ୍ଦ୍ରୀୟ ପ୍ରତିନିଧିମାନେ ମଧ୍ୟ କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରି ଖୁବ୍‌ଶୀଘ୍ର ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇ ଆସୁଥିଲେ। ଏବେ ରାଜ୍ୟକୁ ଅଧିକ ଫନୀ ସହାୟତା ଦେବା ପାଇଁ କେନ୍ଦ୍ର ପକ୍ଷରୁ ବିଚାର କରାଯାଇଥିବା ଜଣାପଡିଛି। ଫନୀ କ୍ଷତିପୂରଣ ବାବଦକୁ କେନ୍ଦ୍ର ସରକାର ୩୩୦୦କୋଟି ଟଙ୍କା ଦେବା ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ସୋମବାର ସେଣ୍ଟ୍ରାଲ ଏମ୍‌ପାୱାର କମିଟି ଓଡିଶାକୁ ୩୩୦୦କୋଟି ଟଙ୍କା ଦେବାକୁ ନିଷ୍ପତ୍ତି ନେଇଥିବା ଏକ ନିର୍ଦ୍ଦିଷ୍ଟ ସୂତ୍ରରୁ ଜଣାପଡିଛି। ଜଣେ କେନ୍ଦ୍ରୀୟ ଅଧିକାରୀଙ୍କ କହିବାନୁଯାୟୀ, ଫନୀ ପରେ ରାଜ୍ୟକୁ ବିଭିନ୍ନ କେନ୍ଦ୍ରୀୟ ଟିମ୍ ଆସି ବାତ୍ୟା କ୍ଷତିକ୍ଷତିର ଆକଳନ କରିଥିଲେ। ସେମାନେ ଦେଇଥିବା ରିପୋର୍ଟ ମୁତାବକ କେନ୍ଦ୍ର ସରକାର ଏହି ସହାୟତା ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି।

# ଏକ୍ସପୋର୍ଟ, ଇମ୍ପୋର୍ଟ କମ୍ପାନୀ ନାଁରେ ୭୫ଲକ୍ଷ ଠକେଇ

**ବାଲେଶ୍ୱର ଅଫିସ,୨୩।୭**

ବାଲେଶ୍ୱର ଜିଲା ସହଦେବଖୁଣ୍ଟା ମଡ଼େଲ ଥାନା ଭାସ୍କରଗଞ୍ଜ(ବି) ଅଞ୍ଚଳରେ ଗତ ୯ ତାରିଖରେ ନ୍ୟାଶନାଲ ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ କମ୍ପାନୀ ଖୋଲି ମାତ୍ର ୧୨ଦିନ ଭିତରେ ୭୫ଲକ୍ଷ ଟଙ୍କା ସଂଗ୍ରହ କରି ପଳାଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ମଙ୍ଗଳବାର ରାତି ୯ଟା ବେଳେ ୨୫ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ସହଦେବଖୁଣ୍ଟା ଥାନାକୁ ଆସି ଅଭିଯୋଗ କରିଛନ୍ତି।

ଉକ୍ତ ଅଞ୍ଚଳରେ ନ୍ୟାଶନାଲ ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ କମ୍ପାନୀ ଗତ ୯ ତାରିଖରେ ଖୋଲାଯାଇଥିଲା। ଖବରକାଗଜ ବିଜ୍ଞାପନ ମାଧ୍ୟମରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ଆକର୍ଷଣୀୟ ଦରମାରେ ମାର୍କେଟିଂ ଏଜେଣ୍ଟ ୨୫ଜଣ ଏବଂ ଅଫିସିଆଲ କର୍ମଚାରୀ ଭାବେ ୬ଜଣଙ୍କୁ ନିଯୁକ୍ତି ଦେଇଥିଲେ। ଏଜେଣ୍ଟମାନଙ୍କ ମାଧ୍ୟମରେ ଅର୍ଥ ଲଗାଣକାରୀ ବ୍ୟକ୍ତିମାନଙ୍କଠାରୁ ପ୍ରତିଦିନ ପୂର୍ବାହ୍ନ ୧୧ଟାରୁ ୧୨ଟା ମଧ୍ୟରେ

### ଥାନାରେ ଅଭିଯୋଗ

ସର୍ବନିମ୍ନ ୧୦ହଜାର ଟଙ୍କାଠାରୁ ଅଧିକ ଡିପୋଜିଟ୍ କରି ପୂର୍ବାହ୍ନ ସାଢ଼େ ୩ରୁ ୪ଟା ମଧ୍ୟରେ ୨ ପ୍ରତିଶତ ସୁଧ ହାରରେ ସୁଧ ଓ ମୂଳଧନ ଫେରାଉଥିଲେ। ଏହି ସୂତ୍ରରେ ମଙ୍ଗଳବାର ୩୨ଜଣ ଜମାକାରୀଙ୍କଠାରୁ ୭୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଡିପୋଜିଟ୍ ହୋଇଥିବାବେଳେ କମ୍ପାନୀର ମୁଖ୍ୟମାନେ ଅଫିସ୍ ଛାଡ଼ି ପଳାଇଥିବାର ଜଣାପଡ଼ିଛି। ଅପରାହ୍ନ ୫ଟା ସୁଦ୍ଧା ଟଙ୍କା ନ ପାଇବାରୁ ଏଜେଣ୍ଟ ଏବଂ ଜମାକାରୀମାନେ ଅଫିସ୍ ସମ୍ମୁଖରେ ଭିଡ଼ ଜମାଇଥିଲେ। ପରେ ହତାଶ ହୋଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଲଗାଣକାରୀ ବବୁଲ କୁମାର ନାୟକ ୮ଦିନ ଧରି ପ୍ରତିଦିନ ୨୦ହଜାର ଟଙ୍କା ଡିପୋଜିଟ୍ କରି ସୁଧ ଓ ମୂଳ ଟଙ୍କା ଫେରି ପାଉଥିବା ବେଳେ ମଙ୍ଗଳବାର ତାଙ୍କର ୨୦ହଜାର ଟଙ୍କା ଯାଇଥିବା ଜଣାପଡ଼ିଛି। ସେହିପରି ସାହିନା ବିବି ୧୨ଦିନ ଧରି ଟଙ୍କା ଦାଖଲ କରି ଫେରସ୍ତ ପାଉଥିବା ବେଳେ ଆଜି ତାଙ୍କର ୨୫ହଜାର ଟଙ୍କା ଚାଲି ଯାଇଥିବା ସେ ଅଭିଯୋଗ କରିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
H.No. 10, Mandi Road, Bathinda, Punjab

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି , ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ମଙ୍ଗଳବାର ଶକ୍ତିଶାଳୀ ବିସ୍ଫୋରଣ ଯୋଗୁ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୨ଜଣ ଆହତ ହୋଇଛନ୍ତି। କ୍ୱେଟାର ଇଷ୍ଟର୍ନ ବାଇପାସ୍ ଅଞ୍ଚଳର ଏକ ମେଡିକାଲ ଷ୍ଟୋର ନିକଟରେ ମୋଟରସାଇକେଲରେ ବିସ୍ଫୋରକ ଦ୍ରବ୍ୟ ଖଞ୍ଜାଯାଇଥିଲା। ଆହତମାନଙ୍କୁ ହସ୍ପିଟାଲ୍ ନିଆଯିବା ସହିତ ଜରୁରୀ ବ୍ୟବସ୍ଥା ଜାରି କରାଯାଇଥିବା କ୍ୱେଟାର ଡିଆଇଜି ଅବଦୁଲ ରଜାକ୍ ଚିମା ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ଭାଜପା ପକ୍ଷରୁ ୧୨ ଘଣ୍ଟିଆ ଅନୁଗୋଳ ବନ୍ଦ ଡାକରା

**ଅନୁଗୋଳ ଅଫିସ, ୨୩।୭:** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଶବ ସଂରକ୍ଷଣ ଗୃହରେ ରହୁଥିବା ମୃତଦେହରୁ ବାରମ୍ବାର ଆଖି ଗାଏବ ହେଉଛି। ଜଣେ ନାବାଳିକାଙ୍କୁ ବଳାତ୍କାର ସହ ହତ୍ୟା ଉଦ୍ୟମ କରାଯାଇଛି। ଏ ନେଇ ଭାଜପା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ବି କିଛି ସୁଫଳ ମିଳୁନାହିଁ। ତେଣୁ ଏହି ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ଭାଜପା ପକ୍ଷରୁ ବୁଧବାର ୧୨ ଘଣ୍ଟିଆ ଅନୁଗୋଳ ସହର ବନ୍ଦ ଡାକରା ଦିଆଯାଇଛି ବୋଲି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ କହିଛନ୍ତି। ଏହି ବନ୍ଦ ଡାକରାରେ ସହରର ବୁଦ୍ଧିଜୀବୀ, ବ୍ୟବସାୟୀ ପ୍ରତିଷ୍ଠାନ, ଜିଲା ଓକିଲ ସଂଘ, ବସ୍, ଟ୍ରକ୍ ମାଲିକ ସଂଘ, ଛୋଟ ଗାଡ଼ି ମାଲିକ ସଂଘ ଓ ସମସ୍ତ ଜନସାଧାରଣ ସାମିଲ ହେବାକୁ ପ୍ରଧାନ ଅନୁରୋଧ କରିଛନ୍ତି।

### ଆଜି ମହାପ୍ରଭୁଙ୍କ ବନକଲାଗି ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

**ପୁରୀ ଅଫିସ, ୨୩।୭:** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ନ ପ୍ରାୟ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ୪ଘଣ୍ଟା ଧରି ଦର୍ଶନ ବନ୍ଦ ରହିବ। ଏହି ସମୟରେ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ନାହିଁ। ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡାଙ୍କ ସୂଚନା ମୁତାବକ, ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିର ଜୟବିଜୟ ଦ୍ୱାର ବନ୍ଦ ହେବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।

### କରାବିରା ଜଙ୍ଗଲରେ ଦନ୍ତା ମୃତ

**ଢେଙ୍କାନାଳ ଅଫିସ,୨୩।୭:** ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ ଅଧୀନ କରାବିରା ଜଙ୍ଗଲରୁ ଏକ ଦନ୍ତା ହାତୀର ମୃତଦେହ ଠାବ କରାଯାଇଛି। ଏହାର ଆନୁମାନିକ ବୟସ ୮ବର୍ଷ ହେବ। ହାତୀଟି ଜଙ୍ଗଲ ତଳି ଅଞ୍ଚଳରେ ଥିବା ଏକ ପାଣିଭର୍ତ୍ତି ଗାଡ଼ିଆରେ ମରିପଡ଼ିଥିଲା। ବନ କର୍ମଚାରୀ ଘଟଣା ସ୍ଥଳରେ ତଦନ୍ତ କରିଛନ୍ତି। ଏ ନେଇ ଡିଏଫ୍ଓ ସୁଦର୍ଶନ ପାତ୍ର କୁହନ୍ତି, ହାତୀ ମରିପଡ଼ିଥିବା ସମ୍ପର୍କରେ ସନ୍ଧ୍ୟାରେ ସୂଚନା ମିଳିଛି। ମୃତହାତୀର ପାଟିରୁ ଫେଣ ବାହାରୁଥିବା ଦେଖିବାକୁ ମିଳିଛି। ରୋଗଗ୍ରସ୍ତ ହୋଇ ଦନ୍ତାର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଭୁବନେଶ୍ୱର ଓୟୁଏଟି କର୍ତ୍ତୃପକ୍ଷଙ୍କୁ ଏହାର ପରୀକ୍ଷା ଲାଗି ଅବଗତ କରାଯାଇଛି। ବିଶେଷଜ୍ଞମାନେ ନମୁନା ନେଇ ପରୀକ୍ଷା କରିବା ପରେ ହାତୀମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡିଏଫ୍ଓ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଦୁଇମାସ ମଧ୍ୟରେ ହିନ୍ଦୋଳ ରେଞ୍ଜରେ ଦନ୍ତା ଏବଂ ଶାବକଙ୍କୁ ମିଶାଇ ମୋଟ ୭ ହାତୀ ପ୍ରାଣ ହରାଇଲେଣି। ସମ୍ପୃକ୍ତ ଅଞ୍ଚଳରେ ବାରମ୍ବାର ହାତୀମୃତ୍ୟୁ ବନ ବିଭାଗର ଚିନ୍ତା ବଢ଼ାଇଛି। ହାତୀଙ୍କ ସୁରକ୍ଷା ଦିଗରେ ସୁଚିନ୍ତିତ ପଦକ୍ଷେପ ନେବାକୁ ପରିବେଶବିତ୍‌ମାନେ ଦାବି କରିଛନ୍ତି।

## ଭିତରକନିକା ଇକୋ-ଟୁରିଜମ୍

# ୩ ବର୍ଷରେ ୧ କୋଟି ୯୪ଲକ୍ଷ ଖର୍ଚ୍ଚ

**ଭୁବନେଶ୍ୱର,୨୩।୭(ବ୍ୟୁରୋ)**

କେନ୍ଦ୍ରାପଡ଼ା ଜିଲାରେ ଥିବା ଭିତରକନିକା ଲୁଣାଜଙ୍ଗଲ ବନ୍ୟଜୀବ ବନଖଣ୍ଡରେ ଜଙ୍ଗଲ ଓ ପରିବେଶ ବିଭାଗର ମୋଟ ୩ଟି ପରିବେଶ ପର୍ଯ୍ୟଟନସ୍ଥଳ ରହିଛି। ସେଗୁଡ଼ିକ ହେଲା ଡାଙ୍ଗମାଳ, ଗୁପ୍ତି ଓ ହବାଳୀଖଟି ଇକୋ ଟୁରିଜମ୍। ଏଠାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ବିଗତ ୩ବର୍ଷରେ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏବାବଦକୁ ୧ କୋଟି ୯୩ଲକ୍ଷ ୮୨ ହଜାର ୨ଶହ ଟଙ୍କା ବ୍ୟୟ କରାଯାଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସୂଚନା ଦେଇଛନ୍ତି।

ବିଧାନସଭାରେ ବିଧାୟକ ବ୍ୟୋମକେଶ ରାୟ ପଚାରିଥିବା ଭିତରକନିକାର ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଆରୁଖ କହିଛନ୍ତି, ୨୦୧୬-୧୭ ଆର୍ଥିକ ବର୍ଷରେ ୪ ଲକ୍ଷ ୯୭ ହଜାର ୭ଶହ ଟଙ୍କାରେ ଡାଙ୍ଗମାଳଠାରେ ପର୍ଯ୍ୟଟକଙ୍କ ପାଇଁ ଇ-ରିକ୍ସା ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିଲା। ୧ କୋଟି ୪ଲକ୍ଷ ଟଙ୍କା ବ୍ୟୟରେ ହିରନ୍ ହାଉସ୍ ନିର୍ମାଣ କରାଯାଇଛି। ୨୦୧୭-୧୮ରେ ୧୦ଲକ୍ଷ ଟଙ୍କା ବ୍ୟୟରେ ଡାଙ୍ଗମାଳରେ ଶୌଚାଳୟ ସୁବିଧା ଉପଲବ୍ଧ କରାଯାଇଛି। ଗୁପ୍ତିଠାରେ ୨୦୧୬-୧୭ ଆର୍ଥିକବର୍ଷରେ ୬ଟି ନୂଆ କୋଠରିକୁ ଇକୋ-ଟୁରିଜମ୍ ପାଇଁ ରୂପାନ୍ତର ପାଇଁ ୨ ଲକ୍ଷ ୮୪ ହଜାର ୫୦୦ ଟଙ୍କା ଓ ୨୦୧୮-୧୯ ଆର୍ଥିକବର୍ଷରେ ଗୁପ୍ତି ବନବିଭାଗ ଜେଟ୍ଟୀର ପୁନରୁଦ୍ଧାର ପାଇଁ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ହବାଳୀଖଟି ପରିବେଶ ପର୍ଯ୍ୟଟନସ୍ଥଳୀରେ ୨୦୧୭-୧୮ ଆର୍ଥିକବର୍ଷରେ ୫୦ଲକ୍ଷ ଟଙ୍କା ବ୍ୟୟରେ ୩ଟି ନୂଆ କୋଠରି ନିର୍ମାଣ ଓ ୨୦୧୮-୧୯ରେ ୨୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଆଉଏକ ନୂଆ କୋଠରି ପ୍ରସ୍ତୁତ କରାଯାଇଛି। ଡାଙ୍ଗମାଳ ପରିବେଶ ପର୍ଯ୍ୟଟନସ୍ଥଳୀରେ ପ୍ରାୟ ୩୭ଜଣ ପର୍ଯ୍ୟଟକ ରହିବାର ବ୍ୟବସ୍ଥା ଥିବାବେଳେ ଏଠାରେ ୧୩ଟି ଶୀତତାପ ନିୟନ୍ତ୍ରିତ କୋଠରି ଓ ୩ଟି ସାଧାରଣ କୋଠରି ରହିଛି। ସେହିଭଳି ଗୁପ୍ତିଠାରେ ୧୨ଜଣ ପର୍ଯ୍ୟଟକ ରହିବାର ସୁବିଧା ଥିବାବେଳେ ଏଠାରେ ୬ଟି ଶୀତତାପ ନିୟନ୍ତ୍ରିତ କୋଠରି ରହିଛି। ହବାଳୀଖଟିରେ ୫ଟି ବିନା ଶୀତତାପ ନିୟନ୍ତ୍ରିତ କୋଠରି ଥିବାବେଳେ ଏଠାରେ ୧୪ଜଣ ପର୍ଯ୍ୟଟକ ରାତ୍ରିରହଣି କରିବାସହ ସୁସ୍ୱାଦୁ ବ୍ୟଞ୍ଜନର ମଜା ନେଇପାରିବେ। ଏହି ସମସ୍ତ ପରିବେଶ ପର୍ଯ୍ୟଟନସ୍ଥଳୀରେ ରହିବା ଲାଗି ଦେଶ ବିଦେଶର ପର୍ଯ୍ୟଟକମାନେ ଓଏଫ୍‌ଡିସି ୱେବ୍‌ସାଇଟ୍ www.eco-tourodisha.com ରେ ଅନ୍‌ଲାଇନ ବୁକିଂ କରିପାରୁଛନ୍ତି। ଏଠାରେ ଆବଶ୍ୟକ ମୌଳିକ ସୁବିଧା ସହ ପରିଷ୍କାର ପରିଚ୍ଛନ୍ନତା, ଅତ୍ୟାଧୁନିକ ବୋଟିଂ ବ୍ୟବସ୍ଥା ଓ ଗାଇଡ୍ ସେବା ପ୍ରଦାନ କରାଯାଉଛି। ସ୍ଥାନୀୟ ଅଧିବାସୀଙ୍କ ଦ୍ୱାରା ପରିବେଶ ପର୍ଯ୍ୟଟନସ୍ଥଳୀର ପରିଚାଳନା କରାଯାଉଥିବାରୁ ସେମାନଙ୍କ ଆର୍ଥିକ ସ୍ଥିତିରେ ଅନେକ ସୁଧାର ଆସିପାରିଛି। ଚାନ୍ଦବାଲିଠାରେ ଭଦ୍ରକ ବନ୍ୟଜୀବ ବନଖଣ୍ଡ ତରଫରୁ ପ୍ରବେଶ ଅନୁମତି ବା ଏଣ୍ଟ୍ରି ପର୍ମିଟ୍ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସେଠାରେ ଭାସମାନ ଜେଟ୍ଟୀ, ଶୌଚାଳୟ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଖୋଲାଠାରେ ଏଣ୍ଟ୍ରି ପର୍ମିଟ୍ ପ୍ରଦାନ କରାଯିବା ସହ ସେଠାରେ ନୂତନ ଜେଟ୍ଟୀ ପାଇଁ ୨୦୧୭-୧୮ ଆର୍ଥିକବର୍ଷରେ ୧୬ଲକ୍ଷ ଟଙ୍କା ଏବଂ ପର୍ଯ୍ୟଟକ ବିନୋଦନ କେନ୍ଦ୍ର ପାଇଁ ୨୦୧୮-୧୯ବର୍ଷରେ ୬ଲକ୍ଷ ୧୬ ହଜାର ଟଙ୍କା ବ୍ୟୟ କରାଯାଇଥିବା ଆରୁଖ ସୂଚନା ଦେଇଛନ୍ତି।

## ବାପାଙ୍କ ମୃତ୍ୟୁ ଖବର ଦେବାକୁ ଆସି ପୁଅର ମୃତ୍ୟୁ

**ଦଶପଲ୍ଲା,୨୩।୭(ଡି.ଏନ.ଏ.)**

ତିନି ଦିନ ତଳେ ବାପାଙ୍କ ଦେହାନ୍ତ ହୋଇଛି। ସମ୍ପର୍କୀୟଙ୍କୁ ଏହି ଦୁଃଖଦ ଖବର ଜଣାଇବାକୁ ମଙ୍ଗଳବାର ଘରୁ ବାହାରି ଯାଇଥିଲେ ପୁଅ। ହେଲେ ସମ୍ପର୍କୀୟଙ୍କ ଘରେ ପହଞ୍ଚିବା ପୂର୍ବରୁ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଲେ ସେ। ଏଭଳି ଅଭାବନୀୟ ଘଟଣା ଘଟିଛି ନୟାଗଡ଼ ଜିଲା ଶରଧାପୁର ଇଟାମାଟି ଗ୍ରାମରେ। ମୃତକ ହେଲେ ଲକ୍ଷ୍ମୀଧର ବେହେରା (୩୪)। ବାପାଙ୍କ ମୃତ୍ୟୁ ଖବର ଦେବାକୁ ଆସି ଦୁର୍ଘଟଣାରେ ପୁଅର ମୃତ୍ୟୁ ଘଟଣାରେ ପରିବାର ସଦସ୍ୟଙ୍କ ସମେତ ଗ୍ରାମବାସୀ ମର୍ମାହତ। ଏନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ପ୍ରକାଶ ଯେ, ଲକ୍ଷ୍ମୀଧରଙ୍କ ବାପା ହରିହର ବେହେରାଙ୍କ ତିନି ଦିନ ତଳେ ମୃତ୍ୟୁ ଘଟିଛି। ଏହି ଖବର ସମ୍ପର୍କୀୟ ଲୋକଙ୍କୁ ଦେବା ନିମନ୍ତେ ହରିହରଙ୍କ ମଧ୍ୟମ ପୁତ୍ର ଲକ୍ଷ୍ମୀଧର ଇଟାମାଟିରୁ ଏକ ବାଇକ୍ ଯୋଗେ ଦଶପଲ୍ଲା ଅଭିମୁଖେ ଆସୁଥିଲେ। ପୂର୍ବାହ୍ନ ୬ଟାରେ ଖୋର୍ଦ୍ଧା-ବଲାଙ୍ଗୀର ରାସ୍ତାର ଦଶପଲ୍ଲା ନିକଟବର୍ତ୍ତୀ ଚକ୍ରଧରପୁର ଗ୍ରାମଠାରେ ଏକ ତେଲ ଟାଙ୍କି ନିକଟରେ ଟ୍ରକ୍ ସହ ତାଙ୍କ ବାଇକର ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦଶପଲ୍ଲା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ସ୍ଥାନୀୟ ଡାକ୍ତରଖାନାକୁ ପଠାଇଥିଲା। ପୋଲିସ ଟ୍ରକ୍ ଓ ବାଇକକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏ ସମ୍ପର୍କରେ ଦଶପଲ୍ଲା ଥାନାରେ ଏକ ମକଦ୍ଦମା ନଂ.୮୭/୧୯ ରୁଜୁ କରିଥିବା ତଦନ୍ତକାରୀ ଅଫିସର ରଘୁନାଥ ଷଡ଼ଙ୍ଗୀଙ୍କଠାରୁ ପ୍ରକାଶ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରୁଛନ୍ତି କେନ୍ଦ୍ର ଇସ୍ପାତ ସଚିବ ବିନୟ କୁମାର।

## ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କଲେ ଇସ୍ପାତ ସଚିବ

**ଭୁବନେଶ୍ୱର, ୨୩।୭(ବ୍ୟୁରୋ):** ଓଡ଼ିଶା ଖଣିଜ ଶିଳ୍ପ କ୍ଷେତ୍ରରେ ବହୁ ଗୁରୁତ୍ୱ ବହନ କରିଆସୁଛି। ୨୦୩୦ ସୁଦ୍ଧା ଓଡ଼ିଶା ୧୦୦ ମିଲିୟନ ଟନ୍ ଖଣିଜ ପଦାର୍ଥ ଉତ୍ପାଦନ କରିବ। ସେଥିଲାଗି ଷ୍ଟିଲ ହବ୍, ଭିତ୍ତିଭୂମି ଓ ଷ୍ଟିଲ କ୍ଲଷ୍ଟର କ୍ଷେତ୍ରରେ ଉନ୍ନତି ଆଣିବା ପ୍ରଥମ ଲକ୍ଷ୍ୟ ରହିଛି। ଏହାର ବିକାଶ ପାଇଁ କଣ ସବୁ ପଦକ୍ଷେପ ଗ୍ରହଣ କରାଯାଇପାରିବ ସେନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା ହୋଇଥିବା କେନ୍ଦ୍ର ଇସ୍ପାତ ସଚିବ ବିନୟ କୁମାର କହିଛନ୍ତି। ମଙ୍ଗଳବାର ଇସ୍ପାତ ସଚିବ ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବା ପରେ ଏହା କହିଛନ୍ତି। ରାଜ୍ୟର ଖଣିଜ ଉତ୍ପାଦନ ୩୩ % ରହିଛି। ଏହାକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛୁ। କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ମଧ୍ୟ ଏହାକୁ ବୃଦ୍ଧି କରି ୧୦୦ ମିଲିୟମ ଟନ୍‌ରେ ପହଞ୍ଚାଇବୁ। ସେଥିଲାଗି ରେଳ, ସ୍ଥଳ ଓ ଜଳ ପଥର ଉନ୍ନତି କରଣ କରିବାର ଆବଶ୍ୟକତା ରହିଛି। ଏନେଇ ସେ କେନ୍ଦ୍ରକୁ ଏହି ପ୍ରସଙ୍ଗରେ ଜଣାଇବାକୁ ଆଶ୍ୱସନା ଦେଇଥିବା ରାଜ୍ୟ ସରକାର କହିଛନ୍ତି।

## ଦେଶରେ ୨୩, ଓଡ଼ିଶାରେ ୨ ନକଲି ବିଶ୍ୱବିଦ୍ୟାଳୟ

- ଉତ୍ତରପ୍ରଦେଶରେ ସର୍ବାଧିକ ୮, ଦିଲ୍ଲୀରେ ୭

**ଭୁବନେଶ୍ୱର, ୨୩।୭(ବ୍ୟୁରୋ)**

ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ(ୟୁଜିସି) ମଙ୍ଗଳବାର ନକଲି ବିଶ୍ୱବିଦ୍ୟାଳୟ ସଂକ୍ରାନ୍ତ ତଥ୍ୟ ପ୍ରକାଶ କରିଛି। ଦେଶରେ ନିଜସ୍ୱ ଢଙ୍ଗରେ ୨୩ ନକଲି ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରୁଛି। ଉତ୍ତରପ୍ରଦେଶରେ ସର୍ବାଧିକ ୮ ନକଲି ବିଶ୍ୱବିଦ୍ୟାଳୟ ରହିଥିବାବେଳେ ଏହି ତାଲିକାରେ ରାଜଧାନୀ ଦିଲ୍ଲୀର ୭ ବିଶ୍ୱବିଦ୍ୟାଳୟ ରହିଛି। ତେବେ ନକଲି ବିଶ୍ୱବିଦ୍ୟାଳୟ ତାଲିକାରୁ ବାଦ୍ ପଡ଼ିନି ଓଡ଼ିଶା। ଓଡ଼ିଶାରେ ୨ଟି ନକଲି ବିଶ୍ୱବିଦ୍ୟାଳୟ ଚାଲୁଥିବା ୟୁଜିସି ତଥ୍ୟରୁ ଜଣାପଡ଼ିଛି। ରାଉରକେଲା ଶକ୍ତିନଗରସ୍ଥିତ ନବଭାରତ ଶିକ୍ଷା ପରିଷଦ ଓ ବାରିପଦାଠାରେ ରହିଥିବା ଉତ୍ତର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ନକଲି ଥିବା ଜଣାପଡ଼ିଛି। ସେହିପରି ପଶ୍ଚିମବଙ୍ଗରେ ୨, କର୍ଣ୍ଣାଟକରେ ୨, ମହାରାଷ୍ଟ୍ରରେ ୧, ପଣ୍ଡିଚେରୀରେ ୧ ବିଶ୍ୱବିଦ୍ୟାଳୟ ନକଲି ରହିଛି। ଏସବୁ ବିଶ୍ୱବିଦ୍ୟାଳୟରେ ନାମ ନ ଲେଖାଇବା ପାଇଁ ୟୁଜିସି ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ସତର୍କ କରାଯାଇଛି।

## ଅନୁଗୋଳ ମେଡିକାଲରେ ପୁଣି ଉତ୍ତେଜନା

# ବ୍ୟବଚ୍ଛେଦ ପୂର୍ବରୁ ଆଖି ଗାଏବ

- ସପ୍ତାହକ ମଧ୍ୟରେ କାର୍ଯ୍ୟକ୍ଷମ ହେବ ନୂଆ ଶବ ସଂରକ୍ଷଣ ଗୃହ
- ଲାଗିବ ସିସିଟିଭି, ଦିଆଗଲା ୩୦ ହଜାର ସହାୟତା
- ୪ ଦିନ ମଧ୍ୟରେ ଏହା ଦ୍ୱିତୀୟ ଘଟଣା

**ଅନୁଗୋଳ ଅଫିସ, ୨୩।୭**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଶବ ସଂରକ୍ଷଣ ଗୃହରେ ଥିବା ଏକ ମୃତଦେହରୁ ପୁଣି ଗାଏବ ହୋଇଛି ଆଖି। ମଙ୍ଗଳବାର ସକାଳେ ଏପରି ଏକ ଅଭିଯୋଗକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ଆଡିସିନାଲ ଏସ୍‌ପି ଯଦୁନାଥ ହାସଁଦା, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଲକ୍ଷ୍ମୀ ନାରାୟଣ ବିଷୋୟୀ ଓ ଉପଜିଲାପାଳ ବାସୁଦେବ ଶତପଥୀ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ଘଟଣାର ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ୩୦ ହଜାର ଟଙ୍କାର ସହାୟତା ଓ ଅନ୍ୟାନ୍ୟ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ଉତ୍ତେଜନା ଥମିଥିଲା।

ଅଭିଯୋଗ ଅନୁଯାୟୀ, ଛେଣ୍ଡିପଦା ବ୍ଲକ କୁଶକିଲା ଗ୍ରାମର ଜନ୍ମେଶ୍ୱର ନାଏକ(୩୨) ଓ ବିଭୂତି ଭୂଷଣ ଅନୁଗୋଳ ସହରରୁ ଫେରୁଥିବା ବେଳେ ଏକ ପିକ୍‌ଅପ୍ (ନଂ. ଓଆର୧୯ଡି-୬୨୬୧) ଉଭୟଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜନ୍ମେଶ୍ୱରଙ୍କ ମୃତ୍ୟୁ ହୋଇଥିଲା। ବିଭୂତି ଗୁରୁତର ହୋଇଥିଲେ। ୧୦୮ ଆମ୍ବୁଲାନ୍ସରେ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରୁ ବିଭୂତିଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସନ୍ଧ୍ୟା ହୋଇଯାଇଥିବାରୁ ଜନ୍ମେଶ୍ୱରଙ୍କ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଥିଲା। ମଙ୍ଗଳବାର ସକାଳ ୮ଟା ବେଳେ ଜନ୍ମେଶ୍ୱରଙ୍କ ପରିବାର ବର୍ଗ ମେଡିକାଲରେ ପହଞ୍ଚିଥିଲେ। ପଞ୍ଚନାମା ପାଇଁ ପୋଲିସ ମୃତଦେହ ବାହାରକୁ କାଢ଼ିବା ପରେ ଜନ୍ମେଶ୍ୱରଙ୍କ ଡାହାଣ ଆଖି ଗାଏବ ହୋଇଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଖବରପାଇ ଭାଜପା ନେତା ପ୍ରତାପ ଚନ୍ଦ୍ର ପ୍ରଧାନ, କଂଗ୍ରେସ ନେତା ବିପ୍ଳବ ଜେନାଙ୍କ ସହ ଉଭୟ ଦଳର ବହୁ କର୍ମୀ ଓ ଜନସାଧାରଣ ମେଡିକାଲରେ ପହଞ୍ଚି ସିଡିଏମ୍ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ଧାରଣା ଦେଇଥିଲେ। ଅନୁଗୋଳ ଥାନା ଅଧିକାରୀ, ଆଡିସିନାଲ ଏସ୍‌ପି, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ପରିସ୍ଥିତି ଶାନ୍ତ ପଡ଼ି ନ ଥିଲା। ପରେ ଉପଜିଲାପାଳ ବାସୁଦେବ ଶତପଥୀ ପହଞ୍ଚି ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଏଥିସହ ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାର ଲୋକଙ୍କୁ ୨୦ ହଜାର ଟଙ୍କା, ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୧୦ ହଜାର ଟଙ୍କା ଅନ୍ତିମ ସଂସ୍କାର ପାଇଁ ପ୍ରଦାନ କରାଯିବା ସହ ଆମ୍ବୁଲାନ୍ସରେ ମୃତଦେହ ତାଙ୍କ ଘରକୁ ପଠାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମେଡିକାଲରେ ନିର୍ମାଣ ହୋଇଥିବା ନୂତନ ଶବ ସଂରକ୍ଷଣଗୃହ ସପ୍ତାହ ମଧ୍ୟରେ କାର୍ଯ୍ୟକ୍ଷମ କରାଯିବ ବୋଲି ଏଡିଏମ୍ଓ ମେଡିକାଲ ବିଶୋଇ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟ ମଧ୍ୟରେ ଯଦି ରାତିରେ ମୃତଦେହ ଆସେ ତା'ହେଲେ ତୁରନ୍ତ ବ୍ୟବଚ୍ଛେଦ କରାଯିବ ବୋଲି ମଧ୍ୟ ପ୍ରଶାସନ ପକ୍ଷରୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା। ଏଥିସହ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଉପଜିଲାପାଳ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଶବ ସଂରକ୍ଷଣ ଗୃହରେ ସିସିଟିଭି ଲଗାଯିବାର ବ୍ୟବସ୍ଥା କରିବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯିବା ପରେ ଉତ୍ତେଜନା ଥମିଥିଲା।

## 'ଜାତୀୟ ଶିକ୍ଷାନୀତି ନିରନ୍ତର ଶିକ୍ଷା ପାଇଁ ପ୍ରୋତ୍ସାହନ ଯୋଗାଇବ'

**ଭୁବନେଶ୍ୱର, ୨୩।୭(ବ୍ୟୁରୋ)**




ଜାତୀୟ ଶିକ୍ଷାନୀତି କର୍ମଶାଳାରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ଉଦ୍‌ବୋଧନ ଦେଉଛନ୍ତି।

ପ୍ରଣୟନ ହେବାକୁ ଥିବା ଜାତୀୟ ଶିକ୍ଷାନୀତି ସମାଜର ଉପଦେୟତା, ପ୍ରୟୋଜନୀୟତା ଏବଂ ପ୍ରୟୋଗୀକରଣ ଉପରେ ପର୍ଯ୍ୟବେଶିତ ହେବା ଆବଶ୍ୟକ। ଜାତୀୟ ଶିକ୍ଷାନୀତି ନିରନ୍ତର ଶିକ୍ଷା ପ୍ରଦାନକୁ ପ୍ରୋତ୍ସାହିତ କରିବ ବୋଲି ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି। ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଦୁଇଦିନିଆ ଜାତୀୟ ଶିକ୍ଷାନୀତି କର୍ମଶାଳା-୨୦୧୯କୁ ଉଦ୍‌ଘାଟନ କରି ମନ୍ତ୍ରୀ ଦାସ ଏହା କହିଛନ୍ତି।

ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସାଧାରଣ ଶିକ୍ଷା ସହିତ ମାନସିକ ଦକ୍ଷତା ଓ ଶାରୀରିକ ଦକ୍ଷତାରେ ବିକାଶର ଆବଶ୍ୟକତା ରହିଛି ବୋଲି କହିଥିଲେ। ଗଣଶିକ୍ଷା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ମହାପାତ୍ର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ପରାମର୍ଶଦାତା ବିଜୟ କୁମାର ସାହୁ, ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଶାଶ୍ୱତ ମିଶ୍ର, ୟୁନିସେଫ୍‌ର ରାଜ୍ୟ ମୁଖ୍ୟ ଡ. ମୋନିକା ଓ. ନିଲ୍‌ସନ୍ ଏବଂ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଗଙ୍ଗାଧର ସାହୁ, ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍, ଶିକ୍ଷକ ସଂଘ, ଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ, ଜାତିସଂଘ ପ୍ରତିନିଧି, ୟୁ.ଏନ୍ ଏଜେନ୍ସି, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ଜାତୀୟ ଶିକ୍ଷାନୀତିରେ ଘରୋଇ ସ୍କୁଲରେ ଫି' ଷ୍ଟ୍ରକ୍ଚରକୁ ନିୟନ୍ତ୍ରଣ କରିବା, ଘରୋଇ ସ୍କୁଲରେ ଏନ୍‌ସିଇଆର୍‌ଟି ପୁସ୍ତକ ବ୍ୟବହାର କରିବା, ପ୍ରତି ୪ମାସରେ ଥରେ ଅଭିଭାବକ ବୈଠକ, ୩ରୁ ୬କ୍ଲାସ୍ ପର୍ଯ୍ୟନ୍ତ ଶିକ୍ଷା କ୍ଷେତ୍ରରେ କୌଣସି ଚାପ ନ ଦେବା, ଧନ୍ଦାମୂଳକ ଶିକ୍ଷା ସାମିଲ କରାଗଲେ ଭଲ ହୁଅନ୍ତା ବୋଲି ଅଭିଭାବକ ମହାସଂଘ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି।

## ସ୍ମେଲ୍‌ଟରରେ ଦୁର୍ଘଟଣା, ୪ ଆହତ



ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦ ଜଣେ ଆହତଙ୍କ ଚିକିତ୍ସା ତଦାରଖ କରୁଛନ୍ତି।

**ବଣ୍ଟଁରପାଳ,୨୩।୭(ଡି.ଏନ.ଏ.)**

ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟ କାଷ୍ଟ ହାଉସ ବି ପରିସରରେ ମଙ୍ଗଳବାର ଦୁର୍ଘଟଣା ଘଟି ୪ ଶ୍ରମିକ ଆହତ ହୋଇଛନ୍ତି। ସେମାନେ ହେଲେ ରିଙ୍କିନ ସାହୁ, ମିଥୁନୁ ନାଥ, ବିଶ୍ୱେଶ୍ୱର ସାମଲ ଓ ରାଜନୀକାନ୍ତ ପରିଡା। ପ୍ଲାଣ୍ଟ ପରିସରରେ ସେମାନେ କାମ କରୁଥିବାବେଳେ ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ ହଠାତ୍ ଜୋରଦାର ନିଆଁ ବାହାରିଥିଲା। ଫଳରେ ୪ ଜଣ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ନାଲ୍‌କୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ସମସ୍ତଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଏହି ଖବରପାଇ ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦଙ୍କ ସମେତ ଉଚ୍ଚପଦସ୍ଥ ଅଧିକାରୀମାନେ ଭୁବନେଶ୍ୱରଠାରେ ଆହତମାନଙ୍କୁ ଭେଟିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିଥିଲେ। ସେମାନଙ୍କୁ କିପରି ଉପଯୁକ୍ତ ଚିକିତ୍ସା ସହ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯିବ ସେଥିପ୍ରତି ନାଲ୍‌କୋ ଦୃଷ୍ଟି ଦେବ ବୋଲି ସିଏମ୍‌ଡି କହିଛନ୍ତି।

## ଜାତୀୟସ୍ତରରେ ଓଡ଼ିଶା ସ୍ୱୟଂ ସହାୟକ ଗୋଷ୍ଠୀ ପୁରସ୍କୃତ

**ଭୁବନେଶ୍ୱର,୨୩।୭(ବ୍ୟୁରୋ)**

ଜାତୀୟ ସ୍ତରରେ ପୁରସ୍କୃତ ହୋଇଛି ଓଡ଼ିଶାର ମତ୍ସ୍ୟ ଉତ୍ପାଦକ ସ୍ୱୟଂ ସହାୟକ ଗୋଷ୍ଠୀ। ଜାତୀୟ ମତ୍ସ୍ୟଚାଷୀ ଦିବସ ଅବସରରେ ଗଞ୍ଜାମ ଜିଲା ସାନଖେମୁଣ୍ଡିର ମା' ବେହେରା ପାତ୍ର ପ୍ରାଥମିକ ମହିଳା ମତ୍ସ୍ୟ ଉନ୍ନୟନ ସମବାୟ ସମିତି ଜାତୀୟ ସ୍ତରରେ ଓଡ଼ିଶାର ଶ୍ରେଷ୍ଠ ମତ୍ସ୍ୟ ଉତ୍ପାଦନକାରୀ ଗୋଷ୍ଠୀ ଭାବେ ପୁରସ୍କୃତ ହୋଇଛି। ଉନ୍ନତ ପ୍ରଣାଳୀରେ ମାଛ ଉତ୍ପାଦନ କରି ସଫଳତା ହାସଲ କରିଥିବାରୁ ମା' ବେହେରା ପାତ୍ର ପ୍ରାଥମିକ ମହିଳା ମତ୍ସ୍ୟ ଉନ୍ନୟନ ସମବାୟ ସମିତିକୁ ଜାତୀୟ ସ୍ତରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ୨୦୧୧ରେ ଗଠିତ ଏହି ସ୍ୱୟଂ ସହାୟକ ଗୋଷ୍ଠୀରେ ବର୍ତ୍ତମାନ ୬୪ ଜଣ ସଦସ୍ୟ ଥିବାବେଳେ ଏମାନେ ବାର୍ଷିକ ୧,୨୦,୦୦୦ କିଲୋଗ୍ରାମ ମାଛ ଉତ୍ପାଦନ କରିଥାନ୍ତି। ଉତ୍ପାଦିତ ମାଛକୁ ସେମାନେ ସ୍ଥାନୀୟ ବଜାରରେ ବିକ୍ରି କରିବା ସହ ଅନ୍ୟ ଜିଲାକୁ ମଧ୍ୟ ବିକ୍ରିପାଇଁ ପଠାଇଥାନ୍ତି। ମତ୍ସ୍ୟ ଚାଷରୁ ସମିତିର ପ୍ରତି ସଦସ୍ୟ ମାସକୁ ପ୍ରାୟ ୧୨ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିଥାନ୍ତି। ମିଶନ ଶକ୍ତି କାର୍ଯ୍ୟକ୍ରମ ଜରିଆରେ ଆର୍ଥିକ ଲାଭବାନ ହୋଇଥିବା ସାନଖେମୁଣ୍ଡିର ଏହି ମହିଳା ମତ୍ସ୍ୟ ଉତ୍ପାଦକ ଗୋଷ୍ଠୀ ଏବେ ରାଜ୍ୟର ଲକ୍ଷ ଲକ୍ଷ ମହିଳାଙ୍କ ଆର୍ଥିକ ବିକାଶ ଦିଗରେ ପ୍ରେରଣା ପାଲଟିଛନ୍ତି। ସୂଚନାଯୋଗ୍ୟ, ୨୦୦୧ରୁ ଆରମ୍ଭ ହୋଇଥିବା ମିଶନ ଶକ୍ତି କାର୍ଯ୍ୟକ୍ରମରେ ଏବେ ୬ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ପ୍ରାୟ ୭୦ ଲକ୍ଷ ମହିଳା ଅନ୍ତର୍ଭୁକ୍ତ ଅଛନ୍ତି।



ଜାତୀୟସ୍ତରରେ ପୁରସ୍କୃତ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା।

## ଚୁମୁକିଙ୍କ ଓପନ ହାର୍ଟ ସର୍ଜରି ହେବ

**ଧରିତ୍ରୀ ପ୍ରଭାବ**

**ମାଲକାନଗିରି, ୨୩।୭ (ଡି.ଏନ୍.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ବୋଇଲାପାରି ଗ୍ରାମର ମୁଡା କବାସୀଙ୍କ ଝିଅ ଚୁମୁକି କବାସୀ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇଥିଲେ। ତାଙ୍କର ଚିକିତ୍ସା ପାଇଁ ୫ ଲକ୍ଷ ଟଙ୍କା ଆବଶ୍ୟକ ପଡୁଥିବାରୁ ଏନେଇ ଚିକିତ୍ସାରେ ଅର୍ଥବାଧକ ସାଜିଥିବା ଖବର ଧରିତ୍ରୀରେ ଗତ ୨୦ ତାରିଖ ସଂସ୍କରଣରେ ପ୍ରକାଶ ପାଇଥିଲା। ତାଙ୍କ ପରିବାର ଗରିବ। କୁଲି ମଜୁରି ଲାଗି ଘର ଚଳୁଥିବାରୁ ଅର୍ଥାଭାବ ଯୋଗୁ ଝିଅର ଚିକିତ୍ସା କରିପାରୁ ନ ଥିଲେ। ଚିକିତ୍ସା ଅଭାବରୁ ୧୬ ବର୍ଷର ଝିଅ ଚୁମୁକି ଘରେ ଶଯ୍ୟାରେ ପଡି ରହିଥିଲେ। ଏହି ଖବର ପ୍ରକାଶ ପାଇବା ପରେ ବରଗଡ ଜିଲା ପାଇକମାଳର ଦୀପା ବାରିକ ନାମ୍ନୀ ଜଣେ ସାମାଜିକ କର୍ମୀ ପ୍ରକାଶିତ ଖବରକୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଚୁମୁକିଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ମାଲକାନଗିରି ଜିଲାପାଳଙ୍କୁ ଜଣାଇଥିଲେ। ପରେ ଜିଲାପାଳ ମନୀଷ ଅଗ୍ରୱାଲ ଚୁମୁକିଙ୍କୁ ବୋଇଲାପାରିରୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ତାଙ୍କୁ ତୁରନ୍ତ କଟକ ଏସ୍‌ସିବି ମେଡିକାଲକୁ ପଠାଇ ତାଙ୍କର ଓପନହାର୍ଟ ସର୍ଜରି କରାଯାଇ ନୂତନ ହାର୍ଟ ଲଗାଯିବ। ଏନେଇ ଜିଲା ପ୍ରଶାସନ ସମସ୍ତ ଅର୍ଥ ଖର୍ଚ୍ଚ କରିବ ବୋଲି ପ୍ରକାଶ କରି ସେ ମୁଖ୍ୟମନ୍ତ୍ରୀଙ୍କୁ ଚୁମୁକିଙ୍କ ସମ୍ପର୍କରେ ଅବଗତ କରାଇଛନ୍ତି।

ସୂଚନାଯୋଗ୍ୟ ଯେ, ବାପା ମୁଡା କବାସୀ ଓ ମାଆ ପାଣ୍ଡ୍ରି କବାସୀଙ୍କ ଝିଅ ଚୁମୁକିଙ୍କ ୩ ବର୍ଷ ତଳେ ଶରୀରର ଅଧିକାଂଶ ଅଂଶ ଫୁଲିବାକୁ ଲାଗିଲା। ପରିବାର ଲୋକେ ତାଙ୍କୁ ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଝିଅକୁ ହୃଦ୍‌ରୋଗ ହୋଇଥିବା କହି ଚିକିତ୍ସା ପାଇଁ ଆନ୍ଧ୍ରର ବିଶାଖାପାଟଣାସ୍ଥିତ ଆପୋଲୋ ଚିକିତ୍ସାଳୟକୁ ନେବାକୁ ପରାମର୍ଶ ଦେଇଥିଲେ। ପରିବାର ଲୋକେ ଚୁମୁକିଙ୍କୁ ଆପୋଲୋ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ପ୍ରାଥମିକ ପରୀକ୍ଷା ପରେ ଅସ୍ତ୍ରୋପଚାରର ଆବଶ୍ୟକତା ରହିଥିବା ମେଡିକାଲ କର୍ତ୍ତୃପକ୍ଷ କହିଥିଲେ। ଏଥିପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ଅର୍ଥାଭାବରୁ ପରିବାର ଲୋକେ ଚୁମୁକିଙ୍କୁ ଘରକୁ ନେଇ ଆସିଥିଲେ।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
- ବୁକର ଟି. ୱାଶିଂଟନ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ରାଜ୍ୟ ସାକ୍ଷର ଭାରତ କର୍ମଚାରୀ ସଂଘ ପକ୍ଷରୁ ଶୋଭାଯାତ୍ରା, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା।
- ଜ୍ଞାନମଣ୍ଡଳ ଫାଉଣ୍ଡେଶନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ଜ୍ଞାନମଣ୍ଡଳ ଅଫିସ, ସିବିଆଇ ଅଫିସ ନିକଟ, ମଧ୍ୟାହ୍ନ ୧୨ଟା।
- ନୃତ୍ୟାନିଳୟ ପକ୍ଷରୁ ସମର୍ପଣ ସମାରୋହ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୫ଟା।
- ଆକ୍ୱାରିଲେ ପକ୍ଷରୁ ଜଳଚିତ୍ର ରଙ୍ଗ ପ୍ରଦର୍ଶନ, ଓଡ଼ିଶା ମର୍ଡନ ଆର୍ଟ ଗ୍ୟାଲେରି, ଅପରାହ୍ନ ୫ଟା ୩୦।
- ଆୟକର ବିଭାଗ ପକ୍ଷରୁ ଆୟକର ଦିବସ ପାଳନ, ଆୟକର ଭବନ, ସନ୍ଧ୍ୟା ୬ଟା।
- ଗୋଧୂଳି ସାହିତ୍ୟ ସଂସଦ ପକ୍ଷରୁ ପୁସ୍ତକ ଓ ପତ୍ରିକାର ଉନ୍ମୋଚନ, ଗୋଦାବରୀଶ ସାହିତ୍ୟ ସଂସଦ, ସଭାଗୃହ, ସନ୍ଧ୍ୟା ୬ଟା।

**ଜଟଣୀ**

- ଆଇଆଇଟି କଲେଜ ପକ୍ଷରୁ ଅଭିମୁଖୀକରଣ କାର୍ଯ୍ୟକ୍ରମ, ବ୍ରହ୍ମପୁତ୍ର ହଲ, ପୂର୍ବାହ୍ନ ୧୦ଟା ୩୦।

# ଷ୍ଟାଣ୍ଡ୍‌କୁ ଫେରିଲା 'ମୋ ସାଇକେଲ'

**ଭୁବନେଶ୍ୱର,୨୩।୭(ବ୍ୟୁରୋ)**



'ଧରିତ୍ରୀ' ପ୍ରଭାବ

ବାଟବଣା ହୋଇଯାଇଥିବା ମୋ ସାଇକେଲ୍ ଯୋଜନାକୁ ପୁଣିଥରେ ଟ୍ରାକ୍‌କୁ ଫେରାଇ ଆଣିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଲୋକଙ୍କ ଅକ୍ତିଆରରେ ଥିବା 'ମୋ ସାଇକେଲ'କୁ ପୁଣିଥରେ ଷ୍ଟାଣ୍ଡ୍‌କୁ ଫେରାଇ ଆଣିବାକୁ କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ(ସିଆର୍‌ୟୁଟି) ପଦକ୍ଷେପ ନେଇଛି। ମୋ ସାଇକେଲଗୁଡ଼ିକର ରକ୍ଷଣାବେକ୍ଷଣ ଓ ପରିଚାଳନା ଠିକ୍ ଭାବେ ହେଉ ନ ଥିଲା। ଫଳରେ ଲୋକେ ମୋ ସାଇକେଲକୁ ନିଜ ଘରକୁ ନେଇଯାଇଥିଲେ। 'ଲୋକଙ୍କ ଅକ୍ତିଆରରେ ମୋ ସାଇକେଲ' ଶୀର୍ଷକ ଖବର ମଙ୍ଗଳବାର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିଛନ୍ତି। ସହରର ବିଭିନ୍ନ ସ୍ଥାନରେ ଥିବା ମୋ ସାଇକେଲ୍ ଷ୍ଟାଣ୍ଡ୍ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଯାଞ୍ଚ କରାଯାଇ ଲୋକଙ୍କ ଘରୁ ସାଇକେଲ୍ ଉଦ୍ଧାର କରାଯାଇଛି।

ପଳାସୁଣୀଠାରୁ ବଡ଼ଗଡ଼ ପର୍ଯ୍ୟନ୍ତ କେନାଲ ରୋଡ୍ ପର୍ଯ୍ୟନ୍ତ ଅଞ୍ଚଳ ଏବଂ ଝାରପଡ଼ା, ଲକ୍ଷ୍ମୀସାଗର, ଚିନ୍ତାମଣିଶ୍ୱର କଲୋନୀ, ବିଜେବି ନଗର ଅଞ୍ଚଳରେ ମଙ୍ଗଳବାର ସିଆର୍‌ୟୁଟି ଟିମ୍ ଚଢ଼ାଉ କରି ବହୁ ସାଇକେଲ୍ ଉଦ୍ଧାର କରିଛନ୍ତି। ଲୋକଙ୍କ ଘର ଏବଂ ଆଖପାଖରେ ଖୋଜାଖୋଜି କରି ଯେତିକି ସାଇକେଲ ମିଳିଲା ତାହାକୁ ପୁଣିଥରେ ମୁଖ୍ୟ ଷ୍ଟାଣ୍ଡ୍‌ରେ ରଖାଯାଇଛି। ଏହାସହ ମରାମତି ଆବଶ୍ୟକ କରୁଥିବା ସାଇକେଲଗୁଡ଼ିକୁ ମୋ ସାଇକେଲ ଡିପୋକୁ ପଠାଇ ଦିଆଯାଇଛି ବୋଲି ସିଆର୍‌ୟୁଟିର ଜେନେରାଲ ମ୍ୟାନେଜର ଦୀପ୍ତି ମହାପାତ୍ର ସୂଚନା ଦେଇଛନ୍ତି। ଆଗକୁ ମଧ୍ୟ ଯାଞ୍ଚ କାର୍ଯ୍ୟକ୍ରମ ଜାରି ରହିବ। ଯେଉଁଠି ମୋ ସାଇକେଲ ଲୋକଙ୍କ ଅକ୍ତିଆରରେ ଅଛି, ତାହାକୁ ଉଦ୍ଧାର କରିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଏବେ ବି ସହରର ଅନ୍ୟାନ୍ୟ ଅଞ୍ଚଳରେ ଏକାଧିକ 'ମୋ ସାଇକେଲ' ଲୋକଙ୍କ କବ୍‌ଜାରେ ରହିଛି। ଏପରିକି କେତେଜଣ ଏହାକୁ ଘର ମଧ୍ୟରେ ଲୁଚାଇ ରଖିଥିବାରୁ ତାହାକୁ ଖୋଜି ବାହାର କରିବା ବା ଘରେ ପଶି ତାହାକୁ ଉଦ୍ଧାର କରିବା ପାଇଁ କର୍ତ୍ତୃପକ୍ଷ ସାହସ ଜୁଟାଇ ପାରୁନାହାନ୍ତି।

ସୂଚନାଯୋଗ୍ୟ, ହକି ବିଶ୍ୱକପ୍ ପୂର୍ବରୁ ଭୁବନେଶ୍ୱରରେ ଆରମ୍ଭ ହୋଇଥିବା 'ମୋ ସାଇକେଲ ସେବା' ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। କିଛି ରାସ୍ତା କଡ଼ରେ ପଡ଼ିରହୁଥିବାବେଳେ ଆଉ କେହି ତାକୁ ନିଜ ଘରେ ଲୁଚାଇ ରଖୁଛନ୍ତି। ସାଇକେଲ ନ ଥିବାରୁ ଅଧିକାଂଶ ଷ୍ଟାଣ୍ଡ୍ ଏବେ ଫାଙ୍କା ପଡ଼ିଛି। ପୁଣି କେଉଁଠି ସାଇକେଲ ଚଲାଇ ସାରିବା ପରେ ଲୋକେ ଯେଉଁଠି ଇଚ୍ଛା ସେଠି ପକାଇ ଚାଲିଯାଉଛନ୍ତି।

## ବ୍ୟବସାୟୀ ପରିବାରର ମହିଳାଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର,୨୩।୭(ଡି.ଏନ.ଏ.):** ଭୁବନେଶ୍ୱରର ଏକ ବ୍ୟବସାୟୀ ପରିବାରର ଜଣେ ମହିଳା ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଜିତେନ୍ଦ୍ର ହଂସଙ୍କ ସ୍ତ୍ରୀ ପୁନମ୍ ହଂସ(୫୪)। ଏନେଇ ଏୟାରପୋର୍ଟ ଥାନା ପୋଲିସ ତଦନ୍ତ କରିବା ସହ ୧୭/୧୯ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଥାନା ଅଧିକାରୀ ଉମାକାନ୍ତ ପ୍ରଧାନଙ୍କ କହିବାନୁଯାୟୀ, ପୁନମ୍ ପଳାଶପଲ୍ଲୀସ୍ଥିତ ବାସଭବନରେ ବେକରେ ଓଢ଼ଣୀ ଲଗାଇ ଫ୍ୟାନରେ ଝୁଲୁଥିବା ତାଙ୍କ ପୁଅ ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏରେ ଦେଖିବାକୁ ପାଇଥିଲେ। ସେହି ସମୟରେ ଘରେ କେହି ନ ଥିଲେ। ଏ ସମ୍ପର୍କରେ ସେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ମାନସିକ ଅସୁସ୍ଥତା ଯୋଗୁ ପୁନମ୍ ୨ ବର୍ଷ ହେଲା ଚିକିତ୍ସିତ ହେବା ସହ ଔଷଧ ଖାଉଥିଲେ। ଇତିମଧ୍ୟରେ ସେ ୩ ଥର ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ଥାନା ଅଧିକାରୀ ପ୍ରଧାନ କହିଛନ୍ତି।

## ଟ୍ରେନ ଭିତରେ ଚୋରି, ଜଣେ ଗିରଫ

**ଭୁବନେଶ୍ୱର,୨୩।୭(ବ୍ୟୁରୋ):** ରେଲ ସୁରକ୍ଷା ବଳ ମଙ୍ଗଳବାର ଭୁବନେଶ୍ୱର ହୀରାକୁଦ ଏକ୍ସପ୍ରେସରେ ବାଲୁଗାଁରୁ ଖୋର୍ଦ୍ଧା ଭିତରେ ଏସ୍କର୍ଟିଂ ସମୟରେ ଚୋରି କରୁଥିବା ଏକ ଅଭିଯୁକ୍ତକୁ ଧରିଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲା ବାଣପୁରର ନୀଳାଦ୍ରି ପ୍ରସାଦ ଅଞ୍ଚଳର ରାଉତ ହେମ୍ବ୍ରମ। ସୂଚନା ଅନୁଯାୟୀ, ଟ୍ରେନ୍‌ର ଏସ-୨ ଡବାରେ ବିଶାଖାପଟଣମ୍‌ର ବି. ଗୀତା ମୋହନ ଶୋଇଥିବା ବେଳେ ତାଙ୍କ ବ୍ୟାଗ୍‌କୁ ଅଭିଯୁକ୍ତ ଜଣକ ନେଇ ଖସିଯିବାକୁ ଉଦ୍ୟମ କଲାବେଳେ ଏସ୍କର୍ଟିଂ ଟିମ୍ ଧରିଥିଲେ। ପରେ ଭୁବନେଶ୍ୱର ଜିଆରପି ଥାନାରେ କେସ୍ ନଂ. ୮୦/୨୦୧୯ରେ ଆଇପିସି ଧାରା ୩୮୦ରେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଛି। ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବା ସହ ସମ୍ପୂର୍ଣ୍ଣ ଚୋରି ଜିନିଷ ଜବତ କରିଛି। ବ୍ୟାଗରେ ଗୋଟିଏ ମୋବାଇଲ ଫୋନ୍, ୧୫ ହଜାର ଟଙ୍କା ଓ ଜରୁରୀ କାଗଜପତ୍ର ଥିଲା।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପରିବେଷିତ କଣ୍ଢେଇ ନାଚ।

### ଆମ ଲୋକକଳା ଆମ ସଂସ୍କୃତି

## ଆକର୍ଷଣ ସାଜିଲା 'ମୋଗଲ ତାମ୍‌ସା', 'କଣ୍ଢେଇ ନାଚ'

**ଭୁବନେଶ୍ୱର,୨୩।୭(ବ୍ୟୁରୋ)**

ଲୁପ୍ତପ୍ରାୟ ଲୋକକଳାର ପ୍ରଚାର ପ୍ରସାର ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତିମାସରେ ଆୟୋଜିତ ହେଉଥିବା 'ଆମ ଲୋକକଳା, ଆମ ସଂସ୍କୃତି' କାର୍ଯ୍ୟକ୍ରମ ମଙ୍ଗଳବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିବେଷିତ କେନ୍ଦୁଝରର ବିଶ୍ୱପ୍ରସିଦ୍ଧ 'କଣ୍ଢେଇନାଚ' ଓ ଭଦ୍ରକର 'ମୋଗଲ ତାମ୍‌ସା' ମୁଖ୍ୟ ଆକର୍ଷଣ ସାଜିଥିଲା। ପ୍ରଥମ ପ୍ରସ୍ତୁତିରେ ପରିବେଷିତ କଣ୍ଢେଇନାଚ ଦର୍ଶକଙ୍କ ଦ୍ୱାରା ବିଶେଷ ଆଦୃତ ହୋଇଥିଲା। କେନ୍ଦୁଝରର ଉତ୍କଳ ବିଶ୍ୱକର୍ମା କଳାକୁଞ୍ଜର କଳାକାମାନେ ଗୁରୁ ମାଗୁଣି ଚରଣ କହଁରଙ୍କ ନିର୍ଦ୍ଦେଶନାରେ 'ଶ୍ରୀକୃଷ୍ଣ ଜନ୍ମ' ଉପରେ ନାଟକ ପରିବେଷଣ କରିଥିଲେ। ବିଭିନ୍ନ ବାଦ୍ୟଯନ୍ତ୍ରରେ ୧୧ଜଣ ଶିଳ୍ପୀଙ୍କ ସହିତ ନିଜେ ଗୁରୁ କହଁର ଗଣ୍ଢେଇ ନାଚ ଦେଖାଇବା ସହ ନିଜେ ବିଭିନ୍ନ ସ୍ୱର ଦେଇଥିଲେ। କଣ୍ଢେଇ ନାଚ ଦେଖାଇଥିଲେ। ପ୍ରାୟ ୪୫ ମିନିଟ୍ ଧରି ଏହି ନାଟକ ଦର୍ଶକଙ୍କୁ ପ୍ରେକ୍ଷାଳୟରେ ବାନ୍ଧି ରଖିଥିଲା। ଦ୍ୱିତୀୟ ପ୍ରସ୍ତୁତିରେ ବଂଶୀବଲ୍ଲଭ ଗୋସ୍ୱାମୀଙ୍କ ରଚିତ ମୂଳ ବିଷୟବସ୍ତୁ ଉପରେ ଆଧାରିତ 'ମୋଗଲ ତାମସା' ପରିବେଷଣ ହୋଇଥିଲା। ଗୁରୁ ବାଦଲ ସିକ୍‌ଦାର ଓ ୩୦ ଜଣିଆ କଳାକାର ଦଳ ଅତି ନିଖୁଣତାର ସହ ଉପସ୍ଥିତ ଦର୍ଶକଙ୍କୁ ମୋଗଲ ସମୟର ପ୍ରାଚୀନ ଯୁଗକୁ ଫେରାଇ ନେଇଥିଲେ।

କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ, ସ୍ୱତନ୍ତ୍ର ସଚିବ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ଡ. ରାମକୃଷ୍ଣ ସାହୁ, ଯୁଗ୍ମ ନିର୍ଦ୍ଦେଶିକା ସଂଘମିତ୍ରା ଶତପଥୀ, ରାଜ୍ୟସ୍ତରୀୟ ଲୋକକଳା ପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଶୋୟୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜେଡ୍‌କେଏସ୍‌ଏସ୍ ପୁରୀର ପୂର୍ବତନ ଉପସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ସ୍ମୃତିରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

### ଜାତୀୟ ପ୍ରସାରଣ ଦିବସ

## ଫନୀବେଳେ ରେଡିଓ ପହଞ୍ଚିପାରିଥିଲା ସବୁଠି

**ଭୁବନେଶ୍ୱର,୨୩।୭(ବ୍ୟୁରୋ)**

ଆଉଟରିଚ୍ ପକ୍ଷରୁ ମଙ୍ଗଳବାର ଜାତୀୟ ପ୍ରସାରଣ ଦିବସ ଅବସରରେ 'ସାମ-ଏ-ଗଜଲ' ନାମକ ସଂଗୀତ ଓ ଗଜଲ କାର୍ଯ୍ୟକ୍ରମ ସନ୍ଧ୍ୟାରେ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଫନୀ ବେଳେ ସବୁ ପ୍ରକାର ଖବର ସରବରାହ ମାଧ୍ୟମ ବନ୍ଦ ହୋଇଯାଇଥିଲା। କେବଳ ରେଡିଓ ସବୁ ସ୍ଥାନରେ ଖବର ନିରବଚ୍ଛିନ ଭାବେ ପହଞ୍ଚାଇ ପାରୁଥିଲା। ଓଡ଼ିଶା ସରକାରଙ୍କୁ ଏହି କାମରେ ଆଉଟରିଚ୍ ବେଶ୍ ସହାୟକ ହୋଇଥିଲା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ନ୍ୟାଶନାଲ ଏକାଡେମୀ ଅଫ ବ୍ରଡକାଷ୍ଟିଂ ମିଡିଆର ପ୍ରୋଗ୍ରାମ ମ୍ୟାନେଜର ଅଶୋକ ପାଣିଗ୍ରାହୀ, ବର୍ଷିଆନ ରେଡିଓ କଳାକାର ନଦିଆ ବିହାରୀ ମହାନ୍ତି, ତନୟା ପଟ୍ଟନାୟକ ଓ ଆଉଟରିଚ୍‌ର ଆବାହକ ସୁବ୍ରତ ପତି ଯୋଗଦେଇଥିଲେ। ପର୍ଯ୍ୟଟନ ମନ୍ତ୍ରୀ ଆହୁରି କହିଥିଲେ ଯେ, ଜୀବନର ୧୫ ବର୍ଷ ସେ ରେଡିଓରୁ ଅନେକ କିଛି ଶିଖିଛନ୍ତି। ଏବେ ବି ସ୍ପୃହା ଅଛି ଗାଡିରେ ଗଲାବେଳେ ଖବର ଓ ଗୀତ ରେଡିଓରୁ ଶୁଣେ। ରେଡିଓ ମାଧ୍ୟମରେ ପୁରୁଣା ସଂସ୍କୃତିକୁ ସଜାଗ ରଖିଥିବାରୁ ଆଉଟରିଚ୍‌କୁ ଧନ୍ୟବାଦ ସେ ଜଣାଇଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଆଉଟରିଚ୍‌ର ବାର୍ଷିକ ଅଙ୍କ ପ୍ରଦାନ କରାଯାଇଥିଲା।



ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ପତ୍ରିକା 'ଶ୍ରୀ ସାହିତ୍ୟ'ର ରଥଯାତ୍ରା ବିଶେଷାଙ୍କକୁ ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ପତ୍ରିକାର ସମ୍ପାଦକ କୃଷ୍ଣ ନାୟକ ଓ ଶିକ୍ଷାବିତ୍ ଡ. ଚିତ୍ତରଞ୍ଜନ ମିଶ୍ର ଉପସ୍ଥିତ ଥିଲେ।

## ବିପନ୍ନଙ୍କୁ ଭେଟିଲେ ସୁଇଜରଲାଣ୍ଡ ପାର୍ଲାମେଣ୍ଟ ସଦସ୍ୟ

**ପୁରୀ ଅଫିସ, ୨୩।୭**

ସୁଇଜରଲାଣ୍ଡ ପାର୍ଲାମେଣ୍ଟ ସଦସ୍ୟ ଓ ଦୂତାବାସ ଅଧିକାରୀ ଏବଂ ସିଡ୍‌ସ (ସଷ୍ଟେନେବଲ୍ ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ ଇକୋଲୋଜିକାଲ ଡେଭଲପ୍‌ମେଣ୍ଟ ସୋସାଇଟି)ର ସଦସ୍ୟ ମଙ୍ଗଳବାର ପୁରୀର ବାତ୍ୟା କ୍ଷତିଗ୍ରସ୍ତ ପେଣ୍ଠକଟା ବସ୍ତି ଏବଂ ସଦର ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସହାୟତା ପ୍ରଦାନ ପାଇଁ ସୁଇଜରଲାଣ୍ଡ ସହଯୋଗରେ ହୋଇଥିବା ରିଲିଫ୍ କାର୍ଯ୍ୟକୁ ଅଧିକାରୀମାନେ ତଦାରଖ କରିବା ସହ କ୍ଷତିଗ୍ରସ୍ତଙ୍କ ସହିତ ଆଲୋଚନା କରିଛନ୍ତି। ରିଲିଫ୍ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ସିଡ୍‌ସ ପକ୍ଷରୁ ଗୋଷ୍ଠୀ ହ୍ୟାଣ୍ଡପମ୍ପ ମରାମତି, ଜଳ ଉତ୍ସ ଓ ବିଭିନ୍ନ ଅଞ୍ଚଳରେ କ୍ଲୋରିନକରଣ କରାଯାଇଛି। ଏଥିସହିତ ପୁରୀ ପୌରସଂସ୍ଥା ଓ ସଦର ବ୍ଲକର ବହୁ ପରିବାରକୁ ଶୌଚାଳୟରେ ବ୍ୟବହୃତ ହେଉଥିବା ସାମଗ୍ରୀ, ସାନିଟାରୀ ପ୍ୟାଡ୍, ମଶା ପ୍ରତିରୋଧକ ପ୍ରଭୃତି ସାମଗ୍ରୀ ବଣ୍ଟାଯାଇଛି। ସ୍ୱିସ୍ ଏଜେନ୍ସି ଫର୍ ଡେଭଲପ୍‌ମେଣ୍ଟ ଆଣ୍ଡ କୋଅପରେଶନ (ଏସ୍‌ଡିସି) ସମର୍ଥିତ ସିଡ୍‌ସ ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରାୟ ୧୪ ହଜାର ଲୋକଙ୍କ ପାଖରେ ପହଞ୍ଚିପାରିଛି।



ସୁଇଜରଲାଣ୍ଡ ପାର୍ଲାମେଣ୍ଟ ସଦସ୍ୟ ଡ. ନିକ୍‌ଲସ୍ ଏସ୍. ଗୁଗୁର କହିଛନ୍ତି, ବିପର୍ଯ୍ୟୟରେ ଯେଉଁମାନେ ସବୁକିଛି ହରାଇଥାନ୍ତି ଏବଂ ନିଜ ଗୋଡ଼ରେ ଠିଆ ହେବାର ସମ୍ବଳ ନାହିଁ ସେମାନଙ୍କୁ ଆବଶ୍ୟକ ରିଲିଫ୍ ଯୋଗାଇଦେବାକୁ ଏହି ଅଭିଯାନ ହେଉଛି ଶ୍ରେଷ୍ଠ ଉପାୟ। ସେହିପରି ଭାରତ ଓ ଭୁଟାନରେ ଅବସ୍ଥାପିତ ସୁଇଜରଲାଣ୍ଡର ରାଷ୍ଟ୍ରଦୂତ ଡ. ଆଣ୍ଡ୍ରିଆସ୍ ବଉମ୍ କହିଛନ୍ତି, ସଙ୍କଟ ଓ ସଂଘର୍ଷ ସମୟ ପରେ ମାନବିକ କଲ୍ୟାଣ କାର୍ଯ୍ୟ ଜରିଆରେ ସୁଇଜରଲାଣ୍ଡ ପକ୍ଷରୁ ବିଶ୍ୱର ବିଭିନ୍ନ ସରକାରଙ୍କୁ ସହାୟତା ଦିଆଯାଉଛି। ସିଡ୍‌ସ ସହଯୋଗରେ ବାତ୍ୟା ଫନୀ ଦ୍ୱାରା ପ୍ରଭାବିତଙ୍କୁ ସହାୟତା ପ୍ରଦାନ କରାଯାଉଛି। ଏହି ଅବସରରେ ସିଡ୍‌ସର ଡ. ଅଂଶୁ ଶର୍ମା କହିଥିଲେ, ବାତ୍ୟା ଯୋଗୁ ବହୁ ଲୋକ ବାସହରା ହୋଇପଡ଼ିଥିଲେ। ଏଭଳି ପରିସ୍ଥିତିରେ ଏସ୍‌ଡିସିର ସହଯୋଗ ବେଶ୍ ପ୍ରଶଂସନୀୟ।

### ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

## ପ୍ରଥମ ପର୍ଯ୍ୟାୟ ପିଜି ନାମଲେଖା ଶେଷ, ଆଜିଠୁ ୟୁଜି ନାମଲେଖା

**ଭୁବନେଶ୍ୱର, ୨୩।୭(ବ୍ୟୁରୋ):** ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟ ପିଜି ନାମଲେଖା ଶେଷ ହୋଇଛି। ମୋଟ ୪୩୨ ସିଟ୍‌ରୁ ୨୪୭ ସିଟ୍ ପାଇଁ ନାମଲେଖା ସରିଛି। ଆଉ ୧୮୫ସିଟ୍ ଖାଲି ପଡ଼ିଛି। ୨୪ ତାରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ୨୯ ତାରିଖରେ ନାମ ଲେଖାଇବେ। ସେପେଟ ବୁଧବାରଠାରୁ ବିଭିନ୍ନ ବିଷୟ ପାଇଁ ୟୁଜି ନାମଲେଖା ଆରମ୍ଭ ହେବ। ୨୪ ତାରିଖରେ ବାଣିଜ୍ୟ, ୨୫ରେ କଳା(ସାଧାରଣ), ୨୬ରେ ବିଜ୍ଞାନ ଓ କଳା(ଅନ୍ୟ ବର୍ଗ)ର ନାମଲେଖା ହେବ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନାମଲେଖା ଅନୁଷ୍ଠିତ ହେବ। ଛାତ୍ରୀଛାତ୍ରମାନେ ଇଣ୍ଟିମେଶନ ଲେଟର ଓ ଅନ୍ୟ ଡକ୍ୟୁମେଣ୍ଟ ନେଇ ବିଶ୍ୱବିଦ୍ୟାଳୟର ଅଡିଟୋରିୟମ୍‌ରେ ରିପୋର୍ଟ କରିବାକୁ କୁହାଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ପୁଷ୍ପାଞ୍ଜଳି



ଶାଶ୍ୱତ



ପ୍ରଶାନ୍ତ



ପୂର୍ଣ୍ଣଚନ୍ଦ୍ର



ଅତୁଲ୍ୟ



ଅରୁଣ



ଯୁବରାଜ



ମିଥୁନ



ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ।

- ଗୁରୁ ନାନକ

## ସଂକ୍ଷେପରେ

### ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ

ବାଲିପାଟଣା,୨୩।୭(ଡି.ଏନ୍.ଏ.): ବାଲିପାଟଣା ଥାନା ଅନ୍ତର୍ଗତ ଶେକ୍‌ପାଟଣା ଗ୍ରାମରୁ ମଙ୍ଗଳବାର ରାତିରେ ପୋଲିସ ୧କୁଇଣ୍ଟାଲରୁ ଊର୍ଦ୍ଧ୍ୱ ହେବ ଗଞ୍ଜେଇ ଜବତ କରିଛି। ସୂଚନା ଅନୁଯାୟୀ, ଏହି ଗ୍ରାମରେ ଗଞ୍ଜେଇ ଚୋରାରେ ବିକ୍ରି ହେଉଥିବା ନେଇ ବାଲିପାଟଣା ପୋଲିସ ଖବର ପାଇଥିଲା। ମଙ୍ଗଳବାର ରାତିରେ ଏସିପି ଅମରେନ୍ଦ୍ର ପଣ୍ଡାଙ୍କ ଓ ଏକ ପୋଲିସ ଟିମ୍ ଉକ୍ତ ଗ୍ରାମର ରାଧାକାନ୍ତ ସାହୁଙ୍କ ଘରେ ଚଢ଼ାଉ କରିଥିଲେ। ରାଧାକାନ୍ତଙ୍କ ଘରୁ ପ୍ରାୟ ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଥିଲେ। ରିପୋର୍ଟ ଲେଖା ହେବା ବେଳକୁ ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରି ନ ଥିବା ଜଣାପଡିଛି।

### ୫ ଫୁଟ୍‌ର ନାଗ ସାପ ଉଦ୍ଧାର



ଗୋପ, ୨୩।୭ (ଡି.ଏନ୍.ଏ.): ଗୋପ କଲେଜ ନିକଟରେ ରହୁଥିବା ସୁବାଶ ଚନ୍ଦ୍ର ସେନାପତିଙ୍କ ଘର ନିକଟରୁ ମଙ୍ଗଳବାର ଏକ ୫ ଫୁଟ ଲମ୍ବର ନାଗସାପ ଉଦ୍ଧାର କରାଯାଇଛି। କିଛିଦିନ ଧରି ଏହି ବିଷାକ୍ତ ନାଗସାପଟି ଗୋପ କଲେଜ ନିକଟରେ ବୁଲୁଥିବା ନେଇ ଛାତ୍ରୀଛାତ୍ରଙ୍କ ମଧରେ ଆତଙ୍କ ଦେଖାଦେଇଥିଲା। ମଙ୍ଗଳବାର ସକାଳେ ନାଗସାପଟି ସୁବାଶଙ୍କ ଘର ନିକଟରେ ଏକ ଇଟାଗଦାରେ ପଶିଥିବାର ଦେଖିବାକୁ ମିଳିଥିଲା। ପରେ ସ୍ନେକ୍ ହେଲ୍‌ପ ଲାଇନ୍ ସଦସ୍ୟ ବାବାଜି ସାହୁଙ୍କୁ ଡକାଯିବା ପରେ ୫ ଫୁଟର ଏହି ନାଗସାପକୁ ଉଦ୍ଧାର କରାଯାଇ ବାଲୁଖଣ୍ଡ ଅଭୟାରଣ୍ୟରେ ଛଡ଼ାଯାଇଥିଲା।

### ବୃଦ୍ଧ ଦମ୍ପତିଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ୍, ୨ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୩।୭ (ବ୍ୟୁରୋ): ଖାରବେଳନଗର ଥାନା ଅଞ୍ଚଳରେ ଜଣେ ବୃଦ୍ଧ ଦମ୍ପତିଙ୍କୁ ଲକ୍ଷାଧିକ ଟଙ୍କା ଲୁଟ୍‌ପାଟରେ ସମ୍ପୃକ୍ତ ନାବାଳକଙ୍କୁ ଧରିବା ସହ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଖାରବେଳନଗର ଥାନା ଅଧୀନ ମସ୍ଜିଦ କଲୋନୀ ଅଞ୍ଚଳରେ ରହୁଥିବା କୁରବାନ ମାଲିଦା(୩୦) ଓ ନାବାଳକ (୧୬)। ପୋଲିସ ସୂଚନା ମୁତାବକ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ଆଲିଆସ ତିର୍କୀ (୭୦) ତାଙ୍କ ସ୍ତ୍ରୀଙ୍କ ସହ ମିଶି ଟଙ୍କା ଉଠାଇବା ନେଇ ୟୁନିଟ ୧ ବ୍ୟାଙ୍କକୁ ଗତ ମାର୍ଚ୍ଚ ୧ରେ ଆସିଥିଲେ। ଟଙ୍କା ଉଠାଇ ସାରି ଅଟୋରେ ଫେରିବା ବେଳେ ହାଉସିଂ ବୋର୍ଡ ଅଞ୍ଚଳରେ ବୃଦ୍ଧ ଦମ୍ପତିଙ୍କଠାରୁ ଭ୍ୟାନିଟି ଓ ବ୍ୟାଗ ଛଡାଇ ଫେରାରା ହୋଇଯାଇଥିଲେ। ଆଲିଆସଙ୍କ ବ୍ୟାଗରୁ ଏକ ଲକ୍ଷ ଟଙ୍କା ଏବଂ ତାଙ୍କ ସ୍ତ୍ରୀଙ୍କ ଭ୍ୟାନିଟିରୁ ମୋବାଇଲ ଲୁଟ ହେବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୬୭/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏ ନେଇ ପୋଲିସ ଚୋରି ମୋବାଇଲକୁ ଟ୍ରାକ କରି ସୋମବାର ନାବାଳକ ଅଭିଯୁକ୍ତଙ୍କୁ ଧରିଥିବା ବେଳେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ମୋବାଇଲ ଜବତ ହୋଇଥିବା ବେଳେ ଲୁଟ କରିଥିବା ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଦେଇଥିବା ସେମାନେ ସ୍ୱୀକାର କରିଥିଲେ।

### ନିଶାଦ୍ରବ୍ୟ ଚାଲାଣର ସୁରକ୍ଷିତ ମାଧ୍ୟମ

# ନାଇଟ୍ କୋଚ୍ ବସ୍, ଲେଡି ଏଜେଣ୍ଟ

- ଆସ୍କାରୁ ବସ୍‌ରେ ପଶ୍ଚିମବଙ୍ଗ ଯାଉଥିଲା ଗଞ୍ଜେଇ
- ଧରାପଡ଼ିଲେ ଦୁଇ ମହିଳା ଏଜେଣ୍ଟ
- ସାଢ଼େ ୧୨ କେଜି ଗଞ୍ଜେଇ ଜବତ

**ବେଆଇନ ନିଶା କାରବାରର ପେଣ୍ଠସ୍ଥଳ ପାଲଟିଗଲାଣି ଓଡ଼ିଶା। ବ୍ରାଉନସୁଗାର, ହିରୋଇନ୍, ଚରସ ଆଦି ନିଶାଦ୍ରବ୍ୟ ଅନ୍ୟ ରାଜ୍ୟରୁ ଓଡ଼ିଶାକୁ ଆସୁଥିବାବେଳେ ଏଠାରୁ ଗଞ୍ଜେଇ ଓ ଅଫିମ ଆଦି ବାହାରକୁ ଚାଲାଣ ହେଉଛି। ବିଶେଷକରି ରାଜ୍ୟରେ ବ୍ରାଉନସୁଗାର ଓ ଗଞ୍ଜେଇ ବ୍ୟବସାୟ ସହରଠୁ ଆରମ୍ଭ କରି ସାହିବସ୍ତି ଓ ଗାଁରେ ଚେର ମେଲିଥିବାବେଳେ ଏଥିଯୋଗୁ ବହୁ ଅପରାଧ ଘଟୁଛି। ନିଶା ମାଫିଆ ସାମ୍ରାଜ୍ୟ ବିସ୍ତାର କରିସାରିବା ପରେ ଏବେ ପୋଲିସର ଚେତା ପଶିଛି। ନିଶା କାରବାର ବନ୍ଦ ପାଇଁ କମିଶନରେଟ ପୋଲିସ୍ ସ୍ପେଶାଲ ଡ୍ରାଇଭ୍ ଆରମ୍ଭ କରିଛି। ନିଶା ମାଫିଆ ଓ ବ୍ୟବସାୟୀଙ୍କୁ ସାବାଡ୍ କରିବାକୁ ଏସ୍‌ଟିଏଫ୍ ଚଢ଼ାଉ ଚଳାଇଛି। ଏହାସତ୍ତ୍ୱେ ନିଶାଦ୍ରବ୍ୟ ଚାଲାଣ ଥମିବାର ନାଁ ଧରୁନି। ନିଶା ମାଫିଆମାନେ ପୋଲିସ ନଜରରୁ ହଟିବା ପାଇଁ ଏବେ ଅଧିକରୁ ଅଧିକ ମହିଳାଙ୍କୁ ସେମାନଙ୍କ ର୍‍ୟାକେଟରେ ସାମିଲ୍ କରୁଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଟ୍ରେନିଂ ପରେ ସମ୍ପୃକ୍ତ ମହିଳାଙ୍କୁ ଏଜେଣ୍ଟ ଭାବେ ମୋଟା ଦରମାରେ ନିଯୁକ୍ତ କରୁଛନ୍ତି। ଚାଲାଣରେ ନାଇଟ୍‌କୋଚ୍ ବସ୍ ଓ ଟ୍ରେନ୍ ପ୍ରମୁଖ ମାଧ୍ୟମ ପାଲଟିଛି।**

#### ଥରକରେ ଏଜେଣ୍ଟଙ୍କୁ ମିଳେ ୩୦ରୁ ୫୦ହଜାର ଟଙ୍କା

ଗୋଟିଏ ଥରେ ଗଞ୍ଜେଇ ଗନ୍ତବ୍ୟସ୍ଥଳରେ ପହଞ୍ଚାଇଲେ ଏଜେଣ୍ଟଙ୍କୁ ୩୦ରୁ ୫୦ ହଜାର ଟଙ୍କା ମିଳିଥାଏ। ତେବେ ପରିମାଣ ଅନୁସାରେ ପ୍ରାପ୍ୟ ନିର୍ଦ୍ଧାରଣ ହୋଇଥାଏ। ଯିଏ ଯେତେ ପରିମାଣର ଗଞ୍ଜେଇ ଚାଲାଣ କରିଥାନ୍ତି, ସେହି ଅନୁପାତରେ ଟଙ୍କା ପାଇଥାନ୍ତି। ଏପରିକି ଏଥିପାଇଁ ଆବଶ୍ୟକ ଟ୍ରେନିଂ ଦିଆଯାଇଥାଏ। ପୁରୁଣା ମହିଳା ଏଜେଣ୍ଟଙ୍କ ସହ ନୂଆ ସାମିଲ୍ ହେଉଥିବା ମହିଳା କିମ୍ବା ପୁରୁଷ ରହିଥାନ୍ତି।

#### ର୍‍ୟାକେଟରେ ବସ୍ ଡ୍ରାଇଭର, ହେଲ୍‌ପର

ରାତିରେ ମହିଳାମାନେ ନାଇଟ୍ କୋଚ ବସ୍‌ରେ ଯାଉଥିବାରୁ ପୋଲିସର ସେମାନଙ୍କ ଉପରେ ସନ୍ଦେହ ହୁଏ ନାହିଁ। ଏପରିକି ରାତିରେ ପୋଲିସ କେବେ ବସ୍‌ରେ ଚଢି ଯାଞ୍ଚ କରେ ନାହିଁ। ଫଳରେ ସହଜରେ ଗଞ୍ଜେଇ ପଶ୍ଚିମବଙ୍ଗରେ ପହଞ୍ଚିଯାଇଥାଏ। ସବୁଠୁ ବଡ଼ କଥା ହେଲା କେତେକ ଘରୋଇ ବସ୍ ଡ୍ରାଇଭର ଓ ହେଲପର ଏହି ର୍‍ୟାକେଟରେ ସଂପୃକ୍ତ ଥିବା ପୋଲିସ ଦୁଇ ମହିଳା ଏଜେଣ୍ଟଙ୍କୁ ପଚରାଉଚରା ବେଳେ ଜାଣିବାକୁ ପାଇଛି।

ଭୁବନେଶ୍ୱର, ୨୩।୭(ବ୍ୟୁରୋ)

ନାଇଟ୍‌କୋଚ୍ ବସ୍‌ରେ କଲିକତାକୁ ଗଞ୍ଜେଇ ଚାଲାଣବେଳେ ମଙ୍ଗଳବାର ଖଣ୍ଡିଗିରି ପୋଲିସ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଧରିଛି। ଏହି ଘଟଣାରେ ଦୁଇଜଣ ମହିଳା ଏଜେଣ୍ଟଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ସାଢ଼େ ୧୨କେଜି ଗଞ୍ଜେଇ ଜବତ କରାଯାଇଛି। ଗିରଫ ଦୁଇ ମହିଳା ହେଲେ ପଶ୍ଚିମବଙ୍ଗ ମେଦିନାପୁରର ରେବ ଘଡେଇ(୪୦) ଓ କୁକୁଲି ଗୋରାମି(୪୧)। ଦୁଇ ଜଣଙ୍କ ବିରୋଧରେ କେସ୍ ନଂ–୩୮୯/୧୯, ଏନ୍‌ଡିପିଏସ୍ ଆକ୍ଟ ଲଗାଇ ପୋଲିସ ସେମାନଙ୍କୁ କୋର୍ଟ ଚାଲାଣ କରିଛି।



ଗିରଫ ଦୁଇ ମହିଳା ଏଜେଣ୍ଟ।

ପୋଲିସ ସୂଚନା ଅନୁଯାୟୀ, ଉକ୍ତ ଦୁଇ ମହିଳା ଜରିଅଖାରେ ଗଞ୍ଜେଇ ଭର୍ତ୍ତି କରି ସୋମବାର ସନ୍ଧ୍ୟାରେ ଆସ୍କାରୁ ଏକ ଘରୋଇ ବସ୍‌ରେ ବସି ମଙ୍ଗଳବାର ଭୋର୍ ସମୟରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରେ ଓହ୍ଲାଇଥିଲେ। ସେମାନେ ଅନ୍ୟ ଏକ ବସ୍‌ରେ କଲିକତା ଯିବା ପାଇଁ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଭିତରକୁ ଯାଇ ଅପେକ୍ଷା କରିଥିଲେ। ହେଲେ ସେମାନଙ୍କ ହାବଭାବ ଦେଖି ସ୍ଥାନୀୟ ଲୋକେ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ତୁରନ୍ତ ଏକ ପୋଲିସ ଟିମ୍ ପହଞ୍ଚି ଦୁଇ ମହିଳା ଓ ସେମାନେ ଆଣିଥିବା ଜରି ବସ୍ତାକୁ ଯାଞ୍ଚ କରିବା ପରେ ଗଞ୍ଜେଇ ମିଳିଥିଲା। ପରେ ପୋଲିସ ସେମାନଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ଗଞ୍ଜେଇ ଚାଲାଣ ର୍‍ୟାକେଟର ପର୍ଦ୍ଦାଫାଶ ହୋଇଥିଲା।

#### ମାଷ୍ଟର ମାଇଣ୍ଡ୍ ଓଡ଼ିଶାରେ

ଗଞ୍ଜେଇ ଚାଲାଣର ମାଷ୍ଟର ମାଇଣ୍ଡ୍ ହେଉଛନ୍ତି ଜଣେ ଓଡ଼ିଆ। ସେ ବହୁ ମହିଳାଙ୍କୁ ଏହି କାରବାରରେ ସାମିଲ୍ କରିଛନ୍ତି। ତାଙ୍କ ନିର୍ଦ୍ଦେଶରେ ସେମାନଙ୍କ ଭଳି ଅନ୍ୟମାନେ ନିୟମିତ ବସ୍‌ରେ ଗଞ୍ଜାମ ଜିଲା ଆସ୍କାରୁ ପଶ୍ଚିମବଙ୍ଗକୁ ଗଞ୍ଜେଇ ଚାଲାଣ କରନ୍ତି। ପୂର୍ବରୁ ମଧ ବହୁଥର ଏପରି ଗଞ୍ଜେଇ ଗନ୍ତବ୍ୟସ୍ଥଳରେ ପହଞ୍ଚାଇଥିବା ମହିଳା ଦ୍ୱୟ କହିଛନ୍ତି। ତେବେ ମାଷ୍ଟରମାଇଣ୍ଡ୍ ଜଣକ କିଏ ସେ ସମ୍ପର୍କରେ ପୋଲିସ ଅଧିକ କିଛି ସୂଚନା ଦେଉ ନ ଥିଲେ ମଧ ତାଙ୍କୁ ଧରିବାକୁ ପୋଲିସ ଆସ୍କା ଯିବ ବୋଲି ଜଣାପଡିଛି। ପଶ୍ଚିମବଙ୍ଗରେ ମଧ ଏହି ର୍‍ୟାକେଟରେ ଅନେକ ବ୍ୟକ୍ତି ସମ୍ପୃକ୍ତ ରହିଛନ୍ତି। ସେମାନଙ୍କୁ ଗିରଫ କରିବା ପୋଲିସ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହୋଇପାରେ।

## ୧୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

#### ୨ ଗିରଫ, କାର ଜବତ



କଟକ ରୋଡ,୨୩।୭(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠରେ ମଙ୍ଗଳବାର ଅବକାରୀ ବିଭାଗ ଚଢ଼ାଉ କରି ୨ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ଅଭିଯୁକ୍ତ ହେଲେ କଟକ ଜିଲା ବାଙ୍କି ଥାନା ଅଧୀନ ନୂଆଗାଁ ଅଞ୍ଚଳର ଅଜୟ ପ୍ରଧାନ ଓ ବଡମ୍ବା ଥାନା ହରିଠା ଗ୍ରାମର ଶ୍ରୀନାଥ ନାୟକ। ଏମାନଙ୍କଠାରୁ ୧୦୦ ଗ୍ରାମ ବ୍ରାଉନସୁଗାର ସହ ଏକ କାର ଜବତ ହୋଇଛି। ଜବତ ନିଶା ସାମଗ୍ରୀର ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତଦ୍ୱୟ କାର(ଓଡି ୦୨ ଏକେ ୨୬୦୬)ରେ ବ୍ରାଉନସୁଗାର ପୁରୀ ଅଞ୍ଚଳକୁ ନେଉଥିବା ଖବରପାଇ ଖୋର୍ଦ୍ଧା ଜିଲା ମୋବାଇଲ ସ୍କ୍ୱାଡ୍ ଏସ୍‌ଆଇ ହୃଦୟ ଚନ୍ଦ୍ର ସାମନ୍ତ, ହିତାଂଶୁ ମଲ୍ଲିକଙ୍କ ସହ ଏକ ଟିମ୍ ଭୁବନେଶ୍ୱର–ପୁରୀ ବାଇପାସ ରୋଡରେ ଅପରାହ୍ନ ପ୍ରାୟ ୨ଟା ରେ ପିଛା କରିଥିଲେ। କୌଣସି ଅଭିଯୁକ୍ତଙ୍କୁ ବ୍ରାଉନସୁଗାର ଦେବା ପାଇଁ ଅଭିଯୁକ୍ତ ଦ୍ୱୟ କାର ଅଟକାଇବା ପରେ ସେମାନଙ୍କୁ ଟିମ୍ କାବୁ କରି ଅବକାରୀ କାର୍ଯ୍ୟାଳୟକୁ ଆଣିଥିଲା। ବାରିପଦାରୁ ଭୁବନେଶ୍ୱର ଆସୁଥିବା ଏକ ଯାତ୍ରୀବାହୀ ବସରେ ବ୍ରାଉନସୁଗାର ପ୍ୟାକେଟ ପଳାଶୁଣୀ ନିକଟରେ ଓହ୍ଲାଇବା ପରେ ଉକ୍ତ ପ୍ୟାକେଟକୁ ସେମାନେ କାର ଯୋଗେ ଗ୍ରାହକଙ୍କୁ ବିକ୍ରି ପାଇଁ ନେଉଥିବା ମୋବାଇଲ ସ୍କ୍ୱାଡ୍ ଅଧିକାରୀଙ୍କ ନିକଟରେ ସ୍ୱୀକାର କରିଥିବା ଏସ୍‌ଆଇ ସାମନ୍ତ କହିଛନ୍ତି। ଜବତ କାରର ମାଲିକଙ୍କୁ ଖୋଜିବା ପାଇଁ ପ୍ରକ୍ରିୟା ଆରମ୍ଭ ହେବା ସହ ଆଗାମୀ ଦିନରେ ବିଭିନ୍ନ ପଟରୁ ଭୁବନେଶ୍ୱରକୁ ଆସୁଥିବା ଯାତ୍ରୀବାହୀ ବସ ଉପରେ ନଜର ରଖାଯିବ ବୋଲି ଅବକାରୀ ଅଧୀକ୍ଷକ ଆଚାର୍ଯ୍ୟ କହିଛନ୍ତି। ଏ ନେଇ ଏକ ମାମଲା(ନଂ.୫୦/୧୯–୨୦) ରୁଜୁ ହୋଇଛି। ଉକ୍ତ ଚଢ଼ାଉ ବେଳେ ସୁଜିତ ମୁଦୁଲି, ଅକ୍ଷୟ ଜେନା ଓ ସୁବାସ ମହାପାତ୍ର ସାମିଲ ଥିଲେ।

## ୧୭ ଗ୍ରାମ ହେରୋଇନ୍ ଜବତ

#### ଜଣେ ଗିରଫ





ଜଟଣୀ,୨୩।୭ (ଡି.ଏନ.ଏ.)

ଅବକାରୀ ବିଭାଗ ଚଢ଼ାଉ କରି ଜଟଣୀ କୁଦିଆରୀ ଦଳିତ ସାହିରୁ ମଙ୍ଗଳବାର ୧୭ ଗ୍ରାମ ହିରୋଇନ୍ ଓ ୬ ହଜାର ୪ ଶହ ଟଙ୍କା ଜବତ କରିଛି। ଏହାକୁ ବିକ୍ରୟ କରୁଥିବା ପ୍ରଶାନ୍ତ ବେହେରାଙ୍କୁ ଗିରଫ କରାଯାଇଥିବା ଜଟଣୀ ଅବକାରୀ ସବ୍‌ଇନ୍ସପେକ୍ଟର କୌଶଲ୍ୟା ଜେନା କହିଛନ୍ତି। ଏ ନେଇ ନଂ. ୨୩/୧୯ରେ ମାମଲା ରୁଜୁ ହୋଇଛି।

### ଜଳବନ୍ଦୀ ପରେ ଚେତିଲେ ବିଏମ୍‌ସି କର୍ତ୍ତୃପକ୍ଷ

# ସମ୍ପ୍ରସାରିତ ହେବ ସହରର ଡ୍ରେନ୍



- ନଗର ଉନ୍ନୟନ ବିଭାଗକୁ ଅବଗତ କଲା ବିଏମ୍‌ସି
- ଡ୍ରେନ ବିକାଶରେ ଖର୍ଚ୍ଚ ହେବ ୩୭୮ କୋଟି
- ଜମି ଅଧିଗ୍ରହଣରେ ଖର୍ଚ୍ଚ ହେବ ୬୨୦ କୋଟି

ଭୁବନେଶ୍ୱର,୨୩।୭(ବ୍ୟୁରୋ)

ପ୍ରତ୍ୟେକ ବର୍ଷ ଭୁବନେଶ୍ୱରବାସୀ ଡ୍ରେନେଜକୁ ନେଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦେଖାଯିବା ସହ ଅଧିକାଂଶ ସମୟରେ ଡ୍ରେନେଜ ଜାମ୍, ରାସ୍ତାରେ ମଇଳା ପାଣି ଭାସିବା ପରି ସମସ୍ୟା ଭୋଗୁଛନ୍ତି। ପ୍ରତିବର୍ଷ ଲୋକଙ୍କୁ ଆଶ୍ୱାସନା ଦେବା ଭଳି ବିଏମସି ଯୋଜନା ପରେ ଯୋଜନା ଆଗତ କରୁଛି। ହେଲେ ସମୟାନୁସାରେ ଯୋଜନାଗୁଡିକ ସରକାରୀ ଦପ୍ତରରେ ନାଲି ଫିତା ତଳେ ବନ୍ଦ ହୋଇ ରହିଯାଉଛି। ସବୁଥର ଡ୍ରେନ ଚ୍ୟାନେଲ ସଫା କରିବା, ପୁନରୁଦ୍ଧାର କରିବା ଜାରି ରହିଥିବାବେଳେ ଏବେ ବିଏମସିକୁ ଡ୍ରେନ ସମ୍ପ୍ରସାରଣ କରିବା ଚିନ୍ତା ଘାରିଛି। ଯାହାର ଫଳସ୍ୱରୂପ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ସହରରେ ଜଳବନ୍ଦୀ ସମସ୍ୟା ଦୂର କରିବା ପାଇଁ ଡ୍ରେନେଜଗୁଡିକର ସମ୍ପ୍ରସାରଣ କରିବା ଲକ୍ଷ ରଖିଛି। ଏ ନେଇ ବିଏମ୍‌ସି ପକ୍ଷରୁ ୩୭୮ କୋଟି ୫୧ ଲକ୍ଷ ଟଙ୍କାର ଅର୍ଥ ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ଏ ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ବିଏମ୍‌ସି ମଙ୍ଗଳବାର ଅବଗତ କରାଇଛି।

ଏହି ଯୋଜନାରେ ବିଏମ୍‌ସି ୧୯୭ଟି ଆଭ୍ୟନ୍ତରୀଣ ସଂଯୁକ୍ତ ଡ୍ରେନ ଓ ୧୦ଟି ମୁଖ୍ୟ ଡ୍ରେନର ବିକାଶ ଦର୍ଶାଇଛି। ଏଥିପାଇଁ ୬୦ ଏକର ଅଧିକ ଜମି ଅଧିଗ୍ରହଣ କରାଯିବ ବୋଲି ବିଏମସି କହିଛି। ଏହି ଜମି ପାଇଁ ୬୨୦ କୋଟି ୯୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ କରିଛି। ସେହିପରି ୧୯୭ଟି ଆଭ୍ୟନ୍ତରୀଣ ଡ୍ରେନର ବିକାଶ ପାଇଁ ୭୧ କୋଟି ୯୭ ଲକ୍ଷ ଟଙ୍କାରୁ ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି ଓ ମୁଖ୍ୟ ଡ୍ରେନଗୁଡିକର ବିକାଶକୁ ଲକ୍ଷ୍ୟ କରି ୩ରୁ ୪ ମିଟର ଉଚ୍ଚତା ବିଶିଷ୍ଟ କାନ୍ଥ କରିବାର ଯୋଜନା ରହିଛି। ଉଲ୍ଲେଖ ଥାଉକି ସହରର ଡ୍ରେନେଜ ସମସ୍ୟା ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ଗତ ମାର୍ଚ୍ଚ ୬ ତାରିଖରେ ହଜାର କୋଟି ଟଙ୍କାର ଅର୍ଥରାଶି ଘୋଷଣା କରିଥିଲେ। ହେଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅପାରଗତା ଓ ଅବହେଳା ପାଇଁ ଗତ ୫ ମାସ ହେବ ଏହି ଯୋଜନାଟିରେ କୌଣସି ଉନ୍ନତିଆସିପାରି ନ ଥିଲା। ମୌସୁମୀ ଆସିବା ପରେ ବର୍ଷା ହେତୁ ଜଳବନ୍ଦୀ ସମସ୍ୟା ଦେଖାଯିବାରୁ ଏବେ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିଛି।

### ଜାତୀୟ ରାଜପଥରେ ଟ୍ରକ୍‌ରୁ ଚାନ୍ଦା ଆଦାୟ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୩।୭(ବ୍ୟୁରୋ)

ଶହୀଦନଗର ଥାନା ଅଞ୍ଚଳରେ ଜାତୀୟ ରାଜପଥରେ ଟ୍ରକ ଡ୍ରାଇଭରଙ୍କୁ ଅଟକାଇ ଚାନ୍ଦା ଆଦାୟ କରୁଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ନୟାଗଡ ଜିଲା ଖଣ୍ଡପଡା ଅଞ୍ଚଳର ଚନ୍ଦନ କୁମାର ବାରିକ। ପୋଲିସ ସୂଚନା ମୁତାବକ, ସୋମବାର ବିଳମ୍ବିତ ରାତି ୨ଟାରେ ପଞ୍ଜାବ ଅଞ୍ଚଳର ନରଭିର ସିଂ ଟ୍ରକରେ ପାଓ୍ୱାର ଟିଲର ଲୋଡ କରିଯାଉଥିଲେ। ରସୁଲଗଡ ଛକ ପାର ହୋଇ ଓଭରବ୍ରିଜ ଚଢିବା ବେଳେ ଅଭିଯୁକ୍ତମାନେ ଟ୍ରକକୁ ଅଟକାଇଥିଲେ। ଏଥିସହ ଟ୍ରକ ଡ୍ରାଇଭରଙ୍କୁ ମୋଟା ଅଙ୍କର ଚାନ୍ଦା ମାଗିଥିଲେ। ଟଙ୍କା ଦେବାର ଆଳ ଦେଖାଇ ଟ୍ରକ ଡ୍ରାଇଭର ୧୦୦କୁ ଫୋନ ଲଗାଇ ଲାଇନରେ ରଖିଥିଲେ। ଫଳରେ ପୋଲିସ କଣ୍ଟ୍ରୋଲ ରୁମ ଘଟଣା ସମ୍ପର୍କରେ ଜାଣିବା ପରେ, ଖବରପାଇ ଶହୀଦନଗର ପିସିଆର ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଘେରିଯାଇଥିଲା। ପୋଲିସ ଅଭିଯୁକ୍ତ ଚନ୍ଦନଙ୍କୁ କାବୁ କରିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଏ ନେଇ ପୋଲିସ ନଂ. ୩୩୭/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ନେତାଜୀ ସୁଭାଷ ମେମୋରିଆଲ ସିଟି କଲେଜରେ ଗଣ୍ଡଗୋଳ

## ଅଣଛାତ୍ରଙ୍କ ଆକ୍ରମଣରେ ଛାତ୍ର ଆହତ



କଟକ ଅଫିସ,୨୩।୭

ରାଜାବଗିଚାସ୍ଥିତ ନେତାଜୀ ସୁଭାଷ ମେମୋରିଆଲ ସିଟି କଲେଜରେ ମଙ୍ଗଳବାର ୧୦ରୁ ଊର୍ଦ୍ଧ୍ୱ ଅଣଛାତ୍ର ମୁଖ୍ୟ ଫାଟକ ସମ୍ମୁଖରେ ଜଣେ ଛାତ୍ରଙ୍କୁ ସଂଘବଦ୍ଧଭାବେ ଆକ୍ରମଣ କରିଥିଲେ। ଏଥିରେ ଯୁକ୍ତ ଦୁଇ କଳା ବିଭାଗ ଦ୍ୱିତୀୟ ବର୍ଷର ଛାତ୍ର ସାହିଦ ଖାନ୍ ଆହତ ହୋଇଥିଲେ। ଖବରପାଇ ବାଦାମବାଡି ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସୂଚନା ଅନୁଯାୟୀ, ସାହିଦଙ୍କୁ କେତେଜଣ ଅଣଛାତ୍ର ଫୋନ କରି ମହାବିଦ୍ୟାଳୟ ମୁଖ୍ୟ ଫାଟକ ପାଖକୁ ଡାକିଥିଲେ। ସେ ସେଠାକୁ ଯିବା ପରେ ୧୦ରୁ ଊର୍ଦ୍ଧ୍ୱ ପିଲା ମିଳିତଭାବେ ତାଙ୍କ ଉପରେ ଆକ୍ରମଣ କରିଥିଲେ। ଆଗକୁ ଛାତ୍ର ସଂସଦ ନିର୍ବାଚନ ଥିବାରୁ କ୍ୟାମ୍ପସ ପରିସରରେ ଅଶାନ୍ତ ବାତାବରଣ ସୃଷ୍ଟି କରାଯାଉଥିବା ସାହିଦ୍ କହିଛନ୍ତି। ଅନ୍ୟପକ୍ଷରେ ଏ ନେଇ ମହାବିଦ୍ୟାଳୟ ଅଧକ୍ଷ ଡ. ଦେବାଶିଷ ଜେନା କୁହନ୍ତି, ମୋ ପାଖକୁ ଏଭଳି କୌଣସି ଅଭିଯୋଗ ଆସିନାହିଁ। ଯଦି ଆସେ ତେବେ ମହାବିଦ୍ୟାଳୟ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ଫଟୋରେ ଖବର





ସହରାଞ୍ଚଳ ବାସହୀନ ବସ୍ତିବାସିନ୍ଦା ହିତାଧିକାରୀଙ୍କୁ ଚିହ୍ନଟ ଓ ତୁରନ୍ତ ବାସଗୃହ ପ୍ରଦାନ ଦାବିରେ ବସ୍ତିବାସିନ୍ଦା ଏକତା ମଞ୍ଚ କଟକ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ମଙ୍ଗଳବାର ବିକ୍ଷୋଭ ଶୋଭାଯାତ୍ରା।





ବସ୍ତି ଆନ୍ଦୋଳନ ଦମନ କରିବା ଉଦ୍ଦେଶ୍ୟରେ ବସ୍ତି ସୁରକ୍ଷା ମଞ୍ଚ ନେତାଙ୍କୁ ମାମଲାରେ ଫସାଇ ଜେଲ୍ ପଠାଇବା ଷଡ଼ଯନ୍ତ୍ର ବିରୋଧରେ ମଞ୍ଚ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର କ୍ୟାପିଟାଲ ଥାନା ସମ୍ମୁଖରେ ବିକ୍ଷୋଭ।





ସୂଚନା ଆଇନର ସଂଶୋଧନ ପ୍ରସ୍ତାବକୁ ତୁରନ୍ତ ପ୍ରତ୍ୟାହାର ଦାବିରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ମଙ୍ଗଳବାର ଦିଆଯାଇଥିବା ଧାରଣା।



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି, ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ। -ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଟଳିପଡିଲେ ବୃଦ୍ଧ, ଅଂଶୁଘାତ ସନ୍ଦେହ

ଭୁବନେଶ୍ୱର, ୨୩।୭(ବ୍ୟୁରୋ): ନୟାପଲ୍ଲୀ ଥାନା ସିଆରପି ଛକ ହନୁମାନ ମନ୍ଦିର ନିକଟରେ ଖରାରେ ଭିକ ମାଗୁଥିଲେବେଳେ ହଠାତ୍ ଜଣେ ବୃଦ୍ଧ ଟଳିପଡ଼ିଥିଲେ। ତାଙ୍କର ପରିଚୟ ମିଳିନଥିବାବେଳେ ବୟସ ପାଖାପାଖି ୭୦ ହେବ। ସେ ଏକ ଧୋତି ଓ ସିମେଣ୍ଟ ରଙ୍ଗର ଏକ ଗଞ୍ଜି ପିନ୍ଧିଥିଲେ। ବୃଦ୍ଧ ଜଣକ ମନ୍ଦିର ନିକଟରେ ନିୟମିତ ଭିକ ମାଗୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ତାଙ୍କୁ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ନୟାପଲ୍ଲୀ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛନ୍ତି। ତାଙ୍କର କେହି ନ ଥିବାରୁ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ
### ଆଦର୍ଶ ଶିକ୍ଷକ, ଶ୍ରେଷ୍ଠ ଅଙ୍ଗନବାଡ଼ି କର୍ମୀ ପୁରସ୍କୃତ ହେବେ

ଭୁବନେଶ୍ୱର, ୨୩।୭(ବ୍ୟୁରୋ): ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଖୋର୍ଦ୍ଧା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିତାଂଶୁ କୁମାର ରାଉତ ଏଥିରେ ଅଧକ୍ଷତା କରି କହିଲେ, ଚଳିତବର୍ଷ ସ୍ୱାଧୀନତା ଦିବସ ପରେଡ୍‌ରେ ପ୍ରାୟ ୫୦ଟି ସାମରିକ ଓ ବେସାମରିକ ଦଳ ଅଂଶଗ୍ରହଣ କରିବେ। ଆସନ୍ତା ୩୧ ତାରିଖ ଅପରାହ୍ଣ ୫ଟା ୩୦ ପର୍ଯ୍ୟନ୍ତ ନୂତନଭାବେ ପରେଡ୍‌ରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଶିକ୍ଷାନୁଷ୍ଠାନଗୁଡ଼ିକ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ। ପ୍ରତିବର୍ଷଭଳି ଏବର୍ଷ ମଧ ୧୫ ତାରିଖ ଦିନ ଭୋର୍ ୪ଟା ୩୦ରୁ ଡାକବାଜି ଯନ୍ତ୍ର ଦ୍ୱାରା 'ରାମଧୁନ୍' ସହର ପରିକ୍ରମା କରିବ। ବିଜେବି ହାଇସ୍କୁଲ୍ ଖେଳପଡ଼ିଆରେ ସକାଳ ୯ଟା ୩୦ରେ ପତାକା ଉତ୍ତୋଳନ ହେବ। ଏହି ଦିବସ ଉପଲକ୍ଷେ ଅନୁଷ୍ଠିତ ହେଉଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ଚଳିତବର୍ଷ ଆଦର୍ଶ ଶିକ୍ଷକ ପୁରସ୍କାର ଏବଂ ଶ୍ରେଷ୍ଠ ଅଙ୍ଗନବାଡ଼ି କର୍ମୀ ପୁରସ୍କାର ମଧ ପ୍ରଦାନ କରାଯିବ। ଏହି ପ୍ରସ୍ତୁତି ବୈଠକରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଉପସ୍ଥିତ ଥିଲେ।

### ବନମାଳୀ ଜେନା ସ୍ମୃତି ସମାରୋହ

ଭୁବନେଶ୍ୱର, ୨୩।୭(ବ୍ୟୁରୋ): ବନମାଳୀ ଜେନା ସ୍ମୃତି କମିଟି ଆନୁକୂଲ୍ୟରେ ପଟିଆବନ୍ଧ ଆନ୍ଦୋଳନ କମିଟିର ସମ୍ପାଦକ ବନମାଳୀ ଜେନାଙ୍କ ତୃତୀୟ ବାର୍ଷିକ ସ୍ମୃତି ସମାରୋହ ସୋମବାର କାନନ ବିହାରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ସିପିଆଇ ସମ୍ପାଦକ ସୁର ଜେନା, ଅନ୍ନପୂର୍ଣ୍ଣା ମିଶ୍ର, ସୁବାସ ପାତ୍ର, କିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୭ଜଣଙ୍କୁ 'କମ୍ରେଡ ବନମାଳୀ ଜେନା ସ୍ମୃତି ସମ୍ମାନ-୨୦୧୯' ପ୍ରଦାନ କରାଯାଇଥିଲା।

# ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ

ବାରଙ୍ଗ,୨୩।୭(ଡି.ଏନ୍.ଏ.)

## ସ୍କୁଲ ବାରଣ୍ଡାରେ ବସିଲେ ଛାତ୍ରୀଛାତ୍ର



ବାରଙ୍ଗ ବ୍ଲକ ଅନ୍ତର୍ଗତ ଚଣ୍ଡିପ୍ରସାଦ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଗତ କିଛିଦିନ ହେବ ଅବ୍ୟବସ୍ଥା ମାନ ଲାଗିରହିଛି। ଏହାର ନିରାକରଣ ପାଇଁ ଗ୍ରାମବାସୀ ବାରମ୍ବାର ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ପ୍ରତିକାର ହୋଇପାରି ନ ଥିଲା। ଶେଷରେ ଚଣ୍ଡୀପ୍ରସାଦ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ମଙ୍ଗଳବାର ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ଖବରପାଇ ବାରଙ୍ଗ ଥାନା ପୋଲିସ, ବାରଙ୍ଗ ବ୍ଲକ ଶିକ୍ଷାଧିକାରୀ ଓ ସ୍ଥାନୀୟ ଲୋକପ୍ରତିନିଧିମାନେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାପରେ ବିଦ୍ୟାଳୟ ଖୋଲିଥିଲା।

ସୂଚନାଯୋଗ୍ୟ, ବାତ୍ୟା ଫନୀରେ ଚଣ୍ଡିପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ବଖରା ଆଜବେଷ୍ଟସ ଘର ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି। ଏହି ଘରକୁ ଭାଙ୍ଗିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବିଦ୍ୟାଳୟରେ ଆଲୋଚନା ପାଇଁ ବହୁବାର ଉଦ୍ୟମ ସତ୍ତ୍ୱେ ତାହା ଫଳପ୍ରଦ ହୋଇପାରି ନ ଥିଲା। ଯାହାଦ୍ୱାରା ଛୋଟ ପିଲାମାନେ ଏହି ଅସୁରକ୍ଷିତ ଘରପାଖରେ ଖେଳକୁଦ କରୁଥିବାବେଳେ କୌଣସି ଅଘଟଣ ଘଟିବା ଭୟ ରହିଥିଲା। ଏଥିସହ ବିଦ୍ୟାଳୟ ପରିଚାଳନା କମିଟିର ହେଉଥିବା ବୈଠକରେ ପ୍ରଧାନଶିକ୍ଷୟିତ୍ରୀ ଅସହଯୋଗ କରୁଥିବାରୁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ବାଧକ ସୃଷ୍ଟି ହେଉଥିଲା। ଅପରପକ୍ଷେ ବିଦ୍ୟାଳୟରେ ୫ଜଣ ଶିକ୍ଷକ ଥିବାବେଳେ ଜଣେ ଶିକ୍ଷୟିତ୍ରୀ ପ୍ରାୟ ୬ମାସ ହେବ ଅନୁପସ୍ଥିତ ଥିବାବେଳେ ତାଙ୍କର ଉପସ୍ଥିତି ଦେଖାଯାଉଥିବାର ଅଭିଯୋଗ ହୋଇଥିଲା। ଏପରିକି ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ଅନ୍ୟ ଶିକ୍ଷକମାନେ ସମୟାନୁସାରେ ବିଦ୍ୟାଳୟକୁ ଆସୁ ନ ଥିବାର ଅନ୍ୟ ଏକ କାରଣ ସାଜିଥିଲା ବୋଲି ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ନକୁଳଚରଣ ମଣ୍ଡଳ କହିଛନ୍ତି। ଏ ନେଇ ବ୍ଲକ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯିବା ପ୍ରତିବାଦରେ ବିଦ୍ୟାଳୟରେ ଗ୍ରାମବାସୀଙ୍କ ସହାୟତାରେ ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ତାଲା ପକାଇଥିଲେ। ଖବରପାଇ ବାରଙ୍ଗ ଥାନାଧିକାରୀ ଶଶିକାନ୍ତ ରାଉତ, ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚିବା ସହ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ବିଦ୍ୟାଳୟ ତାଲା ଫିଟିଥିଲା। ପରେ ବିଦ୍ୟାଳୟ ପରିସରରେ ଗ୍ରାମାବାସୀଙ୍କ ସହ ଆଲୋଚନା କରାଯାଇ ସେମାନେ କରିଥିବା ଅଭିଯୋଗର ଯଥାଶୀଘ୍ର ସମାଧାନ ହେବ ବୋଲି ବ୍ଲକ ଶିକ୍ଷାଧିକାରୀ ବେହେରା କହିଛନ୍ତି।

# ବିମାନବନ୍ଦର କଡରୁ ଉଚ୍ଛେଦ ହେଲା ଗଣ୍ଡମୁଣ୍ଡା ବସ୍ତି





ଡ୍ରୋଜର ଯୋଗେ ଏକ ଘର କାନ୍ଥକୁ ଉଚ୍ଛେଦ କରାଯାଉଛି।

ଭୁବନେଶ୍ୱର, ୨୩।୭(ବ୍ୟୁରୋ)

ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରକୁ ଅଧିକ ପ୍ରସାରିତ କରିବା ଲାଗି ବିମାନବନ୍ଦର ନିକଟରେ ଥିବା ୧.୬ ଏକର ସରକାରୀ ଜାଗାର ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ମଙ୍ଗଳବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ସାଧାରଣ ପ୍ରଶାସନ ବିଭାଗ (ଜିଏ) ଏବଂ କମିଶନରେଟ ପୋଲିସ ଉପସ୍ଥିତିରେ ବିମାନବନ୍ଦର ନିକଟରେ ଥିବା ଗଣ୍ଡମୁଣ୍ଡାବସ୍ତିକୁ ଉଚ୍ଛେଦ କରାଯାଇଛି। ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର ନିକଟରେ ଥିବା ଗଣ୍ଡମୁଣ୍ଡା ବସ୍ତିର ୩୦ ହଜାର ସ୍କୋୟାର ଫୁଟ ସରକାରୀ ସ୍ଥାନରେ ଜବରଦଖଲ ଉଚ୍ଛେଦ ହୋଇଛି ଏବଂ ଏହି ସ୍ଥାନକୁ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ଓ ଗୃହ ବିଭାଗ ଅତିରିକ୍ତ ସଚିବଙ୍କ ନିର୍ଦ୍ଦେଶକ୍ରମେ ଚିଠି ନଂ, ୨୫୩୧୯ ଏବଂ ବିମାନବନ୍ଦର ନିର୍ଦ୍ଦେଶକଙ୍କ ଚିଠି ନଂ. ୪୩୧/୩୪କୁ ଭିତ୍ତିକରି ଏହି ଉଚ୍ଛେଦ କରାଯାଇଛି।

ମଙ୍ଗଳବାର ହୋଇଥିବା ଏହି ଉଚ୍ଛେଦରେ ବସ୍ତିରେ ଥିବା ୨୭ଟି ରାଜୀବ ଆବସ ଯୋଜନା ଟିଣ ଘର, ୨୦ଟି ଘରକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି। ଏହି କାର୍ଯ୍ୟରେ ବିଏମ୍‌ସି ପକ୍ଷରୁ ଗୋଟିଏ ବୁଲଡୋଜର କାର୍ଯ୍ୟରତ ଥିବା ବେଳେ ବିଡିଏ ପକ୍ଷରୁ ୨ଟି ବୁଲଡୋଜର କାର୍ଯ୍ୟରେ ନିୟୋଜିତ ହୋଇଥିଲା। ଏହି ଉଚ୍ଛେଦରେ ବିଡିଏ ଉଚ୍ଛେଦ ଅଧିକାରୀ ପ୍ରମୋଦ କୁମାର ପାତ୍ର, ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି ଖଣ୍ଡଗିରି ଥାନା ଏସିପି ପି.କେ. ରାଉତ, ଗୋଟିଏ ପ୍ଲାଟୁନ ଏପିଆର ଫୋର୍ସ,୧ ସେକ୍ସନ ମହିଳା ପୋଲିସ ଟିମ, ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ନଂ. ୨, ୩, ବିଏମ୍‌ସି ଉତ୍ତର ପଶ୍ଚିମ ଜୋନର ସ୍କ୍ୱାଡ ଓ ସାଧାରଣ ପ୍ରଶାସନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଅନନ୍ତବାସୁଦେବ ମନ୍ଦିର ପାର୍ଶ୍ୱରୁ ହଟିଲା ଜବରଦଖଲ

ପୁରୁଣା ଭୁବନେଶ୍ୱର, ୨୩।୭ (ଡି.ଏନ.ଏ.)

## ଶ୍ରୀଲିଙ୍ଗରାଜଙ୍କ ବୋର୍ଡ ଲଗାଇଲା ପ୍ରଶାସନ





ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଶତାଧିକ ଏକର ଜମି ଜବରଦଖଲରେ ରହିଛି। ପ୍ରଶାସନର ହାଲୁକା ମନୋଭାବ ପାଇଁ ଠାକୁରଙ୍କ ବାକି ସମ୍ପତ୍ତିଗୁଡ଼ିକ ଉପରେ ଜବରଦଖଲକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ବହୁବର୍ଷ ପରେ ଗତ ୬ ମାସ ମଧ୍ୟରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ ବହୁ କଷ୍ଟରେ ଦୁଇଟି ଜାଗାରୁ ଜବରଦଖଲ ହଟାଇ ଠାକୁରଙ୍କ ତହବିଲକୁ ସମ୍ପତ୍ତି ଫେରାଇ ଆଣିଥିଲା। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିନ୍ଦୁସାଗର କୂଳରେ ଥିବା ଅନନ୍ତବାସୁଦେବ ମନ୍ଦିରର ଶ୍ରୀଲିଙ୍ଗରାଜ ମନ୍ଦିର ସହ ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ଏହି ମନ୍ଦିର ନିକଟରେ ଥିବା ଗୌତମନଗର ମୌଜାରୁ ପ୍ରାୟ ୭୮୨ ଡିସିମିଲ ଜାଗାକୁ ମନ୍ଦିର ପ୍ରଶାସନ ମଙ୍ଗଳବାର ଜବରଦଖଲ ହଟାଇଛି। ମିଳିଥିବା ସୂଚନା ମୁତାବକ, ଏଠାରେ ଥିବା ପ୍ଲଟ୍ ନଂ. ୨୨୩୧, ୨୨୩୨, ୨୨୩୪, ୨୨୨୫, ୩୩୨୬ରେ ଥିବା ଠାକୁରଙ୍କ ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରିଥିଲେ। ଏ ନେଇ ପୂର୍ବରୁ ଓଇଏଏ କେସ୍ ନଂ. ୯୮୨/୧୬ ରେ ରୁଜୁ ହୋଇଥିଲା।

ସୂଚନାଥାଉ କି ଅନନ୍ତବାସୁଦେବ ମନ୍ଦିରରେ ଏଏସ୍‌ଆଇର ନିର୍ଦ୍ଦେଶ ନ ଥାଇ ନିର୍ମାଣ କାର୍ଯ୍ୟ କରାଯାଉଥିଲା। ଘଟଣାକୁ ବିରୋଧ କରିବାକୁ ଯାଇ ଏଏସ୍‌ଆଇ ପକ୍ଷରୁ ବିଭିନ୍ନ ମହଲକୁ ପତ୍ର ଲେଖାଯାଇଥିଲା। ଘଟଣା ଘଟିଥିଲା ଗତ ଗୁରୁବାର। ପରବର୍ତ୍ତୀ ସମୟରେ ଶୁକ୍ରବାର ଧରିତ୍ରୀରେ ଅନନ୍ତବାସୁଦେବ ମନ୍ଦିରର ଈଶାନ୍ୟ କୋଣରେ ନିର୍ମାଣ ହେବ ରୋଷଘର ଏକ ଖବର ପ୍ରକାଶିତ ହୋଇଥିଲା। ଏଥିପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଅନନ୍ତବାସୁଦେବ ମନ୍ଦିରର ସୌନ୍ଦର୍ଯ୍ୟକରଣ, ପୁନରୁଦ୍ଧାର ପାଇଁ ବିଭିନ୍ନ ଯୋଜନା ସହ ରୋଷଘର ପାଇଁ ମୋଟ ପ୍ରାୟ ୮ କୋଟି ବ୍ୟୟ ବରାଦ ହୋଇଥିବା ଖବର ପ୍ରକାଶ ପାଇଥିଲା। ଏହାପରେ ବିଭିନ୍ନ ମହଲରେ ତତ୍ପରତା ଦେଖାଦେଇଥିଲା। ଏପରିକି ଜବରଦଖଲକାରୀ ସୋମବାର ଉକ୍ତ ଜାଗାରେ ସିମେଣ୍ଟ ଖୁଣ୍ଟ ପୋତି ଠାକୁରଙ୍କ ଜାଗାକୁ ଜବରଦଖଲ କରିବାକୁ ଚେଷ୍ଟା କରିଥିଲେ। ଖବରପାଇ ଲିଙ୍ଗରାଜ ଥାନା ପୋଲିସ ଏବଂ ମନ୍ଦିର ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ହେଲେ ସେଥିରେ କୌଣସି ପ୍ରଭାବ ପଡ଼ି ନ ଥିଲା। ମଙ୍ଗଳବାର ପୁଣି ସମାନ ସମସ୍ୟା ଉପୁଜିବାରୁ ମନ୍ଦିର ପ୍ରଶାସନ ଗୋଟିଏ ସେକ୍ସନ ପୋଲିସ୍ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଜାଗାରୁ ଜବରଦଖଲ ହଟାଇବା ସହ ଠାକୁରଙ୍କ ମାଲିକନା ଫଳକ ଲଗାଇଥିଲେ।

# ମୋବାଇଲ ଫୋନ୍ ଲୁଟ୍ ଘଟଣା
## ୨ ମାମଲାରେ ୨ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୩।୭ (ବ୍ୟୁରୋ)

କ୍ୟାପିଟାଲ ଥାନା ଅଞ୍ଚଳରେ ଆକ୍ରମଣ କରି ମୋବାଇଲ ଟଙ୍କା ଲୁଟ୍ କରିବାର ୨ଟି ଭିନ୍ନ ଭିନ୍ନ ଘଟଣାରେ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ ସୂଚନା ମୁତାବକ ୟୁନିଟ ୯ ଅଞ୍ଚଳରେ ଥିବା ଏକ ବ୍ୟାଙ୍କରେ ରାଣୀ ହାଁସଦା କାର୍ଯ୍ୟ କରନ୍ତି। ଗତ ୧୬ ତାରିଖ ସନ୍ଧ୍ୟାରେ ସେ କାମ ସାରି ସ୍କୁଟିରେ ଘରକୁ ଫେରୁଥିବା ବେଳେ ଗଭର୍ନର ହାଉସ ଛକ ନିକଟରେ ୨ ଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରି ତାଙ୍କଠାରୁ ମୋବାଇଲ ଛଡାଇ ନେଇଥିଲେ। ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୨୪୮/୧୯ରେ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ମଙ୍ଗଳବାର ଫୋନକୁ ଟ୍ରକ କରିବା ପରେ ବାପୁଜୀନଗର ପାଣି ଟାଙ୍କି ଅଞ୍ଚଳର ଶଙ୍କର ବାରିକଙ୍କୁ ଗିରଫ କରିଛି। ସେହିପରି ଗତ ୨୧ରେ ଶିଶୁଭବନ ବସ୍‌ଷ୍ଟପ୍ ନିକଟରେ ଜଣେ ଛାତ୍ର ଫୋନରେ ଠିଆ ହୋଇ ଗପିବା ବେଳେ ଅଭିଯୁକ୍ତ ଅନ୍ୟ ଜଣଙ୍କୁ କଲ୍ କରିବା ବାହାନାରେ ଫୋନ ମାଗି ଫେରାର ହୋଇ ଯାଇଥିଲେ। ଛାତ୍ର ଜଣଙ୍କ ତାଙ୍କୁ କାବୁ କରି ନେବାରୁ ତାଙ୍କ ମୁହଁକୁ ମୁଥ ମାରି ୫୦୦ ଟଙ୍କା ପକେଟରୁ ଛଡାଇ ଫେରାର ହୋଇଯାଇଥିଲେ। ଏ ନେଇ ପୋଲିସ ନିକଟରେ ଅଭିଯୋଗ ପରେ ପୋଲିସ ନଂ. ୨୫୮/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ମୋବାଇଲ ଟ୍ରାକ କରି କେଦାରପଲ୍ଲୀ ବସ୍ତି ଅଞ୍ଚଳରୁ ଅଭିଯୁକ୍ତ ବିଜୁ ନାୟକଙ୍କୁ ଗିରଫ କରିଛି।

# ମରାମତି ହେଉନି ପାଣି ପାଇପ୍

କଟକ ରୋଡ,୨୩।୭(ଡି.ଏନ୍.ଏ.)



ରାଜଧାନୀର ବିଭିନ୍ନ ଅଞ୍ଚଳରେ ପାଣି ପାଇପ୍ ଫାଟି ଜଳ ପ୍ରଦୂଷିତ ଆଶଙ୍କା ଦେଖାଯାଇଛି। ଏ ନେଇ ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଥିଲେ ମଧ ପ୍ରତିକାର ହୋଇପାରୁ ନାହିଁ। ଏଭଳି ଘଟଣାକ୍ରମେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ୪୨ନଂ. ୱାର୍ଡ ଅଧୀନ ପୁରୁଣା ଷ୍ଟେଶନ ବଜାର ଦୁର୍ଗା ମଣ୍ଡପ ନିକଟରେ ଗତ ପ୍ରାୟ ୬ମାସରୁ ଉର୍ଦ୍ଧ୍ୱ ହେବ ଏକ ମୁଖ୍ୟ ପାଇପ୍‌ଲାଇନ ଫାଟିଯାଇଥିଲେ ମଧ ଏହା ମରାମତି ହୋଇପାରି ନାହିଁ। ଫଳରେ ଉକ୍ତ ଲାଇନ ମାଧମରେ ଷ୍ଟେଶନ ବଜାର ସହ ଆଖପାଖ ଅଞ୍ଚଳ ଲୋକଙ୍କୁ ଯୋଗାଉଥିବା ପିଇବା ପାଣି ପ୍ରଦୂଷିତ ହେଉଥିବା ଲୋକେ ଆଶଙ୍କା କରିଛନ୍ତି। ଏପରି ମଧ ପାଇପ୍ ଫାଟିଥିବା ସ୍ଥାନରେ ଲୋକେ ଗୋଡ ଧୋଇବା, ବୁଲା କୁକୁର ପାଣି ପିଇବା ସହ ନିକଟବର୍ତ୍ତୀ ଅଞ୍ଚଳରୁ ଆସୁଥିବା ଅଳିଆ ଆବର୍ଜନା ପଡିବା ଫଳରେ ଜଳ ପ୍ରଦୂଷଣ ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ପାଣି ପାଇପ ଫାଟିବା ଫଳରେ ଜଳ ନଷ୍ଟ ହେଉଥିବା ବେଳେ ରାସ୍ତାରେ ପିଇବା ପାଣି ଭାସୁଛି। ଖୁବ୍‌ଶୀଘ୍ର ଉକ୍ତ ଲାଇନ ମରାମତି କରାଯିବ ବୋଲି ଲକ୍ଷ୍ମୀସାଗର ଜନସ୍ୱାସ୍ଥ୍ୟ ସେକ୍ସନର ଜଣେ ବରିଷ୍ଠ ଯନ୍ତ୍ରୀ କହିଛନ୍ତି।





ଭୁବନେଶ୍ୱରସ୍ଥିତ ସୂଚନା ଭବନଠାରେ ମଙ୍ଗଳବାର 'ସାଜ୍ ଓର୍ ଆୱାଜ' ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟ 'ସମା ହେ ସୁହାନା'ରେ ଜଣେ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ଅଟୋରୁ ଚୋରି ସିଲିଣ୍ଡର ଜବତ, ୨ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୩।୭ (ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଆଟୋରୁ ଗ୍ୟାସ୍ ସିଲିଣ୍ଡର ଏବଂ ଗାଡି ଷ୍ଟେପିନ ଚୋରି କରିଥିବା ୨ଜଣ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅଧୀନ ପଣ୍ଡାପାର୍କ ବସ୍ତି ଅଞ୍ଚଳର ପ୍ରଭାକର ନାୟକ ଓ ବାପି ମହାନ୍ତି। ପୋଲିସ ସୂଚନା ମୁତାବକ, ନୀଳାଦ୍ରି ବିହାର ସାଇନ୍ସ ପାର୍କ ବସ୍ତି ଅଞ୍ଚଳରେ ରଞ୍ଜନ ନାୟକ ପରିବାର ସହ ରୁହନ୍ତି। ରଞ୍ଜନ ଏକ ଅଟୋ ଚଳାଇ ଗୁଜୁରାଣ ମେଣ୍ଟାଉଛନ୍ତି। ବେଳେ ରାତିରେ କାମ ସାରି ଘର ବାହାରେ ଅଟୋ ରଖିଥାନ୍ତି। ଗତ ସୋମବାର ରାତିରେ ଅଟୋରୁ ସିଲିଣ୍ଡର ଏବଂ ଷ୍ଟେପିନ ଚୋରି ହେବା ନେଇ ସକାଳୁ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୨୭୬/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ପରେ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ସିଲିଣ୍ଡର ଜବତ କରିଛି।

## ବନୀକରଣ ପାଇଁ ଅଣ୍ଟା ଭିଡ଼ିଲେ କୁନି ଚିତ୍ରଶିଳ୍ପୀ
# ବିହନ ପିଣ୍ଡୁଳା ଜରିଆରେ ଚନ୍ଦକା ଜଙ୍ଗଲ ହେବ ସବୁଜିମା

ପୁରୁଣା ଭୁବନେଶ୍ୱର, ୨୩।୭ (ଡି.ଏନ.ଏ.)



କୁନି ଚିତ୍ରଶିଳ୍ପୀମାନେ ବିହନ ପିଣ୍ଡୁଳାରେ ବଲ୍ ତିଆରି କରୁଛନ୍ତି।

ଭୁବନେଶ୍ୱର ପୋଖରୀପୁଟସ୍ଥିତ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ ଠାରେ ଥିବା ଚିତ୍ରଶିକ୍ଷା ଅନୁଷ୍ଠାନ 'ଚିତ୍ରଶାଳା'ର କୁନି ଶିଳ୍ପୀମାନେ ବନୀକରଣ ପାଇଁ ଏକ ନିଆରା ପ୍ରୟାସ କରି ଚର୍ଚ୍ଚାକୁ ଆସିଛନ୍ତି। ଦିନକୁଦିନ ମାନବୀୟ ହସ୍ତକ୍ଷେପ ଓ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ସବୁଜିମା ଉଜୁଡି ଯାଉଛି। ଏହାକୁ ବଜାୟ ରଖିବାକୁ ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ମାର୍ଗଦର୍ଶନରେ ବିଦ୍ୟାର୍ଥୀମାନେ ନିଆରା ବିହନ ପିଣ୍ଡୁଳା ବା ସିଡ୍‌ସ ବଲ୍ ତିଆରି କରୁଛନ୍ତି। ଏହି ସିଡ୍‌ସ ବଲ୍‌କୁ ଚନ୍ଦକା-ଡ଼ମ୍ପଡ଼ା ହସ୍ତୀ ଅଭୟାରଣ୍ୟର ଟାଙ୍ଗରା ଭୂଇଁରେ ନିକ୍ଷେପ କରାଯିବ। ଏଥିରୁ ଗଜା ବାହାରି ଜଙ୍ଗଲ ସୃଷ୍ଟି ହେବ। ଏହି ପ୍ରକ୍ରିୟାରେ ୫୦ ପ୍ରତିଶତ ଗଛ ସୃଷ୍ଟି ହୋଇପାରିବ ବୋଲି କୁହାଯାଇଛି।

କୁନି ଚିତ୍ରଶିଳ୍ପୀମାନେ ମାଟି, ଗୋବର ଖତ ସହିତ ପଣସ, ତେନ୍ତୁଳି, ଆତ ଆଦି ମଞ୍ଜିକୁ ଗୋଳାଇ ବିହନ ପିଣ୍ଡୁଳା ବା ସିଡ୍‌ସ ବଲ ମାନ ତିଆରି କରୁଛନ୍ତି। ଚିତ୍ରଶାଳା ପକ୍ଷରୁ ବଲ ତିଆରି ପାଇଁ ଆବଶ୍ୟକ ସରଞ୍ଜାମ ଓ ପ୍ରଶିକ୍ଷଣ ଦିଆଯାଇଛି। ଏହି ବଲଗୁଡ଼ିକୁ ଜଙ୍ଗଲର ଖାଲି ଜାଗାଗୁଡ଼ିକରେ ନିକ୍ଷେପ କରାଯିବ। ଏଥିରେ ଜୈବିକ ସାର ମିଶିଥିବାରୁ କୀଟପତଙ୍ଗ, ମୂଷା, ଗୁଣ୍ଡୁଚିମୂଷା ଓ ଅନ୍ୟାନ୍ୟ ବନ୍ୟ ଜନ୍ତୁ ଏହାକୁ ନଷ୍ଟ କରିପାରିବେ ନାହିଁ। ବର୍ଷାଋତୁରେ ଏଭଳି କାର୍ଯ୍ୟକ୍ରମ ଦ୍ୱାରା କମ୍ ଖର୍ଚ୍ଚରେ ପ୍ରଭାବୀ ବନୀକରଣ ହୋଇପାରିଥାଏ ବୋଲି ଜଣାଯାଇଛି। ଚାରା ରୋପଣରେ ୧୦ ପ୍ରତିଶତ ଚାରା ବଞ୍ଚୁଥିବା ବେଳେ ଏହି ପ୍ରକ୍ରିୟାରେ ୫୦ ପ୍ରତିଶତ ତିଷ୍ଠିଥାଏ। ପୁଣି ରୋପିତ ଚାରାଗୁଡ଼ିକର ୩ ବର୍ଷ ପାଇଁ ଯତ୍ନ ନେବା ବାବଦକୁ ୨ରୁ ୫ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ନିକ୍ଷେପିତ ସିଡ୍‌ସ ବଲ୍‌ରୁ ଅଙ୍କୁରିତ ଚାରା ଆପେ ଆପେ ହୋଇଥାଏ।

# ବିନା ସୁରକ୍ଷାରେ ଚାଲିଛି ମରାମତି

ଭୁବନେଶ୍ୱର,୨୩।୭(ବ୍ୟୁରୋ)

## ଭୁବନେଶ୍ୱର ରେଳ ଷ୍ଟେଶନ



ବିପଜ୍ଜନକ ଅବସ୍ଥାରେ ଦୁଇ କର୍ମଚାରୀ କାର୍ଯ୍ୟ କରୁଛନ୍ତି।

ବାତ୍ୟା ଫନୀରେ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନରେ ବହୁ କ୍ଷୟକ୍ଷତି ହୋଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ସବୁ କାର୍ଯ୍ୟକରି ନୂଆ ରୂପ ନେଇଥିଲା ଷ୍ଟେଶନ ପରିସର। ଏବେ ଫୁଟ ଓଭରବ୍ରିଜ ନିର୍ମାଣ ଓ ପ୍ଲାଟଫର୍ମର କେତେକ ଟିଣଗୁଡିକ ମରାମତି ଚାଲିଛି। କିନ୍ତୁ ମରାମତି କରୁଥିବା କର୍ମଚାରୀମାନେ ବିପଜ୍ଜନକ ଭାବେ କାର୍ଯ୍ୟ କରୁଥିବାର ମଙ୍ଗଳବାର ଦେଖିବାକୁ ମିଳିଛି। ଗତ୧୫ ଦିନ ହେବ ବିଭିନ୍ନ ପ୍ଲାଟଫର୍ମଗୁଡିକର ଟିଣ ଛାତ ମରାମତି ଚାଲିଛି। ମଙ୍ଗଳବାର ସାଢ଼େ ୧୨ଟା ସମୟରେ ପ୍ଲାଟଫର୍ମ ନଂ.୪ରେ ଧାରଣା ଆଡକୁ ଢଳି ରହିଥିବା ଟିଣଗୁଡିକୁ ଖୋଲାଯାଉଥିଲା। କାମରେ ଲାଗିଥିବା ୪ଜଣ କର୍ମଚାରୀ କୌଣସି ସୁରକ୍ଷା ଉପକରଣ ବିନା କାମ କରୁଥିଲେ। ପିନ୍ଧିବା ତ ଦୂରର କଥା ଏପରିକି ପାଖରେ ମଧ କିଛି ସୁରକ୍ଷା ସାମଗ୍ରୀ ରଖି ନ ଥିଲେ। ନା ମୁଣ୍ଡରେ ହେଲମେଟ, ନା ପାଦରେ ଜୋତା ଥିଲା କି ଦେହରେ ଜ୍ୟାକେଟ ଖଣ୍ଡିଏ ବି ପଡ଼ି ନ ଥିଲା। ଏଥିସହ ସେଠାରେ ରେଳ ବିଭାଗର କୌଣସି ଯନ୍ତ୍ରୀ କି ମରାମତି ଠିକା ନେଇଥିବା ସଂସ୍ଥାର କେହି ସୁପରଭାଇଜର ମଧ ଉପସ୍ଥିତ ନ ଥିଲେ। ଯେଉଁଭଳି ଭାବେ ଛାତ ଉପରେ ଚଢ଼ି ଗୋଟିଏ ହାତରେ ଲୁହାକୁ ଧରି ମରାମତି କରୁଥିଲେ ଦେଖିଲେ ଡର ଲାଗୁଥିଲା। ଏ ନେଇ କାମ କରୁଥିବା ଅକ୍ଷୟ କୁମାର ମଙ୍ଗରାଜଙ୍କୁ ପଚାରିବାରୁ ୧୫ଦିନ ଧରି କାମ ଚାଲିଥିବାବେଳେ କିଛି ସୁରକ୍ଷା ଉପକରଣ ମିଳିନି ବୋଲି କହିଥିଲେ। କେବଳ ଏତିକି ନୁହେଁ ପ୍ଲାଟଫର୍ମ ନଂ.୬ରେ ମଧ ସମାବସ୍ଥା ଦେଖିବାକୁ ମିଳିଛି। ଅନ୍ୟପଟେ ନୂଆ ତିଆରି ଚାଲିଥିବା ଆଉ ଏକ ଫୁଟ ଓଭରବ୍ରିଜ ନିକଟରେ ଚାଲିଥିଲା ଲିଫ୍ଟଘର ନିର୍ମାଣ କାର୍ଯ୍ୟ। ସେଠାରେ ୩ଜଣ ଶ୍ରମିକ ଭାରା ଉପରେ ଚଢ଼ି ରଡ ୱାଇଡିଙ୍ଗ କାମ କରୁଥିଲେ। ସେମାନଙ୍କ ନିକଟରେ ବି କୌଣସି ସୁରକ୍ଷା ସରଞ୍ଜାମ ନ ଥିଲା। ରଡ ୱାଇଡିଙ୍ଗ କରୁଥିବା ସୁଦାମ ମାରାଣ୍ଡି କୁହନ୍ତି, ଠିକାଦାର ସଂସ୍ଥା ପକ୍ଷରୁ କୌଣସି ସୁରକ୍ଷା ଉପକରଣ ଯୋଗାଯାଇ ନାହିଁ। ୧୫ଦିନ ହେବ ସେଭଳି କାମ କରିଚାଲିଛୁ।

ଏ ସମ୍ପର୍କରେ ଷ୍ଟେଶନ ନିର୍ଦ୍ଦେଶକ ପଚାରିବାରୁ ନିର୍ମାଣ ବିଭାଗର ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କ ସହ କଥା ହେବାକୁ ସେ କହିଥିଲେ। କିନ୍ତୁ ଆସିଷ୍ଟାଣ୍ଟ ଇଞ୍ଜିନିୟର ରାଜ କୁମାର ପାତ୍ର ଏହାକୁ ହାଲୁକା କାମ ଓ ମାଇନର ଇସ୍ୟୁ କହି ସଙ୍ଗେସଙ୍ଗେ ଫୋନ କାଟିଦେଇଥିଲେ। ସନ୍ତୋଷଜନକ ଉତ୍ତର ନ ମିଳିବାରୁ ପୁଣି ଷ୍ଟେଶନ ନିର୍ଦ୍ଦେଶକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ଠିକାଦାରଙ୍କ ସୁରକ୍ଷା ଦିଗ ପ୍ରତି ନଜର ଦେବାକୁ କଡା ତାଗିଦ୍ କରାଯିବ।

**୩ ଟିଡିପି ବିଧାୟକ ସସ୍‌ପେଣ୍ଡ**

ଆନ୍ଧ୍ରପ୍ରଦେଶ ବିଧାନସଭାରୁ ୩ ବିରୋଧୀ ତେଲୁଗୁ ଦେଶମ୍ ପାର୍ଟି(ଟିଡିପି) ସଦସ୍ୟଙ୍କୁ ମଙ୍ଗଳବାର ନିଲମ୍ବିତ କରାଯାଇଛି। ଏମାନେ ହେଲେ କେ. ଅଚନ୍ନାଇଡୁ, ଜି. ବି. ଚୌଧୁରୀ ଓ ନିମ୍ମଲା ରାମାନାଇଡୁ। ଏହି ବିଧାୟକମାନେ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ହଟ୍ଟଗୋଳ କରୁଥିଲେ। ବାଚସ୍ପତିଙ୍କ ଚୌକି ଚାରିପଟେ ବିକ୍ଷୋଭ କରିଥିଲେ। ସେମାନଙ୍କୁ ବିଧାନସଭାର ବାକିଥିବା ବଜେଟ ଅଧିବେଶନରୁ ବାଦ୍ ଦିଆଯାଇଛି। ମନ୍ତ୍ରୀ ବି. ରାଜେନ୍ଦ୍ରନାଥ ଏନେଇ ମୋଶନ୍ ଆଣିଥିଲେ।

## ସଂକ୍ଷେପରେ

### ବଜେଟ ଅଧିବେଶନ ୧୦ ଦିନ ବଢ଼ିଲା



**ନୂଆଦିଲ୍ଲୀ,୨୩।୭(ପି.ଟି.):** ପାର୍ଲାମେଣ୍ଟର ବଜେଟ ଅଧିବେଶନ ଆଉ ୧୦ ଦିନ ବୃଦ୍ଧି କରାଯାଇଛି। ସରକାର ଏହି ଅଧିବେଶନ କାଳରେ ମୋଟ୍ ୩୫ ବିଲ୍ ପାସ କରିବା ଲାଗି ଯୋଜନା ରଖିଛନ୍ତି। ଏଥିସହ ଅନ୍ୟାନ୍ୟ ବ୍ୟବସ୍ଥାପିକା କାର୍ଯ୍ୟ ପୂରଣ କରିବା ଲାଗି ସମୟ ଲାଗିବ। ତେଣୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ପାର୍ଲାମେଣ୍ଟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ମଙ୍ଗଳବାର ପ୍ରକାଶ କରିଛନ୍ତି। ପାର୍ଲାମେଣ୍ଟ କାର୍ଯ୍ୟକାଳ ବଢ଼ିବା ସହ ଏବେ ଅଧିବେଶନ ଅଗଷ୍ଟ ୯ରେ ଶେଷ ହେବ ବୋଲି ଜୋଷୀ ଦର୍ଶାଇଛନ୍ତି। ଲୋକ ସଭାର ପ୍ରଥମ ଅଧିବେଶନ ଜୁନ୍ ୧୭ରୁ ଆରମ୍ଭ ହୋଇଥିଲା। ସ୍ଥିର କରାଯାଇଥିବା ସମୟ ଅନୁଯାୟୀ ଏହା ଜୁଲାଇ ୨୬ରେ ଶେଷ ହେବାର ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ବହିର୍ବ୍ୟାପାରମନ୍ତ୍ରୀ ଏସ୍. ଜୟଶଙ୍କର, ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗିରିରାଜ୍ ସିଂ ପ୍ରମୁଖଙ୍କୁ ନେଇ ଭାଜପା ସଂସଦୀୟ ଦଳ ବୈଠକ ଶେଷ ହେବା ପରେ ଜୋଷୀ ଏଭଳି ଘୋଷଣା କରିଛନ୍ତି।

### ଦଳିତ ଯୁବକଙ୍କୁ ଚୋର ଭାବି ଜାଳିଦେଲେ

**ଲକ୍ଷ୍ନୌ,୨୩।୭(ପି.ଟି.):** ଉତ୍ତରପ୍ରଦେଶର ବାରାବାଙ୍କି ଜିଲାରେ ଜଣେ ଦଳିତ ଯୁବକ ବୁଲା କୁକୁରଙ୍କ ପ୍ରାଦୁର୍ଭାବରୁ ବଞ୍ଚିବା ପାଇଁ ଏକ ଘରେ ପଶିଯାଇଥିବାବେଳେ ତାଙ୍କୁ ଚୋର ମନେକରି ଜାଳି ଦିଆଯାଇଥିଲା। ସୁଜିତ କୁମାର ନାମକ ଉକ୍ତ ୨୮ ବର୍ଷୀୟ ଯୁବକଙ୍କ ଶରୀରର ୪୦% ପୋଡ଼ିଯାଇଥିବାବେଳେ ଲକ୍ଷ୍ନୌସ୍ଥିତ ଶ୍ୟାମାପ୍ରସାଦ ମୁଖାର୍ଜୀ ସିଭିଲ୍ ହସ୍ପିଟାଲରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ଗତ ୧୯ ତାରିଖ ରାତି ୨ଟାରେ ସୁଜିତ ଦେବା ଅଞ୍ଚଳର ରାଘୋପୁରସ୍ଥିତ ତାଙ୍କ ଶ୍ୱଶୁର ଘରକୁ ଯାଉଥିବାବେଳେ ରାସ୍ତାରେ କୁକୁରମାନେ ତାଙ୍କୁ ଦେଖି ଭୁକିବାରେ ଲାଗିଥିଲେ। ସେ ବର୍ତ୍ତିଯିବା ପାଇଁ ଏକ ଘରକୁ ପଶିଯାଇଥିଲେ। ଘର ମାଲିକ ଚୋର ଭାବି ମାଡ଼ ମାରିବା ପରେ ତାଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ପୋଲିସ ଏନେଇ ୪ ଜଣଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ଶ୍ରବଣ ଯାଦବ ଓ ଉମେଶ ଯାଦବଙ୍କୁ ଗତ ସପ୍ତାହରେ ଗିରଫ କରିଥିଲା। ପରେ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

■ ପ୍ରତିଶ୍ରୁତି ରଖିଲେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ

# ସ୍ଥାନୀୟ ଯୁବକଙ୍କୁ ୭୫% ସଂରକ୍ଷଣ

**ଅମରାବତୀ,୨୩।୭(ପି.ଟି.)**

**ଦେଶରେ ପ୍ରଥମ**



ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀ

ଆଗକୁ ଆନ୍ଧ୍ରପ୍ରଦେଶରେ ଥିବା ବିଭିନ୍ନ ଘରୋଇ କ୍ଷେତ୍ରରେ ସ୍ଥାନୀୟ ଯୁବକଙ୍କ ଲାଗି ୭୫% ସ୍ଥାନ ସଂରକ୍ଷିତ ରଖାଯିବ। ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀ ନିର୍ବାଚନ ପୂର୍ବରୁ ପଦଯାତ୍ରାରେ ବାହାରି ସ୍ଥାନୀୟ ଲୋକଙ୍କ ଲାଗି ଏଭଳି ସଂରକ୍ଷଣ ଦିଆଯିବା ନେଇ ପ୍ରତିଶ୍ରୁତି ଦେବା ସହ ପାଳନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏ ସମ୍ପର୍କିତ ଏକ ବିଲ୍ ବିଧାନସଭାରେ ପାସ୍ କରିଛନ୍ତି। ବିଭିନ୍ନ କଳ କାରଖାନାରେ ଏଭଳି ସୁବିଧା ସ୍ଥାନୀୟ ଯୁବକଯୁବତୀଙ୍କ ଲାଗି ରହିବ। ଏଭଳି ବ୍ୟବସ୍ଥା ସାରା ଦେଶରେ ପ୍ରଥମ ବୋଲି କୁହାଯାଉଛି। ଏହି ବିଲ୍‌ରେ ଦର୍ଶାଯାଇଛି ଯେ, ଯଦି ସ୍ଥାନୀୟ ଅଞ୍ଚଳରୁ ଦକ୍ଷ ଯୁବକ ନ ମିଳିଲେ, ରାଜ୍ୟ ସରକାରଙ୍କ ସହଯୋଗରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। କମ୍ପାନୀଗୁଡ଼ିକ ଆଇନ ଅନୁଯାୟୀ କାର୍ଯ୍ୟ କରିବାକୁ ବାଧ୍ୟ। ଏନେଇ ସେମାନଙ୍କ ପ୍ରତି ୩ ମାସରେ ଥରେ ରିପୋର୍ଟ ଦେବାକୁ ପଡ଼ିବ। ଜଗନ୍‌ଙ୍କ ପରେ କମଳନାଥ ସରକାର ମଧ୍ୟପ୍ରଦେଶରେ ସ୍ଥାନୀୟ ଲୋକଙ୍କ ଲାଗି ୭୦% ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ସପକ୍ଷରେ ମତ ଦେଇଛନ୍ତି। ଏନେଇ ଖୁବ୍‌ଶୀଘ୍ର ସରକାର ଆଇନ ଆଣିବେ ବୋଲି ସେ କହିଛନ୍ତି। ଶପଥଗ୍ରହଣ ପରେ କମଳନାଥ ସ୍ଥାନୀୟ ଯୁବକଙ୍କ କର୍ମସଂସ୍ଥାନ ପଡ଼ୋଶୀ ୟୁପି ଓ ବିହାରର ଯୁବକମାନେ ଛଡ଼ାଇ ନେଉଛନ୍ତି ବୋଲି ମତ ଦେଇଥିଲେ। ଏହାକୁ ନେଇ ଗତବର୍ଷ ଡିସେମ୍ବରରେ ବିବାଦ ମୁଣ୍ଡ ଟେକିଥିଲା। ଶିଳ୍ପ କାରଖାନାରେ ସ୍ଥାନୀୟ ଯୁବକଙ୍କୁ ଚାକିରି ସୁବିଧା ମିଳିବା ଦରକାର ବୋଲି ସେ କହିଥିଲେ। ଆନ୍ଧ୍ରପ୍ରଦେଶରେ ଜଗନ୍‌ମୋହନ ରେଡ୍ଡୀ ପ୍ରଥମ କରି ଏହି ସଂରକ୍ଷଣ ବ୍ୟବସ୍ଥା ସ୍ଥାନୀୟ ଯୁବକଙ୍କ ପାଇଁ ଲାଗୁ କରିଥିବାବେଳେ ମଧ୍ୟପ୍ରଦେଶ ଓ ଅନ୍ୟ ରାଜ୍ୟଗୁଡ଼ିକ ଏହା ଅନୁକରଣ କରିବେ ବୋଲି କୁହାଯାଉଛି।

## ‘ନଟ୍‌ଖଟ୍’ ନିର୍ମାଣ କରିବେ ବିଦ୍ୟା



**ମୁମ୍ବାଇ:** ଅଭିନେତ୍ରୀ ବିଦ୍ୟା ବାଲାନ୍ ସାମାଜିକ ପ୍ରସଙ୍ଗଭିତ୍ତିକ ଫିଲ୍ମ ‘ନଟ୍‌ଖଟ୍’ ନିର୍ମାଣ କରିବାକୁ ଯାଉଛନ୍ତି। ଏଥିରେ ସେ ନିଜେ ମଧ୍ୟ ଅଭିନୟ କରିବେ। ଏଥିପାଇଁ ସେ ପ୍ରଯୋଜକ ରୋନି ସ୍କ୍ରିଉବାଲାଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବେ। ଏ ସମ୍ପର୍କରେ ନିର୍ମାତାଙ୍କ ପକ୍ଷରୁ ଏକ ପ୍ରେସ ଇସ୍ତାହାରରେ କୁହାଯାଇଛି, ପୁରୁଷପ୍ରଧାନ ସାମାଜିକ ବ୍ୟବସ୍ଥା, ମହିଳା ପୁରୁଷ ଅସମାନତା, ବଳାତ୍କାର, ଘରୋଇ ହିଂସା ଭଳି ବିଭିନ୍ନ ସାମାଜିକ ସମସ୍ୟାକୁ ଭିତ୍ତିକରି ନଟ୍‌ଖଟ୍ ନିର୍ମାଣ ହେବାକୁ ଯାଉଛି। ଏ ସମ୍ପର୍କରେ ବିଦ୍ୟା କହନ୍ତି, ଏହା ଏକ ସୁନ୍ଦର କାହାଣୀ ହୋଇଥିବାରୁ ଏହାକୁ ପ୍ରସ୍ତୁତ କରିବା ସହିତ ଏଥିରେ ଅଭିନୟ କରିବାକୁ ଇଚ୍ଛା ହେଲା। ସ୍କ୍ରିଉବାଲା ମଧ୍ୟ ବିଦ୍ୟାଙ୍କ ସହିତ କାମ କରିବା ପାଇଁ ଇଚ୍ଛୁକ ଥିବା ପ୍ରକାଶ କରିଛନ୍ତି। ପ୍ରଥମେ ସେ ଯେତେବେଳେ ନଟ୍‌ଖଟ୍‌ର କାହାଣୀ ଶୁଣିଲେ ଏହାକୁ ନେଇ ଫିଲ୍ମ ନିର୍ମାଣ କରାଯିବା ଆବଶ୍ୟକ ବୋଲି ମତ ଦେଇଥିଲେ। ଉକ୍ତ ସିନେମାରେ ବହୁ ସାମାଜିକ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯାଇଥିବାବେଳେ ଫିଲ୍ମ ମାଧ୍ୟମରେ ସମାଜକୁ ବଳିଷ୍ଠ ବାର୍ତ୍ତା ମଧ୍ୟ ଦିଆଯାଇଛି। ବିଶେଷକରି ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବ ପାଇଁ ଏଭଳି ଏକ ଫିଲ୍ମ ନିର୍ମାଣ କରାଯାଉଥିବା ନିର୍ମାତା ସୂଚନା ଦେଇଛନ୍ତି। ଏହାର କାହାଣୀ ରଚନା କରିଛନ୍ତି ଅନୁକମ୍ପା ହର୍ଷ ଏବଂ ଶାନ୍ ବ୍ୟାସ। ଆର୍‌ଏସ୍‌ଭିପି ସହଯୋଗୀ ପ୍ରଯୋଜକ ସନୟ ଇରାନୀଙ୍କ ମିଳିତ ଉଦ୍ୟମରେ ଏହା ପ୍ରସ୍ତୁତ ହେଉଥିବାବେଳେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ବ୍ୟାସ୍।

## ଏନ୍‌ଆର୍‌ସି ସମୟସୀମା ଅଗଷ୍ଟ ୩୧ ଯାଏ ବଢ଼ିଲା

**ନୂଆଦିଲ୍ଲୀ,୨୩।୭(ପି.ଟି.):** ଆସାମରେ ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆର୍‌ସି)ର ଚୂଡ଼ାନ୍ତ ସମୟ ସୀମା ସୁପ୍ରିମକୋର୍ଟ ମଙ୍ଗଳବାର ଜୁଲାଇ ୩୧ରୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏଥିସହ ୨୦% ସାମ୍ପଲର ପୁନଃ ଯାଞ୍ଚ ଲାଗି ହୋଇଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଏନ୍‌ଆର୍‌ସିରେ ଭୁଲକ୍ରମେ କେତେକଙ୍କୁ ସାମିଲ କରାଯିବା ଓ ବାଦ୍ ଦିଆଯିବା ନେଇ ଶଙ୍କା ପ୍ରକାଶ ପାଇବା ପରେ ଆସାମ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଭଳି ଆବେଦନ କରାଯାଇଥିଲା। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଓ ଜଷ୍ଟିସ ଆର୍. ଏଫ୍. ନରିମନଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସାମ ଏନଆର୍‌ସି ସଂଯୋଜକ ପ୍ରତୀକ ହାଜେଲାଙ୍କରିପୋର୍ଟକୁ ଆଧାର କରି ଏଭଳି ନିର୍ଦ୍ଦେଶ ଦେଇଛନ୍ତି।



■ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲା

## ଅଭିଯୁକ୍ତ ବିଜୟଙ୍କୁ ସୁପ୍ରିମକୋର୍ଟରୁ ଜାମିନ

**ନୂଆଦିଲ୍ଲୀ,୨୩।୭(ପି.ଟି.)**

ବହୁଚର୍ଚ୍ଚିତ କନ୍ଧମାଳ ଜିଲା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ବିଜୟ କୁମାର ସନସେଠ୍‌ଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ସର୍ବୋଚ୍ଚ ଅଦାଲତର ବିଚାରପତି ଏ.ଏମ୍. ଖାନ୍‌ୱିଲ୍‌କର ଓ ବିଚାରପତି ଦୀନେଶ ମାହେଶ୍ୱରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଓଡ଼ିଶା ହାଇକୋର୍ଟଙ୍କ ରାୟକୁ ବିଚାର କରି ବିଜୟଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ୧୦ ବର୍ଷ ଜେଲଦଣ୍ଡ ପାଇଥିବା ଓ ଉଚିତ୍ ମତ ରଖିଥିବା ଖଣ୍ଡପୀଠ କହିବା ସହ ତାଙ୍କୁ ଜାମିନ ଦେଇଛନ୍ତି। ଫୁଲବାଣିର ଅତିରିକ୍ତ ସେସନ୍ସ କୋର୍ଟଙ୍କ ସର୍ତ୍ତ ସହ ତାଙ୍କୁ ଜାମିନ ମିଳିଛି। ପ୍ରକାଶଥାଉ କି, ୨୦୦୮ ଅଗଷ୍ଟ ୨୩ରେ କନ୍ଧମାଳର ଜଲେଶପେଟା ଆଶ୍ରମରେ ସ୍ୱାମୀଜୀ ଓ ତାଙ୍କ ୪ ସହଯୋଗୀଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ମୋଟ ୩୮ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

## ମୋଦିଙ୍କ ସହ ଶିଶୁ ଫଟୋ ଭାଇରାଲ



**ନୂଆଦିଲ୍ଲୀ,୨୩।୭ (ଆଇଏଏନ୍‌ଏସ୍)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିବା ଦୁଇଟି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପ୍ରଥମ ଫଟୋରେ ସେ ଏକ ଶିଶୁକୁ ହାତରେ ଧରି ଖେଳାଉଛନ୍ତି। ଦ୍ୱିତୀୟ ଫଟୋରେ ଶିଶୁଟି ତାଙ୍କ କୋଳରେ ବସି ପ୍ରଧାନମନ୍ତ୍ରୀଙ୍କ ଟେବୁଲରେ ଥିବା କାଗଜପତ୍ର ଦେଖୁଛି। ପାର୍ଲାମେଣ୍ଟରେ ଜଣେ ଅତ୍ୟନ୍ତ ସ୍ୱତନ୍ତ୍ର ବନ୍ଧୁ ତାଙ୍କୁ ଭେଟିବାକୁ ଆସିଥିଲେ ବୋଲି ମୋଦି ଉକ୍ତ ପୋଷ୍ଟିଂର ଶୀର୍ଷକ ଲେଖିଛନ୍ତି। ଶିଶୁର ପରିଚୟ ମିଳିପାରି ନ ଥିବାବେଳେ ଫଟୋ ଦୁଇଟିକୁ ପୋଷ୍ଟ କରିବା ମାତ୍ରେ ୧୩ ଲକ୍ଷ ଲାଇକ୍ ଓ ୧୬,୦୦୦ରୁ ଊର୍ଦ୍ଧ୍ୱ କମେଣ୍ଟ ମିଳିଛି।

## ୨୧ କେନ୍ଦ୍ରୀୟ ବିଦ୍ୟାଳୟ ଗୃହ ଅସୁରକ୍ଷିତ

**ନୂଆଦିଲ୍ଲୀ,୨୩।୭(ପି.ଟି.):**

ଦେଶରେ ଚାଲିଥିବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରୁ ୨୧ଟିର ଶ୍ରେଣୀଗୃହ ଅସୁରକ୍ଷିତ ରହିଛି। ଏଗୁଡ଼ିକ ସମ୍ପୂର୍ଣ୍ଣ କିମ୍ବା ଆଂଶିକଭାବେ ଅସୁରକ୍ଷିତ ଥିବାରୁ ଏଠାରେ ପାଠ ପଢ଼ାଯାଇ ପାରିବ ନାହିଁ ବୋଲି ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଗୁଡ଼ିକ ମଧ୍ୟରୁ ମହାରାଷ୍ଟ୍ରରେ ୮, ଆସାମରେ ୩, ଉତ୍ତରପ୍ରଦେଶ ଓ ଗୁଜରାଟରେ ୨ଟି ଲେଖାଏ, ତ୍ରିପୁରା, କେରଳ, ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶ ଓ ସିକିମ୍‌ରେ ଗୋଟିଏ ଲେଖାଏ ରହିଛି। ଅଡିଟ୍ ରିପୋର୍ଟରେ ଏହା ଦର୍ଶାଯାଇଥିବାବେଳେ ଦଶନ୍ଧି ଦଶନ୍ଧି ଧରି ଏଗୁଡ଼ିକ ଜରାଜୀର୍ଣ୍ଣ ହୋଇ ପଡ଼ିରହିଛି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।
**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘୁଆ ରହିବା ସହିତ ବର୍ଷା ହେବାର ସମ୍ଭାବନା ଅଛି। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୨ | ୨୬.୪ |
| ଚାନ୍ଦବାଲି | ୩୫.୯ | ୨୭.୪ |
| କଟକ | ୩୫.୨ | ୨୫.୦ |
| ପାରାଦ୍ୱୀପ | ୩୩.୦ | ୨୮.୮ |
| ଭୁବନେଶ୍ୱର | ୩୬.୦ | ୨୭.୦ |
| ଗୋପାଳପୁର | ୩୩.୦ | ୨୭.୩ |
| ପୁରୀ | ୩୩.୮ | ୨୮.୦ |
| ଅନୁଗୋଳ | ୩୬.୧ | ୨୨.୦ |
| ବାରିପଦା | ୩୬.୪ | ୨୭.୨ |
| ଝାରସୁଗୁଡ଼ା | ୩୫.୨ | ୨୪.୨ |
| କେନ୍ଦୁଝର | ୩୪.୦ | ୨୪.୩ |
| ସମ୍ବଲପୁର | ୩୫.୭ | ୨୫.୫ |
| ସୁନ୍ଦରଗଡ଼ | ୩୨.୫ | ୨୨.୫ |
| ହୀରାକୁଦ | ୩୬.୧ | ୨୬.୧ |
| ତାଳଚେର | ୩୫.୫ | ୨୫.୫ |
| ଭବାନୀପାଟଣା | --- | ୨୫.୦ |
| ବଲାଙ୍ଗୀର | ୩୬.୦ | ୨୫.୫ |
| କୋରାପୁଟ | ୨୯.୬ | ୧୯.୮ |
| ଫୁଲବାଣୀ | ୩୩.୦ | --- |
| ଟିଟିଲାଗଡ଼ | ୩୩.୦ | ୨୨.୫ |
| ମାଲକାନଗିରି | ୩୬.୦ | ୨୦.୨ |
| ସୋନପୁର | ୩୬.୮ | ୨୨.୮ |
| ଦାରିଙ୍ଗିବାଡ଼ି | ୨୯.୫ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍

### [ଇତିହାସର ଆଇନାରେ]
### ଜୁଲାଇ ୨୪ର ପ୍ରମୁଖ ଘଟଣା

୧୯୮୨ ଜୁଲାଇ ୨୪ରେ ଜାପାନର ନାଗାସାକୀରେ ପ୍ରବଳ ବର୍ଷା ଯୋଗୁ ଏକ ସେତୁ ଭୁଶୁଡିଯାଇ ୨୯୯ ଲୋକଙ୍କ ମୃତ୍ୟୁ ଘଟିଥିଲା। ନାଗାସାକୀ ଜାପାନ୍‌ର ବୃହତ୍ ନଗରୀ ମଧ୍ୟରୁ ଅନ୍ୟତମ। ଷୋଡଶ ଶତାବ୍ଦୀରୁ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଏହା ପର୍ତ୍ତୁଗୀଜ୍ ଏବଂ ଡଚ୍‌ମାନଙ୍କର ଔପନିବେଶିକ କେନ୍ଦ୍ର ଥିଲା। ନାଗାସାକୀ ଅଞ୍ଚଳକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ଦିଆଯାଇଛି।

୨୦୧୩ ଜୁଲାଇ ୨୪ରେ ଉତ୍ତର-ପଶ୍ଚିମ ସ୍ପେନ୍‌ରେ ଏକ ଦ୍ରୁତଗାମୀ ଟ୍ରେନ୍ ଲାଇନଚ୍ୟୁତ ହେବା ଫଳରେ ୭୮ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଟ୍ରେନ୍ ମାଦ୍ରିଦ୍‌ରୁ ଫେରୋଲ ଯାତ୍ରା କରୁଥିଲା। ସାଣ୍ଟିଆଗୋ ଡି କୋମ୍ପୋଷ୍ଟିଲା ରେଳଷ୍ଟେଶନ୍‌ଠାରୁ ୪କିଲୋମିଟର ଦୂରରେ ଟ୍ରେନ୍‌ଟି ଗୋଟିଏ ବଙ୍କିଲ ପଥରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ଜିଲ୍ଲା ଓ ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ନିଜ ଜିଲ୍ଲା ଓ ବ୍ଲକରେ କାମ କରିବା ପାଇଁ ପ୍ରାର୍ଥୀ ଆବଶ୍ୟକ। ବୟସ 30 ବର୍ଷ ମଧ୍ୟରେ। ଯୋଗ୍ୟତା: 8thରୁ +3. ଦରମା: 6500/- to 25,800/-.
ଯୋଗାଯୋଗ: 9583494854

**APPOINTMENT**
ଭୁବନେଶ୍ୱରରେ ଘରୋଇ ଗାଡ଼ି ଚଳାଇବା ପାଇଁ ଡ୍ରାଇଭର ଏବଂ ବଗିଚାରେ କାମ କରିବାକୁ ମାଳୀ ଆବଶ୍ୟକ।
ଯୋଗାଯୋଗ: 9937203178

ବ୍ରଏଲର ଫାର୍ମରେ କାମ କରିବା ପାଇଁ ଲୋକ ଆବଶ୍ୟକ। ଘର ସହ ଦରମା 10,000/-.
ଯୋଗାଯୋଗ:
7008403582
7809525452

**APPOINTMENT**
Experience Resident Teacher's Required for Xavier International School At Aul, Kendrapada.
Subject: English, Maths & Science.
Contact: Whatsapp: 9439159798, 9437505565
Email resume: xavierintlschool@gmail.com

**PROJECT HEAD, SR. ACCOUNTANT, MARKETING, EXCEL EXPERT, LABOUR CONTRACTOR, SUPERVISOR, TELE-CALLER**
For Pre-Cast Manufacturing Unit Two-Wheeler must; All Odisha
CONTACT: 9040019196 / 9778821577

**କୁଏତ୍ ତେଲ କମ୍ପାନୀରେ ଶୀଘ୍ର ଆବଶ୍ୟକ**
ଡ୍ରାଇଭର, ଅପରେଟର, ୱେଲ୍‌ଡର, ଇଲେକ୍ଟ୍ରିସିଆନ୍, ହେଲପର, ଫିଟର, ପେଣ୍ଟର, ପ୍ଲମ୍ବର, ସିକ୍ୟୁରିଟି ଗାର୍ଡ
ଦରମା ୩୫,୦୦୦/-, ୨ ବର୍ଷ କଣ୍ଟ୍ରାକ୍ଟ, ଆଡଭାନ୍ସ ଟଙ୍କା ନାହିଁ
କମଳ ପ୍ଲେସ୍‌ମେଣ୍ଟ, ରଙ୍ଗିଲାପାର୍କ, ବିଦ୍ଦୋଲି, ସୁରଟ, ଗୁଜୁରାଟ୍ | ଶିଘ୍ର ଯିବେ ପାସ୍‌ପୋଟ ଜରୁରୀ
9157312448, 9157012447

**URGENT REQUIRED**
Need Security Guard & Supervisor for a Resort, Puri.
Urgent Contact:
Mob: 7978523513, 9748974527

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25,000/-.
Contact Immediately
Mob: 8763257042

**OFFICE STAFF ଆବଶ୍ୟକ**
Bhubaneswar ଅଫିସ୍ ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact : 9938414918

**WANTED**
VIGEN INDIA REQUIRED SMART MALE / FEMALE CANDIDATES FOR OFFICE JOB. EDU- 10th TO GRADUATE, AGE- 20-30. FULLY OFFICE JOB AND FIX SALARY.
JOB PLACE - SASTRI NAGAR & LEWIS ROAD
CONTACT- 9348916882

**WANTED**
WANTED A WORKS MANAGER TO MANAGE A SPONGE IRON PLANT NEAR CHOUDWAR
Contact : 7381075901 9437021279

**REQUIRED**
CA (Inter) Experienced Accountant required
Contact : 9437922131

**NEELAMADHAB MAHAVIDYALAYA, KANTILO**
Walk-In-Interview for the following posts
1. LECTURER (1 each) : ODIA, POLITICAL SCIENCE, SOCIOLOGY, ECONOMICS, SANSKRIT, PSYCHOLOGY, LIBRARY & INFORMATION SCIENCE, PHYSICS, CHEMISTRY, BOTANY & ZOOLOGY. * Qualification : 55% or more in the respective subject in PG 2. JUNIOR CLERK-CUM-D.E.O : Any Graduate with PGDCA and equivalent, 3. Lady Attendant & Sweeper (Male) (1 each) : Under matriculate. Appointment will be on a purely contractual basis. Interested candidates have to reach the college before 11:00 A.M. on the 28th July 2019 with their complete BIODATA, Original Mark Sheets and Pass Certificates of their respective Qualifications and a Demand Draft of Rs.200/- drawn in favour of Principal, Neelamadhab Mahavidyalaya, Kantilo. The undersigned reserves all the right to reject any or all the interview without assigning any reason thereof.
Sd./- Principal

**GANGADHAR MEHER UNIVERSITY**
SAMBALPUR-768004, ODISHA
**RECRUITMENT OF FACULTY**
Gangadhar Meher University invites application from eligible Indian citizens for the following positions.
1. **Professor** [Pay Band of Rs. 37,400-67,000 with AGP of Rs. 10,000.00]- 23 Posts
2. **Associate Professor** [Pay Band of Rs. 37,400-67,000 with AGP of Rs. 9,000.00]- 35 Posts
**General Conditions:**
The above positions are available in the following subjects: Anthropology, Biotechnology, Botany, Chemistry, Commerce, Computer Science, Economics, Education, English, Geography, Hindi, History, Library & Information Science, Mathematics, Odia, Philosophy, Physics, Political Science, Psychology, Sanskrit, Sociology, Statistics and Zoology.
(i) The Advertisement is for Regular Positions.
(ii) There is an application fee of INR 2750.00 from candidates belonging to General and SEBC Category. The application fee for SC/ST/PwD and Women candidates is INR 1750.00. Those who have applied earlier against the Advertisement No. 001/REC/GMU/FAC: Sambalpur, Dated 28.05.2018 need to pay facilitation charges of INR 250.00 only.
(iii) The link for the detailed advertisement and online application submission module is given herewith: https://recruitment.gmuniversity.ac.in.
(iv) The last date for submission of online applications complete in all respects is 19th August 2019 at 23.59. The last date of receipt of print copy of the applications with all supporting documents is 29th August 2019 at 17.00. Online submission of application is mandatory.
(v) Application fee is non-refundable. Seven printed hard copies of the application form will be accepted, when sent through Speed-Post/ Registered Post/ Courier only. The candidate must send one set of supporting documents to validate their data.
**Advt. No. 003/REC/GMU/FAC: Sambalpur, Dated: 23rd July 2019.**
Sd./- REGISTRAR, GANGADHAR MEHER UNIVERSITY, SAMBALPUR

**JAGANNATH GUPTA INSTITUTE OF MEDICAL SCIENCES AND HOSPITAL**
(A UNIT OF B.B.I.T. & URMILA DEVI JAGANNATH GUPTA CHARITABLE TRUST)
BUDGE BUDGE, KOLKATA-700137
Jagannath Gupta Institute of Medical Sciences & Hospital a 350 Bedded Medical College & Jagannath Gupta Institute of Nursing Sciences is looking for caring, compassionate and dedicated professionals to support its Medical College, Nursing College & Hospital in Kolkata, on full time basis under following positions:
**Principal & Medical Superintendent** As per MCI guidelines.
**Professors, Associate Professors, Assistant Professors & Tutors (All Clinical / Pre & Para-clinical Subjects)** (As per MCI Guidelines)
**Senior Residents & Junior Residents / Resident Medical Officers ( All Clinical Subjects)** MD/MS/DNB for Senior Residents MBBS for Junior Residents (As per the MCI Guidelines)
**Staff Nurses – Senior /Junior** (GNM/BSc only)
**Professor, Associate Professor, Assistant Professors & Tutors** for Nursing College (As per the guidelines of Nursing Council of India)
Interested candidates please mail your full biodata with particulars within seven days at hr@jimsh.org or drop your CV at JIMSH, KP Mondal Road, Buita Budge Budge, Kolkata-700137
For any further queries please call at (0)8240765491/ (0)9831845422 | or Visit : www.jimsh.org

## ଆମ୍ବ କିସମ

ଜୁଲାଇ ଓ ଅଗଷ୍ଟ ମାସ ହେଉଛି ଆମ୍ବ ଗଛ ଲଗାଇବାର ପ୍ରକୃଷ୍ଟ ସମୟ। ବାଗନପଲ୍ଲୀ,ତୋତାପୁରୀ,ବମ୍ବେଗ୍ରିନ୍,ସୁବର୍ଣ୍ଣରେଖା,ନିଲମ୍,ହିମସାଗର,ଲାଙ୍ଗରା, ଦଶହରୀ, ଚୌଷା, ଆମ୍ରପଲ୍ଲୀ, ମଲ୍ଲିକା, ରତ୍ନା, ରାମକେଲା, ରୋମାନି, ଚେରୁକରସମ,ସିନ୍ଧୁ, ଆଲଫାନ୍ସୋ, କେଶରୀ ଆଦି କିସମ ଲଗାନ୍ତୁ। ୧୦x୧୦ ମିଟର ଦୂରତାରେ ୧x୧x୧ ମିଟର ଗାତ କରି ଗଛ ଲଗାନ୍ତୁ। ଏକ ବର୍ଷିଆ କେନାବିହୀନ ସୁସ୍ଥସବଳ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ଗାତ ପିଛା ଦୁଇଝୁଡି କମ୍ପୋଷ୍ଟ ୮୦ଗ୍ରାମ ଯବକ୍ଷାରଜାନ, ୧୦୦ଗ୍ରାମ୍ ଫସଫେଟ୍ ଓ ୬୦ଗ୍ରାମ୍ ପଟାସ ପ୍ରୟୋଗ କରନ୍ତୁ।



## ଆଖୁର ପୋକ ଦମନ

ଆଖୁର ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଚିଲୋନିସ୍ ନାମକ ପରାଶ୍ରୟୀ ଜୀବକୁ ଏକର ପ୍ରତି ୫୦ ହଜାର ସଂଖ୍ୟାରେ ଛାଡନ୍ତୁ। ଏହାଛଡା ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡିକୁ ଧରି ମାରି ଦିଅନ୍ତୁ ଅଥବା ଏକର ପ୍ରତି ୨୦୦ ଲିଟର ପାଣିରେ ୪୦୦ମିଲି ମନୋକ୍ରୋଟୋଫସ କିମ୍ବା କୁଇନାଲଫସ୍ ଔଷଧ ମିଶାଇ ସିଞ୍ଚନ କରନ୍ତୁ। ବର୍ତ୍ତମାନ ଦହିଆ ପୋକ ଲାଗିବାର ଆଶଙ୍କା ଅଛି । ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ନାଲି ଶଢ଼ାରୋଗର ନିୟନ୍ତ୍ରଣ ପାଇଁ ପ୍ରତିଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ +ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।



# ହରଡ଼ ଫସଲର ସଫଳ ରୋଗପୋକ ପରିଚାଳନା



ଡ.ପରେଶ କୁମାର ପଣ୍ଡା

ହରଡ ଫସଲର ସଫଳ ରୋଗପୋକ ପରିଚାଳନା ଓ ଅମଳ ସମ୍ପର୍କରେ କେତୋଟି ଜାଣିବା କଥା...

ଫସଲ ଚାଷରେ ଭାବିବାକୁ ହୋଇଥାଏ,ସଫଳତାର ସହ ରୋଗ ପୋକ ପରିଚାଳନା ବିଷୟରେ। ତେବେ ହରଡ ଚାଷରେ ରୋଗଗୁଡିକ ହେଲା-ଝାଉଁଳା,ପାଉଁଶିଆ,ପତ୍ରପୋଡା,ପତ୍ରଚିତା, କଳଙ୍କି,ସାହେବୀ ଭୂତାଣୁ,ଶୁଖିଲା ଚେରପଚା ଆଦି।

**ରୋଗ ନିୟନ୍ତ୍ରଣ ନିମନ୍ତେ** -ଝାଉଁଳା କ୍ଷେତ୍ରରେ ମେଟିରାମ୍ ୭୦% ଡବ୍ଲୁ .ଜି ୧୫ଗ୍ରାମ୍,ପାଉଁଶିଆ ରୋଗ ପାଇଁ ସଲଫର ୮୦% ଡବ୍ଲୁ.ପି ୪୦ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍ ୨୫ ପ୍ରତିଶତ ଏ.ସି ୫ ମିଲି , ପତ୍ରପୋଡା ରୋଗ ନିୟନ୍ତ୍ରଣ ଲାଗି -ସି.ଓ.ସି ୫୦ପ୍ରତିଶତ ଡବ୍ଲୁଡି.ଜିର ୩୦ଗ୍ରାମ୍ +ଷ୍ଟ୍ରେପ୍ଟୋସାଇକ୍ଲିନ୍ ୯%ର ୧୦ଗ୍ରାମ୍ର ମିଶ୍ରଣ, ପତ୍ରଚିତା ନିମନ୍ତେ - କ୍ଲୋରୋଥାଲୋନିଲ୍ ୭୫% ଡବ୍ଲୁପି ୨୦ଗ୍ରାମ୍ କିମ୍ବା କାର୍ବେଣ୍ଡାଜିମ୍ ୧୨% +ମାଙ୍କୋଜେବ୍ ୬୩% ମିଶ୍ରଣରର ୧୫ଗ୍ରାମ୍ ), ଧୂସର ଫିମ୍ପି (କାର୍ବେଣ୍ଡାଜିମ୍୫୦% ଡବ୍ଲୁ.ପି ୨୦ଗ୍ରାମ୍), ବେକପଚା(କାର୍ବେଣ୍ଡାଜିମ୍୫୦% ଡବ୍ଲୁପ.ପି ୨୦ଗ୍ରାମ୍), କଳଙ୍କି (କ୍ଲୋରୋଥାଲୋଲିନ୍ ୭୫% ପ୍ରତିଶତ ଡବ୍ଲୁପ.ପି ୨୦ଗ୍ରାମ୍/ଡାଇଫେନୋକୋନାଜୋଲ୍ ୨୫% ଇ.ସି ୧୦ମିଲି ) ସାହେବି ଭୂତାଣୁ ସଲଫର ୮୦ପ୍ରତିଶତ ଡବ୍ଲୁପି.୫୦ଗ୍ରାମ୍ / ଥାୟୋମେଥୋକ୍ସାମ୍୨୫% ଡବ୍ଲୁଜି ୧୦ଗ୍ରାମ୍ , ଶୁଖିଲା ଚେରପଚା ( ଭାଲିଡାମାସିନ୍ ୩% ଏଲ୍ ୨୦ ମିଲି /କାର୍ବେଣ୍ଡାଜିମ୍ ୫୦ପ୍ରତିଶତ ଡବ୍ଲୁ ପି ୨୦ଗ୍ରାମ୍) କୀଟନାଶକ ଔଷଧକୁ ପ୍ରତି ୧୦ଲିଟର ପାଣିରେ ମିଶାଇ ଫସଲରେ ସିଞ୍ଚନ କରନ୍ତୁ।

ଛୁଇଁ/ଫଳବିନ୍ଧା ପୋକ ନିୟନ୍ତ୍ରଣ ଲାଗି ଦେଶୀୟ ପ୍ରଣାଳୀରେ ୩.୫ଲିଟର ଗୋମୂତ୍ର ସହ ୩.୫କି.ଗ୍ରା ଗୋବର ମିଶାଇ ଏକ ପାତ୍ରରେ ୭ଦିନ ଘୋଡାଇ ରଖି ପରେ ଛାଣି ପାଣି ମିଶାଇ ୧୦୦ଲିଟର କରାଯାଏ। ଏଥିସହ ୨୦୦ଗ୍ରାମ୍ ଚୂନ ମିଶାଇ ଛଣାଯିବା ପରେ ଅପରାହ୍ନରେ ହରଡ ଫସଲରେ ଏକ ସପ୍ତାହ ଅନ୍ତରରେ ଦୁଇ ତିନିଥର ସିଞ୍ଚନ କରନ୍ତୁ। ଅନ୍ୟ ଡାଲି ଫସଲରେ ଏହାକୁ ପ୍ରୟୋଗ କରି ଫଳବିନ୍ଧା ପୋକ ଦାଉରୁ ଫସଲକୁ ରକ୍ଷା କରାଯାଇପାରିବ। ଆହୁରି ମଧ୍ୟ ୧୦୦ଲିଟର ପାଣିରେ ୫କି.ଗ୍ରା ଗୁଡ ମିଶାଇ ଭଲ ଭାବରେ ଘାଣ୍ଟି ଗୁଡ ପଣା ତିଆରି କରନ୍ତୁ। ତା'ପରେ ଏହାକୁ ଛାଣି ଏକ ଏକର ଫସଲରେ ସିଞ୍ଚନ କଲେ ପିମ୍ପୁଡି ମାନେ ଗଛରେ ଚଢ଼ିବେ ଫଳବିନ୍ଧା ଓ ପତ୍ରଡିଆଁ ପୋକର ଅଣ୍ଡାଗୁଡିକୁ ଖାଇଯାଆନ୍ତି ଓ ଫସଲ ରକ୍ଷା ପାଇଥାଏ।

ସ୍ଥଳବିଶେଷରେ ଜଉ, ସବୁଜ ପତ୍ରଡିଆଁ, ବ୍ଲିଷ୍ଟର ବିଟିଲି ପୋକର ନିୟନ୍ତ୍ରଣ ପାଇଁ ( ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ. ୨.୮ମି.ଲି / ଥାୟୋମେଥୋକ୍ସାମ୍ ୨୫% ଡବ୍ଲୁ .ଜି.୨ ଗ୍ରାମ୍ / ଆସେଟାମିପ୍ରିଡ୍ ୨୦% ଏସ୍.ପି ୨.୫ଗ୍ରାମ୍ );ବାଘୁଆ ପୋକ,ଛୁଇଁ /ଫଳବିନ୍ଧା ପୋକ , ସମ୍ବାଲୁଆ ନିୟନ୍ତ୍ରଣ ନିମନ୍ତେ ( ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫%ଏସ୍.ସି ୨ମିଲି. ଲି/ଇଣ୍ଡୋକ୍ସାକାର୍ବ ୧୫.୮% ଇ.ସି ୬.୭ମି.ଲି) କୀଟନାଶକ ଔଷଧକୁ ପ୍ରତି ୧୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।





**ଅମଳ:** ଫସଲର ତିନି ଚତୁର୍ଥାଂଶ ଛୁଇଁ ଶୁଖି ଆସିଲେ ଅମଳ କରିବା ଭଲ। ହରଡ ଫସଲରେ ଏକ ସମୟରେ କଢ଼ ଓ ଫୁଲ, କଞ୍ଚା ଓ ପାକଳ ଛୁଇଁ ଦେଖିବାକୁ ମିଳିଥାଏ। ବେଶୀ ଖରାରେ ଛୁଇଁ ପାଚି ରହିଲେ ଛୁଇଁରୁ ମଞ୍ଜି ଫାଟି ଗଳିପଡେ। ତେଣୁ ଏକ ଥାକ ଛୁଇଁ ପାଚିଗଲା ପରେ ଡାଳକାଟି ଅମଳ କରାଯାଏ। ତାହାର ପ୍ରାୟ ଦେଢ଼ମାସ ପରେ ୨ୟ ଦଫା ଓ ଶେଷରେ ଦ୍ୱିତୀୟ ଦଫାର ଦେଢ଼ମାସ ପରେ ଡାଳକାଟି ଅମଳ କରାଗଲେ ୫୦ପ୍ରତିଶତରୁ ଅଧିକ ଅମଳ ମିଳିଥାଏ। ତେବେ ଏହିପରି ଏକ ଏକର ଫସଲକୁ ୬-୧୦କ୍ୱିଣ୍ଟାଲ ମଞ୍ଜି ଅମଳ ହୁଏ।

*-ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର, ମୋ:୭୨୦୫୦୯୬୦୮୦*



## କଣ୍ଟାବିହୀନ କାକ୍ଟସ୍ ଚାଷ



ପ୍ରୀତିଲଗ୍ନା ଧଳ

କଣ୍ଟାବିହୀନ ନାଗଫେଣୀ ବା କାକ୍ଟସ୍‌କୁ ବର୍ତ୍ତମାନ ଗୋଖାଦ୍ୟ ରୂପେ ବ୍ୟବହାର କରାଯାଉଛି। ଏହା କେବଳ ଗୋଖାଦ୍ୟ ରୂପେ ନୁହେଁ ବରଂ ମନୁଷ୍ୟ ତଥା ପ୍ରାଣୀ ସମ୍ପଦ ପାଇଁ ବହୁତ ଜରୁରୀ । ଏହି ନାଗଫେଣୀ (ଅପୁଷ୍ଟିଆ ଫିକ୍ସ ଇଣ୍ଡିକା)ର ଉତ୍ପତ୍ତି ଦକ୍ଷିଣ ଆମେରିକା ଓ କେନ୍ଦ୍ରୀୟ ମରୁଭୂମିରେ ହୋଇଥିଲେ ହେଁ ଶୁଷ୍କ ତଥା ଅର୍ଦ୍ଧଶୁଷ୍କ ଅଞ୍ଚଳରେ ବହୁଳ ଭାବରେ ଚାଷ କରାଯାଉଛି।

**ବ୍ୟବହାର:** ଏହା ଶ୍ୱେତସାର ତଥ କ୍ୟାଲସିୟମ୍‌ରେ ଭରପୂର।

- ସ୍ୱାଦଯୁକ୍ତ ତଥା ସହଜ ରେ ହଜମ ହୋଇପାରେ।
- ଛୋଟ ଛୋଟ ଖଣ୍ଡ କରି କାଟି ଏହାକୁ ଚୋକଡ଼ ତଥା କୁଣ୍ଡା ସହ ମିଶାଇ ଖାଇବାକୁ ମଧ୍ୟ ଦିଆଯାଇପାରେ।
- ଶତକଡ଼ା ୫୦ରୁ ୧୦୦ ଭାଗ ଦେହର ଦଳୀୟ ଅଂଶର ଆବଶ୍ୟକତା ମଧ୍ୟ ପୂରଣ କରେ।
- ଗୋରୁଙ୍କୁ ଦିନରେ ୮ରୁ ୧୦ କେଜି ତଥା ମେଣ୍ଢାଙ୍କୁ ୫ରୁ ୬ କେଜି ସତେଜ ନାଗଫେଣୀ କାଣ୍ଡକୁ କାଟି ଦିଆଯାଇପାରେ।
- ଏହା ମୃତ୍ତିକା କ୍ଷୟ ମଧ୍ୟ ରୋକିଥାଏ।
- ନାଗଫେଣୀ ଫସଲ ମଧ୍ୟରେ ଚାଷୀମାନେ ଅନ୍ତଃ ଫସଲ ହେଉ ଅବା ପର୍ଯ୍ୟାୟ ଫସଲ ଭାବରେ ଖେସାରି ଚାଷ ବା ଗିନି ଘାସ ଚାଷ କରିପାରିବେ।

**ମୃତ୍ତିକା:** ୨୦ରୁ ୨୪ଡିଗ୍ରୀ ସେଲ୍‌ସିୟସ୍ ଉତ୍ତାପ ଥିଲେ ଭଲ ଗଜା ହୁଏ।

- ଏହା ମୃତ୍ତିକାର ୭୦ରୁ ୯୦ ଭାଗ ସଞ୍ଚିତ ପାଣିକୁ ବ୍ୟବହାର କରି ବଞ୍ଚିପାରେ।

**ତାପମାତ୍ରା:** ୨୦ରୁ ୩୦ ଡିଗ୍ରୀ ସେଲସିୟସ୍ ଉତ୍ତାପ ତଥା ୩୦୦ରୁ ୬୦୦ ମିଲିମିଟର ବର୍ଷା ହେଉଥିବା ଅଞ୍ଚଳରେ ଏହା ଭଲ ହୋଇଥାଏ।

**ବଂଶ ବିସ୍ତାର:** ନାଗଫେଣୀକୁ ଛୋଟ ଛୋଟ ଖଣ୍ଡ କରି ମୁଖ୍ୟ ଫସଲ ହିସାବରେ ଧାଡ଼ିକୁ ଧାଡ଼ି ୫ମିଟର ତଥା ଗଛକୁ ଗଛ ୪ମିଟର ବ୍ୟବଧାନରେ ହେକ୍ଟର ପିଛା ୫୦୦ଟି କାଣ୍ଡ ଲଗାଯାଇପାରିବ। ଅଧିକ ଅମଳ ପାଇବା ପାଇଁ ହେକ୍ଟର ପିଛା ୧୦୦ କେ.ଜି. ଯବକ୍ଷାରଜାନ ସାର ଦରକାର ହୋଇଥାଏ।

**ଅମଳ:** ୧ ହେକ୍ଟରରୁ ୮୦-୧୦୦ ଟନ୍ କାଣ୍ଡ ଅମଳ ହୋଇଥାଏ। ଅମଳ ହେଲାପରେ ନିଜେ କାଟି ଖରାରେ ଶୁଖାଇ ଭଲଭାବରେ ଗୁଣ୍ଡ କରି ନଡ଼ା, ଶସ୍ୟ ତଥା ଡାଲି ସାଙ୍ଗରେ ମିଶାଇ ଖାଇବାକୁ ଦିଅନ୍ତୁ।

*-ଓୟୁଏଟି, ଭୁବନେଶ୍ୱର*



## କଦଳୀରେ ଝାଉଁଳା ରୋଗ ନିୟନ୍ତ୍ରଣର ଉପାୟ

କଦଳୀରେ ଫିମ୍ପି ଜାତୀୟ ଝାଉଁଳା ରୋଗ ଲାଗିଲେ ପତ୍ରଗୁଡିକ ହଳଦିଆ ପଡି ଶୁଖିଯାଏ ଓ ମୂଳ ଫାଟିଯାଏ। ଏହାର ନିୟନ୍ତ୍ରଣ ସକାଶେ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ ମେଟାଲାକ୍ସିଲ୍ କିମ୍ବା ମାଙ୍କୋଜେବ୍ ମିଶ୍ରଣ ଗଛମୂଳରେ ସିଞ୍ଚନ କରନ୍ତୁ।



## ରୋଗଣା କୁକୁଡା ଚିହ୍ନିବେ କିପରି

କୁକୁଡା ଖାଦ୍ୟ ଠିକ୍ ଭାବରେ ଖାଉନ ଥିବ, ଦୁର୍ବଳ ଭଳି ଚାଲୁଥିବ, ଗୋଟିଏ ସ୍ଥାନରେ ବସିଥିବ, ଘୁମଉଥିବ, ପର ତଥା ମଳଦ୍ୱାରରେ ମଳ ଲାଗି ରହୁଥିବ ଅଥବା ନାକରୁ ପାଣି ଗଡୁଥିବ ତା' ହେଲେ ଜାଣିବେ କୁକୁଡାକୁ କୌଣସି ରୋଗ ହୋଇଛି। ତେଣୁ ତୁରନ୍ତୁ ରୋଗର କାରଣ ଯାଞ୍ଚ କରାନ୍ତୁ। ଏହାଛଡା ଝାଡାରେ ରକ୍ତ ପଡିବା ଅଥବା ଝାଡାର ରଙ୍ଗ ବଦଳିଲେ ମଧ୍ୟ ରୋଗର ସୂଚନା ମିଳିଥାଏ। ଦୁର୍ବଳ ତଥା ରୋଗଣା କୁକୁଡାଙ୍କୁ ଅଲଗା ରଖି ତାଙ୍କର ସ୍ୱତନ୍ତ୍ର ଯତ୍ନ ନିଅନ୍ତୁ ତଥା ନିକଟସ୍ଥ ପ୍ରାଣୀଚିକିତ୍ସକଙ୍କ ପରାମର୍ଶ ନେଇ ଯଥାଶୀଘ୍ର ଚିକିତ୍ସା କରାନ୍ତୁ।

**ରୋଗ ପରିଚାଳନା:** କୁକୁଡ଼ା ବିଭିନ୍ନ କୃମିଦ୍ୱାରା ଆକ୍ରାନ୍ତ ହେବା ସହିତ ବିଭିନ୍ନ ସଂକ୍ରମଣର ଶିକାର ହୋଇଥାନ୍ତି । ଭିନ୍ନ ଭିନ୍ନ ଋତୁ ତଥା ଭିନ୍ନ ଭିନ୍ନ ସମୟରେ ତାପମାତ୍ରା ଏବଂ ଆର୍ଦ୍ରତାରେ ରୋଗ ଜୀବାଣୁ ସଂକ୍ରମଣର ଆଶଙ୍କା ଭିନ୍ନ ହୋଇଥାଏ । ବୀଜାଣୁ, ଭୂତାଣୁ ଏବଂ କବକ କୁକୁଡ଼ାଙ୍କୁ ଆକ୍ରାନ୍ତ କରିଥାନ୍ତି ବାର୍ଡ ଫ୍ଲୁ, କୁକୁଡା ବସ, କଲେରା, ମାଇକୋପ୍ଲାଜମୋସିସ, ରାଣୀକ୍ଷେତ୍, ଗୁମ୍ବୋରୋ ବା ଆଇ.ବି.ଡ଼ି., କକ୍ସିଡିଓସିସ, ସାଲମୋନେଲୋସିସ୍ ଓ ମାରେକ୍ସ ଆଦି କୁକୁଡାଙ୍କର ମୁଖ୍ୟ ରୋଗ । ଏହାଛଡା ପାଣିପାଗ ଅଥବା ଖାଦ୍ୟର ତତ୍କ୍ଷଣାତ୍ ପରିବର୍ତ୍ତନ ତଥା ପାଣି ସଠିକ୍ ପରିମାଣରେ ନ ମିଳିଲେ ଏମାନଙ୍କ ସ୍ୱାସ୍ଥ୍ୟହାନୀ ହୋଇଥାଏ । ରୋଗ ସଂକ୍ରମଣରୁ ରକ୍ଷା ପାଇବା ପାଇଁ କୁକୁଡ଼ାଙ୍କୁ ନିର୍ଦ୍ଧାରିତ ବୟସରେ ଟୀକାକରଣ କରାନ୍ତୁ।

**କୁକୁଡା ପାଳନରୁ ଲାଭ:** ବୈଜ୍ଞାନିକ ପଦ୍ଧତିରେ କୁକୁଡାପାଳନ କଲେ ଜଣେ ଚାଷୀ ୨୫ରୁ ୩୦ ଟି କୁକୁଡାରୁ ବାର୍ଷିକ ୧୪,୦୦୦ ରୁ ୧୬,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିପାରିବ । କୁକୁଡା ମଳ ଉନ୍ନତ ସାର ରୂପେ ବ୍ୟବହାର ହୋଇଥାଏ । ଅଗଣାରେ କୁକୁଡା ପାଳିଲେ ଅନାବନା ଘାସ, ପୋକଜୋକ, ଜିଆ, ଝିଣ୍ଟିକା, ଗେଣ୍ଡା, ପଡିଥିବା ଶସ୍ୟର ଅବଶିଷ୍ଟାଂଶ ଓ ରୋଷେଇ ଘରୁ ବାହାରୁଥିବା ନଷ୍ଟ ଖାଦ୍ୟ ମଧ୍ୟ ଖାଇବାରୁ ଏମାନଙ୍କ ଖାଇବା ଖର୍ଚ୍ଚ ବହୁତ କମ୍ ହୋଇଥାଏ । କୁକୁଡା ପାଳିବା ପୂର୍ବରୁ ଜ୍ଞାନ କୌଶଳ ପାଇଁ ଚାଷୀମାନେ ନିକଟସ୍ଥ ପ୍ରାଣୀ ଚିକିତ୍ସକ, କୃଷି ବିଜ୍ଞାନ କେନ୍ଦ୍ର ଅଥବା କେନ୍ଦ୍ରୀୟ କୁକ୍କୁଟ ବିକାଶ ସଂଗଠନ (ପୂର୍ବାଞ୍ଚଳ), ଭୁବନେଶ୍ୱର ସହିତ ସମ୍ପର୍କ କରିପାରିବେ । ଗ୍ରାମାଞ୍ଚଳରେ ଖାଦ୍ୟ ଓ ପୋଷଣ ନିରାପତ୍ତା ରକ୍ଷା ପାଇଁ ରାଷ୍ଟ୍ରୀୟ ପ୍ରାଣୀଧନ ମିଶନ ଆନୁକୂଲ୍ୟରେ 'ଘର ଅଗଣାରେ କୁକୁଡ଼ା ପାଳନ' ଯୋଜନା ମାଧ୍ୟମରେ ୪୫ଟି କୁକୁଡ଼ା ଚିଆଁ ସହିତ ଖାଦ୍ୟପାତ୍ର, ପାଣିପାତ୍ର ଓ ରାତ୍ର ରହଣିର ବ୍ୟବସ୍ଥା ପାଇଁ ଟ. ୧୫୦୦/- ଦିଆଯିବାର ବ୍ୟବସ୍ଥା ରହିଛି।



*-ରଞ୍ଜନ କୁମାର ମହାନ୍ତ*
*-ସାରଦା ପ୍ରସନ୍ନ ସାହୁ*



"ଚାଷ କ୍ଷେତ୍ରରେ ଅତ୍ୟାଧୁନିକ ଯନ୍ତ୍ରପାତି ଓ ନୂଆ ପ୍ରଯୁକ୍ତିର ବ୍ୟବହାର ଲାଗି ପ୍ରତିଶ୍ରୁତିବଦ୍ଧ।
– ଅଶୋକ ଶର୍ମା, ମହିନ୍ଦ୍ରା ଆଗ୍ରି ସଲ୍ୟୁଶନ୍ସ ଲିମିଟେଡ୍ ଏମ୍‌ଡି ତଥା ସିଇଓ



"ବଙ୍କର ଇନ୍ଧନରେ ସଲ୍‌ଫର୍ ମାତ୍ରା କମାଇବା ଲାଗି ଭାରତ କାର୍ଯ୍ୟ କରୁଛି। ତେବେ ଭାରତ ଇଣ୍ଟରନ୍ୟାଶନାଲ ମେରିଟାଇମ ଅର୍ଗାନାଇଜେଶନରେ ସ୍ୱର ଉତ୍ତୋଳନ ଜାରି ରଖିବ।
– ମନସୁଖ ଏଲ୍. ମାଣ୍ଡଭୀୟ, କେନ୍ଦ୍ର ରସାୟନ ଓ ସାର ରାଷ୍ଟ୍ରମନ୍ତ୍ରୀ

## ସଂକ୍ଷେପରେ

### ଭାରତର ଜିଡିପି ଅନୁମାନ ହ୍ରାସ କଲା ଆଇଏମ୍ଏଫ୍

**ନୂଆଦିଲ୍ଲୀ,୨୩-୭:** ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ୨୦୧୯ ଏବଂ ୨୦୨୦ ଲାଗି ଭାରତର ଜିଡିପି ଅଭିବୃଦ୍ଧି ହାର ଅନୁମାନ ହ୍ରାସ କରିଛି। ଦୁଇ ବର୍ଷ ଲାଗି ବିକାଶ ହାରରେ ୦.୩% ଲେଖାଏ ହ୍ରାସ କରାଯାଇଛି। ଆଇଏମ୍ଏଫ୍ ପକ୍ଷରୁ ଜାରି ସଦ୍ୟତମ ଅନୁମାନରେ ୨୦୧୯ ଲାଗି ଭାରତର ଜିଡିପି ବୃଦ୍ଧି ହାର ୭ ଏବଂ ୨୦୨୦ରେ ୭.୨% ଦର୍ଶାଯାଇଛି। ତେବେ ଭାରତ ବିଶ୍ୱରେ ସବୁଠାରୁ ଦ୍ରୁତ ଅଭିବୃଦ୍ଧି କରୁଥିବା ଦେଶ ଭାବେ ଆଗେଇ ଚାଲିବ ବୋଲି ରିପୋର୍ଟରେ କୁହାଯାଇଛି।

### ଆଜି ଆସିବ ଅଭିନବତ୍ୱ ଅର୍ଥନୀତି ତାଲିକା

#### ଭାରତକୁ ମିଳିପାରେ ଫାଇଦା

**ନୂଆଦିଲ୍ଲୀ,୨୩-୭:** ଭାରତକୁ ବିଶ୍ୱର ସବୁଠାରୁ ଅଧିକ ଅଭିନବତ୍ୱ ଅର୍ଥନୀତି ସୂଚକାଙ୍କରେ ନିଜର ସ୍ଥିତି ସୁଧାରିବାର ସୁଯୋଗ ମିଳିବ। ବୁଧବାର ଏହି ସୂଚକାଙ୍କ ତାଲିକା ଜାରି ହେବ। ବର୍ତ୍ତମାନ ଭାରତ ଏହି ସୂଚକାଙ୍କ ତାଲିକାର ୫୭ତମ ସ୍ଥାନରେ ରହିଛି। ଉଦ୍ୟୋଗ ଏବଂ ଆଭ୍ୟନ୍ତରୀଣ ବ୍ୟାପାର ପରିଚାଳନା ବିଭାଗ(ଡିପିଆଇଆଇଟି) ସଚିବ ରମେଶ ଅଭିଷେକ ମଙ୍ଗଳବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। କାରବାର ସୁଗମତା କ୍ଷେତ୍ରରେ ଭାରତ ଅନେକ ବାଟ ଆଗେଇଥିବାରୁ ଉକ୍ତ ସୂଚକାଙ୍କ ତାଲିକାରେ ଫାଇଦା ମିଳିବ ବୋଲି ଆମେ ନିଶ୍ଚିତ ଅଛୁ। ୱାର୍ଲ୍ଡ ଇଣ୍ଟେଲିକ୍ଚୁଆଲ ପ୍ରପର୍ଟି ଅର୍ଗାନାଇଜେଶନ ପକ୍ଷରୁ ବୁଧବାର ଗ୍ଲୋବାଲ ଇନୋଭେଶନ ଇଣ୍ଡେକ୍ସ, ୨୦୧୯ ପ୍ରକାଶ କରାଯିବ। ଗତବର୍ଷ ୫୭ତମ ସ୍ଥାନରେ ଥିବା ଭାରତ ୨୦୧୭ରେ ୬୦ତମ, ୨୦୧୬ରେ ୬୬ତମ ଓ ୨୦୧୫ରେ ୮୧ତମ ସ୍ଥାନରେ ରହିଥିଲା। ଏହି ତାଲିକାର ଶୀର୍ଷ ୨୫ ମଧ୍ୟରେ ରହିବା ଲାଗି ଭାରତ ଲକ୍ଷ୍ୟ ଧାର୍ଯ୍ୟ କରିଛି।

### ୯ବର୍ଷ ୫ ମାସରେ ଦୁଇଗୁଣା ହେବ କେଭିପି

**ନୂଆଦିଲ୍ଲୀ,୨୩-୭:** କେନ୍ଦ୍ର ସରକାର କିଷାନ ବିକାଶ ପତ୍ର(କେଭିପି) ସୁଧ ହାର ହ୍ରାସ ସମ୍ପର୍କରେ ଘୋଷଣା କରିଛନ୍ତି। ଫଳରେ ଆଗାମୀ ଦିନରେ ଏଥିରେ ଜମା ରାଶି ଦୁଇଗୁଣା ହେବାକୁ ଅଧିକ ଏକ ମାସ ସମୟ ଲାଗିବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅର୍ଥାତ୍ ପୂର୍ବରୁ ୯ ବର୍ଷ ୪ ମାସ ବା ୧୧୨ ମାସରେ ଜମା ରାଶି ଦ୍ୱିଗୁଣା ହେଉଥିବା ବେଳେ ଏଣିକି ଏଥିପାଇଁ ୯ ବର୍ଷ ୫ ମାସ ବା ୧୧୩ ମାସ ସମୟ ଆବଶ୍ୟକ ହେବ। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କିଷାନ ବିକାଶ ପତ୍ର ନିୟମ, ୨୦୧୪ରେ ହୋଇଥିବା ସଂଶୋଧନ ସମ୍ପର୍କରେ କୁହାଯାଇଛି ଯେ, ଜମା ରାଶିର ନୂଆ ବ୍ୟବସ୍ଥା ଚଳିତବର୍ଷ ଜୁଲାଇ ପହିଲାରୁ କାର୍ଯ୍ୟକାରୀ ହେବ। ଜୁଲାଇ-ସେପ୍ଟେମ୍ବର ଲାଗି କେଭିପିରେ ମିଳୁଥିବା ସୁଧ ହାରକୁ ସରକାର ୭.୬%କୁ ହ୍ରାସ କରିଛନ୍ତି। ଏପ୍ରିଲ-ଜୁନ୍ ଅବଧିରେ ଏହା ୭.୭% ରହିଥିଲା। ସୂଚନାଥାଉ କି, ସରକାର ପ୍ରତି ତ୍ରୈମାସରେ ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାର ସଂଶୋଧନ କରିଥାନ୍ତି।

### ଅନିଲ ଅମ୍ବାନୀଙ୍କ ବିରୋଧରେ ଅବମାନନା ମାମଲା ଖାରଜ



**ନୂଆଦିଲ୍ଲୀ,୨୩-୭:** ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅମ୍ବାନୀ ଏବଂ ଅନ୍ୟମାନଙ୍କ ବିରୋଧରେ ଆଗତ ଅଦାଲତ ଅବମାନନା ମାମଲାକୁ ରାଷ୍ଟ୍ରୀୟ କମ୍ପାନୀ ବିଧି ଅପିଲୀୟ ନ୍ୟାୟାଧିକରଣ(ଏନ୍‌ସିଏଲ୍ଏଟି) ମଙ୍ଗଳବାର ଖାରଜ କରିଦେଇଛନ୍ତି। ଅଧ୍ୟକ୍ଷ ଜଷ୍ଟିସ୍ ଏସ୍.ଜେ.ମୁଖୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗଠିତ ଦୁଇ ସଦସ୍ୟ ବିଶିଷ୍ଟ ଖଣ୍ଡପୀଠ ଆବେଦନକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଏହି ମାମଲାର ଶୁଣାଣି ହେବା ପରେ ଖଣ୍ଡପୀଠ ଜୁଲାଇ ୩ରେ ରାୟ ସଂରକ୍ଷିତ ରଖିଥିଲେ। ସ୍ୱଳ୍ପ ଶେୟାରଧାରୀ ଏଚ୍ଏସ୍‌ବିସି ଡେଜି ଇନ୍‌ଭେଷ୍ଟମେଣ୍ଟ(ମରିସସ୍) ଏବଂ ଅନ୍ୟମାନେ ରିଲାଏନ୍ସ ଇନ୍‌ଫ୍ରାଟେଲ ଦ୍ୱାରା ବକେୟା ପ୍ରଦାନ କରାଯାଇ ନ ଥିବା ଅଭିଯୋଗ କରି କମ୍ପାନୀ, ଏହାର ମାଲିକ ତଥା ଅନ୍ୟମାନଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାଏର କରାଯାଇଥିଲା। କୌଣସି ପ୍ରକାର ଅଦାଲତ ଅବମାନନା ହୋଇ ନ ଥିବା ରାୟ ପ୍ରକାଶ କରି ଖଣ୍ଡପୀଠ କହିଛନ୍ତି।

### ବିଦାୟ ବେଳାରେ ସରକାରଙ୍କୁ ବିରାଲଙ୍କ ପରାମର୍ଶ

# ବନ୍ଦ ହେଉ ଲାଭ ଦେଉ ନ ଥିବା ସବ୍‌ସିଡି ସ୍କିମ୍

**ମୁମ୍ବାଇ,୨୩-୭**

- କ୍ଷତିରେ ଚାଲୁଥିବା ରାଷ୍ଟ୍ରାୟତ୍ତ କମ୍ପାନୀରୁ ଅଂଶଧନ ପ୍ରତ୍ୟାହାର କରନ୍ତୁ
- ଦେଶର ଋଣ ୮୫%କୁ ବୃଦ୍ଧି ପାଇଛି
- ସରକାରୀ ଋଣବୃଦ୍ଧି ଯୋଗୁ ଡେଟ୍ ବଜାର ଚାପ ବଢ଼ିବ



ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ସ୍ୱାଧୀନତା ନେଇ ମୁଖର ଥିବା ଡେପୁଟି ଗଭର୍ନର ବିରାଲ ଆଚାର୍ଯ୍ୟ ନିଜ କାର୍ଯ୍ୟକାଳର ଶେଷ ଦିନରେ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ଅର୍ଥନୀତି ନେଇ କେତେକ ପରାମର୍ଶ ଦେଇଛନ୍ତି। ଫାଇଦା ଦେଉ ନ ଥିବା ସବ୍‌ସିଡିଯୁକ୍ତ ଯୋଜନା(ସ୍କିମ୍)ଗୁଡ଼ିକୁ ସରକାର ବିଚାର କରି ବନ୍ଦ କରିଦିଅନ୍ତୁ ବୋଲି ସେ ତାଙ୍କ ପରାମର୍ଶରେ କହିଛନ୍ତି।

ଚାକିରି କାଳର ୬ ମାସ ପୂର୍ବରୁ ନିଜ ପଦରୁ ଇସ୍ତଫା ଦେଇଥିବା ବିରାଲ ପୂର୍ବତନ ଗଭର୍ନର ଡ.ଉର୍ଜିତ ପଟେଲଙ୍କ ବଡ଼ ସମର୍ଥକ ଥିଲେ। ରିଜର୍ଭ ବ୍ୟାଙ୍କର ସ୍ୱାଧୀନତାରେ କେନ୍ଦ୍ର ସରକାର ହସ୍ତକ୍ଷେପ କରୁଛନ୍ତି ବୋଲି ଖୋଲାଖୋଲି ଅଭିଯୋଗ କରି ସମସ୍ତଙ୍କୁ ଚକିତ କରିଥିବା ବିରାଲ କେନ୍ଦ୍ରୀୟ ବ୍ୟାଙ୍କରେ ମୁଦ୍ରାନୀତି ନିର୍ଦ୍ଧାରକ କମିଟିର ଅନ୍ୟତମ ସଦସ୍ୟ ଥିଲେ। ସେ କହିଛନ୍ତି ଯେ, କ୍ଷତିରେ ଚାଲୁଥିବା ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକରୁ ସରକାର ନିଜର ଅଂଶଧନକୁ ପ୍ରତ୍ୟାହାର କରିନିଅନ୍ତୁ। ଏହାଦ୍ୱାରା ଘରୋଇ ସେକ୍ଟର ଏଥିରେ ପ୍ରବେଶ କରିପାରିବେ। କାରଣ ଏଭଳି ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ଯୋଗୁ ସରକାରଙ୍କ ଉପରେ ଅଯଥା ବୋଝ ବଢ଼ିବାରେ ଲାଗିଛି। ଏହି ନିଷ୍ପତ୍ତି ଯୋଗୁ ଏହା ହାଲୁକା ହୋଇଯିବ। ତାଙ୍କ ମତରେ ୨୦୦୦ ପରେ ଉତ୍ପାଦନ ତୁଳନାରେ ଭାରତର ଋଣ ୬୭ରୁ ବୃଦ୍ଧି ପାଇ ୮୫%ରେ ପହଞ୍ଚିଯାଇଛି। ଯାହା କି, କୌଣସି ବିକାଶଶୀଳ ବଜାର ଠାରୁ ଯଥେଷ୍ଟ ଅଧିକ। ମିଡିଆ ରିପୋର୍ଟ ଅନୁଯାୟୀ, ବିଦାୟର ଠିକ୍ ପୂର୍ବରୁ ବିରାଲ ଏହା ମଧ୍ୟ କହିଛନ୍ତି ଯେ, ସରକାରୀ ଋଣ ବୃଦ୍ଧି ପାଇବା ଯୋଗୁ ଡେଟ୍ ବଜାର ଉପରେ ଚାପ ବଢ଼ିବାର ବିପଦ ବଢ଼ିବ। ଏହାଦ୍ୱାରା ସୁଧ ହାର ବଢ଼ିଯିବାର ଆଶଙ୍କା ସୃଷ୍ଟି ହେବ। ଫଳସ୍ୱରୂପ କମ୍ପାନୀଙ୍କ ପାଇଁ ଋଣ ଆହୁରି ମହଙ୍ଗା ହୋଇଯିବ। ଉଲ୍ଲେଖ କରାଯାଇପାରେ ଯେ, ମୁଦ୍ରାସ୍ଫୀତିକୁ ନେଇ ସର୍ବଦା ଦୃଢ଼ ମନୋଭାବ ପ୍ରଦର୍ଶନ କରିଆସୁଥିବା ବିରାଲ ଅନେକ ଥର ସୁଧ ହାର ହ୍ରାସ ନିଷ୍ପତ୍ତିକୁ ବିରୋଧ କରିଆସିଛନ୍ତି। ମୁଦ୍ରା ନୀତି ସମୀକ୍ଷା କମିଟି ବୈଠକରେ ସେ ଏ ପ୍ରସଙ୍ଗରେ ବାରମ୍ବାର ନିଜର ଅସହମତି ପ୍ରକାଶ କରିଆସିଛନ୍ତି। ଆଚାର୍ଯ୍ୟଙ୍କ ସମୟରେ ହିଁ ମୁଦ୍ରା ନୀତି ସମୀକ୍ଷା କମିଟିକୁ ୬ ସଦସ୍ୟବିଶିଷ୍ଟ କରାଯାଇଥିଲା। ନ୍ୟୁୟର୍କ ୟୁନିଭର୍ସିଟିର ଷ୍ଟେର୍ମ ସ୍କୁଲ୍ ଅଫ୍ ବିଜନେସ୍‌ରେ ପ୍ରଫେସର ଥିବା ଆଚାର୍ଯ୍ୟ ବ୍ୟକ୍ତିଗତ କାରଣ ଦର୍ଶାଇ ଆର୍‌ବିଆଇରୁ ଦୂରେଇ ଯାଇଛନ୍ତି। ୨୦୧୭ ଜାନୁୟାରୀ ୨୩ରେ କେନ୍ଦ୍ରୀୟ ବ୍ୟାଙ୍କରେ ସେ ଯୋଗ ଦେଇଥିଲେ। ତାଙ୍କର କାର୍ଯ୍ୟକାଳ ୩ବର୍ଷ ପର୍ଯ୍ୟନ୍ତ ରହିଥିଲା। ସୂଚନାଯୋଗ୍ୟ ଯେ, ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ନିଷ୍ପତ୍ତିକୁ ବିରାଲ ସହଜରେ ଗ୍ରହଣ କରିପାରୁ ନ ଥିଲେ। ସେ ନିଜର ସ୍ୱତନ୍ତ୍ର ମତପୋଷଣ କରୁଥିଲେ। ଗତ ଦୁଇଟି ମୁଦ୍ରାନୀତି କମିଟି ବୈଠକରେ ସେ ମୁଦ୍ରାସ୍ଫୀତି ଏବଂ ଜିଡିପି ଅଭିବୃଦ୍ଧିକୁ ନେଇ ଭିନ୍ନ ମତପୋଷଣ କରିଥିଲେ। ଗଭର୍ନର ପଦରୁ ଉର୍ଜିତ ପଟେଲ ଇସ୍ତଫା ଦେବା ପୂର୍ବରୁ ବିରାଲ ଏକ ଖୋଲା ସଭାରେ ଆର୍‌ବିଆଇ ସ୍ୱାଧୀନତାରେ କେନ୍ଦ୍ର ସରକାର ହସ୍ତକ୍ଷେପ କରୁଥିବା ଅଭିଯୋଗ କରିଥିଲେ। କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାଧୀନତାକୁ ସମ୍ମାନ ନ କଲେ ଶୀଘ୍ର ହେଉ ଅଥବା ବିଳମ୍ବ ସରକାରଙ୍କୁ ବଜାରର ଅସନ୍ତୋଷର ସାମ୍ନା କରିବାକୁ ପଡିବ। ବଜାରରୁ ସରକାରଙ୍କୁ ନିରାଶ ହେବାକୁ ପଡିବ। ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର କମ୍ ମୂଲ୍ୟାୟନ କରିବା ନେଇ ସରକାର ପରେ ପଶ୍ଚାତ୍ତାପ କରିବେ। ସେ କହିଥିଲେ ଯେ, ସରକାରଙ୍କୁ କ୍ରୂର ଅଥଚ ସ୍ୱଚ୍ଛ ସତ୍ୟ ଜଣାଇବା ଆର୍‌ବିଆଇର କାର୍ଯ୍ୟ। ଅର୍ଥନୀତି ସମ୍ପର୍କରେ ଏହା ମିତ୍ର ଭାବେ ସରକାରଙ୍କୁ ବାରମ୍ବାର ସଚେତ କରିଥାଏ। ଯିବା ବେଳେ ବିରାଲ କହିଛନ୍ତି ଯେ, ସରକାରଙ୍କ ଦ୍ୱାରା ଋଣ ମାଫ୍ କରିବା ଅତ୍ୟନ୍ତ ବିପଦପୂର୍ଣ୍ଣ। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ଦୀର୍ଘସମୟ ଧରି କ୍ଷତି ସହିବେ। ସରକାର କ୍ରମାଗତ ଋଣ ଛାଡ଼ କରିଚାଲିଲେ ବ୍ୟାଙ୍କଗୁଡ଼ିକ ପାଇଁ କାମ କରିବା ଅସୁବିଧା ଜନକ ହେବ ବୋଲି ବିରାଲ କହିଛନ୍ତି।

### ୭୫୦୦ ଟଙ୍କାରୁ ଅଧିକ ଫ୍ଲାଟ୍ ମେଣ୍ଟେନାନ୍ସ ଲାଗି

# ଦେବାକୁ ହେବ ୧୮% ଜିଏସ୍‌ଟି

**ନୂଆଦିଲ୍ଲୀ,୨୩-୭**




କେନ୍ଦ୍ର ସରକାର ଫ୍ଲାଟ୍ ମେଣ୍ଟେନାନ୍ସରୁ ମଧ୍ୟ ଜିଏସ୍‌ଟି ଆଦାୟ ଲାଗି ସ୍ଥିର କରିଛନ୍ତି। ଏଣିକି ଫ୍ଲାଟ୍ ମେଣ୍ଟେନାନ୍ସ ବାବଦରେ ରେସିଡେଣ୍ଟ ୱେଲ୍‌ଫେୟାର ଆସୋସିଏଶନକୁ ପ୍ରତି ମାସରେ ୭୫୦୦ ଟଙ୍କାରୁ ଅଧିକ ପ୍ରଦାନ କରାଯାଉଥିଲେ ୧୮% ଜିଏସ୍‌ଟି ଦେବାକୁ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। ଏଥିରେ କୁହାଯାଇଛି ଯେ, ୨୦୧୮ ଜାନୁୟାରୀ ୨୫ ପୂର୍ବରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଫ୍ଲାଟ୍ ମେଣ୍ଟେନାନ୍ସ ପାଇଁ ପ୍ରତି ମାସରେ ଜିଏସ୍‌ଟି ଛାଡ଼ ମିଳୁଥିଲା। ଯାହାକୁ ଜାନୁୟାରୀ ୨୫ରୁ ୭୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ତେବେ ଏହି ସୀମା ଟପିବା ମାତ୍ରେ ଜିଏସ୍‌ଟି ଦେବାକୁ ହେବ। ଟିକସ ଅଧିକାରୀଙ୍କ ଉଦ୍ଦେଶ୍ୟରେ ମନ୍ତ୍ରଣାଳୟ ପକ୍ଷରୁ ଏକ ଉଦାହରଣ ଉପସ୍ଥାପନ କରାଯାଇଛି। ଏଥିରେ କୁହାଯାଇଛି ଯେ, ଯଦି ଜଣେ ମାଲିକ ଫ୍ଲାଟ୍ ମେଣ୍ଟେନାନ୍ସ ବାବଦରେ ମାସକୁ ୯ ହଜାର ଟଙ୍କା ଦିଅନ୍ତି, ତେବେ ଏହା ଉପରେ ହିଁ ୧୮% ଜିଏସ୍‌ଟି ଆଦାୟ ହେବ, ୧୫୦୦ ଟଙ୍କା(୯୦୦୦–୭୫୦୦ ଟଙ୍କା) ଉପରେ ନୁହେଁ। ମନ୍ତ୍ରଣାଳୟ ପକ୍ଷରୁ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ, ଯଦି ରେସିଡେଣ୍ଟ ୱେଲ୍‌ଫେୟାର ଆସୋସିଏଶନର ଟର୍ନଓଭର ବା କାରବାର ବାର୍ଷିକ ୨୦ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ ତେବେ ତାଙ୍କୁ ରେଜିଷ୍ଟ୍ରେଶନ ନମ୍ବର ଏବଂ ଜିଏସ୍‌ଟି ଦେବାକୁ ପଡିବ ନାହିଁ। ଏ କ୍ଷେତ୍ରରେ ମେଣ୍ଟେନାନ୍ସ ଚାର୍ଜ ୭୫୦୦ ଟଙ୍କାରୁ ଅଧିକ ହେଲେ ମଧ୍ୟ ଛାଡ଼ ମିଳିବ। ମନ୍ତ୍ରଣାଳୟ ପକ୍ଷରୁ ଏହା ମଧ୍ୟ କୁହାଯାଇଛି ଯେ, ଯାହାଙ୍କ ନିକଟରେ କୌଣସି ହାଉସିଂ ସୋସାଇଟି ଅଥବା ରେସିଡେନ୍ସିଆଲ କମ୍ପ୍ଲେକ୍ସରେ ଏକାଧିକ ଫ୍ଲାଟ୍ ରହିଛି, ତାଙ୍କ ପାଇଁ ୭୫୦୦ ଟଙ୍କାରୁ ଊର୍ଦ୍ଧ୍ୱ ପ୍ରତି ମାସ ମେଣ୍ଟେନାନ୍ସ ସୀମା ସ୍ୱତନ୍ତ୍ର ଭାବେ ଧରାଯିବ।

## ବଜାଜ ଆଣିଲା ନୂଆ ସିଟି, ପ୍ଲାଟିନା ଏଚ୍



**ଭୁବନେଶ୍ୱର,୨୩-୭ (ବ୍ୟୁରୋ)**

ବଜାଜ ଅଟୋ ପକ୍ଷରୁ ନୂଆ ସିଟି–୧୧୦ ଏବଂ ପ୍ଲାଟିନା ଏଚ୍ ବାଇକ ଭୁବନେଶ୍ୱର ବଜାରରେ ପ୍ରବେଶ କରିଛି। ସ୍ଥାନୀୟ ଲୁଇସ୍ ରୋଡ୍‌ସ୍ଥିତ ବିନାୟକ ଅଟୋମୋବାଇଲଠାରେ ଏହାକୁ ଉନ୍ମୋଚନ କରାଯାଇଥିଲା। ସିଟି ମଡେଲରେ ରଫ୍ ରୋଡରେ ରୋମାଞ୍ଚକର ଯାତ୍ରା ଏବଂ ଉନ୍ନତ ଗୁଣବତ୍ତା ଗ୍ରାହକ ଲାଭ କରିପାରିବେ। ଯାନଟିର ଅନ୍‌ରୋଡ ମୂଲ୍ୟ ୫୧,୨୩୯ ଟଙ୍କା ରହିଛି। ସେହିଭଳି ଏହା ଇଲେକଟ୍ରିକ ଏବଂ କିକ୍ ଷ୍ଟାର୍ଟ ବର୍ଗରେ ଆସୁଛି। ଏଥିରେ ଆଣ୍ଟି ସ୍କିଡ୍ ବ୍ରେକ୍ ସିଷ୍ଟମ, ଫୁଏଲ ଗଜ୍, ୧୫୧ ସିସି ଡିଟିଏସ୍ଆଇ ଇଞ୍ଜିନ ଭଳି ପ୍ରମୁଖ ଫିଚର ରହିଛି। ଏହାବାଦ ନୂଆ ପ୍ଲାଟିନାରେ ହାଇୱେ ରାଇଡିଂ ଲାଗି ସ୍ୱତନ୍ତ୍ର ଏଚ୍ ଗିୟର,ଡିଜିଟାଲ କନ୍‌ସୋଲ ଗିୟର ସିଫ୍ଟ ଗାଇଡ୍ ରହିଛି। ଯାନଟିର ଅନ୍‌ରୋଡ୍‌ମୂଲ୍ୟ ୬୪,୦୩୫ ଟଙ୍କା ରହିଥିବା ସୂଚନା ରହିଛି। ଏଥିରେ ବିନାୟକ ବଜାଜର ଜିଏମ୍ ରାଜେନ୍ଦ୍ର ମିଶ୍ର, ବଜାଜ ଅଟୋର ଆଞ୍ଚଳିକ ପ୍ରବନ୍ଧକ ସୁଶର ଭଟ୍ଟାଚାର୍ଯ୍ୟ, ଏଏସ୍ଏମ୍ ସନ୍ତୋଷ ଦାସ, ବଜାଜ ଫାଇନାନ୍ସ ଆଞ୍ଚଳିକ ପ୍ରବନ୍ଧକ ପ୍ରଶାନ୍ତ କୁମାର, ପାର୍ଟନେର ବିନୟ ଗୁପ୍ତା, ରାକେଶ ଅଗ୍ରୱାଲ, ଅନୀଲ ଝାଙ୍ଗନିଆ, ବଜାଜ ଫାଇନାନ୍ସ ଏଏସ୍ଏମ୍ ପ୍ରଶାନ୍ତ ମିଶ୍ର ଏବଂ ସିଏସ୍ଏମ୍ ମୁକ୍ତି ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

### ସାଇବର ଅପରାଧ ଯୋଗୁ ଭାରତୀୟ କମ୍ପାନୀଙ୍କୁ ୧୩ କୋଟି କ୍ଷତି



**ନୂଆଦିଲ୍ଲୀ,୨୩-୭**

ଆଇଟି କ୍ଷେତ୍ରରେ ଦେଶ ଯେତେ ଆଗେଇ ଚାଲିଛି ସେହି ଅନୁପାତରେ ସାଇବର ଅପରାଧ ମଧ୍ୟ ବଢ଼ି ଚାଲିଛି। ୨୦୧୮ ଜୁଲାଇରୁ ୨୦୧୯ ଏପ୍ରିଲ ମଧ୍ୟରେ ଦେଶରେ କମ୍ପାନୀଙ୍କୁ ହାରାହାରି ୧୨.୮୦ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି। ପ୍ରଯୁକ୍ତି କ୍ଷେତ୍ରର ପ୍ରମୁଖ କମ୍ପାନୀ ଆଇବିଏମ୍ ଦ୍ୱାରା ଜାରି ଏକ ରିପୋର୍ଟରେ ଏହା କୁହାଯାଇଛି। ରିପୋର୍ଟ ଅନୁସାରେ ବିଶ୍ୱ ସ୍ତରରେ କ୍ଷତିର ପରିମାଣ ପ୍ରାୟ ୨୭.୦୩ କୋଟି ଟଙ୍କା। ଉକ୍ତ ଅବଧିରେ ହ୍ୟାକିଂ ଯୋଗୁ ହାରାହାରି ୨୫,୫୭୫ ରେକର୍ଡ ପ୍ରଭାବିତ ହୋଇଛି। ରିପୋର୍ଟରେ କୁହାଯାଇଛି ଯେ, ଡାଟା ଚୋରି ଅଥବା ସୂଚନା ହ୍ୟାକିଂ ଯୋଗୁ ଭାରତରେ ପ୍ରତି ବ୍ୟକ୍ତି ପ୍ରତି କ୍ଷତି ୫୦୧୯ ଟଙ୍କା ଥିବା ବେଳେ ବିଶ୍ୱରେ ଏହା ୧୫୦ ଡଲାର ରହିଛି। ଭାରତରେ ଏହି ଘଟଣା ଯୋଗୁ ହାରାହାରି ୩୫,୬୩୬ ରେକର୍ଡ ପ୍ରଭାବିତ ହୋଇଥାଏ। ଆଇବିଏମ୍ ସିକ୍ୟୁରିଟିଜ ଦ୍ୱାରା ପ୍ରାୟୋଜିତ ଏହି ରିପୋର୍ଟକୁ ପୋନେମ୍ୟାନ ଇନ୍‌ଷ୍ଟିଚ୍ୟୁଟ୍ ପ୍ରସ୍ତୁତ କରିଛି। ସିକ୍ୟୁରିଟି ସଫ୍ଟୱେର ଲିଡର ବୈଦ୍ୟନାଥନ ଆୟାର କହିଛନ୍ତି ଯେ, ଭାରତରେ ଦ୍ରୁତଗତିରେ ସାଇବର ଅପରାଧ ବଦଳୁଛି। ଏହା ଏବେ ଅତ୍ୟନ୍ତ ସଂଗଠିତ ଭାବେ ତାଳମେଳ ରଖି କରାଯାଉଛି।

## ଏନ୍‌ବିସିସି ତିଆରି କରିବ ଆମ୍ରପାଲିର ଅସମ୍ପୂର୍ଣ୍ଣ ଫ୍ଲାଟ୍

**ନୂଆଦିଲ୍ଲୀ,୨୩-୭**

ସୁପ୍ରିମକୋର୍ଟ ଆମ୍ରପାଲି ଗ୍ରୁପ୍ ବିରୋଧରେ ଦୃଢ଼ ମନୋଭାବ ପୋଷଣ କରିଛନ୍ତି। ଏହି ଗ୍ରୁପ୍‌ର ସମସ୍ତ କମ୍ପାନୀଙ୍କ ରେରା ରେଜିଷ୍ଟ୍ରେଶନକୁ ସର୍ବୋଚ୍ଚ ଅଦାଲତ ରଦ୍ଦ କରିଛନ୍ତି। ୪୨ ହଜାରରୁ ଊର୍ଦ୍ଧ୍ୱ ଘର କ୍ରେତାଙ୍କୁ ଆଶ୍ୱସ୍ତ କରି ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ନ୍ୟାଶନାଲ ବିଲ୍ଡିଂ କନଷ୍ଟ୍ରକ୍ଶନ କର୍ପୋରେଶନ ଲିମିଟେଡ(ଏନ୍‌ବିସିସି) ଆମ୍ରପାଲି ଗ୍ରୁପ୍‌ର ଅସମ୍ପୂର୍ଣ୍ଣ ପ୍ରକଳ୍ପ ନିଜ ହାତକୁ ନେଇ ଫ୍ଲାଟ୍ ନିର୍ମାଣ କରିବ।

ସୁପ୍ରିମକୋର୍ଟ ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ମନିଲଣ୍ଡରିଂ ମାମଲାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆମ୍ରପାଲି ଗ୍ରୁପ୍ ମାଲିକ ମନିଲଣ୍ଡରିଂରେ ସମ୍ପୃକ୍ତ ଥିବା ପ୍ରମାଣିତ ହୋଇଛି। ଫ୍ଲାଟ୍‌ର ବୋଗସ୍ ଆଲଟମେଣ୍ଟ ହୋଇଛି। ଗ୍ରୁପ୍‌ର ଡାଇରେକ୍ଟରମାନେ ଘର କ୍ରେତାଙ୍କ ଅର୍ଥକୁ ଅନ୍ୟତ୍ର ବ୍ୟୟ କରିଛନ୍ତି। ବିଲ୍ଡର ଭାରି ମାତ୍ରାରେ କ୍ରେତାଙ୍କଠାରୁ ଅର୍ଥ ନେଇଛନ୍ତି। ଏହି ମାମଲାରେ ବଡ଼ ଧରଣର ଜାଲିଆତି ହୋଇଛି ବୋଲି ଜଷ୍ଟିସ ଅରୁଣ ମିଶ୍ରା ଏବଂ ୟୁ.ୟୁ.ଲଳିତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଘର କ୍ରେତା ସେମାନଙ୍କ ବକେୟା କିସ୍ତି ଆସନ୍ତା ୩ ମାସ ଭିତରେ ସୁପ୍ରିମକୋର୍ଟ ରେଜିଷ୍ଟ୍ରାରଙ୍କ ନିକଟରେ ଜମା କରିବାକୁ ଖଣ୍ଡପୀଠ କହିଛନ୍ତି। ଏଥିଲାଗି ଆର୍.ଭେଙ୍କଟରମାନୀଙ୍କୁ କୋର୍ଟ ରିସିଭର ଭାବେ ନିଯୁକ୍ତ କରିଛନ୍ତି। ଆମ୍ରପାଲିର ନୋଏଡା ଓ ଗ୍ରେଟର ନୋଏଡାର ସମସ୍ତ ଅଧୁରା ଫ୍ଲାଟ୍ ଉପରେ ନୋଇଡା କିମ୍ବା ଗ୍ରେଟର ନୋଇଡା ପ୍ରାଧିକରଣ କିମ୍ବା ବ୍ୟାଙ୍କ ଦାବି କରିପାରିବେ ନାହିଁ। ଏହା କେବଳ ଘର କ୍ରେତାଙ୍କ ନାମରେ ରହିବ। ନିର୍ମାଣ ଶେଷ ପରେ ସେମାନଙ୍କୁ ହସ୍ତାନ୍ତର କରାଯିବ। ତେବେ ସେମାନେ ଆମ୍ରପାଲିର ଅନ୍ୟ ସମସ୍ତ ସମ୍ପତ୍ତି ଉପରେ ନିଜର ଦାବି କରିପାରିବେ। ଏ ସଂକ୍ରାନ୍ତ ମାମଲାର ଶୁଣାଣି ଅଗଷ୍ଟ ୯ରେ ହେବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

## ଏଲ୍‌ଆଇସି ପକ୍ଷରୁ ସ୍କୁଲ ବସ୍ ପ୍ରଦାନ

**ଭୁବନେଶ୍ୱର,୨୩-୭ (ବ୍ୟୁରୋ)**



ଭାରତୀୟ ଜୀବନବୀମା (ଏଲ୍‌ଆଇସି)ର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍)କୁ ଏକ ବସ୍ ପ୍ରଦାନ କରାଯାଇଛି। ଏଲ୍‌ଆଇସିର ପୂର୍ବ–ମଧ୍ୟ କ୍ଷେତ୍ର ଜୋନାଲ ମ୍ୟାନେଜର ମହେନ୍ଦ୍ର କୁମାର କିସ୍ ପ୍ରଭାରୀଙ୍କୁ ଉକ୍ତ ବସ୍ ହସ୍ତାନ୍ତର କରିଥିଲେ। ମହେନ୍ଦ୍ର କୁମାରଙ୍କ ସହ ଏଲ୍‌ଆଇସିର ରିଜିଓନାଲ ମ୍ୟାନେଜର (ପାଟନା) ଆର୍.ପି. ଗୁପ୍ତା, ଭୁବନେଶ୍ୱର ମଣ୍ଡଳ ପ୍ରବନ୍ଧକ ଅକ୍ଷୟ କୁମାର ସାହୁ, ବିପଣନ ପ୍ରବନ୍ଧକ ଅନନ୍ତ ଭୂଷଣ ରଥ ଏବଂ ବିକ୍ରୟ ପ୍ରବନ୍ଧକ ଅଶୋକ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ। କିସ୍ ପରିସର ପରିଦର୍ଶନ କରି ମହେନ୍ଦ୍ର କୁମାର ଅନୁଷ୍ଠାନର ଅଧିକାରୀଙ୍କ ସହ ବାର୍ତ୍ତାଳାପ କରିଥିଲେ। ସମାଜ ପ୍ରତି ଏଲ୍‌ଆଇସିର ଦାୟିତ୍ୱବୋଧ ଉପରେ ସେ ଆଲୋକପାତ କରିଥିଲେ। କିସ୍ ମୁଖ୍ୟ ସିଇଓ ପ୍ରଶାନ୍ତ ରାଉତ ଓ ସଚିବ ଆର୍.ଏନ୍. ଦାସ ପ୍ରମୁଖ ଏଲ୍‌ଆଇସି–ଜିଜେଏଫ୍‌ର ମହାନତାକୁ ପ୍ରଶଂସା କରିଥିଲେ। ଏପରି ସାମାଜିକ କାର୍ଯ୍ୟ ପାଇଁ ଏଲ୍‌ଆଇସି ଅଧିକାରୀଙ୍କୁ ଧନ୍ୟବାଦ ଦେଇଥିଲେ।

## ପ୍ରିମିୟମ ଶୃଙ୍ଖଳାରେ ରିୟଲମିର ପ୍ରବେଶ

**ନୂଆଦିଲ୍ଲୀ,୨୩-୭**



ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ରିୟଲମି ପ୍ରିମିୟମ ଶୃଙ୍ଖଳାରେ ପ୍ରବେଶ କରିଛି। କମ୍ପାନୀ ନୂଆ ରିୟଲମି ଏକ୍ସ ଏବଂ ରିୟଲମି ୩ଆଇକୁ ଉନ୍ମୋଚନ କରିଛି। ଡିଜାଇନ, ଗୁଣବତ୍ତା ଏବଂ ପରଫରମାନ୍ସ ଦୃଷ୍ଟିକୋଣରୁ ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ଏହି ମଡେଲଗୁଡିକୁ ପ୍ରସ୍ତୁତ କରାଯାଇଛି। ରିୟଲମି ଏକ୍ସର ବଜାର ଦର ୧୬,୯୯୯ ଟଙ୍କାରୁ ୧୯,୯୯୯ ଟଙ୍କା ରହିଛି। ଏହା ପୋଲାର ହ୍ୱାଇଟ ଏବଂ ସ୍ପେଶ ବ୍ଲୁ ରଙ୍ଗରେ ଉପଲବ୍ଧ। ରିୟଲମି ୩ଆଇରେ ଗ୍ରାହକମାନେ ଉନ୍ନତ ବ୍ୟାଟେରି ବ୍ୟାକ୍ ଅପ୍ ପାଇପାରିବେ। ଏହାର ବଜାର ଦର ୭,୯୯୯ ଟଙ୍କାରୁ ଆରମ୍ଭ। ଗ୍ରାହକଙ୍କୁ ଉନ୍ନତ ଟେକ୍ନୋଲୋଜିଯୁକ୍ତ ପ୍ରଡକ୍ଟ ଯୋଗାଣ ଦିଗରେ ଧ୍ୟାନ କେନ୍ଦ୍ରିତ କରିଛୁ ବୋଲି କମ୍ପାନୀର ସିଇଓ ମାଧବ ସେଠ୍ କହିଛନ୍ତି।

# ଫ୍ଲାଟ୍ ଦେଇ ନ ଥିବା ବିଲ୍ଡରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

**ନୂଆଦିଲ୍ଲୀ,୨୩-୭**

**କେନ୍ଦ୍ର, ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**



ଘର କ୍ରେତାଙ୍କଠାରୁ ଅର୍ଥ ନେଇ ଠିକ୍ ସମୟରେ ଫ୍ଲାଟ୍ ପ୍ରଦାନ କରୁ ନ ଥିବା ବିଲ୍ଡରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ମଙ୍ଗଳବାର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ଆମ୍ରପାଲି ଗ୍ରୁପ୍ ଦ୍ୱାରା ଘର କ୍ରେତାମାନଙ୍କୁ ଠକାଯାଇଥିବା ଉପରେ ପ୍ରତିକ୍ରିୟା ପ୍ରକାଶ କରି ଜଷ୍ଟିସ୍ ଅମିତ ମିଶ୍ରା ଓ ୟୁ.ୟୁ.ଲଳିତଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଶୀର୍ଷ ଅଦାଲତ କହିଛନ୍ତି ଯେ, ଆମ୍ରପାଲିର ଫ୍ଲାଟ୍ କ୍ରେତାଙ୍କ ଭଳି ଦେଶର ବିଭିନ୍ନ ସ୍ଥାନରେ କ୍ରେତାମାନେ ସମଦଶା ଭୋଗୁଛନ୍ତି। ରିଏଲ ଇଷ୍ଟେଟ କମ୍ପାନୀଙ୍କ ଦ୍ୱାରା ଠକାମିର ଶିକାର ହେଉଥିବା ଫ୍ଲାଟ୍‌କ୍ରେତାଙ୍କୁ ରକ୍ଷା କରିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଆଗେଇ ଆସିବାକୁ ହେବ। କ୍ରେତାମାନେ ନିଜର କଷ୍ଟାର୍ଜିତ ଧନକୁ ଫ୍ଲାଟ୍ କିଣିବା ପାଇଁ ବିଲ୍ଡରଙ୍କୁ ଦେଇ ଅନିଶ୍ଚିତ ଭବିଷ୍ୟତର ସମ୍ମୁଖୀନ ହେଉଛନ୍ତି। ବିଲ୍ଡର ସେମାନଙ୍କ ଠାରୁ ଅର୍ଥ ନେଇ ଠିକ୍ ସମୟରେ ଫ୍ଲାଟ୍ ଦେଉନାହାନ୍ତି। କ୍ରେତାଙ୍କ ସ୍ୱାର୍ଥ ରକ୍ଷା ଲାଗି ସରକାର ଆଗେଇ ଆସନ୍ତୁ ଏବଂ ଏଭଳି ବିଲ୍ଡରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଘର କିଣିବାର ସ୍ୱପ୍ନ ଦେଖୁଥିବା କ୍ରେତା ଅଧିକାଂଶ ମଧ୍ୟବିତ୍ତ ଶ୍ରେଣୀର ହୋଇଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ସେମାନଙ୍କର ସ୍ୱାର୍ଥରକ୍ଷା କରିବା ଜରୁରୀ ବୋଲି ଖଣ୍ଡପୀଠ କହିଛନ୍ତି। ସୂଚନାଥାଉ କି, ସୁପ୍ରିମକୋର୍ଟ ଇତିପୂର୍ବେ ଜେପି ଆସୋସିଏଟ୍ସ, ୟୁନିଟେକ୍ ଲିମିଟେଡର ଫ୍ଲାଟ୍ କ୍ରେତାଙ୍କ ସପକ୍ଷରେ ମତପ୍ରକାଶ କରିଥିଲେ।

## ବ୍ୟାଙ୍କ ଜାତୀୟକରଣର ସୁବର୍ଣ୍ଣ ଜୟନ୍ତୀ



**ଭୁବନେଶ୍ୱର,୨୩-୭ (ବ୍ୟୁରୋ)**

ୟୁନିୟନ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ ଜାତୀୟକରଣ ଦିବସର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରୀୟ ବିଦ୍ୟାଳୟ–୨ଠାରେ ଏକ ବକ୍ତୃତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜାତୀୟକରଣର ଆବଶ୍ୟକତା ଏବଂ ଜାତୀୟ ଅର୍ଥନୀତି ଉପରେ ଆଲୋଚନା ହୋଇଥିଲା। ଅଲ ଓଡିଶା ୟୁନିୟନ ବ୍ୟାଙ୍କ ଅଫିସର୍ସ ଆସୋସିଏଶନ ସଭାପତି ଲିଙ୍ଗରାଜ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଯତିକାନ୍ତ ମହାନ୍ତି ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି।

ଗତ ଇଂଲଣ୍ଡ ବିପକ୍ଷ ଆଇସିସି ବିଶ୍ୱକପ୍ ଫାଇନାଲରେ ପରାଜୟ ମୋ କ୍ୟାରିୟରର ସବୁଠାରୁ ଶ୍ରେଷ୍ଠ ଏବଂ ନିକୃଷ୍ଟ ଦିବସ ।
–ମାର୍ଟିନ ଗୁପ୍‌ଟିଲ, ନ୍ୟୁଜିଲାଣ୍ଡ କ୍ରିକେଟର



ଲର୍ଡ୍‌ସଠାରେ ଆୟର୍ଲାଣ୍ଡ ବିପକ୍ଷରେ ମୋ ଟେଷ୍ଟ ପଦାର୍ପଣ ବେଳେ ମୁଁ ଅଷ୍ଟ୍ରେଲିଆର ଡେଭିଡ ୱାର୍ନରଙ୍କ ବ୍ୟାଟିଂ ଷ୍ଟାଇଲକୁ ଅନୁସରଣ କରିବାକୁ ଚେଷ୍ଟା କରିବି ।
–ଜାସନ ରୟ, ଇଂଲଣ୍ଡ ଓପନର



## ସଂକ୍ଷେପରେ

### ଡେଜାନ ପାପିକ୍ ଟିଟିର ନୂଆ ମୁଖ୍ୟ କୋଚ୍

**ନୂଆଦିଲ୍ଲୀ, ୨୩।୭ (ପି.ଟି.):** କାନାଡାର ଡେଜାନ୍ ପାପିକ୍ ଜାତୀୟ ଟେବୁଲ ଟେନିସ ଦଳର ନୂଆ ମୁଖ୍ୟ କୋଚ୍ ହେବେ। ମଙ୍ଗଳବାର ତାହା ସ୍ପଷ୍ଟ ହୋଇଛି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ତରଫରୁ ତାଙ୍କୁ ଦିଆଯାଇଥିବା ବର୍ଷକିଆ ଚୁକ୍ତିପତ୍ରକୁ ସେ ଗ୍ରହଣ କରିଛନ୍ତି। ଗତ ବର୍ଷ ଏସିଆନ ଗେମ୍ସ ପରଠାରୁ ଖେଳାଳିମାନେ ମୁଖ୍ୟ କୋଚ୍ ସେବାରୁ ବଞ୍ଚିତ ହୋଇଛନ୍ତି। ଆଗକୁ ୨୦୨୦ ଜୁଲାଇ-ଅଗଷ୍ଟରେ ଟୋକିଓ ଅଲିମ୍ପିକ୍ସ ହେବାକୁଥିବାବେଳେ ସେମାନେ ବହୁମୂଲ୍ୟ ସମୟ ହରାଇସାରିଛନ୍ତି। ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆ (ଟିଟିଏଫ୍ଆଇ) ପାପିକ୍‌ଙ୍କୁ ଗତ ମାର୍ଚ୍ଚରେ ଭାରତୀୟ ଟେବୁଲ ଟେନିସର ମୁଖ୍ୟ କୋଚ ଭାବେ ମନୋନୀତ କରିଥିଲା। ମାତ୍ର ସାଇ ଦୁଇ ସପ୍ତାହ ତଳେ ତାଙ୍କ ନିକଟକୁ ଚୁକ୍ତିପତ୍ର ପଠାଇଛି। ପାପିକ୍ ବର୍ତ୍ତମାନ ଭ୍ରମଣରେ ଅଛନ୍ତି। ତେଣୁ ଚୁକ୍ତି ସ୍ୱାକ୍ଷରରେ ବିଳମ୍ବ ଘଟୁଛି। ଆସନ୍ତାମାସ ପ୍ରଥମ ସପ୍ତାହରେ ସେ ଭାରତରେ ପହଞ୍ଚିବେ ବୋଲି ଆଶା କରାଯାଉଛି ବୋଲି ଟିଟିଏଫ୍ଆଇ ସମ୍ପାଦକ ଏମ୍.ପି. ସିଂ କହିଛନ୍ତି। କୋଚ ନିଯୁକ୍ତିରେ ବିଳମ୍ବ ପାଇଁ ଶରଥ କମଲ ଏବଂ ଜି. ସାଥିୟାଁଙ୍କ ଭଳି ଖେଳାଳି ନୈରାଶ୍ୟ ପ୍ରକାଶ କରିସାରିଛନ୍ତି। ପାପିକ୍ ମାସକୁ ବେତନ ବାବଦରେ ୭୦୦୦ ଆମେରିକୀୟ ଡଲାର ପାଇବେ। ଅଲିମ୍ପିକ୍ସ ପରେ ତାଙ୍କ ଚୁକ୍ତି ନବୀକରଣ କରାଯିବ।

### କ୍ରିକେଟର୍ସ ଆସୋସିଏଶନକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୩।୭(ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଭାରତୀୟ କ୍ରିକେଟର୍ସ ଆସୋସିଏଶନ (ଆଇସିଏ)କୁ ଅନୁମୋଦନ କରିଛି। ଖେଳାଳିମାନଙ୍କ ସ୍ୱାର୍ଥ ରକ୍ଷା ଲାଗି ତଥା ବୋର୍ଡର ନୂଆ ସମ୍ବିଧାନ ଅନୁଯାୟୀ ଏହି ଆସୋସିଏଶନ ଗଠିତ ହୋଇଛି। ତେବେ ଅନ୍ତର୍ଜାତୀୟ କ୍ରିକେଟର୍ସ ଆସୋସିଏଶନର ଫେଡ଼େରେଶନଠାରୁ ଆଇସିଏ ସ୍ୱୀକୃତି ପାଇ ନାହିଁ। ଏ ନେଇ ବିସିସିଆଇ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପରବର୍ତ୍ତୀ ବିଜ୍ଞପ୍ତି ପ୍ରକାଶ ନପାଇବା ପର୍ଯ୍ୟନ୍ତ ଆଇସିଏ ବ୍ୟତୀତ ଅନ୍ୟ କୌଣସି ସଂଗଠନକୁ ପୂର୍ବତନ କ୍ରିକେଟର ସଂଘ ଭାବେ ମାନ୍ୟତା ଦିଆଯିବ ନାହିଁ ବୋଲି ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଆଇସିଏ ସ୍ୱତନ୍ତ୍ର ଭାବେ ନିଜର କାର୍ଯ୍ୟ କରିବ ଓ ପରିଚାଳନା ଲାଗି ନିଜର ସ୍ୱତନ୍ତ୍ର ପାଣ୍ଠି ପ୍ରସ୍ତୁତ କରିପାରିବ ଏହା ବ୍ୟତୀତ ବିସିସିଆଇ ପ୍ରାଥମିକ ଭାବେ କିଛି ଅନୁଦାନ ପ୍ରଦାନ କରିବ। ପୂର୍ବତନ କ୍ରିକେଟର କପିଳ ଦେବ, ଅଜିତ ଅଗରକର ଏବଂ ଶାନ୍ତା ରଙ୍ଗାସ୍ୱାମୀ ଏବେ ଏହାର ନିର୍ଦ୍ଦେଶକ ରହିଛନ୍ତି। ସଂଘର ନିର୍ବାଚନ ଶେଷ ନ ହେବା ପର୍ଯ୍ୟନ୍ତ ସେମାନେ ଏହି ପଦବୀରେ ରହିବେ ବୋଲି ସୂଚନା ମିଳିଛି।

## ଭାରତୀୟ ମହିଳା ହକି ଦଳର ଅଲିମ୍ପିକ ପ୍ରସ୍ତୁତି

# ମସଲାଯୁକ୍ତ, ମିଠା ଖାଦ୍ୟ ମନା

ନୂଆଦିଲ୍ଲୀ, ୨୩।୭(ପି.ଟି.)

ଭାରତୀୟ ମହିଳା ହକି ଦଳ ଟୋକିଓ ଅଲିମ୍ପିକ ୨୦୨୦ ପାଇଁ ଯୋଗ୍ୟତା ହାସଲ କରିବା ଲକ୍ଷ୍ୟରେ ରହିଛି। ଏହି ପରିପ୍ରେକ୍ଷୀରେ ଖେଳାଳିମାନଙ୍କ ଖାଦ୍ୟରେ ପରିବର୍ତ୍ତନ କରାଯାଇଛି। ସେମାନଙ୍କୁ ମସାଲାଯୁକ୍ତ ଏବଂ ମିଠାଯୁକ୍ତ ଖାଦ୍ୟ ନ ଖାଇବା ଲାଗି ପରାମର୍ଶ ଦିଆଯାଇଛି। ଗତମାସରେ ଜାପାନର ହିରୋସୀମାରେ ଅନୁଷ୍ଠିତ ଏଫ୍ଆଇଏଚ୍ ହକି ସିରିଜ ଫାଇନାଲ୍ସରେ ଚାମ୍ପିୟନ ହୋଇଥିବା ଭାରତୀୟ ଖେଳାଳିଙ୍କ ମନୋବଳ ବେଶ ଦୃଢ଼ ରହିଛି। ଆସନ୍ତା ନଭେମ୍ବରରେ ହେବାକୁ ଥିବା ଅଲିମ୍ପିକ କ୍ୱାଲିଫାୟର୍ସର ଅନ୍ତିମ ପର୍ଯ୍ୟାୟରେ ଭାଗନେବାକୁ ଥିବା ଏହି ଦଳ ଏବେ ଜୋର୍‌ଦାର ଅଭ୍ୟାସ ଜାରି ରଖିଛି। ଦଳର ଅଧିନାୟିକା ରାଣୀ ରାମପାଲ କହିଛନ୍ତି ଯେ, ସେ ଯେତେ ଭାରତୀୟ ମହିଳା ହକି ଦଳ ଦେଖିଛନ୍ତି ତାହା ମଧ୍ୟରୁ ଏହି ଦଳ ସବୁଠୁ ଫିଟ୍। ସେହିପରି ସାଇଣ୍ଟିଫିକ୍ ଆଡଭାଇଜର ୱେନ୍ ଲୋମ୍ବାର୍ଡଙ୍କୁ ସେ ପ୍ରଶଂସା କରିବା ସହ ସେ ପ୍ରତ୍ୟେକ ଖେଳାଳିଙ୍କ ଫିଟ୍‌ନେସ୍ ପ୍ରତି ଯଥେଷ୍ଟ ଧ୍ୟାନ ଦେଉଛନ୍ତି ବୋଲି ରାଣୀ କହିଛନ୍ତି। ଆହୁରି ମଧ୍ୟ ପ୍ରତ୍ୟେକ ଖେଳାଳି ତାଙ୍କ ଡାଏଟ୍ ପ୍ଲାନ ଅନୁଯାୟୀ ଖାଦ୍ୟ ଖାଉଛନ୍ତି। ଆଗାମୀ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବାକୁ ହେଲେ ଆମକୁ ପୁଷ୍ଟିକର ଖାଦ୍ୟ ଖାଇବାକୁ ପଡ଼ିବ। ମାତ୍ର ଖେଳାଳିମାନେ ମିଠା, ଚକୋଲେଟ, ମସାଲାଯୁକ୍ତ ଏବଂ ତୈଳାକ୍ତ ଖାଦ୍ୟ ନ ଖାଇବାକୁ ୱେନ୍ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ଖେଳାଳି ସନ୍ତୁଳିତ ଆହାର ଖାଉଛନ୍ତି ଏବଂ ବେଶ ଆରାମ ଅନୁଭବ କରୁଛନ୍ତି। ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଭାରତୀୟ ମହିଳା ଦଳ ପ୍ରଥମ ଥର ଅଲିମ୍ପିକରେ ଅଂଶଗ୍ରହଣ କରି ୪ର୍ଥ ସ୍ଥାନ ଅଧିକାର କରିଥିଲା। ଯାହା ଅଲିମ୍ପିକ୍ସରେ ଭାରତୀୟ ମହିଳା ଦଳର ସର୍ବଶ୍ରେଷ୍ଠ ପ୍ରଦର୍ଶନ ରହିଛି। ତେବେ ଏହାର ୩୬ ବର୍ଷ ପରେ ଭାରତୀୟ ମହିଳା ଦଳ ରିଓ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ ୧୨ତମ ସ୍ଥାନରେ ରହିଥିଲା। ରିଓ ଅଲିମ୍ପିକ୍ସରେ ଭାରତ ପ୍ରତିଯୋଗିତାର ସ୍ତର ଅନୁଯାୟୀ ପ୍ରଦର୍ଶନ କରିପାରି ନଥିଲେ ମଧ୍ୟ ଏଥିରୁ ଅନେକ କିଛି ଶିକ୍ଷାଲାଭ କରିଛି। ଏହାପରେ ଦଳ ଚମତ୍କାର ପ୍ରଦର୍ଶନ ଜାରି ରଖିଛି ଓ ଏଥର ପ୍ରତି ଖେଳାଳି ଭଲ ପ୍ରଦର୍ଶନ ଦେବାକୁ ପ୍ରସ୍ତୁତ ହେଉଛନ୍ତି ବୋଲି ରାଣୀ କହିଛନ୍ତି। ପ୍ରଥମେ ଦଳ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ହାସଲ କରିବା ପାଇଁ ପ୍ରୟାସ କରିବ ଓ ସଫଳ ହେବ ବୋଲି ରାଣୀ ଆଶାବ୍ୟକ୍ତ କରିଛନ୍ତି। ଭାରତୀୟ ମହିଳା ଦଳ ନିକଟରେ ଚଳିତଥର ଅଲିମ୍ପିକ ମେଡାଲ ଜିତିବାର ଯଥେଷ୍ଟ କ୍ଷମତା ରହିଛି ବୋଲି ସେ କହିଛନ୍ତି। ଭାରତୀୟ ମହିଳା ହକି ଦଳର ପ୍ରତ୍ୟେକ ଖେଳାଳି ହିମା ଦାସ ଓ ଦୂତୀ ଚାନ୍ଦଙ୍କ ବର୍ତ୍ତମାନର ପ୍ରଦର୍ଶନକୁ ନେଇ ପ୍ରଭାବିତ ହୋଇଛନ୍ତି। ହିମା ନିକଟରେ ଦେଶ ଲାଗି ୫ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଦୂତୀ ଲୌରେଲ ଜିତିଛନ୍ତି। କ୍ରୀଡ଼ାରେ ଭାରତୀୟ ମହିଳାମାନେ ଉନ୍ନତ ପ୍ରଦର୍ଶନ କରୁଥିବାବେଳେ ହକିରେ ମଧ୍ୟ ଦଳ ପଛରେ ରହିବ ନାହିଁ ବୋଲି ରାଣୀ କହିଛନ୍ତି। ବେଙ୍ଗାଲୁରୁରେ ଚାଲିଥିବା ଶିବିର ସମ୍ପର୍କରେ ରାଣୀ କହିଛନ୍ତି ଯେ, ଏହି ଶିବିରରେ ଟେକ୍ନିକାଲ ବିଷୟ ସହ ଦଳର ଏକତା, ଅନ୍ ଫିଲ୍ଡ ଓ ଅଫ୍ ଫିଲ୍ଡ ନିଷ୍ପତ୍ତି ନେବା ସମ୍ପର୍କରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। କିମ୍ବଦନ୍ତୀ ଡିଫେଣ୍ଡର ଫରଗସ୍ କାଭାନାଘଙ୍କ ସହ ଡିଫେଣ୍ଡରମାନଙ୍କର ଏକ ଶିବିର ଅନୁଷ୍ଠିତ ହୋଇଯାଇଛି ଯାହା ବେଶ ସଫଳ ହୋଇଛି। ଦଳ ଏବେ ଶିବିରରେ ଡିଫେନ୍ସ, ଆଟାକ, ପେନାଲ୍ଟି କର୍ନର ଏବଂ ଟିମ ବଣ୍ଡିଂ ଉପରେ କାର୍ଯ୍ୟ କରୁଛି ବୋଲି ରାଣୀ ସୂଚନା ଦେଇଛନ୍ତି। ସେହିପରି ଅନ୍‌ଫିଲ୍ଡ ଓ ଅଫ୍‌ଫିଲ୍ଡ ନିଷ୍ପତ୍ତି କିଭଳି ଶୀଘ୍ର ନେଇ ହେବ ତାହା ଉପରେ ଦଳ ଶିକ୍ଷା ନେଉଛି ବୋଲି ସେ କହିଛନ୍ତି। ଆସନ୍ତା ମାସରେ ଭାରତ ଟୋକିଓରେ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଖେଳିବ। ଏହି ଟୁର୍ନାମେଣ୍ଟରେ ଭାରତ ସମେତ ଅଷ୍ଟ୍ରେଲିଆ, ଜାପାନ ରହିଛନ୍ତି। ଏହାପରେ ଭାରତ ଇଂଲଣ୍ଡ ସହ ଏକ ଟେଷ୍ଟ ସିରିଜ ଖେଳିବ।



ଅଧିନାୟିକା ରାଣୀ ରାମପାଲ୍।

# ଏହସାନ ମନି ଆଇସିସି କମିଟି ଅଧ୍ୟକ୍ଷ

**କରାଚୀ, ୨୩।୭ (ପି.ଟି.):** ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଧ୍ୟକ୍ଷ ଏହସାନ ମନିଙ୍କୁ ଆଉ ଏକ ଗୁରୁଦାୟିତ୍ୱ ମିଳିଛି। ସେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)ର ବେଶ୍ ଗୁରୁତ୍ୱପୂର୍ଣ୍ଣ ତଥା ପ୍ରଭାବୀ ଫାଇନାନ୍ସ ଓ କମର୍ସିଆଲ ଆଫେୟାର୍ସ (ଏଫ୍ ଆଣ୍ଡ ସିଏ) କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ଗତ ସପ୍ତାହରେ ଅନୁଷ୍ଠିତ ହୋଇଥିବା ବାର୍ଷିକ ଅଧିବେଶନ ଅବସରରେ ତାଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ପିସିବିର ଆଉ ଜଣେ ବରିଷ୍ଠ ଅଧିକାରୀ ତଥା ସଲମାନ ନାସିରଙ୍କୁ ଆଇସିସି ସେଫ୍‌ଗାର୍ଡିଂ ପ୍ୟାନେଲ୍‌ରେ ସାମିଲ କରାଯାଇଛି। ନାସିର ପିସିବିର ଜେନେରାଲ କନ୍‌ସେଲ ଓ ବାରିଷ୍ଟର ହିସାବରେ କାର୍ଯ୍ୟ କରୁଛନ୍ତି। ଆଇସିସି ଅଧ୍ୟକ୍ଷ ଶଶାଙ୍କ ମନୋହର ଏହି ଦୁଇଜଣଙ୍କୁ ନିଯୁକ୍ତି ଦେଇଛନ୍ତି ବୋଲି ପିସିବି ତରଫରୁ କୁହାଯାଇଛି। ଏହି କମିଟିରେ ସାମିଲ ହୋଇଥିବା ଅନ୍ୟ ଅଧିକାରୀମାନେ ହେଲେ ଇନ୍ଦ୍ର ନୟି, ବିସିସିଆଇ ଆକ୍ଟିଂ ସେକ୍ରେଟାରୀ ଅମିତାଭ ଚୌଧୁରୀ, କ୍ରିକେଟ ସାଉଥ୍ ଆଫ୍ରିକା (ସିଏସ୍ଏ) ଅଧ୍ୟକ୍ଷ କ୍ରିସ୍ ଖ୍ୱାଜା, କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଅଧ୍ୟକ୍ଷ ଏର୍ଲ ଏଡିଙ୍ଗ୍ସ ଓ ଇଂଲଣ୍ଡ କ୍ରିକେଟ ବୋର୍ଡ (ଇସିବି) ଅଧ୍ୟକ୍ଷ କଲିନ ଗ୍ରେଭ୍ସ। ଶଶାଙ୍କ ଓ ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ମନୁ ସାହନି ଏକ୍ସ- ଅଫିସୋ ସଦସ୍ୟ ଭାବେ ଏଫ୍ ଆଣ୍ଡ ସିଏରେ ସକ୍ରିୟ ରହିବେ। ୭୪ ବର୍ଷୀୟ ମାନି ପେସାରେ ଜଣେ ଚାର୍ଟାଡ ଆକାଉଣ୍ଟାଣ୍ଟ। ସେ ପୂର୍ବରୁ ୧୯୯୬ରେ ଆଇସିସିର ପ୍ରଥମ ଏଫ୍ ଆଣ୍ଡ ସିଏ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଥିଲେ ଓ ୨୦୦୨ ପର୍ଯ୍ୟନ୍ତ ଏହି ପଦରେ ରହି କାର୍ଯ୍ୟ କରିଥିଲେ। ଏହାପରେ ସେ ଆଇସିସିର ଅଧ୍ୟକ୍ଷ ଭାବେ ୨୦୦୬ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ନୂଆ ଦାୟିତ୍ୱ ଦେଇଥିବାରୁ ମନି ଶଶାଙ୍କଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ମଧ୍ୟ ଆଇସିସି ଅଡିଟ କମିଟିରେ ସାମିଲ ହୋଇଛନ୍ତି। ଏହ କମିଟିର ଅଧ୍ୟକ୍ଷ ରହିଛନ୍ତି ଭାରତର ଯୁବରାଜ ନାରାୟଣ।



# ଆୟର୍ଲାଣ୍ଡ ଟେଷ୍ଟରୁ ଓହରିଲେ ଆଣ୍ଡରସନ

**ଲଣ୍ଡନ, ୨୩।୭ (ଏଏଫ୍‌ପି):** ଇଂଲଣ୍ଡ ଓ ଆୟର୍ଲାଣ୍ଡ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍(୪ଦିନିଆ) ବୁଧବାରଠାରୁ ସ୍ଥାନୀୟ ଲର୍ଡ୍ସ ଗ୍ରାଉଣ୍ଡରେ ଆରମ୍ଭ ହେବ। ଡାହାଣ ଗୋଡ଼ର ମାଂସପେଶୀରେ ଆଘାତଜନିତ ସମସ୍ୟା ଲାଗି ଇଂଲଣ୍ଡ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନଙ୍କୁ ଏହି ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି। ଲଙ୍କାଶାୟର ଓ ଡରହାମ ମଧ୍ୟରେ ଖେଳାଯାଉଥିବା କାଉଣ୍ଟି ମ୍ୟାଚ୍ ସମୟରେ ସେ ଆଘାତ ପାଇଥିଲେ।

# ଏମ୍‌ସିଏକୁ ସିଓଏର ତାଗିଦ

ମୁମ୍ବାଇ, ୨୩।୭ (ପି.ଟି.)

ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ ସମିତି (ସିଓଏ) ମହାରାଷ୍ଟ୍ର କ୍ରିକେଟ୍ ଆସୋସିଏଶନ(ଏମ୍‌ସିଏ)କୁ ଏହାର ନୂତନ ସମ୍ବିଧାନରେ ରହିଥିବା ତ୍ରୁଟି ସୁଧାରିବା ଲାଗି କହିଛି। ଯଦି ଏହି ତ୍ରୁଟି ଠିକ୍ ନ ହୁଏ ତେବେ ଆଗାମୀ ଅକ୍ଟୋବର ୨୨ରେ ହେବାକୁ ଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନିର୍ବାଚନରୁ ଏମ୍‌ସିଏକୁ ବାଦ୍ ଦିଆଯିବ ବୋଲି ସିଓଏ ଚେତାବନୀ ଦେଇଛି। ଭାରତର ସର୍ବପୁରାତନ କ୍ରିକେଟ ଆସୋସିଏଶନ ମଧ୍ୟରୁ ଏମ୍‌ସିଏ ଅନ୍ୟତମ। ଏହି ଆସୋସିଏଶନର ପ୍ରାୟ ୭୦ଜଣ କ୍ରିକେଟର ଭାରତ ଲାଗି ଅନ୍ତର୍ଜାତୀୟ କ୍ରିକେଟରେ ପ୍ରତିନିଧିତ୍ୱ କରିଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ଏମ୍‌ସିଏ ଲୋଧା କମିଟି ସୁପାରିସ ଅନୁଯାୟୀ ଏହାର ସମ୍ବିଧାନ ପଞ୍ଜୀକରଣ କରିବାକୁ ଦୁଇଜଣ ପୂର୍ବତନ ବିଚାରପତିଙ୍କୁ ଦାୟିତ୍ୱ ଦେଇଥିଲା। ମାତ୍ର ଏହି ନୂତନ ସମ୍ବିଧାନରେ କିଛି ଭୁଲ୍ ସିଓଏର ଦୃଷ୍ଟିକୁ ଆସିଛି। ଏ ନେଇ ସିଓଏ ପକ୍ଷରୁ ଏମ୍‌ସିଏକୁ ଚଳିତ ମାସ ୧୯ତାରିଖରେ ଇ-ମେଲ୍ ମାଧ୍ୟମରେ ଅବଗତ କରାଯାଇଛି। ଅନ୍ୟପକ୍ଷରେ ଏହି ସମ୍ବିଧାନ ପଞ୍ଜୀକରଣ ଦାୟିତ୍ୱରେ ରହିଥିବା ଜଣେ ବିଚାରପତି କହିଛନ୍ତି ଯେ, ସମ୍ବିଧାନ ପ୍ରସ୍ତୁତ କରିବା ସମୟରେ ବିସିସିଆଇ ଲିଗାଲ ଟିମ୍‌ର ସହାୟତା ନିଆଯାଇଥିଲା ଓ ଏମ୍‌ସିଏ ସହ ଅନୁବନ୍ଧିତ ସଦସ୍ୟଙ୍କଠାରୁ ପରାମର୍ଶ ଏବଂ ଅଭିଯୋଗ ଲୋଡ଼ା ଯାଇଥିଲା। ଏମ୍‌ସିଏର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ ସିଓଏର ଏହି ଇ-ମେଲ୍‌ର ଉତ୍ତର ଦିଆଯାଇ ନାହିଁ। ଆହୁରି ମଧ୍ୟ ଆସନ୍ତା ସେପ୍ଟେମ୍ବର ୧୪ ପୂର୍ବରୁ ହେବାକୁ ଥିବା ଆସୋସିଏଶନ ନିର୍ବାଚନ ଲାଗି ଜଣେ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତ କରିବା ପାଇଁ ସିଓଏ ଏମ୍‌ସିଏକୁ କହିଛି। ଏହି ପରିପ୍ରେକ୍ଷୀରେ ଏମ୍‌ସିଏ ମହାରାଷ୍ଟ୍ର ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ପତ୍ର ଲେଖିଛି।



# ଇଟାଲୀ ଯିବେ ପାର୍ବତୀ

କଟକ ଅଫିସ, ୨୩।୭

ଓଡ଼ିଶା କ୍ରୀଡ଼ା ଜଗତର ଡିସ୍‌କସ୍ ରାଣୀ ଭାବେ ପରିଚିତ ଅନ୍ତର୍ଜାତୀୟ ଆଥଲେଟ୍ ପାର୍ବତୀ ସେଠୀ ବୁଧବାର ଇଟାଲୀ ଯାତ୍ରା କରିବେ। ଇଟାଲୀର ଟୋରିନୋ ସହରରେ ହେବାକୁ ଥିବା ୟୁରୋପିଆନ ମାଷ୍ଟର୍ସ ଗେମ୍ସରେ ପାର୍ବତୀ ରାଜ୍ୟ ପକ୍ଷରୁ ଏକମାତ୍ର ଖେଳାଳି ଭାବେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି। ଭାରତୀୟ ଦଳରେ ସାମିଲ ହୋଇଥିବା ପାର୍ବତୀ ଉକ୍ତ ଟୁର୍ନାମେଣ୍ଟରୁ ପଦକ ଜିତିବା ଆଶା ରଖିଛନ୍ତି । ପୂର୍ବରୁ ମାଲେସିଆରେ ଅନୁଷ୍ଠିତ ଏସିଆ ପାସିଫିକ୍ ମାଷ୍ଟର୍ସ ଗେମ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ସହ ଡିସ୍‌କସ୍ ଥ୍ରୋରେ ସ୍ୱର୍ଣ୍ଣ ଓ ଶଟ୍‌ପୁଟ୍‌ରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏହାଛଡ଼ା ଭାରତୀୟ ସିନିୟର ଦଳରେ ନିୟମିତ ଖେଳାଳିଭାବେ ସୁଯୋଗ ପାଉଛନ୍ତି ପାର୍ବତୀ। ନୂଆଦିଲ୍ଲୀରେ ଅନୁଷ୍ଠିତ ଏସିଆନ ଅଲ ଷ୍ଟାର ଟୁର୍ନାମେଣ୍ଟରେ ପାର୍ବତୀଙ୍କ ପ୍ରଦର୍ଶନ ତାଙ୍କୁ ଜାତୀୟ ସ୍ତରରେ ପରିଚୟ ଦେଇଥିଲା। କୋଚିରେ ଅନୁଷ୍ଠିତ ଏସିଆନ ଗ୍ରାଁପ୍ରିରେ ମଧ୍ୟ ପାର୍ବତୀ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରି ଅଳ୍ପ ବ୍ୟବଧାନରେ ପଦକରୁ ବଞ୍ଚିତ ହୋଇଥିଲେ । କିଛି ଦିନ ତଳେ ଇଟାଲୀ ସହରରୁ ଭାରତ ପାଇଁ ପଦକ ବିଜୟୀ ହୋଇଥିବା ଓଡ଼ିଶା ଧାବିକା ଦୂତୀ ଚାନ୍ଦଙ୍କ ପରେ ଅନ୍ୟଜଣେ ଓଡ଼ିଆ ପ୍ରତିଭା ଭାବେ ଏବେ ପାର୍ବତୀଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି । ଦୂତୀ ସିନିୟର ବର୍ଗରୁ ପଦକ ଜିତିଥିବା ବେଳେ ପାର୍ବତୀ ମାଷ୍ଟର୍ସ ବିଭାଗରେ ପଦକ ଜିତୁଛନ୍ତି। ପାର୍ବତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଅଭ୍ୟାସ ଜୋରଦାର କରିଛି । ଟୁର୍ନାମେଣ୍ଟ ନିମନ୍ତେ ନିଜକୁ ୨ମାସ ଆଗରୁ ପ୍ରସ୍ତୁତ ଚଳାଇଛି। ସ୍ୱାମୀ କୁବେର ବେହେରା ମୋ ଅଭ୍ୟାସରେ ଅନେକ ସହଯୋଗ କରିଛନ୍ତି। ସ୍ୱର୍ଣ୍ଣ ପଦକ ବିଜୟୀ ହେବାର ଆଶା ରହିଥିବା ପାର୍ବତୀ ପ୍ରତିକ୍ରିୟାରେ କହିଥିଲେ। ପାର୍ବତୀ କଟକ ରେଳବାଇ ବିଭାଗରେ ଟିଟିଆଇ ଭାବେ କାର୍ଯ୍ୟରତ। ପ୍ରତିଯୋଗିତା ଅଗଷ୍ଟ ୪ ପର୍ଯ୍ୟନ୍ତ ଚାଲିବ। ଜଗତ୍‌ସିଂପୁରର ପୂର୍ବତନ ଏମ୍‌ପି ଡ. କୁଳମଣି ସାମଲ, ଓଡ଼ିଶା ମାଷ୍ଟର୍ସ ଗେମ୍ସ ଆସୋସିଏଶନ ସମ୍ପାଦକ ଶିବ ପ୍ରସାଦ ମିଶ୍ର, ପୂର୍ବତଟ ରେଳୱେ, ଖୋର୍ଦ୍ଧା ଡିଭିଜନ ପକ୍ଷରୁ ପାର୍ବତୀଙ୍କୁ ଶୁଭେଚ୍ଛା ଜଣାଯାଇଛି।

# ମାମଲା ରଦ୍ଦ ପାଇଁ ଅଲିମ୍ପିଆନ ଦତ୍ତୁଙ୍କ ଆବେଦନ

**ମୁମ୍ବାଇ, ୨୩।୭ (ପି.ଟି.):** ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ତଥା ଅଲିମ୍ପିଆନ ଦତ୍ତୁ ଭୋକାନାଲଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ଏକ ନିର୍ଯାତନା ମାମଲା ରୁଜୁ କରିଛନ୍ତି। ଏହି ଅଭିଯୋଗକୁ ପୂର୍ବରୁ ଦତ୍ତୁ ଖଣ୍ଡନ କରିଥିଲେ। ମାମଲାଟିର ବିଚାର ଚାଲିଥିବାବେଳେ ଆସନ୍ତା ମାସରେ ଅଷ୍ଟ୍ରିଆରେ ହେବାକୁ ଥିବା ବିଶ୍ୱ ରୋଇଂ ଚାମ୍ପିୟନଶିପରେ ସେ ଅଂଶଗ୍ରହଣ କରିବାର ଅଛି। ଏହି ମାମଲା ଯୋଗୁ ଦତ୍ତୁ ଆଗାମୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ। ତେଣୁ ଦତ୍ତୁଙ୍କ ଓକିଲ ବୈଭବ ଗାଏକ୍ୱାଡ୍ ମଙ୍ଗଳବାର ମାମଲାର ରଦ୍ଦ ପାଇଁ ମୁମ୍ବାଇ ହାଇକୋର୍ଟର ବିଚାରପତି ରଞ୍ଜିତ ମୋରେ ଓ ଭାରତୀ ଡାଙ୍ଗ୍‌ରେଙ୍କୁ ନେଇ ଗଠିତ ବେଞ୍ଚରେ ଆବେଦନ କରିଛନ୍ତି। ବୁଧବାର ଦତ୍ତୁଙ୍କ ଆବେଦନ ଉପରେ ହାଇକୋର୍ଟ ରାୟ ଶୁଣାଇବେ। ଗତ ମେ'ରେ ନାସିକ ପୋଲିସ ଯୌତୁକ ନିର୍ଯାତନା, ଠକେଇ ଆଦି ମାମଲାରେ ଦତ୍ତୁଙ୍କୁ ଆଇପିସି ଧାରା ୪୯୮(ଏ) ଓ ୪୨୦ ଅନୁଯାୟୀ ଗିରଫ କରିଥିଲା। ଦତ୍ତୁଙ୍କ ସ୍ତ୍ରୀ ନାସିକ ପୋଲିସରେ କନଷ୍ଟେବଳ ଭାବେ କାର୍ଯ୍ୟରତ ଥିବାବେଳେ ଦତ୍ତୁ ଭାରତୀୟ ସେନାରେ କାର୍ଯ୍ୟ କରୁଛନ୍ତି। ୨୦୧୮ ଏସିଆନ୍ ଗେମ୍ସରେ ଦତ୍ତୁ କ୍ୱାର୍ଡରପୁଲ ସ୍କଲ୍‌ରେ ସ୍ୱର୍ଣ୍ଣପଦକ ହାସଲ କରିଥିବାବେଳେ ୨୦୧୬ ରିଓ ଅଲିମ୍ପିକ୍ସରେ ଏକମାତ୍ର ଭାରତୀୟ ଭାବେ ରୋଇଂ ଇଭେଣ୍ଟରେ ଭାଗ ନେଇଥିଲେ।



କଟକର ୱାଇଏମ୍‌ସିଏସ୍ଥିତ ଉତ୍କଳ କରାଟେ ସ୍କୁଲରେ ଅନୁଷ୍ଠିତ ବେଲ୍ଟ ଟେଷ୍ଟରେ କୃତିତ୍ୱ ଅର୍ଜନ କରିଥିବା ୫୨ କରାଟେକା କର୍ମକର୍ତ୍ତାଙ୍କ ସହ। ଗୌରୀ ମହାନ୍ତି, ଜୟଦେବ ପଟ୍ଟନାୟକ, ଗୋପାଳ ଦାସ, ଏନ.ବି. ପଟ୍ଟନାୟକ, ଉମାକାନ୍ତ ବେହେରା ଓ ଅନୁପମା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଭିଷେକଙ୍କୁ ଆଇରନମ୍ୟାନ୍ ଟାଇଟଲ

ଧର୍ମଗଡ, ୨୩।୭(ଡି.ଏନ.ଏ.)

ବିଶ୍ୱ ଟ୍ରାଇଥଲନ୍ କର୍ପୋରେଶନ ଦ୍ୱାରା ସୁଇଜରଲାଣ୍ଡର ଜୁରିକ୍‌ଠାରେ ଆୟୋଜିତ ବିଶ୍ୱ ଆଇରନମ୍ୟାନ ପ୍ରତିଯୋଗିତାରେ କଳାହାଣ୍ଡି ଜିଲା ଅନ୍ତର୍ଗତ ଧର୍ମଗଡ଼ର ଅଭିଷେକ ପଟ୍ଟଜୋଷୀ ଟାଇଟଲ ହାସଲ କରିଛନ୍ତି। ପ୍ରତିଯୋଗିତାରେ ବିଶ୍ୱର ବିଭିନ୍ନ ଦେଶର ପ୍ରତିଯୋଗୀ ଭାଗ ନେଇଥିଲେ। ଏହା ଏକ ପ୍ରକାର ଷ୍ଟଣ୍ଟ ଶୋ। ଏଥିରେ ୧୮ଘଣ୍ଟା ମଧ୍ୟରେ ପ୍ରତିଯୋଗୀଙ୍କୁ ସମୁଦ୍ର ଭିତରେ ୩.୮ କି.ମି. ସନ୍ତରଣ, ୧୮୦ କି.ମି. ସାଇକେଲ ଚାଳନା ଓ ୪୨ କି.ମି. ଦୌଡିବାକୁ ପଡ଼ିଥିଲା। ଅଭିଷେକ ନିର୍ଦ୍ଧାରିତ ସମୟଠାରୁ ୧ ଘଣ୍ଟା ପୂର୍ବରୁ ଅର୍ଥାତ ୧୭ ଘଣ୍ଟାରେ ରେସ୍‌କୁ ସମ୍ପୂର୍ଣ୍ଣ କରିଥିଲେ। ଭାରତର ୪୦ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିବାବେଳେ ପଶ୍ଚିମ ଓଡିଶାର ଜଣେ ପ୍ରତିଯୋଗୀ ଭାବେ ଅଭିଷେକ ଅଂଶଗ୍ରହଣ କରିଥିଲେ। ଭାରତର ସର୍ବକନିଷ୍ଠ ପ୍ରତିଯୋଗୀ ଭାବେ ଏହି ଟାଇଟଲ ସେ ହାସଲ କରିଛନ୍ତି। ଧର୍ମଗଡର ବିଶିଷ୍ଟ ଆଇନଜୀବୀ ମିହିର ରଞ୍ଜନ ପଟ୍ଟଜୋଷୀଙ୍କ ପୁଅ। ତାଙ୍କର ଏହି ସଫଳତାକୁ ନେଇ ଜିଲାର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।




ଆଇରନ୍‌ମ୍ୟାନ୍ ଟାଇଟଲ୍ ଜିତିବା ପରେ ଖୁସି ମନାଉଛନ୍ତି ଅଭିଷେକ ପଟ୍ଟଜୋଷୀ।



> ପାକିସ୍ତାନ ହକି ମହାସଂଘ (ପିଏଚ୍‌ଏଫ୍)ଏଣିକି ନିୟମିତ ଭାବେ ଏହାର ଆର୍ଥିକ କାରବାର ସମ୍ପର୍କିତ ରିପୋର୍ଟ ନିଜସ୍ୱ ୱେବ୍ ସାଇଟ୍‌ରେ ପ୍ରକାଶ କରିବ ।
> —ଅସିଫ୍ ବାଜୱା, ପିଏଚ୍‌ଏଫ୍‌ର ନୂଆ ସାଧାରଣ ସମ୍ପାଦକ



> ନ୍ୟୁଜିଲାଣ୍ଡ କ୍ରିକେଟ ଦଳର ଅଧିନାୟକ କେନ୍ ୱିଲିୟମସନ ନ୍ୟୁଜିଲାଣ୍ଡର ଅଫ୍ ଦି ଇୟର ପୁରସ୍କାର ପାଇବା ପାଇଁ ପ୍ରକୃତ ହକ୍‌ଦାର ।
> —ବେନ୍ ଷ୍ଟୋକ୍ସ, ଇଂଲଣ୍ଡର ବିଶ୍ୱକପ୍ ହିରୋ

## ସଂକ୍ଷେପରେ

### ରାଜନୀତି ବିଜ୍ଞାନ ପଢ଼ିବେ ମନୁ

**ନୂଆଦିଲ୍ଲୀ, ୨୩।୭ (ପି.ଟି.):** ରାଜ୍ୟଗୋଷ୍ଠୀ କ୍ରୀଡ଼ା ତଥା ଯୁଥ୍ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଷ୍ଟାର୍ ଭାରତୀୟ ମହିଳା ଶୁଟର୍ ମନୁ ଭାକର ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଲେଡି ଶ୍ରୀରାମ କଲେଜ (ଏଲ୍‌ଏସ୍‌ଆର୍)ରେ ପଢ଼ିବା ଲାଗି ସିଟ୍ ପାଇଛନ୍ତି। ଯେଉଁଠାରେ ଏହି ୧୭ ବର୍ଷୀୟା ଶୁଟର୍ ରାଜନୀତି ବିଜ୍ଞାନ ପଢ଼ିବେ। ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ଏକାଧିକ ସ୍ୱର୍ଣ୍ଣ ପଦକ ଜିତିଥିବା ମନୁ ସ୍ପୋର୍ଟ୍ସ କୋଟାରେ ପଢ଼ିବା ଲାଗି ଆବେଦନ କରିଥିଲେ। ସ୍ପୋର୍ଟ୍ସ କୋଟାର ସୁବିଧା ଅନୁଯାୟୀ ଯେକୌଣସି କଲେଜରେ ସିଧାସଳଖ ଆଡ୍‌ମିଶନ ସହ ପସନ୍ଦର ବିଷୟ ନେଇ ପଢ଼ିବା ଲାଗି ସେ ଯୋଗ୍ୟ ଥିଲେ।

### ରିଂରେ ଆହତ ରୁଷ ବକ୍ସରଙ୍କ ମୃତ୍ୟୁ

**ମସ୍କୋ,୨୩।୭:** ରୁଷର ୨୮ ବର୍ଷୀୟ ବକ୍ସର ମ୍ୟାକ୍ସିମ ଦାଦାଶେଭ ମ୍ୟାରିଲାଣ୍ଡରେ ଅନୁଷ୍ଠିତ ଏକ ଫାଇଟ୍‌ରେ ଆହତ ହୋଇ ପରବର୍ତ୍ତୀ ସମୟରେ ମୃତ୍ୟୁ ବରଣ କରିଥିବା ରୁଷ ବକ୍ସିଂ ଫେଡ଼େରେଶନ ପକ୍ଷରୁ ସୂଚନା ଦିଆଯାଇଛି। ଏହ ମ୍ୟାରିଲାଣ୍ଡ ଅଞ୍ଚଳ ହିଲ୍‌ସ୍ଥିତ ଏମ୍‌ଜିଏମ୍ ନ୍ୟାଶନାଲ ହାର୍ବର ଥିଏଟର୍‌ରେ ଶୁକ୍ରବାର ଅନୁଷ୍ଠିତ ଲାଇଟ-ୱେଲ୍ଟରୱେଟ ଫାଇଟ୍‌ରେ ମ୍ୟାକ୍ସିମ ସବ୍‌ରିଏଲ ମାଟିଆଜଙ୍କ ବିପକ୍ଷରେ ରିଂ’କୁ ଓହ୍ଲାଇଥିଲେ। ମ୍ୟାଚ୍‌ର ୧୧ତମ ରାଉଣ୍ଡରେ ମାଟିଆଜଙ୍କ ଏକ ପଞ୍ଚ୍ ମ୍ୟାକ୍ସିମଙ୍କ ମୁଣ୍ଡରେ ବାଜିବା ପରେ ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

### ବଳାତ୍କାର ମାମଲାରେ ଦଣ୍ଡିତ ହେବେନି ରୋନାଲ୍ଡୋ

**ଲସ୍ ଏଞ୍ଜେଲସ,୨୩।୭(ପି.ଟି.):** ଯୁକ୍ତରାଷ୍ଟ୍ର ଆମେରିକା ଲାସ ଭେଗାସ୍‌ରେ ୧୦ବର୍ଷ ତଳେ ହୋଇଥିବା ବଳାତ୍କାର ମାମଲାରେ ଜୁଭେଣ୍ଟସ୍ ଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ଦଣ୍ଡିତ ହେବେ ନାହିଁ। ଯୁକ୍ତିଯୁକ୍ତ ପ୍ରମାଣ ନ ଥିବାରୁ ଏହି ମାମଲା ଆଗକୁ ବଢ଼ିପାରିବ ନାହିଁ ବୋଲି ୟୁଏସ୍ ପ୍ରୋସିକ୍ୟୁଟର ସୋମବାର କହିବା ପରେ ପର୍ତ୍ତୁଗାଲର ଏହି ଖେଳାଳି ଆଶ୍ୱସ୍ତ ହୋଇଛନ୍ତି। ନେଭାଡ଼ା ପ୍ରଦେଶର ଏକ ଜିଲ୍ଲା ଅଦାଲତ ଆଟର୍ନି କହିଛନ୍ତି ଯେ, ରୋନାଲ୍ଡୋଙ୍କ ବିରୋଧରେ ଯୌନ ନିର୍ଯାତନା ମାମଲା କେବଳ ସନ୍ଦେହରେ ପ୍ରମାଣିତ ହୋଇପାରିବ ନାହିଁ, ତେଣୁ ସେ ଏହି ମାମଲାରେ ଓକିଲାତି କରିବେ ନାହିଁ। ୨୦୦୯ରେ ଲାସ୍ ଭେଗାସ୍‌ର ଏକ ହୋଟେଲ୍‌ରେ ସେ ଯୌନ ନିର୍ଯାତନାର ଶିକାର ହୋଇଥିବା ପୂର୍ବତନ ମଡେଲ୍ କ୍ୟାଥ୍ରିନ ମାୟୋଗ୍ରା ଅଭିଯୋଗ କରିଥିଲେ। କିନ୍ତୁ ସେ କୌଣସି ବ୍ୟକ୍ତିଙ୍କ ନାମ ଦର୍ଶାଇ ନ ଥିଲେ। ତେବେ ଏହାର ବର୍ଷକ ପରେ ତତ୍କାଳୀନ ମାଞ୍ଚେଷ୍ଟର ୟୁନାଇଟେଡ୍ ଏବଂ ରିୟଲ ମାଡ୍ରିଡ଼ ଫରୱାର୍ଡ ଏହି ଘଟଣାର ଆର୍ଥିକ ବୁଝାମଣା କରିଥିଲେ। ରୋନାଲ୍ଡୋ ବାରମ୍ବାର ଅସ୍ୱୀକାର କରିବା ସହ ଉଭୟଙ୍କ ସହମତିରେ ଏହି ଘଟଣା ଘଟିଥିଲା ବୋଲି କହିଥିଲେ।

## ଭାରତ ବିପକ୍ଷ ପ୍ରଥମ ଦୁଇ ଟି୨୦

# ୱେଷ୍ଟଇଣ୍ଡିଜ ଦଳରେ ନାରିନ, ପୋଲାର୍ଡ

**ସେଣ୍ଟ ଜୋନ୍ସ (ଆଣ୍ଟିଗୁଆ), ୨୩।୭ (ପି.ଟି.)**

ଭାରତ ବିପକ୍ଷ ଟି୨୦ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ପାଇଁ ଘରୋଇ ୱେଷ୍ଟଇଣ୍ଡିଜ ଦଳ ମଙ୍ଗଳବାର ଘୋଷଣା କରାଯାଇଛି। ଭେଟେରାନ ସ୍ପିନର ସୁନୀଲ ନାରିନ ଓ ଅଲ୍‌ରାଉଣ୍ଡର କିରନ ପୋଲାର୍ଡ ପ୍ରଥମ ୨ ମ୍ୟାଚ୍ ପାଇଁ ଦଳରେ ସାମିଲ ହୋଇଛନ୍ତି। ସେହିଭଳି ଉଇକେଟ୍‌କିପର ଆଣ୍ଟୋନୀ ବ୍ରାମ୍ବଲେ ଏକମାତ୍ର ନୂଆମୁହଁ ଭାବେ




୧୪ ଜଣିଆ ଦଳରେ ସ୍ଥାନ ପାଇଛନ୍ତି। ତିନି ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ଦୁଇ ମ୍ୟାଚ୍ ଅଗଷ୍ଟ ୩ ଓ ୪ରେ ଆମେରିକାର ଫ୍ଲୋରିଡାସ୍ଥିତ ବ୍ରୋୱାର୍ଡ କାଉଣ୍ଟି ଷ୍ଟାଡିୟମରେ ଖେଳାଯିବ। ତେବେ ଗୁଏନା ନ୍ୟାଶନାଲ ଷ୍ଟାଡିୟମରେ ଅଗଷ୍ଟ ୬ରେ ଖେଳାଯିବାକୁ ଥିବା ଅନ୍ତିମ ତଥା ୩ୟ ଟି୨୦ ମ୍ୟାଚ୍ ଲାଗି ଟିମ୍‌ରେ ପରିବର୍ତ୍ତନ କରାଯାଇପାରେ ବୋଲି ୱେଷ୍ଟଇଣ୍ଡିଜ କ୍ରିକେଟ୍ ବୋର୍ଡ ପକ୍ଷରୁ କୁହାଯାଇଛି।

ଏହି ୧୪ ଜଣିଆ ଦଳର ନେତୃତ୍ୱ କାର୍ଲୋସ ବ୍ରାଥ୍‌ୱେଟ୍‌ଙ୍କୁ ପ୍ରଦାନ କରାଯାଇଥିବାବେଳେ ଅଲ୍‌ରାଉଣ୍ଡର



ସୁନୀଲ ନାରିନ



କିରନ ପୋଲାର୍ଡ

ଆନ୍ଦ୍ରେ ରସେଲଙ୍କୁ ମଧ ଡାକରା ମିଳିଛି। କିନ୍ତୁ ରସେଲଙ୍କୁ ଏଥିପାଇଁ ଫିଟ୍‌ନେସ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ। ପୂର୍ବରୁ ବାମ ଗୋଇଠିରେ ଆଘାତଜନିତ ସମସ୍ୟା ଲାଗି ରସେଲ ବିଶ୍ୱକପ୍‌ର ପ୍ରାରମ୍ଭିକ ପର୍ଯ୍ୟାୟରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ସେହିଭଳି କାନାଡାରେ ହେବାକୁ ଥିବା ଗ୍ଲୋବାଲ ଟି୨୦ ଟୁର୍ନାମେଣ୍ଟରେ ଖେଳିବା ଲାଗି ପ୍ରତିଶ୍ରୁତି ଦେଇଥିବାରୁ ବିସ୍ଫୋରକ ଓପନର୍ କ୍ରିସ ଗେଲ୍ ନିଜ ଆଡୁ ଏହି ସିରିଜରୁ ଓହରି ଯାଇଛନ୍ତି ବୋଲି ୱେଷ୍ଟଇଣ୍ଡିଜ ଚୟନ କମିଟିର ଅନ୍ତରୀଣ ଅଧକ୍ଷ ରର୍ବଟ୍ ହେନ୍ସ ସୂଚନା ଦେଇଛନ୍ତି। ବାମହାତୀ ଓପନର୍ ଜନ୍ କ୍ୟାମ୍ପବେଲ୍ ଓ ସ୍ପିନର ଖେରୀ ପିଏରଙ୍କୁ ମଧ ଦଳରେ ସାମିଲ କରାଯାଇଛି। ଅଷ୍ଟ୍ରେଲିଆରେ ଆସନ୍ତା ବର୍ଷ ହେବାକୁ ଥିବା ଟି୨୦ ବିଶ୍ୱକପ୍‌କୁ ନଜରରେ ରଖାଯାଇ ଦଳ ଚୟନ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ହେନ୍ସ କହିଛନ୍ତି। ୨୮ ବର୍ଷୀୟ ବ୍ରାମ୍ବଲେ ଉଇକେଟ୍‌କିପର ଭାବେ ସ୍ଥାନ ପାଇଥିଲେ ମଧ୍ୟ ନିକୋଲାସ ପୁରାନ ପ୍ରଥମ ପସନ୍ଦ ରହିବେ। ଟି୨୦ ସିରିଜ ପରେ ଉଭୟ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ୩ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

### ୱେଷ୍ଟଇଣ୍ଡିଜ ଦଳ

କାର୍ଲୋସ ବ୍ରାଥୱେଟ୍ (ଅଧିନାୟକ), ସୁନୀଲ ନାରିନ, କେମୋ ପଲ୍, ଖେରୀ ପିଏର, କିରନ ପୋଲାର୍ଡ, ନିକୋଲାସ ପୁରାନ (ଉଇକେଟ୍‌କିପର), ରୋଭମାନ ପାୱେଲ, ଆନ୍ଦ୍ରେ ରସେଲ, ଓଶାନେ ଥୋମାସ, ଆଣ୍ଟୋନୀ ବ୍ରାମ୍ବଲେ (ଉଇକେଟ୍‌କିପର), ଜନ୍ କ୍ୟାମ୍ପ୍‌ବେଲ, ଶେଲଡନ କୋଟ୍ରେଲ, ଶିମରନ ହେଟ୍‌ମେୟର ଓ ଏଭିନ୍ ଲୁଇସ।

# ଶୀର୍ଷରେ କୋହଲି ଅପରିବର୍ତ୍ତିତ

**ଦୁବାଇ, ୨୩।୭ (ପି.ଟି.)**

ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ସେ ପୂର୍ବପରି ୧ ନମ୍ବର ସ୍ଥାନରେ ରହିଛନ୍ତି। କୋହଲିଙ୍କ ନେତୃତ୍ୱରେ ଭାରତ ଗତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍‌ରେ ୨-୧ ବ୍ୟବଧାନରେ ସିରିଜ ବିଜୟୀ ହୋଇଥିଲା। ସେ ୯୨୨ ପଏଣ୍ଟ ପାଇଁ ୧ ନମ୍ବର ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ ୯୧୩

**ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍**



ପଏଣ୍ଟ ପାଇ ଦ୍ୱିତୀୟ ଓ ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରା ୮୮୧ ପଏଣ୍ଟ ପାଇଁ ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି।

ଦଳୀୟ ର୍ୟାଙ୍କିଙ୍ଗ୍‌ରେ ଭାରତ ପୂର୍ବପରି ପ୍ରଥମ ସ୍ଥାନରେ ରହିଛି। ସେହିପରି ନ୍ୟୁଜିଲାଣ୍ଡ ଦ୍ୱିତୀୟ, ଦକ୍ଷିଣ ଆଫ୍ରିକା ତୃତୀୟ, ଇଂଲଣ୍ଡ ଚତୁର୍ଥ ଓ ଅଷ୍ଟ୍ରେଲିଆ ପଞ୍ଚମ ସ୍ଥାନରେ ରହିଛି। ବୋଲିଂ ତାଲିକାରେ ୨ଜଣ ଭାରତୀୟ ବୋଲର ଟପ୍-୧୦ରେ ସାମିଲ ରହିଛନ୍ତି। ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ୍ ଯଥାକ୍ରମେ ଷଷ୍ଠ ଓ ଦଶମ ସ୍ଥାନରେ ରହିଛନ୍ତି। ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଆୟର୍ଲାଣ୍ଡ ବିପକ୍ଷ ୪ ଦିନିଆ ଟେଷ୍ଟରୁ ଇଞ୍ଜୁରି କାରଣରୁ ବାଦ୍ ପଡିଥିବା ଅଭିଜ୍ଞ ଇଂଲଣ୍ଡ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆଣ୍ଡରସନଙ୍କଠାରୁ ଅଧିକ ୧୬ ପଏଣ୍ଟ ପାଇ ଅଷ୍ଟ୍ରେଲିଆର ପ୍ୟାଟ କମିନ୍ସ ବୋଲିଂ ତାଲିକାର ଶୀର୍ଷ ସ୍ଥାନରେ ରହିଛନ୍ତି। ଗତ ନଭେମ୍ବରରେ ଆଣ୍ଡରସନଙ୍କୁ ଦକ୍ଷିଣ ଆଫ୍ରିକାର କାଗିସୋ ରବାଡ଼ା ପଛରେ ପକାଇଥିଲେ। ତେବେ ସେ ଏବେ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟତମ ଇଂଲଣ୍ଡ ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡ ୧୯ତମ ସ୍ଥାନରେ ରହିଛନ୍ତି। ସେ ୨୦୦୯ ପରଠାରୁ ଟପ୍-୨୦ରେ ସ୍ଥାନ ବଜାୟ ରଖିଆସିଛନ୍ତି। ସେହିପରି ୬୨୧ ପଏଣ୍ଟ ପାଇ ମୋଇନ୍ ଅଲି ୨୫ତମ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ଅଧିନାୟକ ଜୋ ରୁଟ ବ୍ୟାଟିଂ ତାଲିକାର ଷଷ୍ଠ ସ୍ଥାନରେ ରହିଛନ୍ତି। ସେହିପରି ଜନି ବେୟାରଷ୍ଟୋ ଓ ଜୋଶ ବଟଲର ଯଥାକ୍ରମେ ୨୬ ଓ ୨୭ତମ ସ୍ଥାନରେ ରହିଛନ୍ତି। ଆୟର୍ଲାଣ୍ଡର କେଭିନ ଓ’ବ୍ରାଏନ ୬୮ତମ ସ୍ଥାନକୁ ଉଠିଥିବା ବେଳେ ଗ୍ୟାରୀ ୱିଲସନ ୧୪୦ତମ ସ୍ଥାନରେ ରହିଛନ୍ତି। ଅଲରାଉଣ୍ଡର ତାଲିକାରେ ଜାଡେଜା ଭାରତୀୟ ଦୃଷ୍ଟିକୋଣରୁ ଶ୍ରେଷ୍ଠ ସାବ୍ୟସ୍ତ ହୋଇଛନ୍ତି। ସେ ତୃତୀୟ ସ୍ଥାନରେ ରହିଛନ୍ତି। ୱେଷ୍ଟଇଣ୍ଡିଜର ଜାସନ ହୋଲ୍ଡର ଶୀର୍ଷ ସ୍ଥାନରେ ରହିଥିବା ବେଳେ ବାଂଲାଦେଶର ସାକିବ ଅଲ ହାସନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

# ନାମ, ନମ୍ବର ଥିବା ଜର୍ସି ପିନ୍ଧିବ ଇଂଲଣ୍ଡ



ନୂଆ ଜର୍ସିରେ ଜୋ ରୁଟ୍।

**ଲଣ୍ଡନ, ୨୩।୭:** କ୍ରିକେଟ୍ ଇତିହାସରେ ପ୍ରଥମଥର ଲାଗି ଇଂଲଣ୍ଡ ଦଳ ଏହାର ଖେଳାଳିଙ୍କ ଟେଷ୍ଟ ଜର୍ସିରେ ନାମ ଓ ନମ୍ବର ଉଲ୍ଲେଖ କରିଛି। ସୀମିତ ଓଭର କ୍ରିକେଟ୍ ପରି ଧଳା ଜର୍ସିର ପଛ ପାର୍ଶ୍ୱରେ ସେମାନଙ୍କ ନାମ ଓ ନମ୍ବର ସହ ଇଂଲଣ୍ଡ ଖେଳାଳିମାନେ ଆଗାମୀ ଆଶେସ ସିରିଜରେ ନଜରକୁ ଆସିବେ। ଆଶେସ ସିରିଜର ୭୧ତମ ସଂସ୍କରଣର ପ୍ରଥମ ଟେଷ୍ଟ ଅଗଷ୍ଟ ୧ରୁ ଏଜ୍‌ବାଷ୍ଟନରେ ଆରମ୍ଭ ହେବ। ସେହିଭଳି ଆଇସିସି ଟେଷ୍ଟ ଚାମ୍ପିୟନଶିପ୍‌ର ମଧ୍ୟ ଏହା ଉଦ୍‌ଘାଟନୀ

**ଆଶେସ ଟେଷ୍ଟ ସିରିଜ**

ସଂସ୍କରଣ। ତେଣୁ ଇଂଲଣ୍ଡ ଆଣ୍ଡ୍ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ମଙ୍ଗଳବାର ନାମ ଓ ନମ୍ବର ଲେଖା ଥିବା ଏହି ନୂଆ ପ୍ରକାର ଜର୍ସିର ଉନ୍ମୋଚନ କରିଛି। ଅଧିନାୟକ ଜୋ ରୁଟ୍ ଏହି ନୂଆ ଜର୍ସି ପରିଧାନ କରିଥିବାବେଳେ ପଛ ପାର୍ଶ୍ୱରେ ତାଙ୍କ ନାମ ଓ ନମ୍ବର ୬୬ ବୋଲି ଉଲ୍ଲେଖ ରହିଛି।



ପ୍ୟାରିସ: ଟୁର୍ ଡି ଫ୍ରାନ୍ସ ସାଇକେଲ ରେସ୍‌ର ମଙ୍ଗଳବାର ନିମେସଠାରେ ଅନୁଷ୍ଠିତ ୧୧୭ କିଲୋମିଟର ବିଶିଷ୍ଟ୧୬ତମ ଷ୍ଟେଜ୍ ଅବସରରେ ପ୍ରତିଯୋଗୀମାନେ।

# ‘ଜୀବନର ସବୁଠୁ ଭଲ ଆଉ ଖରାପ ଦିନ ଥିଲା’

**ଅକ୍‌ଲାଣ୍ଡ, ୨୩।୭**

ଆଇସିସି ବିଶ୍ୱକପ୍ ଫାଇନାଲରେ ଇଂଲଣ୍ଡ ନିକଟରୁ ହୃଦୟ ବିଦାରକ ପରାଜୟ ପରେ ନ୍ୟୁଜିଲାଣ୍ଡ ଓପନର୍ ମାର୍ଟିନ ଗୁପ୍ଟିଲ ପ୍ରଥମଥର ଲାଗି ମୁହଁ ଖୋଲିଛନ୍ତି। ବିଶ୍ୱକପ୍ ଫାଇନାଲକୁ ସେ ତାଙ୍କ କ୍ରିକେଟ୍ ଜୀବନର ସବୁଠାରୁ ‘ଭଲ ଓ ଖରାପ ଦିନ’ ବୋଲି ଅଭିହିତ କରିଛନ୍ତି। ‘ଏହା ବିଶ୍ୱାସ କରିହେଉ ନାହିଁ ଯେ, ଲର୍ଡ୍ସରେ ଖେଳାଯାଇଥିବା ଏହି ଅବିଶ୍ୱସନୀୟ ଫାଇନାଲ ମ୍ୟାଚ୍‌କୁ ଏକ ସପ୍ତାହ ବିତିଗଲାଣି। ମୁଁ ଭାବୁଛି ଏହା ମୋ କ୍ରିକେଟ୍ ଜୀବନର ସବୁଠାରୁ ଭଲ ଓ ଖରାପ ଦିନ ଥିଲା! ଏତେ ପ୍ରକାର ଅଲଗା ଅଲଗା ଭାବନା, କିନ୍ତୁ ମୁଖ୍ୟତଃ ନ୍ୟୁଜିଲାଣ୍ଡ ପକ୍ଷରୁ ପ୍ରତିନିଧିତ୍ୱ କରିବା ଏବଂ ସାଥୀ ହୋଇ ଖେଳାଳିଙ୍କ ସହ ଖେଳିବା ଲାଗି ଗର୍ବିତ ମନେକରୁଛି। ସମର୍ଥନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେବି। ପ୍ରତିଯୋଗିତା ବହୁତ ସୁନ୍ଦର ଥିଲା’ ବୋଲି ଗୁପ୍ଟିଲ ତାଙ୍କ ଇନ୍‌ଷ୍ଟାଗ୍ରାମ ପୃଷ୍ଠାରେ ଉଲ୍ଲେଖ କରିଛନ୍ତି। ଏଥିସହ ନ୍ୟୁଜିଲାଣ୍ଡର ଏହି ବିସ୍ଫୋରକ ଓପନର୍ ଏକ ଫଟୋ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ ନିଜେ ସୁପର୍ ଓଭରର ଅନ୍ତିମ ବଲ୍‌ରେ ରନ୍‌ଆଉଟ୍ ହେବା ପରେ ସାଥୀ ଖେଳାଳି ଓ ଇଂଲଣ୍ଡର କ୍ରିସ୍ ୱୋକ୍ସ ତାଙ୍କୁ ଆଶ୍ୱାସନା ଦେଉଥିବାର



ମାର୍ଟିନ ଗୁପ୍ଟିଲଙ୍କୁ ଇଂଲଣ୍ଡ ଓ ସାଥୀ ଖେଳାଳି ଆଶ୍ୱାସନା ଦେଉଛନ୍ତି।

ଦେଖିବାକୁ ମିଳିଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ଫାଇନାଲର ଉଭୟ ମ୍ୟାଚ୍ ଓ ସୁପର୍ ଓଭର ଟାଇ ରହିବା ପରେ ଅଧିକ ବାଉଣ୍ଡାରୀ ଭିତ୍ତିରେ ଇଂଲଣ୍ଡକୁ ଚାମ୍ପିୟନ ଘୋଷିତ କରାଯାଇଥିଲା। ସୁପର୍ ଓଭରର ଅନ୍ତିମ ବଲ୍‌ରେ ଗୁପ୍ଟିଲ ରନ୍‌ଆଉଟ୍ ହୋଇଯିବା ଫଳରେ ମ୍ୟାଚ୍ ଟାଇ ରହିଥିଲା। ସେହିଭଳି ଇଂଲଣ୍ଡ ଇନିଂସର ଅନ୍ତିମ ତଥା ୫୦ତମ ଓଭରରେ ୩ ବଲରୁ ୯ ରନ ଆବଶ୍ୟକ ହେଉଥିବାବେଳେ ବାଉଣ୍ଡାରୀ ଲାଇନ୍‌ରୁ ଗୁପ୍ଟିଲଙ୍କ ଥ୍ରୋ ବେନ୍ ଷ୍ଟୋକ୍ସଙ୍କ ବ୍ୟାଟ୍‌ରେ ବାଜି ଓଭର ଥ୍ରୋ’ରେ ୪ ରନ୍ ହୋଇଯାଇଥିଲା।

## ଡେମାଜୋଭ୍ ହରାଇବେ ଦ୍ୱିତୀୟ ଅଲିମ୍ପିକ ସ୍ୱର୍ଣ୍ଣ

**ଲାଉସାନେ, ୨୩।୭ (ଏପି):** ଡୋପିଂ ପାଇଁ ରୁଷୀୟ ରାଜନେତା ତଥା କୁସ୍ତିଯୋଦ୍ଧା ଆର୍ଥର ଡେମାଜୋଭ୍ ତାଙ୍କ ଦ୍ୱିତୀୟ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ହରାଇବେ। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ତରଫରୁ ଏହି ସୂଚନା ଦିଆଯାଇଛି। ଡୋପିଂ ପାଇଁ ଡେମାଜୋଭ ୨୦୦୮ରେ ଜିତିଥିବା ସ୍ୱର୍ଣ୍ଣ ପଦକ ହରାଇ ସାରିଛନ୍ତି। ବର୍ତ୍ତମାନ ତାଙ୍କଠାରୁ ୨୦୧୨ରେ ସେ ଜିତିଥିବା ସ୍ୱର୍ଣ୍ଣପଦକକୁ ପ୍ରତ୍ୟାହାର କରି ନିଆଯିବ। ନିଷିଦ୍ଧ ଷ୍ଟେରଏଡ୍ ଟୁରିନାବଲ୍ ପାଇଁ ଏହି କୁସ୍ତି ଯୋଦ୍ଧା ଡୋପ୍ ଟେଷ୍ଟରେ ଧରାପଡ଼ିଥିବା ଆଇଓସି କହିଛି। ଏହି ବିଭାଗରେ ରୌପ୍ୟ ଜିତିଥିବା ଡାଭିଟ୍ ମୋଜମାନସଭିଲି ପୂର୍ବରୁ ଜାନୁୟାରୀରେ ଅଯୋଗ୍ୟ ଘୋଷିତ ହୋଇ ସାରିଛନ୍ତି। ଫଳରେ ଇଭେଣ୍ଟରେ କେବଳ ଦୁଇ ଜଣ ବ୍ରୋଞ୍ଜ ପଦକ ବିଜୟୀ ରହିଲେ। ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଦୁଇଟିକୁ ପୁନଃ ପ୍ରଦାନ କରାଯିବ କି ନା ତାହା ଆଇଓସି ସ୍ଥିର କରିବ। ଡେମାଜୋଭ ଉଜ୍‌ବେକିସ୍ତାନ ତରଫରୁ ପ୍ରତିନିଧିତ୍ୱ କରି ୨୦୦୦ରୁ ୨୦୧୨ ମଧ୍ୟରେ ୩ ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ଜିତିଥିଲେ। ସେ ରଷିଆନ ପାର୍ଲାମେଣ୍ଟର ନିମ୍ନ ସଦନରେ ୨୦୧୬ରୁ ଜଣେ ସଦସ୍ୟ ରହିଆସିଛନ୍ତି।

# ଟି୨୦ରେ ସକ୍ରିୟ ରହିବେ ମାଲିଙ୍ଗା

**କଲମ୍ବୋ, ୨୩।୭ (ଏ.ଏଫ୍.ପି.)**

ଶ୍ରୀଲଙ୍କା ଅଭିଜ୍ଞ ଦ୍ରୁତ ବୋଲର ତଥା ଉଇକେଟଟେକର ଲସିଥ୍ ମାଲିଙ୍ଗା ଏବେ ଅବସର ନେବାକୁ ଯାଉଛନ୍ତି। ବାଂଲାଦେଶ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଘରୋଇ ଦିନିକିଆ ସିରିଜର ପ୍ରଥମ ମୁକାବିଲା ଖେଳିବା ପରେ ମାଲିଙ୍ଗା ଦିନିକିଆ ଫର୍ମାଟରୁ ସବୁଦିନ ପାଇଁ ବିଦାୟ ନେବେ। ଶୁକ୍ରବାର ସ୍ଥାନୀୟ ଆର. ପ୍ରେମଦାସା ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳିବା ପରେ ସେ ଆନୁଷ୍ଠାନିକ ଭାବେ ଅବସର ନେବେ। ତେବେ ମାଲିଙ୍ଗା ସବୁଠାରୁ ଛୋଟ ଫର୍ମାଟ ଟି୨୦ରେ ଖେଳ ଜାରି ରଖିବେ ବୋଲି ଆଶା କରାଯାଉଛି। ମାଲିଙ୍ଗାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ୨୦୧୪ ଟି୨୦ ବିଶ୍ୱକପ୍‌ରେ ଟାଇଟଲ ହାସଲ କରିଥିଲା। ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍‌ର ଆଗାମୀ ସଂସ୍କରଣ ଖେଳାଯିବ। ମାଲିଙ୍ଗା ଏହି ବିଶ୍ୱକପ୍ ପର୍ଯ୍ୟନ୍ତ ଟି୨୦ ଫର୍ମାଟରେ ଖେଳ ଜାରି ରଖିବେ ବୋଲି ଆଶା କରାଯାଉଛି।

ଶ୍ରୀଲଙ୍କାର ପ୍ରମୁଖ ଉଇକେଟ ହାସଲକାରୀ ବୋଲର ତଥା ଡେଥ୍ ଓଭର ସ୍ପେଶାଲିଷ୍ଟ ଭାବେ ଜଣାଶୁଣା ଥିବା ମାଲିଙ୍ଗାଙ୍କ ଦିନିକିଆ ରେକର୍ଡ ବେଶ୍ ଚମତ୍କାର ରହିଛି। ୩୫ ବର୍ଷୀୟ ମାଲିଙ୍ଗା ୨୨୫ଟି ଦିନିକିଆ ମ୍ୟାଚ୍ ଖେଳି



୩୩୫ ଉଇକେଟ ହାସଲ କରିଛନ୍ତି। ସେ ଶ୍ରୀଲଙ୍କାର ତୃତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ସାବ୍ୟସ୍ତ ହୋଇଛନ୍ତି। କିମ୍ବଦନ୍ତୀ ସ୍ପିନର ମୁଥୟା ମୁରଲିଧରନ ୫୨୩ଟି ଉଇକେଟ ଅକ୍ତିଆର କରି ଦିନିକିଆରେ ଶ୍ରୀଲଙ୍କାର ସଫଳତମ ବୋଲର ବିବେଚିତ ହୋଇଛନ୍ତି। ସେହିପରି ଚାମିଣ୍ଡା ଭାସ୍ ୩୯୯ଟି ଉଇକେଟ ନେଇ ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ସାବ୍ୟସ୍ତ ହୋଇଛନ୍ତି। ଅନ୍ତର୍ଜାତୀୟ ତାଲିକାରେ ଭାରତୀୟ କିମ୍ବଦନ୍ତୀ ସ୍ପିନର ଅନିଲ କୁମ୍ବଲେ ୩୩୭ଟି ଉଇକେଟ ନେଇ ନବମ ସ୍ଥାନରେ ରହିଛନ୍ତି। ଆଉ ୩ଟି ଉଇକେଟ ହାସଲ କଲେ ମାଲିଙ୍ଗା କୁମ୍ବଲେଙ୍କୁ ପଛରେ ପକାଇ ନବମ ସ୍ଥାନ ଅଧିକାର କରିବେ। ମାଲିଙ୍ଗା ସ୍ଥାନୀୟ ଆର. ପ୍ରେମଦାସା ଷ୍ଟାଡିୟମରେ କ୍ୟାରିୟର ଅନ୍ତିମ ଦିନିକିଆ ମ୍ୟାଚ୍ ଖେଳିବେ। ଏହି ଭେନ୍ୟୁରେ ସେ ୫୦ ଉଇକେଟ ହାସଲ କରିବାର ସୁଯୋଗ ପାଇଛନ୍ତି। ସେ ବିଶ୍ୱକପ୍‌ରେ ୭ଟି ମ୍ୟାଚ୍ ଖେଳି ୧୩ ଉଇକେଟ ହାସଲ କରିଛନ୍ତି। ବିଶ୍ୱକପ୍ ଇତିହାସରେ ସେ ତୃତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ସାବ୍ୟସ୍ତ ହୋଇଛନ୍ତି। ସେ ୨୯ଟି ବିଶ୍ୱକପ୍ ମ୍ୟାଚ୍ ଖେଳି ୫୬ଟି ଉଇକେଟ ଅକ୍ତିଆର କରି ତୃତୀୟ ସ୍ଥାନରେ ରହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଜୁଲାଇ ୨୪/୨୦୧୯ Bhubaneswar, Wednesday, July 24/2019

# ଛତ୍ରବଜାର କମ୍ପୋଷ୍ଟ ପ୍ଲାଣ୍ଟରେ ପ୍ରସ୍ତୁତ ହେବ ଜୈବିକ ଖତ

■ ସିଏମ୍‌ସିର ବଢ଼ିବ ରାଜସ୍ୱ
■ ସ୍ୱୟଂ ସହାୟକ ଗୋଷ୍ଠୀ ପାଇବେ ରୋଜଗାରର ବାଟ

**କଟକ ଅଫିସ,୨୩।୭**

କଟକ ମହାନଗର ନିଗମ (ସିଏମ୍‌ସି)ରେ ଦିନକୁଦିନ ଆବର୍ଜନା ବଢ଼ିବାରେ ଲାଗିଛି। ଯାହାଫଳରେ ପରିବେଶ ପ୍ରଦୂଷିତ ହେଉଛି। ଏହା ସିଏମ୍‌ସିର ମୁଣ୍ଡବିନ୍ଧାର କାରଣ ପାଲଟିଛି। ଅନ୍ୟପକ୍ଷେ ସହରରେ କୁଢ଼ କୁଢ଼ ଆବର୍ଜନା ଗଦା ନ କରିବାକୁ ଏନ୍‌ଜିଟି ପକ୍ଷରୁ ନିର୍ଦ୍ଦେଶ ରହିଛି। ଯାହାପାଇଁ ସିଏମ୍‌ସିର ନିଦ ହଜିଯାଇଛି। ଏହାକୁ ଦୃଷ୍ଟିରେ ରଖି ତାମିଲନାଡୁ ଢାଞ୍ଚାରେ ବର୍ଜ୍ୟବସ୍ତୁ ପରିଚାଳନା କରିବାକୁ ସିଏମ୍‌ସି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଛି। ସହରରେ ଏବେ ଦିନକୁ ୧୫୦ ମେଟ୍ରିକ ଟନ ଆବର୍ଜନା ବାହାରୁଛି। ସେହି ହିସାବରେ ମାସକୁ ୪୫୦୦ ମେଟ୍ରିକ ଟନ ଆବର୍ଜନା ବାହାରୁଛି। ଏଣିକି ଆଉ ଆବର୍ଜନା ପଡ଼ି ରହିବାକୁ ଦିଆଯିବନାହିଁ। ଏହାକୁ ଜୈବିକ ଖତରେ ପରିଣତ କରାଯାଇ ସିଏମ୍‌ସିର ବିଭିନ୍ନ ପାର୍କରେ ଉପଯୋଗ କରାଯିବ। ଏଥିସହ ଅବଶିଷ୍ଟ ଖତକୁ ବିକ୍ରି କରାଯିବା ପାଇଁ ସିଏମ୍‌ସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ସହରରେ ପ୍ରତି ୱାର୍ଡରୁ କୁଢ଼ କୁଢ଼ ଆବର୍ଜନା ବାହାରୁଛି। ଏହି ଆବର୍ଜନାକୁ ଛତ୍ରବଜାର ଦାସସାହିରେ ନିର୍ମାଣ ହୋଇଥିବା କମ୍ପୋଷ୍ଟ ପ୍ଲାଣ୍ଟରେ ଭର୍ତ୍ତି କରାଯାଇ ଜୈବିକ ଖତ ପ୍ରସ୍ତୁତ କରାଯିବ। ମୁଖ୍ୟତଃ ଛତ୍ରବଜାରରୁ ଅଧିକ ଜୈବିକ ଆବର୍ଜନା ବାହାରୁଥିବା ଯୋଗୁ ଏହି ଅଞ୍ଚଳ ଅଧିକ ପ୍ରଦୂଷିତ ହୋଇଥାଏ। ତେଣୁ ପଚା ପରିବାପତ୍ରଠାରୁ ଆରମ୍ଭ କରି ଆମଦାନୀ ହେଉଥିବା ଫଳ ଆଦିରେ ପାଳ, କଦଳୀପତ୍ର ବ୍ୟାପକ ପରିମାଣରେ ଆସିଥାଏ। ଯାହାକି ଟ୍ରକରୁ ଅନ୍‌ଲୋଡ ବେଳେ ଏହି ଆବର୍ଜନାଗୁଡ଼ିକ ରାସ୍ତା କିମ୍ବା ତାଳଦଣ୍ଡା କେନାଲ ନିକଟରେ ଫିଙ୍ଗି ଦିଆଯାଏ। ଯାହାର ପ୍ରଭାବରେ ଛତ୍ରବଜାର ଅଞ୍ଚଳ ସର୍ବଦା ଆବର୍ଜନାମୟ ରହିଥାଏ। ତେଣୁ ପ୍ରଥମେ ଏହି ଆବର୍ଜନାକୁ ଜୈବିକ ଖତରେ ପରିଣତ କରାଗଲେ ସିଏମ୍‌ସିର ଆବର୍ଜନାଗୁଡ଼ିକ ପୁଣି ବ୍ୟବହାର କରାଯିବା ସହ ରାଜସ୍ୱ ବୃଦ୍ଧି ପାଇବ। ଏହି ଖତକୁ ସିଏମ୍‌ସିରେ ଥିବା ଛୋଟ ବଡ଼ ୪୫ଟି ପାର୍କ ସମେତ ସିଡିଏର ୬ଟି ପାର୍କରେ ଜୈବିକ ଖତ ବ୍ୟବହାର କରାଯାଇ ଏଥିରେ ଲାଗିଥିବା ଗଛଗୁଡିକୁ ଉନ୍ନତ କରାଯିବା ସହ ପାର୍କ ସବୁଜିମା କରାଯାଇ ପାରିବ। ଏହି ଆବର୍ଜନାଗୁଡ଼ିକୁ କମ୍ପୋଷ୍ଟରେ ପରିଣତ କରି ବ୍ୟବହାର କରାଗଲେ ଖତ ବାବଦରେ ଖର୍ଚ୍ଚ ହେଉଥିବା ସିଏମ୍‌ସିର ପାଖାପାଖି ୫୦ ହଜାର ଟଙ୍କା ସଞ୍ଚୟ ହେବା ସହ ବଳକା ରହୁଥିବା ଖତକୁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ପ୍ୟାକେଟ କରି ବଜାରରେ ବିକ୍ରି କରାଯାଇ ସିଏମ୍‌ସିର ଆୟ ବୃଦ୍ଧି କରାଯିବ। ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ମଧ୍ୟ ଏହାଦ୍ୱାରା ରୋଜଗାରର ବାଟ ପାଇ ପାରିବେ। ଯାହାଫଳରେ ଆବର୍ଜନା ପରିଚାଳନା ସହଜରେ ହୋଇପାରିବା ସହ ସିଏମ୍‌ସି ଏବଂ ଏସ୍‌ଏଚ୍‌ଜିର ରୋଜଗାର ମଧ୍ୟ ବୃଦ୍ଧି ପାଇବ ବୋଲି ସିଏମ୍‌ସି ସେକ୍ରେଟାରୀ ଲତାଶ୍ରୀ ବାଗ୍ ସୂଚନା ଦେଇଛନ୍ତି।

BDS Admission Guidance
Course fee package as low as 10 lac in India

| Catagory | Eligibilty Criteria | Cut off score (Out of 720) |
| --- | --- | --- |
| General | 50th percentile | 134 |
| OBC/SC/ST | 40th percentile | 107 |

UTKAL ACADEMY
YOUR TRUST | ଆପଣଙ୍କ ବିଶ୍ୱାସ
(A Unit of Vardham Metropolish Pvt. Ltd)
Toll-Free No: 1800 123 89 5400
BHUBANESWAR: 1190/A, Jagmohan Nagar, ITER Square, Khandagiri, 751030, Mob: 9090053338, 8917405105
BERHAMPUR: Panitanki Square, Mob: 9778162762
WEB: www.utkalacademy.com

## ଶ୍ରମିକଙ୍କ ବେକ କାଟି ହତ୍ୟା

■ ସାଇଣ୍ଟିଫିକ ଟିମ୍‌ର ଛାନ୍‌ଭିନ
■ ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ ସନ୍ଦେହ

**କଟକ ଅଫିସ,୨୩।୭**

ମଙ୍ଗଳାବାଗ ଥାନା ଅନ୍ତର୍ଗତ ରାଣୀହାଟ ଛକରେ ସୋମବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ଶ୍ରମିକଙ୍କ ବେକ କାଟି ଅତି ନୃଶଂସ ଭାବେ ହତ୍ୟା କରାଯାଇଛି। ମୃତ ଶ୍ରମିକ ଜଣକ ହେଲେ ରାଣୀହାଟ ଅଞ୍ଚଳରେ ରହୁଥିବା ଢେଙ୍କାନାଳ ଜିଲା ସଦର ଥାନା ଅନ୍ତର୍ଗତ ବଉଳପୁର ଅଞ୍ଚଳର କୋଦଣ୍ଡ ରାଉତ ଓରଫ କାଳିଆ (୫୫)। ମଙ୍ଗଳବାର ସକାଳେ ପୋଲିସ ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରିଛି। ଏନେଇ ମଙ୍ଗଳାବାଗ ଥାନାରେ ଆଇପିସି ଦଫା ୩୦୨ରେ ଏକ ହତ୍ୟା ମାମଲା ନଂ.୧୭୧/୧୯ ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଏସ୍‌ସିବି ମେଡିକାଲରେ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରାଥମିକ ତଦନ୍ତରୁ ପୂର୍ବ ଶତ୍ରୁତାକୁ ନେଇ ତାଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ଥାନା ଅଧିକାରୀ ଅମିତାଭ ମହାପାତ୍ର କହିଛନ୍ତି।

ମଙ୍ଗଳବାର ସକାଳ ପ୍ରାୟ ୬ଟାରେ ରାଣୀହାଟ ଦୁର୍ଗାମଣ୍ଡପ ପାଖ ଗଳିରେ କାଳିଆଙ୍କ ମୃତଦେହ ପଡ଼ିଥିଲା। ତାଙ୍କ ମୁଣ୍ଡ ତଳକୁ ପଛପଟ ବେକକୁ ଧାରୁଆ ଅସ୍ତ୍ରରେ କାଟି ଦିଆଯାଇଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ମଙ୍ଗଳାବାଗ ପୋଲିସକୁ ଜଣାଇଥିଲେ। ସକାଳ ପ୍ରାୟ ୭ଟା ବେଳକୁ ପୋଲିସ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଥିଲା। ତେବେ କେହି ତାଙ୍କୁ ରାତିରେ ହତ୍ୟା କରିଥିବା ଲୋକେ କହିଛନ୍ତି। ଥାନା ଅଧିକାରୀଙ୍କ କହିବା ଅନୁଯାୟୀ, ୧୦ ବର୍ଷ ହେବ କାଳିଆ ଏଠାରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ରାଣୀହାଟ ଅଞ୍ଚଳରେ ଭଡ଼ା ନେଇ ରହୁଥିଲେ। କେଉଁ କାରଣରୁ ତାଙ୍କୁ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ‘ବିଲ୍‌ରୁ ଅର୍ଥ କାଟି ରଖିବା ନିର୍ଦ୍ଦେଶନାମା ନାହିଁ’

**କଟକ ସଦର,୨୩।୭(ଡି.ଏନ୍.ଏ.):** ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ନିୟନ୍ତ୍ରଣାଧୀନ ବ୍ଲକ କାର୍ଯ୍ୟାଳୟ ଜରିଆରେ ଗ୍ରାମାଞ୍ଚଳର ବିଭନ୍ନ ଜନହିତକର କାର୍ଯ୍ୟ କରାଯାଉଛି। ଏହି ସମସ୍ତ କାର୍ଯ୍ୟର ଫାଇନାଲ ବିଲ୍ ପୈଠ ବେଳେ ବିଡିଓମାନେ ମୋଟ ବ୍ୟୟ ଅର୍ଥର ୨ରୁ ୫ପ୍ରତିଶତ ଅର୍ଥ କାଟି ରଖୁଛନ୍ତି। କଟକ ସଦର ବ୍ଲକ ସମେତ ରାଜ୍ୟର ଅନ୍ୟ ବ୍ଲକମାନଙ୍କରେ ୨୦୧୪ ମସିହାରୁ ହେଉଛି। ଏ ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଫାଇନାଲ ବିଲରୁ ଅର୍ଥ କାଟି ରଖିବା ପାଇଁ ସରକାରଙ୍କ କୌଣସି ନିର୍ଦ୍ଦେଶନାମା ନାହିଁ ବୋଲି ପଞ୍ଚାୟତିରାଜ ବିଭାଗ ଆଭ୍ୟନ୍ତରୀଣ ଅଡିଟ ଶାଖାର ଲୋକ ସୂଚନା ଅଧିକାରୀ ମନୋହର କୁମାର ପତ୍ରସଂଖ୍ୟା ୨୮୩୩/୭/୨/୧୯ ରେ ଜଣାଇଛନ୍ତି। ବିଡିଓମାନେ ନିଜ ନିଜର ସୁବିଧା ପାଇଁ ଏଭଳି କାର୍ଯ୍ୟ କରୁଛନ୍ତି ବୋଲି ସାମାଜିକ କର୍ମୀ ପ୍ରଶାନ୍ତ କୁମାର ପ୍ରଧାନ କହିଛନ୍ତି।

ପ୍ରକାଶ ଯେ, ବିଡିଓମାନେ ଫାଇନାଲ ବିଲ୍‌ରୁ ସିକ୍ୟୁରିଟି ଅର୍ଥ କାଟିପାରିବେ ପାଇଁ ବୋଲି ରାଜ୍ୟ ପଞ୍ଚାୟତିରାଜ ବିଭାଗ ପତ୍ରସଂଖ୍ୟା ୨୪୮୭୧/୫/୧୦/୨୦୧୩ ରେ ନିର୍ଦ୍ଦେଶାନାମା ଜାରି କରିଥିଲେ। ଏହା ପରେ ବିଡିଓମାନେ ସେହି ବର୍ଷଠାରୁ ପ୍ରତି ବିଲରେ ୨ ପ୍ରତିଶତ ଅର୍ଥ ଉଇଥହେଲଡ କରି ରଖୁଛନ୍ତି। ୨ବର୍ଷ ପରେ ଯାଇ ସେହି ଅର୍ଥକୁ କାର୍ଯ୍ୟନିର୍ବାହୀମାନଙ୍କୁ ଫେରସ୍ତ ଦିଆଯାଉଛି। ଲୋକାଲ ଫଣ୍ଡ ଅଡିଟ ବେଳେ ହିସାବରେ କମ୍ ବେଶୀ ହେବା ଭୟ ଥିବାରୁ ଏପରି କରାଯାଉଛି ବୋଲି ନିଜ ନାମ ଗୋପନ ରଖି ଜଣେ ବିଡିଓ କହିଛନ୍ତି। ଏପରିକି ବିଲରୁ ଅର୍ଥ କାଟିବା ପାଇଁ ସରକାରୀ ନିର୍ଦ୍ଦେଶନାମା ସମ୍ପର୍କରେ ଲୋକାଲ ଫଣ୍ଡ ଅଡିଟ ସଂସ୍ଥା ଅବଗତ ନାହାନ୍ତି ବୋଲି ପତ୍ର ସଂଖ୍ୟା ୫୫୪/୨୮/୧/୧୯ରେ ସମ୍ପୃକ୍ତ ସଂସ୍ଥାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।



ବିଭିନ୍ନ ଦାବି ନେଇ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ଠାରେ ମଙ୍ଗଳବାର ଉଦ୍ୟାନ କୃଷି ବିଭାଗର ଛାତ୍ର ଓ ଆଲୁମିନି ଆସୋସିଏଶନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ପୋଲିସ ଦ୍ୱାରା ଉଦ୍ଧାର ବୃଦ୍ଧଙ୍କ ମୃତ୍ୟୁ

**ଜଟଣୀ, ୨୩।୭(ଡି.ଏନ.ଏ.)**

ଅସୁସ୍ଥ ଅବସ୍ଥାରେ ଜଟଣୀ ପୋଲିସ ଦ୍ୱାରା ଉଦ୍ଧାର ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଜଣେ ବୃଦ୍ଧଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ଜଟଣୀ ରେଲୱେ ମାର୍କେଟ୍‌ରେ ଅସୁସ୍ଥ ଅବସ୍ଥାରେ ପଡ଼ିଥିବା ବେଳେ ଗତ ୧୮ ତାରିଖରେ ପୋଲିସ ଉଦ୍ଧାର କରି ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରିଥିଲେ। ବୃଦ୍ଧଙ୍କ ବୟସ ୭୫ ବର୍ଷ ଅନୁମାନ କରାଯାଉଥିବା ବେଳେ ତାଙ୍କ ପରିଚୟ ମିଳି ନ ଥିବା ତଦନ୍ତ ଅଧିକାରୀ ସବ୍‌ଇନ୍ସପେକ୍ଟର ବିନାୟକ ବିଧାର କହିଛନ୍ତି। ନଂ. ୪୬/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

■ ଏସ୍‌ସିଏସ୍ କଲେଜ: ଏମ୍‌ଫିଲ୍ ପାଠ୍ୟକ୍ରମକୁ ମିଳୁନି ମଞ୍ଜୁରୀ

## ଅନ୍ଧାରରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ

**ପୁରୀ ଅଫିସ, ୨୩।୭**

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ(ଏସ୍‌ସିଏସ୍)ରେ ଏମ୍‌ଫିଲ୍ ପାଠ୍ୟକ୍ରମ ଖୋଲିବାର ଦୁଇବର୍ଷ ବିତିଗଲାଣି। ମାତ୍ର ବର୍ତ୍ତମାନ ସୁଦ୍ଧା ଏହାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଞ୍ଜୁରୀ ମିଳିନାହିଁ। ଫଳରେ ପ୍ରଥମ ବ୍ୟାଚ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ପ୍ରକାଶ ପାଇପାରୁ ନାହିଁ। ସେହିପରି ଦ୍ୱିତୀୟ ବ୍ୟାଚ ପ୍ରବେଶିକା ପରୀକ୍ଷା ଓ ଚୟନ (ସିଲେକ୍ସନ) ସରିଛି। ତେବେ ପ୍ରଥମ ବ୍ୟାଚ ପରୀକ୍ଷାଫଳ ପ୍ରକାଶ ଓ ପାଠ୍ୟକ୍ରମ ମଞ୍ଜୁରୀ ପାଇବାରେ ବିଳମ୍ବ ଯୋଗୁ ଦ୍ୱିତୀୟ ବ୍ୟାଚ ପାଠପଢ଼ା ପ୍ରଭାବିତ ହେଉଛି। ଏଥିଯୋଗୁ ଏଠାକାର ଏମ୍‌ଫିଲ୍ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲିହୋଇଯାଉଛି।

ସୂଚନା ଅନୁଯାୟୀ, ୨୦୧୭ରେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ୪ଟି ବିଭାଗରେ ଏମ୍‌ଫିଲ ପାଠ୍ୟକ୍ରମ ଖୋଲିବା ଲାଗି ରାଜ୍ୟ ସରକାର ସ୍ୱୀକୃତି ଦେଇଥିଲେ। ଏଥିଯୋଗୁ କଲେଜ କର୍ତ୍ତୃପକ୍ଷ ସେହିବର୍ଷ ୪ଟି ବିଭାଗରେ ୮ଟି ଲେଖାଏ ସିଟ୍ ହିସାବରେ ୩୨ଜଣ ଛାତ୍ରୀଛାତ୍ରଙ୍କ ଆଡମିଶନ କରାଇଥିଲେ। ତେବେ ଏପର୍ଯ୍ୟନ୍ତ ପାଠ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ମିଳିନାହିଁ। କଲେଜ କର୍ତ୍ତୃପକ୍ଷ ୨୦୧୮ରେ ଦ୍ୱିତୀୟ ବ୍ୟାଚ ଆଡ଼ମିଶନ ଲାଗି ପ୍ରବେଶିକା ପରୀକ୍ଷା, ଭାଇଭା ଟେଷ୍ଟ କରିଥିଲେ। ଅନ୍ୟପଟେ ପାଠ୍ୟକ୍ରମକୁ ମଞ୍ଜୁରୀ ପ୍ରଦାନରେ ବିଳମ୍ବ ଘଟୁଥିବାରୁ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ପୂର୍ବରୁ କେତେକ ଛାତ୍ର ସଂଗଠନ ଆନ୍ଦୋଳନ ପାଇଁ ଧମକ ଦେଇଥିଲେ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର କର୍ମକର୍ତ୍ତାମାନେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଏମ୍‌ଫିଲ୍ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଦ୍ୱିତୀୟ ବ୍ୟାଚ (୨୦୧୮) ଛାତ୍ରୀଛାତ୍ର ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ଏବଂ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଲେଜ ଅଧ୍ୟକ୍ଷଙ୍କୁ ଦାବିପତ୍ର ଦେଇଥିଲେ। ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ପ୍ରଥମ ବ୍ୟାଚ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସୂତା ଖିଅରେ ଝୁଲୁଥିବା ବେଳେ ଦ୍ୱିତୀୟ ବ୍ୟାଚ ଛାତ୍ରୀଛାତ୍ରଙ୍କ ଭାଗ୍ୟ ମଧ୍ୟ ଅନ୍ଧକାର ଆଡକୁ ଠେଲି ହୋଇଯାଇଛି। କଲେଜ ଅଧକ୍ଷା ପ୍ରଫେସର ସୁଜାତା ମିଶ୍ର କହିଛନ୍ତି, ମଞ୍ଜୁରୀ ପାଇବା ଲାଗି ଚେଷ୍ଟା ଚାଲିଛି। ଏଥିପାଇଁ ସମସ୍ତ ଆବଶ୍ୟକ ଡକ୍ୟୁମେଣ୍ଟ ବିଶ୍ୱବିଦ୍ୟାଳୟକୁ ଦିଆଯାଇଛି। ପ୍ରଥମ ବ୍ୟାଚକୁ ମଞ୍ଜୁରୀ ମିଳିବା ପରେ ଦ୍ୱିତୀୟ ବ୍ୟାଚ ଛାତ୍ରୀଛାତ୍ରଙ୍କ ଆଡ଼ମିଶନ ହେବ।

■ ରାତିରେ ଛିଣ୍ଡିଲା ବିଦ୍ୟୁତ୍ ତାର

## ବିପଦ ଟାଳିଦେଲେ ୪ ମୂକ ଯୁବକ

**ପୁରୀ ଅଫିସ, ୨୩।୭**

ସେମାନେ ଥିଲେ ମୂକ। କଥା କହିବାର ଶକ୍ତି ନ ଥିଲା। କିନ୍ତୁ ସେମାନଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦ ଟଳିଗଲା। ସୋମବାର ରାତି ପ୍ରାୟ ୧୨ଟା। ମରିଚିକୋଟ ଲେନ୍‌ରେ ଭଡ଼ା ରହୁଥିବା ୪ଜଣ ମୂକ ଯୁବକ ଘର ସାମ୍ନାରେ ଛିଡ଼ା ହୋଇ ଠାରରେ ହସଖୁସି କରୁଥିଲେ। ଠିକ୍ ଏହି ସମୟରେ ସେହି ଲେନ୍ ଉପରେ ଯାଇଥିବା ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଲା। ସମ୍ପୃକ୍ତ ଯୁବକଙ୍କ ପାଖାପାଖି ତାର ପଡ଼ିଥିବାବେଳେ ହଠାତ୍ ଷ୍ଟ୍ରିଟ୍ ଲାଇଟ୍ ବି ବନ୍ଦ ହୋଇଗଲା। ଏହି ଲେନ୍ ଦେଇ ସେତେବେଳେ ବି ବାଇକ୍‌ରେ ଲୋକେ ଯିବା ଆସିବା କରୁଥିଲେ। ଏହାଦେଖି ସତର୍କତାର ସହ ସମ୍ପୃକ୍ତ ଯୁବକମାନେ ସାଇଡ୍ ହୋଇ ଦୁଇପାର୍ଶ୍ୱକୁ ୨ଜଣ ଲେଖାଏ ଚାଲିଗଲେ। କଥା କହିପାରୁ ନ ଥିଲେ ମଧ୍ୟ ପାଟି କରି ଉଭୟ ପାର୍ଶ୍ୱରୁ ଆସୁଥିବା ଲୋକଙ୍କୁ ଅଟକାଇ ଦେଲେ। ସ୍ଥାନୀୟ ଲୋକେ ସେମାନଙ୍କ ପାଟିଶୁଣି ବାହାରକୁ ଆସିବା ପରେ ଘଟଣା ସମ୍ପର୍କରେ ଜାଣିଲେ ଏବଂ ବିଦ୍ୟୁତ୍ ବିଭାଗକୁ ଖବର ଦେଲେ। କିଛି ସମୟ ପରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ସେହି ତାରକୁ ବଦଳାଇଥିଲେ। ନୂଆ ତାର ଲଗାଇବା ସହ ବିଦ୍ୟୁତ ସଂଯୋଗ ଦେଇଦେଲେ। ଉପସ୍ଥିତ ବୁଦ୍ଧି ଯୋଗୁ ସମ୍ଭାବ୍ୟ ବିପଦକୁ ଟାଳି ଦେଇଥିବା ସମ୍ପୃକ୍ତ ୪ ମୂକ ଯୁବକ ହେଲେ ସୁରେନ୍ଦ୍ର ପାତ୍ର, ରାଧାକାନ୍ତ ନନ୍ଦ, ବସନ୍ତ ଘୋଷ ଓ ତାପସ। ଏମାନଙ୍କୁ ଲେନ୍‌ବାସୀ ପ୍ରଶଂସା କରିଥିଲେ। ବାତ୍ୟା ପରେ ତ୍ୱରିତ୍ କାର୍ଯ୍ୟ ପାଇଁ ପ୍ରାୟ ଜାଗାରେ ଏଭଳି କାମଚଳା ଭାବେ ବିଦ୍ୟୁତ ସଂଯୋଗ ଦିଆଯାଇଛି। ଏ ପର୍ଯ୍ୟନ୍ତ ସ୍ଥାୟୀ କାମ କରାଯାଇ ନ ଥିବାରୁ ତାର ଛିଣ୍ଡିଲା। ଏଥିସହ ଅନେକ ଜାଗାରେ ତାର ଝୁଲିରହିଛି ବୋଲି ସମ୍ପୃକ୍ତ ଲେନ୍‌ବାସୀ କହିଛନ୍ତି।

### ଅଟୋରୁ ବୋମା ମିଳିବା ଘଟଣା
### ରିମାଣ୍ଡ ଶେଷ ପରେ ଜେଲ୍ ଗଲେ ଜଗା

**ଭୁବନେଶ୍ୱର, ୨୩।୭(ବ୍ୟୁରୋ):** ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ କଂଗ୍ରେସ ଭବନ ନିକଟରେ ଗତ ୨୦ ତାରିଖରେ ଏକ ଅଟୋରୁ ୪ଟି ବୋମା ଓ ମାରଣାସ୍ତ୍ର ଜବତ କରାଯାଇଥିଲା। ବୋମା ନେଉଥିବା ବ୍ୟକ୍ତି ଜଗା ରେଡ୍ଡୀ ଏବଂ ସେ ଜଣେ କୁଖ୍ୟାତ ଅପରାଧୀ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। ତାଙ୍କୁ ଗିରଫ କରାଯାଇଥିଲା। ମଙ୍ଗଳବାର ତାଙ୍କୁ ପଚରାଉଚରା ପାଇଁ ଗୋଟିଏ ଦିନ ରିମାଣ୍ଡରେ ଆଣିଥିଲା ପୋଲିସ। ପଚରାଉଚରା ପରେ ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। ପରେ ତାଙ୍କୁ ପୁଣି ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ପଚରାଉଚରା ବେଳେ ପୋଲିସ ଜାଣିବାକୁ ପାଇଛି ଯେ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିବା ପାଇଁ ଜଗା ଏହି ବୋମାକୁ ନେଉଥିଲେ। ହେଲେ ସମ୍ପୃକ୍ତ ବ୍ୟକ୍ତି ଏ ସମ୍ପର୍କରେ ଆଗୁଆ ସୂଚନା ପାଇ ପୋଲିସକୁ ଜଣାଇ ଦେଇଥିଲେ। ସେହିପରି ଜଗାଙ୍କ ଅପରାଧ ସାମ୍ରାଜ୍ୟ ବିଷୟରେ ମଧ ପୋଲିସକୁ ବହୁ ତଥ୍ୟ ମିଳିଥିବା ଜଣାପଡ଼ିଛି।

■ ବେଆଇନ ଖଣି ପରେ ଏସ୍‌ଟିଏଫ୍ ନଜରରେ କ୍ରଶର

## ୧୨୦ କ୍ରଶରରେ ଚଢ଼ାଉ, ୩୦ରୁ ଊର୍ଦ୍ଧ୍ୱ ସିଲ୍

■ ଅନେକ ମାଲିକଙ୍କୁ ନୋଟିସ
■ ପ୍ରଶାସନକୁ ହାତ କରି ଚାଲିଥିଲା କାରବାର


ଖୋର୍ଦ୍ଧା ଅଞ୍ଚଳରେ ଥିବା ଏକ ବେଆଇନ କ୍ରଶର।


ଏସ୍‌ଟିଏଫ୍ ଅଧିକାରୀମାନେ ଚଢ଼ାଉ କରୁଛନ୍ତି।

**ଖୋର୍ଦ୍ଧା ଅଫିସ/ଭୁବନେଶ୍ୱର, ୨୩।୭(ବ୍ୟୁରୋ)**

ଖୋର୍ଦ୍ଧାରେ ବେଆଇନ ପଥରଖଣିରୁ ପଥର ଚାଲାଣ ଉପରେ ରୋକ ଲଗାଇବା ପରେ ଏବେ ଏସ୍‌ଟିଏଫ୍ ନଜରରେ ଏକାଧିକ କ୍ରଶର। ବିନା ପରିବେଶ ପ୍ରଦୂଷଣ ମଞ୍ଜୁରୀରେ ବେଆଇନ ଭାବେ ଖୋର୍ଦ୍ଧାରେ ଚାଲିଛି ଏକାଧିକ କ୍ରଶର। ମଙ୍ଗଳବାର କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ୍ (ସ୍ପେଶାଲ ଟାସ୍କ ଫୋର୍ସ) ପକ୍ଷରୁ ଖୋର୍ଦ୍ଧାରେ ଥିବା ୧୨୦ରୁ ଊର୍ଦ୍ଧ୍ୱ କ୍ରଶର ଉପରେ ଚଢ଼ାଉ କରାଯାଇଛି। ଖୋର୍ଦ୍ଧାର ବେଗୁନିଆ ତହସିଲ୍ ଅଞ୍ଚଳରେ ଥିବା ୩୦ଟି କ୍ରଶର ବେଆଇନ ଭାବେ ଚାଲୁଥିବାରୁ ସେଗୁଡିକୁ ସିଲ୍ କରି ଦିଆଯାଇଛି। ଏହି ଚଢ଼ାଉରେ ଏସ୍‌ଟିଏଫ୍‌ର ୧୦ଟି ଟିମ୍ ସାମିଲ ଥିଲେ। ଏସ୍‌ଟିଏଫ୍‌କୁ ଜିଲା ପ୍ରଶାସନ ଓ କମିଶନରେଟ ପୋଲିସ ସହଯୋଗ କରିଥିଲେ। ଖୋର୍ଦ୍ଧାର ଶଙ୍ଖାରି, ଦାନ୍ତମୁହାଁ, ଟାଙ୍ଗେଣୀ, ବଡଶୌଳି, କଳିଙ୍ଗ, ହାତିଆ, ଧନିଆ ମୁଣ୍ଡିଆ ଆଦି ସ୍ଥାନରେ ଚଢ଼ାଉ କରାଯାଇଥିଲା। କଳାମୁଗୁନି ପଥର ଖନନ ପାଇଁ ୱାର୍କ ଅର୍ଡର ପାଇବା ପରେ ହ୍ୱାରି ୱାର୍କ ଅର୍ଡରଧାରୀ ୱାଇ ଫର୍ମର ଅପବ୍ୟବହାର ମାଧ୍ୟମରେ କରିଥିବା ଲୁଟର ମଧ୍ୟ ଯାଞ୍ଚ ହୋଇଛି। ଏ ନେଇ ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପି.ଆର ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଚଢ଼ାଉ ସମୟରେ ୬୦ପ୍ରତିଶତ କ୍ରଶର ୟୁନିଟ ବେଆଇନ ଭାବେ ଚାଲୁଥିବା ଏବଂ ମାତ୍ର ୪୦ ପ୍ରତିଶତ ଲାଇସେନ୍ସ ପାଇଥିବା ତଦନ୍ତରୁ ଜଣାପଡ଼ିଛି। କେତେକ ୟୁନିଟ୍‌ରେ ଗଚ୍ଛିତ ଷ୍ଟକ ଓ କାଗଜପତ୍ରରେ ଉଲ୍ଲେଖ ତଥ୍ୟରେ ତାଳମେଳ ନାହିଁ। ତେଣୁ ସେ ନେଇ ମଧ୍ୟ ତଦନ୍ତ କରାଯିବ। ସେହିପରି କ୍ରଶର ୟୁନିଟକୁ କେଉଁଠାରୁ ପଥର ଆସୁଛି ଓ କ୍ରଶର ୟୁନିଟ କାହାକୁ ମାଲ ଯୋଗାଉଛି, ସେସବୁ ବିଷୟରେ ତଦନ୍ତ କରାଯାଉଛି। ଚଢ଼ାଉ ସମୟରେ ଅନେକ କ୍ରଶର ମାଲିକ ଓ କର୍ମଚାରୀ ଉପସ୍ଥିତ ନ ଥିଲେ। ସେହି କ୍ରଶର ଗୁଡିକୁ ସିଲ୍ କରାଯାଇଥିବା ବେଳେ ଅନେକ କ୍ରଶର ଉପରେ ସନ୍ଦେହ ହେଉଥିବାରୁ ମାଲିକମାନଙ୍କୁ ନୋଟିସ କରାଯିବ। ସେମାନେ କାଗଜପତ୍ର ଆଣି ଏସ୍‌ଟିଏଫ୍ ଅଧିକାରୀଙ୍କୁ ଦେଖାଇବେ। ବେଆଇନ ହୋଇଥିଲେ ସିଲ୍ କରାଯିବ ବୋଲି ଏସ୍‌ପି କହିଛନ୍ତି। ଏହାସହ ଗିରଫ ହୋଇଥିବା ସୁଧାଂଶୁ ପରିଡା ଓରଫ ଛୋଟା କିମ୍ବା ତାଙ୍କ ସହଯୋଗୀଙ୍କର ଏହି ବେଆଇନ କ୍ରଶରରେ ସଂପୃକ୍ତି ରହିଛି କି ନାହିଁ ସେନେଇ ମଧ ତଦନ୍ତ କରାଯିବ ବୋଲି ଏସ୍‌ଟିଏଫ୍ ଏସ୍‌ପି କହିଛନ୍ତି।

### ବିନା ପରିବେଶ ମଞ୍ଜୁରୀରେ ଚାଲିଥିଲା

ପରିବେଶ ପ୍ରଦୂଷଣକୁ ଅଣଦେଖା କରି ଖୋର୍ଦ୍ଧା ଜିଲାରେ ଗୋଟିଏ ପରେ ଗୋଟିଏ କ୍ରଶର ବେଆଇନ ଭାବେ ଗଢି ଉଠିଛି। ସରକାରୀ ସ୍ତରରେ ୩୫୬ଟି କ୍ରଶର ପରିବେଶ ମଞ୍ଜୁରୀ ପାଇଥିବାବେଳେ ରାଜନୈତିକ ପ୍ରୋତ୍ସାହନ ଓ ପ୍ରଶାସନିକ ସହଯୋଗରୁ ଜିଲାରେ ୫୪୪ରୁ ଊର୍ଦ୍ଧ୍ୱ ବେଆଇନ କ୍ରଶର ଚାଲିଥିଲା। ଏପରିସ୍ଥଳେ ଅନୁମତି ପ୍ରାପ୍ତ କ୍ରଶରଗୁଡିକ ମଧ୍ୟ ସରକାରୀ ନୀତି ନିୟମକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ବେଆଇନ ଭାବେ ଚାଲିଥିବା କ୍ରଶରଗୁଡ଼ିକ ସ୍ଥାନୀୟ ପ୍ରଶାସନକୁ ହାତଗୁଞ୍ଜା ଦେଇ ଏଭଳି କାରବାର କରୁଥିଲେ। ନୂତନ ସାଇଟିଂ ନିୟମ ଅନୁଯାୟୀ କ୍ରଶର ଗୁଡିକ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥଠାରୁ ଅନ୍ୟୂନ ୨ଶହ ମିଟର ଏବଂ ଗ୍ରାମ ତଥା ଜନବସତିଠାରୁ ୧କିମି ଦୂରରେ ରହିବା କଥା। କିନ୍ତୁ ଏଠାରେ ନିୟମର ଉଲ୍ଲଂଘନ ହୋଇଛି। ଜାତୀୟ ରାଜପଥ, ଗ୍ରାମ ନିକଟ ଓ ଜଙ୍ଗଲ ଜମିରେ କ୍ରଶର ରହିଛି। କ୍ରଶର ୟୁନିଟ ପରିସରରେ ଗଛ ଲଗାଯାଇ ସବୁଜ ବଳୟ ସୃଷ୍ଟି କରାଯିବାର ନିୟମକୁ ମଧ ପାଳନ କରାଯାଉନାହିଁ। କ୍ରଶରରୁ ବାହାରୁଥିବା ପଥରଗୁଣ୍ଡ ଓ ଧୂଳିକଣା ଯେପରି ବାୟୁରେ ମିଶି ନ ପାରିବ ସେଥିପାଇଁ ଜଳସିଞ୍ଚନ କରିବା କଥା। ହେଲେ କୌଣସି କ୍ରଶର ମାଲିକ ପାଣି ସିଞ୍ଚନ କରୁନାହାନ୍ତି। ଫଳରେ ପଥରଗୁଣ୍ଡ ବାୟୁମଣ୍ଡଳରେ ମିଶି ପ୍ରଦୂଷଣ କରୁଛି।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମା’ ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି, ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ। -ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଉଦ୍ଧାର ନାବାଳକ ପରିବାରକୁ ହସ୍ତାନ୍ତର

**ସାଲେପୁର, ୨୩।୭(ଡି.ଏନ.ଏ.):** ସାଲେପୁର ବ୍ଲକ ଅଞ୍ଚଳରୁ ମଙ୍ଗଳବାର ଉଦ୍ଧାର ହୋଇଥିବା ଜଣେ ନାବାଳକଙ୍କୁ ଚାଇଲ୍ଡଲାଇନ୍‌କୁ ହସ୍ତାନ୍ତର କରାଯାଇଛି। ଏହାପରେ ଚାଇଲ୍ଡଲାଇନ୍ ସଦସ୍ୟ ସମ୍ପୃକ୍ତ ନାବାଳକଙ୍କୁ ତାଙ୍କ ମା’ବାପାଙ୍କ ଜିମା ଦେଇଛନ୍ତି। ସୂଚନା ଅନୁସାରେ, ସାଲେପୁରର ଏକ ମଦ୍ରାସାରୁ ନାବାଳକ ଏମ୍.ଜାହେଦ୍ ପଳାଇ ଆସି ମାଛୁଆଟି-ନଇଗୁଆଁ ଛକରେ ବୁଲୁଥିଲେ। ସେଠାକାର ସାମାଜିକ କର୍ମୀ ସାବିତ୍ରୀ ପଣ୍ଡା ତାଙ୍କୁ ଉଦ୍ଧାର କରିଥିଲେ। ପରେ ପଣ୍ଡା ତାଙ୍କଠାରୁ ସବୁକଥା ବୁଝିବା ସହ କଟକ ଚାଇଲ୍ଡଲାଇନ୍ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଖବର ପାଇ ଚାଇଲ୍ଡଲାଇନ୍ ପକ୍ଷରୁ ସୁବାସ ଚନ୍ଦ୍ର ସ୍ୱାଇଁ ତାଙ୍କ ଟିମ୍ ସହ ପହଞ୍ଚି ସମ୍ପୃକ୍ତ ନାବାଳକଙ୍କୁ ନେଇଥିଲେ। ଏହାପରେ ତାଙ୍କ ମା’ବାପାଙ୍କୁ ଡାକି ପୁଅକୁ ହସ୍ତାନ୍ତର କରିଥିବା ଚାଇଲ୍ଡଲାଇନ୍ ସଂଯୋଜକ ନାରାୟଣ ଶୁକ୍ଳା ସୂଚନା ଦେଇଛନ୍ତି। ନାବାଳକଙ୍କ ଘର ପୁରୀ ଜିଲା ପିପିଲି ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି।

### ଭାଜପାର ସଦସ୍ୟତା ଅଭିଯାନ

**ତିଗିରିଆ, ୨୩।୭(ଡି.ଏନ.ଏ.):** ତିଗିରିଆ ବ୍ଲକ ଭାଜପା ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବ୍ଲକ ସଦର ମହକୁମା ପାଞ୍ଚଗାଁ ତଳସାହି ମଠ ମଣ୍ଡପଠାରେ ଦଳର ବିଧାୟକ ପ୍ରାର୍ଥୀ ବ୍ରଜେନ୍ଦ୍ର ରାୟଙ୍କ ନେତୃତ୍ୱରେ ନୂଆପାଟଣା ମଣ୍ଡଳରେ ସଦସ୍ୟତା ଅଭିଯାନ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂଆପାଟଣା ମଣ୍ଡଳର ସଦସ୍ୟତା ପ୍ରମୁଖ ସୁବାସ ଚନ୍ଦ୍ର ସାହୁ, ସହପ୍ରମୁଖ ଚିନ୍ମୟ ମଲ୍ଲିକ, ନୂଆପାଟଣା ମଣ୍ଡଳର ପ୍ରତ୍ୟେକ ଶକ୍ତିକେନ୍ଦ୍ରର ପ୍ରମୁଖ, ସହାପ୍ରମୁଖଙ୍କ ସହିତ ପ୍ରମୋଦ ରାୟ, ପ୍ରମୋଦ ସେଠୀ, ପ୍ରଦୀପ ସାଠୁଆ, ଜଗନ୍ନାଥ ପଣ୍ଡା, ରାଧାମୋହନ ରଣା, ସରୋଜ ସାହୁ, ମୀନକେତନ ରାଉତ, ରୁଦ୍ର ପରିଡ଼ା ଓ ଦେବରାଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବହୁ ସଦସ୍ୟ ଭାଜପାରେ ସାମିଲ ହୋଇଥିଲେ।

### କାର୍ କାଚ ଭାଙ୍ଗି ଚୋରି

**କଟକ ଅଫିସ, ୨୩।୭:** ବାଦାମବାଡ଼ି ଥାନା ଅନ୍ତର୍ଗତ ବଜ୍ରକବାଟି ଛକରୁ ମଙ୍ଗଳବାର ରାତିରେ କେତେଜଣ ଦୁର୍ବୃତ୍ତ ଏକ କାର୍ କାଚ ଭାଙ୍ଗି ଲାପ୍‌ଟପ୍, ମୋବାଇଲ ଫୋନ ଓ କାଗଜପତ୍ର ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ରାତି ପ୍ରାୟ ସାଢେ ୯ଟା ରେ ପ୍ରମୋଦ ପ୍ରତିହାରୀ ବଜ୍ରକବାଟି ରୋଡରେ କାର୍‌କୁ ପାର୍କିଂ କରି ଏକ ଲୁଗା ଦୋକାନକୁ ଯାଇଥିଲେ। ସେଠାରୁ ଫେରି ଦେଖିବାରୁ ତାଙ୍କ କାର୍‌ର ଡାହାଣ ପଟ ଡୋର୍‌ର କାଚ ଭଙ୍ଗାଯାଇଥିବା ସହ ଲାପ୍‌ଟପ୍, ମୋବାଇଲ ଫୋନ ଓ କାଗଜପତ୍ର ନ ଥିଲା। ଖବରପାଇ ପୋଲିସ ପହଞ୍ଚି ପଚରାଉଚରା କରିଥିଲେ ମଧ ଦୁର୍ବୃତ୍ତଙ୍କ ସମ୍ପର୍କରେ ସୂଚନା ପାଇ ନ ଥିବା ଜଣାପଡିଛି।

■ ସରିପାରୁନି ଭୂମରଗଡ଼ି ବିଦ୍ୟୁତ୍ ସବ୍‌ଷ୍ଟେଶନ କାର୍ଯ୍ୟ

# ଅପେକ୍ଷାରେ ବିତିଲାଣି ୪ ବର୍ଷ

**ତିଗିରିଆ, ୨୩।୭(ଡି.ଏନ.ଏ.)**

ତିଗିରିଆ, ବଡ଼ମ୍ବା ଏବଂ ବାଙ୍କୀ ଉତ୍ତର କୁଳାଟର ପ୍ରାୟ ୬ ପଞ୍ଚାୟତକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଣ ଲାଗି ବାଙ୍କୀ ବ୍ଲକ ବାଉଁଶପୁଟ ପଞ୍ଚାୟତ ଅନ୍ତର୍ଗତ ଭୂମରଗଡ଼ିଠାରେ ଏକ ବିଦ୍ୟୁତ୍ ସବଷ୍ଟେସନ ନିର୍ମାଣ ହେଉଛି। ଏହି କାର୍ଯ୍ୟ ଦୀର୍ଘ ୪ବର୍ଷ ତଳୁ ଆରମ୍ଭ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ ସରି ପାରୁନାହିଁ। ଫଳରେ ଏଠାରୁ ନୀରବଚ୍ଛିନ୍ନ ବିଦ୍ୟୁତ୍ ସେବା ପାଇବା ଲାଗି ୪ବର୍ଷ ହେବ ଲୋକେ ଅପେକ୍ଷାରେ ବିତେଇ ସାରିଲେଣି। ହେଲେ କେବେ ସେବା ମିଳିବ ତା’କୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁଇ ବର୍ଷ ତଳୁ କାମ ସରିଲାଣି ଆଉ କିଛି ଦିନ ପରେ ବିଦ୍ୟୁତ୍ ଯୋଗାଣ ହେବ ବୋଲି ବିଭାଗର କେତେଜଣ କର୍ମଚାରୀ କହୁଛନ୍ତି। ହେଲେ ସେ କଥାରେ କୌଣସି ସତ୍ୟତା ନ ଥିବା ଜଣାପଡୁଛି। କାହିଁକି ନା ବିଭାଗୀୟ ଅଧିକାରୀଙ୍କଠାରୁ କୌଣସି ସନ୍ତୋଷ ଜନକ ଉତ୍ତର ମିଳିପାରୁନାହିଁ। ନୂଆ ସବଷ୍ଟେସନରୁ ବିଦ୍ୟୁତ୍ ସେବା ପାଇବା ଲାଗି ଲୋକେ ଚାତକ ପରି ଚାହିଁ ବସିଥିଲେ ମଧ ବର୍ଷ ପରେ ବର୍ଷ ଗଡ଼ି ଚାଲିବା ସମସ୍ତଙ୍କୁ ଚକିତ କରିଛି।

ସୂଚନା ଅନୁସାରେ, ସବ୍‌ଷ୍ଟେଶନର ସମସ୍ତ ଉଚ୍ଚ ଶକ୍ତି ସମ୍ପନ୍ନ ଟ୍ରାନ୍ସଫର୍ମର ଏବଂ



ନିର୍ମାଣାଧୀନ ଭୂମରଗଡ଼ି ବିଦ୍ୟୁତ୍ ସବ୍‌ଷ୍ଟେଶନ।

- **୬ ପଞ୍ଚାୟତକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଣ ଲକ୍ଷ୍ୟ**
- **ବିଭିନ୍ନ ସ୍ଥାନରେ ଖୁଣ୍ଟ ପୋତା ହୋଇ ଥିବାବେଳେ ତାର ଟଣା ଯାଇନାହିଁ**
- **ତିଗିରିଆ ଓ ବାଙ୍କୀର ନିର୍ବାଚିତ ଜନପ୍ରତିନିଧି ଦୃଷ୍ଟି ଦେବାକୁ ଦାବି**

ଏହାର ସମସ୍ତ ଆଭ୍ୟନ୍ତରୀଣ କାର୍ଯ୍ୟ ପ୍ରାୟ ସରିଗଲାଣି। କେବଳ ସବଷ୍ଟେଶନଠାରୁ ଗାଁ ଗହଳିରେ ରହିଥିବା ବିଭିନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ବିଦ୍ୟୁତ୍ ଯୋଗାଣ ଲାଗି ମୁଖ୍ୟ ସଂଯୋଗୀ ସରବରାହୀ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଏପର୍ଯ୍ୟନ୍ତ ତାହା ସରି ପାରିନାହିଁ। ବିଭିନ୍ନ ସ୍ଥାନରେ ଉଚ୍ଚ ବିଦ୍ୟୁତ୍ ଖୁଣ୍ଟ ପୋତା ହୋଇ ରହିଥିବା ବେଳେ ତାର ଟଣା ଯାଇନାହିଁ। ଏପରି ସ୍ଥିତିରେ ତିଗିରିଆ ବ୍ଲକର ଗଦାଧରପୁର, ହାଟମାଳ, ବଡ଼ନାଉପୁଟ ସହିତ ବାଙ୍କୀ ଉତ୍ତର କୁଳାଟର ବାଉଁଶପୁଟ, ବନ୍ଦାଳ ଏବଂ ବଡ଼ମ୍ବା ବ୍ଲକର ମାନପୁର ପଞ୍ଚାୟତର ଜନସାଧାରଣ ବହୁ ପୁରାତନ କାଳରୁ ତିଗିରିଆ ବିଦ୍ୟୁତ୍ ଷ୍ଟକଚରରୁ ବିଦ୍ୟୁତ୍ ସେବା ପାଇ ଆସୁଛନ୍ତି। ତେବେ ସାମାନ୍ୟ ବର୍ଷା ପବନ ହେଲେ କଳିବିରଠାରୁ ସମ୍ପୂର୍ଣ୍ଣ ନଦୀକୂଳକୁ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଦେଖାଦେଉଛି। ଷ୍ଟକଚରଠାରୁ ସମ୍ପୃକ୍ତ ପଞ୍ଚାୟତଗୁଡ଼ିକର ଦୂରତ୍ୱ ଯଥେଷ୍ଟ ଅଧିକ ହେଉଥିବା ବେଳେ ୧୧କେଭି ଏଏଭି ସୁଇଚର ବ୍ୟବସ୍ଥା ମଧ ସୀମିତ କାରଣରୁ ଏଭଳି ସମସ୍ୟା ଦେଖାଯାଉଛି। ଫଳରେ ଉକ୍ତ ପଞ୍ଚାୟତ ଜନସାଧାରଣ ଘଣ୍ଟାଘଣ୍ଟା ଧରି ଦିନ ହେଉ କି ରାତି ବିଦ୍ୟୁତ୍ ସେବାରୁ ବଞ୍ଚିତ ହେଉଛନ୍ତି। ରାତି ଅନ୍ଧାରରେ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ବିଦ୍ୟୁତ୍ କର୍ମଚାରୀ ତାହାକୁ ସଜାଡୁଥିଲେ ମଧ ଦୂରତ୍ୱ କାରଣରୁ ସମସ୍ୟା ଅପରିବର୍ତ୍ତିତ ରହୁଛି। ତେଣୁ ନଦୀକୂଳ ଜନସାଧାରଣ ବନ୍ୟା ବେଳେ କିଭଳି ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପାଇ ପାରିବେ ତାହାକୁ ନଜରରେ ରଖି ଉକ୍ତ ସବଷ୍ଟେସନ ପ୍ରତିଷ୍ଠା ହୋଇଥିଲେ ମଧ ଲୋକଙ୍କ ଦୁଃଖ ଏ ପର୍ଯ୍ୟନ୍ତ ଦୂର ହୋଇ ପାରୁନି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଜନସାଧାରଣ ଦାବି କରିଛନ୍ତି।

ସେହିପରି ତିଗିରିଆ ଓ ବାଙ୍କୀର ନିର୍ବାଚିତ ଜନପ୍ରତିନିଧି ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଘଟଣା ସମ୍ପର୍କରେ ଆଠଗଡ଼ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ସନ୍ତୋଷ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଥିଲେ, ଏହା କେବେ କାର୍ଯ୍ୟକ୍ଷମ ହେବ ତାହା ନେତାମନ୍ତ୍ରୀଙ୍କ ଉପରେ ନିର୍ଭର କରେ। ଆମ ହାତରେ କିଛି ନାହିଁ। କାର୍ଯ୍ୟ ପ୍ରାୟତଃ ସରିଗଲାଣି। କେବଳ ଅଳ୍ପ କେତେ ତାର ଟାଣିବାକୁ ଅଛି। ସେହିପରି କାର୍ଯ୍ୟ କରୁଥିବା ଠିକା ସଂସ୍ଥାର ଅବଧି ମଧ ସରିଗଲାଣି। ଅଜଥାରେ ଜନସାଧାରଣ ଅସୁବିଧା ଭୋଗ କରୁଛନ୍ତି।





ପାରାଲିଗାଲ୍ ସ୍ୱେଚ୍ଛାସେବୀ ତାଲିମ ଶିବିରରେ ଯୋଗଦେଇଥିବା ଅତିଥି।

## ପାରାଲିଗାଲ୍ ସ୍ୱେଚ୍ଛାସେବୀଙ୍କ ତାଲିମ ଶିବିର ଉଦ୍‌ଘାଟିତ

**ବାଙ୍କୀ, ୨୩।୭(ସ୍ୱ.ପ୍ର.)**

ବାଙ୍କୀ ତାଲୁକ ଆଇନ ସେବା କମିଟି ପକ୍ଷରୁ ପାରାଲିଗାଲ୍ ସ୍ୱେଚ୍ଛାସେବୀଙ୍କ ପାଇଁ ଏକ ତାଲିମ୍ ଶିବିର ମଙ୍ଗଳବାର ସ୍ଥାନୀୟ ଓକିଲ ସଂଘ ସଭାଗୃହରେ ଉଦ୍‌ଘାଟିତ ହୋଇଯାଇଛି। ତାଲୁକ ଆଇନ ସେବାକମିଟି ଅଧକ୍ଷ ତଥା ସିନିୟର ଡିଭିଜନ୍ ସିଭିଲଜଜ୍ ଦୀପଙ୍କର ପଟ୍ଟନାୟକ ମୁଖ୍ୟଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରି ଗରିବଙ୍କୁ ଆଇନ ସହାୟତା ଯୋଗାଇଦେବା ଏବଂ ଆଇନକୁ ସମସ୍ତେ ମାନି ଚଳିବା ସମ୍ପର୍କରେ ସମାଜକୁ ବାର୍ତ୍ତା ପ୍ରଦାନ କରିବା ପାଇଁ ଶିବିରାର୍ଥୀଙ୍କୁ ଆହ୍ୱାନ ଦେଇଥିଲେ। ଦୁର୍ବଳ ଲୋକଙ୍କୁ ମାଗଣାରେ ଆଇନ ସହାୟତା ଯୋଗାଇଦେବା ସମ୍ପର୍କରେ ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟ ଓ କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ମାନହାନୀ, ମିଥ୍ୟା, ନିର୍ବାଚନ ସମ୍ପର୍କୀୟ ମକୋଦ୍ଦମାରେ ଆଇନ୍ ସହାୟତା ମିଳିପାରିବ ନାହିଁ। ବଳାତ୍କାର ଘଟଣାର ପୀଡ଼ିତାଙ୍କୁ ୭ଲକ୍ଷଟଙ୍କା ସାହାଯ୍ୟ ମିଳିବା ବ୍ୟବସ୍ଥା ରହିଛି। ଆର୍ଥିକ ଅନଗ୍ରସର ତଥା ଦେଢ଼ଲକ୍ଷଟଙ୍କାରୁ ବାର୍ଷିକ କମ୍ ଆୟ ଥିବା ବ୍ୟକ୍ତିଙ୍କୁ ଆଇନ୍ ସହାୟତା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି ବୋଲି ମତବ୍ୟକ୍ତ କରିବା ସହିତ ଆଦିବାସୀ ହରିଜନମାନଙ୍କୁ ମଧ ମାଗଣାରେ ଆଇନ୍ ସାହାଯ୍ୟ ଯୋଗାଇଦିଆଯିବ ବୋଲି ସିଭିଲଜଜ୍ ପ୍ରକାଶ କରିଥିଲେ। ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଡ.ମମତା ମହାନ୍ତି ସ୍ୱେଚ୍ଛାସେବୀ ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ଆଇନ୍ ସମ୍ପର୍କରେ ସଚେତନ କରାଇବା ସହିତ ସେମାନଙ୍କୁ କିପରି ମାଗଣାରେ ଆଇନ୍ ସହାୟତା ଯୋଗାଇ ଦିଆଯିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ମହାପାତ୍ର, ବାଙ୍କୀ ଓକିଲ ସଂଘ ସମ୍ପାଦକ ବିଶ୍ୱରଞ୍ଜନ ପଣ୍ଡା ଅତିଥିଭାବେ ଯୋଗଦେଇଥିଲେ। ବିଶ୍ୱପ୍ରସାଦ ରଥ, ବିମଳ ବିହାରୀ କର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୪୯ଜଣ ମହିଳା ଓ ପୁରୁଷ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ଏହି ଶିବିର ତିନି ଦିନ ଧରି ଚାଲିବ।

## ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା



ତହସିଲ କାର୍ଯ୍ୟାଳୟ ଆଗରେ ସାଗର ଗ୍ରାମବାସୀ ଧାରଣା ଦେଇଛନ୍ତି।

**ନରସିଂହପୁର, ୨୩।୭(ସ୍ୱ.ପ୍ର.)**

**ପୋଖରୀ ଜଳ ବଣ୍ଟନକୁ ବିରୋଧ**

ନରସିଂହପୁର ତହସିଲ ଅଧୀନ ସାଗର ଗ୍ରାମ ପୋଖରୀରୁ ଜଳ ବଣ୍ଟନକୁ ବିରୋଧ କରି ସାଗର ଗ୍ରାମବାସୀ ମଙ୍ଗଳବାର ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଏପରି କି ଏହି ଘଟଣାର ସମାଧନ ନ ହେବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଓହରିବେ ନାହିଁ ବୋଲି ଚେତବାନୀ ଦେଇଛନ୍ତି। ତହସିଲଦାର ଅନୁପସ୍ଥିତ ଥିବାରୁ ଆନ୍ଦୋଳନକାରୀ ଫେରି ଯାଇଛନ୍ତି। ବୁଧବାର ପୁଣି ଆନ୍ଦୋଳନକାରୀ ଧାରଣା ଦେବେ ବୋଲି କହିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ଗ୍ରାମ ଅଧୀନରେ ଥିବା ଚାମୁଣ୍ଡାପଲ୍ଲୀ ବନ୍ଧ ଉପରେ ସାଗର ଗ୍ରାମର ୨୦ ହଜାର ହେକ୍ଟର ଚାଷଜମି ନିର୍ଭର କରିଥାଏ। ମାତ୍ର ଉକ୍ତ ବନ୍ଧରୁ ପାଞ୍ଚଗୋଛିଆ ମୌଜାର ଚାଷୀମାନେ ପାଣି ନେବା ପାଇଁ ବନ୍ଧ ହୁଡ଼ାକୁ ହାଣି ଦେଇଛନ୍ତି। ତହସିଲଦାର ପୋଲିସ ଫୋର୍ସ ପଠାଇ ବନ୍ଧ ହାଣିଛନ୍ତି। ତେଣୁ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମ ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ସମ୍ପାଦକ ସଦାନନ୍ଦ ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଘଟଣା ସମ୍ପର୍କରେ ତହସିଲଦାର ରାଜକିଶୋର ଜେନାଙ୍କୁ ପଚାରିବାରେ ଉଭୟ ଗ୍ରାମକୁ ଜଳ ବଣ୍ଟନ ପାଇଁ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇ ବନ୍ଧ ହାଣିବା ନିଷ୍ପତ୍ତି ନିଆଯାଇଛି। ସାଗର ଗ୍ରାମବାସୀ ପାଞ୍ଚଗୋଛିଆ ଗ୍ରାମକୁ ଜଳ ଛାଡ଼ିବା ପାଇଁ ରାଜି ହେଉନାହାନ୍ତି। ବୁଧବାର ଏହାର ସମାଧାନ କରାଯିବ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

### ‘ଜନଜାତି, ପାରମ୍ପରିକ ବନବାସୀଙ୍କୁ ଦିଆଯିବ ସ୍ଥାୟୀ ପଟ୍ଟା’

**କଟକ ଅଫିସ, ୨୩।୭**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି)ଙ୍କ ସମ୍ମିଳନୀ କକ୍ଷରେ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। କେନ୍ଦ୍ରାଞ୍ଚଳ ଆୟୁକ୍ତ ଅନୀଲ ସାମଲ ଶିବିରକୁ ଉଦ୍‌ଘାଟନ କରି କହିଥିଲେ, ଜନଜାତି ଏବଂ ଅନ୍ୟ ପାରମ୍ପରିକ ବନବାସୀଙ୍କୁ ଆଇନ ଅନୁଯାୟୀ ସ୍ଥାୟୀ ପଟ୍ଟା ଦିଆଯିବ। ଏହା ହସ୍ତାନ୍ତର କିମ୍ବା ସ୍ଥାନାନ୍ତର ହୋଇପାରିବନାହିଁ। ଯଦି ଜଣେ ବନବାସୀ ଜଙ୍ଗଲ ଜମି ପଟ୍ଟା ପାଇଁ ଆବେଦନ କରୁଛନ୍ତି, ସେତେବେଳେ ତାଙ୍କର ଦାବିକୁ ଖାମଖିଆଲି ଭାବେ ଖାରଜ ନ କରି ପ୍ରକୃତ ଅଧିକାରକୁ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ଓ ତହସିଲଦାରଙ୍କୁ ଏ ଦିଗରେ ଦିଗଦର୍ଶନ ପ୍ରଦାନ କରିବା ପାଇଁ ଗୁରୁତ୍ୱ ଆରୋପ କରିଥିଲେ। ଜଙ୍ଗଲ ଜମିର ପ୍ରକୃତ ଦାବିଦାରଙ୍କ ପଟ୍ଟା ପ୍ରସ୍ତୁତ କରି ତାଙ୍କ ନିକଟରେ ପହଞ୍ଚାଇବା ସହିତ ସରକାରଙ୍କ ଆଦେଶ ଅନୁଯାୟୀ ଶୀଘ୍ର ଏ ସମ୍ବନ୍ଧରେ ନକ୍ସା ସଂଶୋଧନ ଓ ଜଙ୍ଗଲ ଜମି ଚିହ୍ନଟ କରି ଉଭୟ ବାସିନ୍ଦାମାନଙ୍କୁ ପ୍ରଦାନ କରିବାକୁ ଆଲୋଚନା ହୋଇଥିଲା। ଶିବିରରେ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ସଚିବ ଅଭୟ ନାୟକ, ଏନ୍‌ଆଇସିର ବରିଷ୍ଠ ଟେକ୍ନିକାଲ ନିର୍ଦ୍ଦେଶକ ପବିତ୍ର ନନ୍ଦ ପଟ୍ଟନାୟକ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସ୍ୱତନ୍ତ୍ର ଅଧିକାରୀ ରାଜକିଶୋର ଦାସ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

■ ସଫେଇ ହେଉନି କେନାଲ

## ଚାଷୀ ମହଲରେ ଅସନ୍ତୋଷ

**ସାଲେପୁର, ୨୩।୭(ଡି.ଏନ.ଏ.)**

ସାଲେପୁର ବ୍ଲକ୍‌ର ବାରବୋଡ଼ିଆ ଜଳସମ୍ପଦ ସେକ୍ସନ ଅଧୀନରେ ଥିବା କେନ୍ଦ୍ରାପଡ଼ା କେନାଲ୍‌ର ୪ନମ୍ବର ଶାଖା କେନାଲଗୁଡ଼ିକ ସଫେଇ କରାଯାଉନି। ଫଳରେ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ୱଳ୍ପ ବର୍ଷା ଯୋଗୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାବେଳେ କେନାଲ୍ ସଫାଇ କରାଯାଉ ନ ଥିବାରୁ କେନାଲ୍‌ରେ ପାଣି ଆସିଲେ ଜମିରେ କିଭଳି ମାଡ଼ିବ ସେ ନେଇ ଚାଷୀ ପ୍ରଶ୍ନ କରିଛନ୍ତି। ସେହିପରି ଥ୍ରୀ ହାଫ୍ କେନାଲ୍ ମଧ ସଫେଇ ହୋଇନାହିଁ। ଏ ସମ୍ପର୍କରେ ଚାଷୀ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ଜଣାଯାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ କେନାଲ୍ ସଫେଇ କରାଯିବାକୁ ତେନ୍ତୋଳ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ହରେକୃଷ୍ଣ ବେହେରାଙ୍କ ସମେତ ବହୁ ଚାଷୀ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଘଟଣା ସମ୍ପର୍କରେ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଅଜୟ ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, କେନାଲ୍ ସଫେଇ କାର୍ଯ୍ୟ କରାଯାଇଛି। ବର୍ତ୍ତମାନ କେନାଲ୍‌ରେ ଚାଷୀଙ୍କୁ ପାଣି ଯୋଗାଇ ଦିଆଯାଇଛି। କେତେକ ଶାଖା କେନାଲ୍ କାମ ବାକିଥିଲା। ତାହା ଏବେ ଯୁଦ୍ଧକାଳୀନ ଭିତ୍ତିରେ କରାଯାଉଛି। କୌଣସି ଅସୁବିଧା ନାହିଁ।



ସଫେଇ ହୋଇ ନ ଥିବା କେନାଲ।

## ‘ଦାଶରଥୀ ଥିଲେ ଉଚ୍ଚକୋଟୀର ଶିଶୁ ସାହିତ୍ୟିକ’

**ଲଳିତଗିରି, ୨୩।୭(ସ୍ୱ.ପ୍ର.)**

ବାଲିଚନ୍ଦ୍ରପୁରସ୍ଥିତ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ‘ମାହାଙ୍ଗା-ବଡ଼ଚଣା ସାହିତ୍ୟ ଓ ସଂସ୍କୃତି ପରିଷଦ’ପକ୍ଷରୁ ଆଦର୍ଶ ଶିକ୍ଷକ ତଥା ଶିଶୁ ସାହିତ୍ୟିକ ଦାଶରଥୀ ସାହୁଙ୍କ ୭ମ ସ୍ମୃତି ଉତ୍ସବ ମଙ୍ଗଳବାର ପରିଷଦ ସଭାପତି ଭକ୍ତଚରଣ ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ପଣସପୁର ଉନ୍ନିତ ମଧ ଇଂଲିଶ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜକିଶୋର ଜେନା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ମାହାଙ୍ଗା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ମଦନମୋହନ ମଲ୍ଲ, ମୁଖ୍ୟବକ୍ତା ନାଟ୍ୟକାର ଭାବଗ୍ରାହୀ ଦାଶ ଓ ସମ୍ମାନିତ ଅତିଥି ସାହିତ୍ୟିକ ଡ. ଭାଗ୍ୟଧର ସାହୁ, ବଡ଼ଚଣା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବିଜୟ ନାୟକ ଓ ଦ୍ୱିତୀୟଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ସମ୍ପାଦକ ଗୌତମ ଜେନା ଯୋଗଦେଇ ସାହୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେ ଜଣେ ଉଚ୍ଚକୋଟୀର ଶିଶୁ ସାହିତ୍ୟିକ ଓ ଆଦର୍ଶ ଶିକ୍ଷକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ସାହୁଙ୍କ ‘ଦାଶରଥୀ ସାହୁ ଆଦର୍ଶ ଶିକ୍ଷକ ସମ୍ମାନ’, ହେମଲତା ସିଂହଙ୍କୁ ‘ଦାଶରଥୀ ସାହୁ ଶିଶୁ ସାହିତ୍ୟ ସମ୍ମାନ’, ଦୁଇ ବ୍ଲକର ପୂର୍ବ ସିଆରସିସି ପୁରୁଷୋତ୍ତମ ସେଠୀ ଓ ପ୍ରମୋଦ ଦାସଙ୍କୁ ‘ସାଧନଶ୍ରୀ ସମ୍ମାନ’ପ୍ରଦାନ କରାଯାଇଥିଲା। ସେହିପରି ବିଦ୍ୟାଳୟ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମାହାଙ୍ଗାର ଗୋକନ ନୋଡାଲ ଉପ୍ରା ବିଦ୍ୟାଳୟ ଓ ବଡ଼ଚଣାର କଳାଶ୍ରୀ-ଗୋପାଳପୁର ନୋଡାଲ ଉପ୍ରା ବିଦ୍ୟାଳୟକୁ ‘ଦାଶରଥୀ ସାହୁ ପରିବେଶ ସମ୍ମାନ’ପ୍ରଦାନ କରାଯାଇଥିଲା। ଉଭୟ ସ୍କୁଲର ପ୍ରଧାନଶିକ୍ଷକ ଅଜୟ ନାୟକ ଓ ହୃଷୀକେଶ ରାୟ ସମ୍ମାନ ଗ୍ରହଣ କରିଥିଲେ। ଅନୁଷ୍ଠାନ ଉପସଭାପତି ରୁଦ୍ରପ୍ରସନ୍ନ ସାମଲ ସ୍ୱାଗତ ଭାଷଣ ଦେଇଥିଲେ। ଖବରଦାତା ଏକାଦଶୀ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବେତାର କଣ୍ଠ ଶିଳ୍ପୀ ଅଜୟ ଜେନା ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। କବି ଗୌରବ କୁଳମଣି ସାମଲ ଓ କବି ଘନଶ୍ୟାମ ବିଶ୍ୱାଳ ସ୍ୱରଚିତ କବିତା ପାଠ କରିଥିଲେ। ରମେଶ ଚନ୍ଦ୍ର ପୃଷ୍ଟି ଧନ୍ୟବାଦ ଦେଇଥିଲେ।



ସ୍ମୃତି ଉତ୍ସବ ଅବସରରେ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

■ କାଠ ମାଫିଆଙ୍କୁ ଜଗୁଛନ୍ତି ଗ୍ରାମବାସୀ

# ଅସୁରକ୍ଷିତ ନିମ୍ବ, ଚନ୍ଦନ ବୃକ୍ଷ

**ମାହାଙ୍ଗା, ୨୩।୭(ସ୍ୱ.ପ୍ର.)**

ନିମ୍ବ, ଚନ୍ଦନ, ଫାଶୀ, ସୁନାଦୀ ଆଦି ବିଭିନ୍ନ ପ୍ରଜାତିର ବୃକ୍ଷକୁ ନେଇ ମାହାଙ୍ଗା ବ୍ଲକ ସାହାପୁର ପଞ୍ଚାୟତ ବାଲିପଡ଼ିଆ ଗ୍ରାମରେ ପ୍ରାକୃତିକଭାବେ ସୃଷ୍ଟି ହୋଇଛି ଜଙ୍ଗଲ। ଏଠାରେ କିଛି ବର୍ଷ ତଳେ ମାଫିଆ ସକ୍ରିୟ ହୋଇ ଚନ୍ଦନ, ନିମ୍ବ ଆଦି ବୃକ୍ଷକୁ କାଟି ନେଇଥିଲେ। ଏହାକୁ ଏବେ ସୁରକ୍ଷା ଦେବାପାଇଁ ଗ୍ରାମବାସୀ ଜଗି ରହିଛନ୍ତି। ତେଣୁ ଅଧିକ ସୁରକ୍ଷା ଓ ବ୍ୟାପକ ଜଙ୍ଗଲ ସୃଷ୍ଟି ପାଇଁ ବନ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ପ୍ରକାଶ ଯେ, ବାଲିପଡିଆ ଗ୍ରାମର ବିରୂପା ନଦୀ ବାମ ପାର୍ଶ୍ୱରେ ଥିବା ପ୍ରାୟ ୧୦ ଏକରରୁ ଉର୍ଦ୍ଧ୍ୱ ସ୍ଥାନରେ ଉପରୋକ୍ତ ଗଛମାନ ସୃଷ୍ଟି ହୋଇଛି। ବିଶେଷ କରି ୧୯୯୯ ମସିହା ପରଠାରୁ ଏଠାରେ ଅଧିକ ଜଙ୍ଗଲ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ବଡ଼ବଡ଼ ଚନ୍ଦନ, ନିମ୍ବ ଗଛକୁ ମାଫିଆ ଚୋରି କରି ନେଇଥିବାବେଳେ ବାକି ସବୁ ଗଛକୁ ଗ୍ରାମର କେତେଜଣ ବରିଷ୍ଠ ନାଗରିକଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଗ୍ରାମର ସମସ୍ତ ଜନସାଧାରଣ ସହଯୋଗର ହାତ ବଢାଇଛନ୍ତି। ଫଳରେ ଏହି ଜଙ୍ଗଲ ପରିସରରେ ଏକ ହନୁମାନ ମନ୍ଦିର ପ୍ରତିଷ୍ଠା କରାଯିବା ସହ ସେଠାରେ ଥିବା ବହୁ ପୁରାତନ ହୁଙ୍କା ଉପରେ ବଳଭଦ୍ରଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରାଯାଇଛି। ଚନ୍ଦନ ବୃକ୍ଷ ଉପରେ କାଠ ମାଫିଆଙ୍କ ଲୋଲୁପ ଦୃଷ୍ଟି ରହିଛି। ଏଣୁ ଏହାର ସୁରକ୍ଷା ସହ ଅଞ୍ଚଳରେ ଅଧିକ ବନାନୀ ସୃଷ୍ଟି ପାଇଁ ଗ୍ରାମର କାମିନୀକାନ୍ତ ମହାନ୍ତି, ଶଶିଭୂଷଣ ମହାନ୍ତି, ପ୍ରକାଶ ମହାନ୍ତି, ଅକ୍ଷୟ ପରିଡା, ପ୍ରଶାନ୍ତ ମହାନ୍ତି ପ୍ରମୁଖ ଦାବି କରିଛନ୍ତି। ସେହିପରି ବହୁ ବ୍ୟକ୍ତିବିଶେଷ ଜଙ୍ଗଲର ଅଭିବୃଦ୍ଧି ପାଇଁ ନିଜ ଉଦ୍ୟମରେ ବିଭିନ୍ନ ଚାରାରୋପଣ କରୁଛନ୍ତି। ଯଦି ବନବିଭାଗ ସହଯୋଗ ମିଳେ ତେବେ ଏହାର ସଂଖ୍ୟା ବୃଦ୍ଧିପାଇବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କଟକ ବନ ଅଧିକାରୀ ଏସଏନଟି ରେହେମାନଙ୍କୁ ପଚାରିବାରୁ ସେ କହିଥିଲେ, ଏହି ଜଙ୍ଗଲ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ନିକଟରୁ ପଚାରି ବୁଝିବି। ପରେ କିଭଳି ଏହାର ସୁରକ୍ଷା ଓ ବିକାଶ କରାଯାଇପାରିବ ସେ ଦିଗରେ ପଦକ୍ଷେପ ନିଆଯିବ।



ବାଲିପଡ଼ିଆ ଗ୍ରାମରେ ଥିବା ଜଙ୍ଗଲ।

- **ଜଙ୍ଗଲ ବିଭାଗ ଦୃଷ୍ଟି ଦେବାକୁ ଦାବି**
- **ବାଲିପଡ଼ିଆ ଗ୍ରାମରେ ସୃଷ୍ଟି ହୋଇଛି ଜଙ୍ଗଲ**



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### କାର୍ କାଚ ଭାଙ୍ଗି ଚୋରି

**କଟକ ଅଫିସ,୨୩।୭:** ବାଦାମବାଡ଼ି ଥାନା ଅନ୍ତର୍ଗତ ବକ୍ସିବଜାରକୁ ଛକରୁ ମଙ୍ଗଳବାର ରାତିରେ କେତେଜଣ ଦୁର୍ବୃତ୍ତ ଏକ କାର୍ କାଚ ଭାଙ୍ଗି ଲାପ୍‌ଟପ୍, ମୋବାଇଲ ଫୋନ ଓ କାଗଜପତ୍ର ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ରାତି ପ୍ରାୟ ସାଢ଼େ ୯ଟା ରେ ପ୍ରମୋଦ ପ୍ରତିହାରୀ ବକ୍ସିବଜାର ରୋଡରେ କାର୍‌କୁ ପାର୍କିଂ କରି ଏକ ଲୁଗା ଦୋକାନକୁ ଯାଇଥିଲେ। ସେଠାରୁ ଫେରି ଦେଖିବାରୁ ତାଙ୍କ କାର୍‌ର ଡାହାଣ ପଟ ଡୋର୍‌ର କାଚ ଭଙ୍ଗାଯାଇଥିବା ସହ ଲାପ୍‌ଟପ୍, ମୋବାଇଲ ଫୋନ ଓ କାଗଜପତ୍ର ନ ଥିଲା। ଖବରପାଇ ପୋଲିସ ପହଞ୍ଚି ପଚରାଉଚରା କରିଥିଲେ ମଧ ଦୁର୍ବୃତ୍ତଙ୍କ ସମ୍ପର୍କରେ ସୂଚନା ପାଇ ନ ଥିବା ଜଣାପଡିଛି।

### ଶିଶୁ ଅଧିକାର, ଆଇନ୍ ସଚେତନତା ଶିବିର

**କଟକ ଅଫିସ,୨୩।୭:** ବଚପନ ବଚାଓ ଆନ୍ଦୋଳନ ଆନୁକୂଲ୍ୟରେ ଆଗ୍ରାହାଟ ହାଇସ୍କୁଲଠାରେ ରବିବାର ଏକ ଶିଶୁ ଅଧିକାର ଓ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବଚପନ ବାଚାଓ ଅନ୍ଦୋଳନର ସଂଯୋଜକ ସତ୍ୟନାରାୟଣ ବିଶ୍ୱାଳ ଯୋଗଦେଇ ଶିଶୁମାନଙ୍କ ଉପରେ ହେଉଥିବା ନିର୍ଯାତନାକୁ ବିରୋଧ ତଥା ପୋଲିସ ପ୍ରଶାସନର ଦୃଷ୍ଟିକୁ ଆଣିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଶିଶୁ ମଙ୍ଗଳ କମିଟିର ସଦସ୍ୟ ଶ୍ରୀକାନ୍ତ ମହାନ୍ତି ଯୋଗଦେଇ କହିଥିଲେ ଯେ, ଆର୍ଥିକ ଅନଟନ ଯୋଗୁ କୌଣସି ଛାତ୍ରୀଛାତ୍ରଙ୍କ ଶିକ୍ଷା ବାଧାପ୍ରାପ୍ତ ହେଲେ ଶିଶୁ ମଙ୍ଗଳ କମିଟି ମାଧମରେ ସରକାରଙ୍କଠାରୁ ସ୍ପନସରସିପ ଯୋଜନାରେ ଆର୍ଥିକ ସାହାଯ୍ୟ ଯୋଗାଇଦିଆଯିବ। ଅନ୍ୟମାନଙ୍କ ମଧରେ ସାମାଜିକକର୍ମୀ ମାନସ ବିଶ୍ୱାଳ, ମମତା ବିଶ୍ୱାଳଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ମହାନଗର ନାଗରିକ ମହାସଭା ପକ୍ଷରୁ ଚାରା ରୋପଣ



**କଟକ ଅଫିସ,୨୩।୭:** କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ଦେଉଳ ସାହିସ୍ଥିତ ରଘୁନାଥଜୀଉ ବିଦ୍ୟାପୀଠ ପରିସରରେ ମଙ୍ଗଳବାର ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ କ୍ଷୟ ଯୋଗୁ ତାପମାତ୍ରାରେ ଅସ୍ୱାଭାବିକ ପରିବର୍ତ୍ତନ ଘଟୁଛି। ଜଙ୍ଗଲ ସମ୍ପଦର ସୁରକ୍ଷା ସହିତ ବ୍ୟାପକ ଚାରା ରୋପଣ କରାଯିବା ଦରକାର ବୋଲି କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାସଭାର ସଭାପତି ଡା. ରବିରଞ୍ଜନ ସାହୁ, ନରସିଂହ ମହାପାତ୍ର, ଅରୁଣା ସାମନ୍ତରାୟ, ବିଦ୍ୟୁତ୍ ଲାଲା ସଂଯୁକ୍ତା ମହାନ୍ତିଙ୍କ ସମେତ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଉଦ୍ଧାର ନାବାଳକ ପରିବାରକୁ ହସ୍ତାନ୍ତର

**ସାଲେପୁର,୨୩।୭(ଡି.ଏନ.ଏ.)-** ସାଲେପୁର ବ୍ଲକ ଅଞ୍ଚଳରୁ ମଙ୍ଗଳବାର ଉଦ୍ଧାର ହୋଇଥିବା ଜଣେ ନାବାଳକଙ୍କୁ ଚାଇଲ୍ଡଲାଇନ୍‌କୁ ହସ୍ତାନ୍ତର କରାଯାଇଛି। ଏହାପରେ ଚାଇଲ୍ଡଲାଇନ୍ ସଦସ୍ୟ ସମ୍ପୃକ୍ତ ନାବାଳକଙ୍କୁ ତାଙ୍କ ମା'ବାପାଙ୍କ ଜିମା ଦେଇଛନ୍ତି। ସୂଚନା ଅନୁସାରେ, ସାଲେପୁରର ଏକ ମଦ୍ରାସାରୁ ନାବାଳକ ଏମ୍.ଜାହେଦ୍ ପଳାଇ ଆସି ମାଛୁଆତି-ନଇଗୁଆଁ ଛକରେ ବୁଲୁଥିଲେ। ସେଠାକାର ସାମାଜିକ କର୍ମୀ ସାବିତ୍ରୀ ପଣ୍ଡା ତାଙ୍କୁ ଉଦ୍ଧାର କରିଥିଲେ। ପରେ ପଣ୍ଡା ତାଙ୍କଠାରୁ ସବୁକଥା ବୁଝିବା ସହ କଟକ ଚାଇଲ୍ଡଲାଇନ୍ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଖବର ପାଇ ଚାଇଲ୍ଡଲାଇନ୍ ପକ୍ଷରୁ ସୁବାସ ଚନ୍ଦ୍ର ସ୍ୱାଇଁ ତାଙ୍କ ଟିମ୍ ସହ ପହଞ୍ଚି ସମ୍ପୃକ୍ତ ନାବାଳକଙ୍କୁ ନେଇଥିଲେ। ଏହାପରେ ତାଙ୍କ ମା'ବାପାଙ୍କୁ ଡାକି ପୁଅକୁ ହସ୍ତାନ୍ତର କରିଥିବା ଚାଇଲ୍ଡଲାଇନ୍ ସଂଯୋଜକ ନାରାୟଣ ଶୁକ୍ଳା ସୂଚନା ଦେଇଛନ୍ତି। ନାବାଳକଙ୍କ ଘର ପୁରୀ ଜିଲା ପିପିଲି ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି।

■ କାଠମାଫିଆଙ୍କୁ ଜଗୁଛନ୍ତି ଗ୍ରାମବାସୀ

# ଅସୁରକ୍ଷିତ ନିମ୍ବ, ଚନ୍ଦନ ବୃକ୍ଷ

**ମାହାଙ୍ଗା, ୨୩।୭(ସ୍ୱ.ପ୍ର.)**

■ ଜଙ୍ଗଲ ବିଭାଗ ଦୃଷ୍ଟି ଦେବାକୁ ଦାବି

■ ବାଲିପଡ଼ିଆ ଗ୍ରାମରେ ସୃଷ୍ଟି ହୋଇଛି ଜଙ୍ଗଲ

ନିମ୍ବ, ଚନ୍ଦନ, ଫାଶୀ, ସୁନାଦୀ ଆଦି ବିଭିନ୍ନ ପ୍ରଜାତିର ବୃକ୍ଷକୁ ନେଇ ମାହାଙ୍ଗା ବ୍ଲକ ସାହାପୁର ପଞ୍ଚାୟତ ବାଲିପଡ଼ିଆ ଗ୍ରାମରେ ପ୍ରାକୃତିକଭାବେ ସୃଷ୍ଟି ହୋଇଛି ଜଙ୍ଗଲ। ଏଠାରେ କିଛିବର୍ଷ ତଳେ ମାଫିଆ ସକ୍ରିୟ ହୋଇ ଚନ୍ଦନ, ନିମ୍ବ ଆଦି ବୃକ୍ଷକୁ କାଟି ନେଇଥିଲେ। ଏହାକୁ ଏବେ ସୁରକ୍ଷା ଦେବାପାଇଁ ଗ୍ରାମବାସୀ ଜଗି ରହିଛନ୍ତି। ତେଣୁ ଅଧିକ ସୁରକ୍ଷା ଓ ବ୍ୟାପକ ଜଙ୍ଗଲ ସୃଷ୍ଟି ପାଇଁ ବନ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ପ୍ରକାଶ ଯେ, ବାଲିପଡିଆ ଗ୍ରାମର ବିରୂପା ନଦୀ ବାମ ପାର୍ଶ୍ୱରେ ଥିବା ପ୍ରାୟ ୧୦ ଏକରରୁ ଊର୍ଦ୍ଧ୍ୱ ସ୍ଥାନରେ ଉପରୋକ୍ତ ଗଛମାନ ସୃଷ୍ଟି ହୋଇଛି। ବିଶେଷ କରି ୧୯୯୯ ମସିହା ପରଠାରୁ ଏଠାରେ ଅଧିକ ଜଙ୍ଗଲ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ବଡ଼ବଡ଼ ଚନ୍ଦନ, ନିମ୍ବ ଗଛକୁ ମାଫିଆ ଚୋରି କରି ନେଇଥିବାବେଳେ ବାକି ସବୁ ଗଛକୁ ଗ୍ରାମର କେତେଜଣ ବରିଷ୍ଠ ନାଗରିକଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଗ୍ରାମର ସମସ୍ତ ଜନସାଧାରଣ ସହଯୋଗର ହାତ ବଢ଼ାଇଛନ୍ତି। ଫଳରେ ଏହି ଜଙ୍ଗଲ ପରିସରରେ ଏକ ହନୁମାନ ମନ୍ଦିର ପ୍ରତିଷ୍ଠା କରାଯିବା ସହ ସେଠାରେ ଥିବା ବହୁ ପୁରାତନ ହୁଙ୍କା ଉପରେ ବଳଭଦ୍ରଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରାଯାଇଛି। ଚନ୍ଦନ ବୃକ୍ଷ ଉପରେ କାଠ ମାଫିଆଙ୍କ ଲୋଲୁପ ଦୃଷ୍ଟି ରହିଛି। ଏଣୁ ଏହାର ସୁରକ୍ଷା ସହ ଅଞ୍ଚଳରେ ଅଧିକ ବନାନୀ ସୃଷ୍ଟି ପାଇଁ ଗ୍ରାମର କାମିନୀକାନ୍ତ ମହାନ୍ତି, ଶଶିଭୂଷଣ ମହାନ୍ତି, ପ୍ରକାଶ ମହାନ୍ତି, ଅକ୍ଷୟ ପରିଡା, ପ୍ରଶାନ୍ତ ମହାନ୍ତି ପ୍ରମୁଖ ଦାବି କରିଛନ୍ତି। ସେହିପରି ବହୁ ବ୍ୟକ୍ତିବିଶେଷ ଜଙ୍ଗଲର ଅଭିବୃଦ୍ଧି ପାଇଁ ନିଜ ଉଦ୍ୟମରେ ବିଭିନ୍ନ ଚାରାରୋପଣ କରୁଛନ୍ତି। ଯଦି ବନବିଭାଗ ସହଯୋଗ ମିଳେ ତେବେ ଏହାର ସଂଖ୍ୟା ବୃଦ୍ଧିପାଇବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କଟକ ବନ ଅଧିକାରୀ ଏସଏନଟି ରେହେମାନଙ୍କୁ ପଚାରିବାରୁ ସେ କହିଥିଲେ, ଏହି ଜଙ୍ଗଲ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ନିକଟରୁ ପଚାରି ବୁଝିବି। ପରେ କିଭଳି ଏହାର ସୁରକ୍ଷା ଓ ବିକାଶ କରାଯାଇପାରିବ ସେ ଦିଗରେ ପଦକ୍ଷେପ ନିଆଯିବ।





କଟକ ଟାଉନ ହଲ ଠାରେ ମଙ୍ଗଳବାର ଓଡ଼ିଶା ପ୍ରତିଭା ପୁଜା ସଂସଦ ପକ୍ଷରୁ ଅନୁଷ୍ଠିତ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ଜୟନ୍ତୀ ଅବସରରେ ଯୋଗଦେଇଥିବା ଅତିଥିବୃନ୍ଦ।

## ସ୍ୱଳ୍ପ, ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ସହାୟତା



ଜିଲାପାଳ ଜଣେ ଛାତ୍ରୀଙ୍କୁ ଉପକରଣ ପ୍ରଦାନ କରୁଛନ୍ତି।

**କଟକ ଅଫିସ, ୨୩।୭**

କଟକ ଜିଲା ଶିକ୍ଷା ଆନୁକୂଲ୍ୟରେ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଚୟନୀ କହିଛନ୍ତି ଯେ, କୌଣସି ଭିନ୍ନକ୍ଷମ ଛାତ୍ରୀଛାତ୍ର ନିଜକୁ ଦୁର୍ବଳ ନ ଭାବି ସଦାସର୍ବଦା ନିଜକୁ ସୁଦୃଢ଼ ବୋଲି ପ୍ରତିପାଦନ କରିବା ଆବଶ୍ୟକ। ଏହି ଅବସରରେ ଜିଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନରତ ୩୦ଜଣ ସ୍ୱଳ୍ପ ଓ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ଏଥିରେ ୨୭ଜଣଙ୍କୁ ମୋବାଇଲ, ଜଣଙ୍କୁ ଡେଜି ପ୍ଲେୟାର, ଜଣଙ୍କୁ ଟାବ୍‌ଲେଟ୍ ଓ ଜଣଙ୍କୁ ବ୍ରେଲି କିଟ୍ ବଣ୍ଟନ କରାଯାଇଥିଲା। ସାଇଟ୍ ସେଭର ପକ୍ଷରୁ ଛାତ୍ରୀଛାତ୍ରମାନେ କିପରି ଏହାକୁ ବ୍ୟବହାର କରିପାରିବେ ସେ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଓପେପାର ଉପନିର୍ଦ୍ଦେଶିକା ସୁରେଖା ତରାଇ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ, କଟକ ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତ ଯୋଗଦେଇଥିଲେ।

### ମା' ରମାଦେବୀ ଟ୍ରଷ୍ଟ ପକ୍ଷରୁ ଶ୍ରାଦ୍ଧୋତ୍ସବ

**କଟକ ଅଫିସ, ୨୩।୭**

ଥୋରିଆ ସାହିସ୍ଥିତ ଗୁଣନିଧି ଭବନଠାରେ ମଙ୍ଗଳବାର ମା' ରମାଦେବୀ ଟ୍ରଷ୍ଟ ପକ୍ଷରୁ ରମାଦେବୀଙ୍କ ୩୪ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଡ. ମନୋରମା ମହାପାତ୍ର ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସାମାଜିକର୍ମୀ ବରଦା ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ରମାଦେବୀ ଓଡ଼ିଶାର ସ୍ୱାର୍ଥ ପାଇଁ ନିଜ ଜୀବନକୁ ସର୍ମପିତ କରିଥିଲେ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଡ. ପ୍ରଭାତୀ ମିଶ୍ର ଯୋଗଦେଇ ରମାଦେବୀଙ୍କ ସହନଶୀଳତା, ମାନବିକତା ଓ ପରୋପକାରିତା ଆଦି ଗୁଣଗୁଡିକ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ଅଧାପିକା ମିରା ବେଉରା, ନମିତା ପଣ୍ଡା, ଡ. ପ୍ରଭାବତୀ ପଣ୍ଡା, ମିନାକ୍ଷୀ ପଣ୍ଡାଙ୍କ ସମେତ ଟ୍ରଷ୍ଟର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଅଧାପିକା ସୀତା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରାଜାରାଣୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

## 'ଜନଜାତି, ପାରମ୍ପରିକ ବନବାସୀଙ୍କୁ ଦିଆଯିବ ସ୍ଥାୟୀ ପଟ୍ଟା'

**କଟକ ଅଫିସ, ୨୩।୭**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି)ଙ୍କ ସମ୍ମିଳନୀ କକ୍ଷରେ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ସମ୍ବନ୍ଧୀୟ ଏକ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ଆୟୁକ୍ତ ଅନୀଲ କୁମାର ସାମଲ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସାମଲ ନିଜ ବକ୍ତବ୍ୟରେ କହିଥିଲେ, ଅନୁସୂଚିତ ଜନଜାତି ଏବଂ ଅନ୍ୟ ପାରମ୍ପରିକ ବନବାସୀଙ୍କୁ ଏହି ଆଇନ ଅନୁଯାୟୀ ସ୍ଥାୟୀ ପଟ୍ଟା ଯୋଗାଇ ଦିଆଯିବ। ସେହି ଜଙ୍ଗଲ ଜମି ପୁରୁଷାନୁକ୍ରମିକ ହେବ। ଏହା କୌଣସି ମତେ ହସ୍ତାନ୍ତର କିମ୍ବା ସ୍ଥାନାନ୍ତର ହୋଇପାରିବନାହିଁ। ବନବାସୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଉଭୟ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଜଙ୍ଗଲବାସୀଙ୍କୁ ପ୍ରଦାନ କରାଯିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଯଦି ଜଣେ ବନବାସୀ ଜଙ୍ଗଲ ଜମି ପଟ୍ଟା ପାଇଁ ଆବେଦନ କରୁଛନ୍ତି, ସେତେବେଳେ ତାଙ୍କର ଦାବିକୁ ଖାମଖିଆଲି ଭାବେ ଖାରଜ ନ କରି ସେମାନଙ୍କର ପ୍ରକୃତ ଅଧିକାରକୁ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ଓ ତହସିଲଦାରମାନଙ୍କୁ ଏ ଦିଗରେ ଦିଗଦର୍ଶନ ପ୍ରଦାନ କରିବା ପାଇଁ ସେ ଗୁରୁତ୍ୱ ଆରୋପ କରିଥିଲେ। ଜଙ୍ଗଲ ଜମିର ପ୍ରକୃତ ଦାବିଦାରଙ୍କ ପଟ୍ଟା ପ୍ରସ୍ତୁତ କରି ତାଙ୍କ ନିକଟରେ ପହଞ୍ଚାଇବା ସହିତ ସରକାରଙ୍କ ଆଦେଶ ଅନୁଯାୟୀ ଯଥାଶୀଘ୍ର ଏ ସମ୍ବନ୍ଧରେ ନକ୍ସା ସଂଶୋଧନ ଓ ଜଙ୍ଗଲ ଜମି ଚିହ୍ନଟ କରି ଉଭୟ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ବାସିନ୍ଦାମାନଙ୍କୁ ପ୍ରଦାନ କରିବାକୁ ଆଲୋଚନା ହୋଇଛି । ଶିବିରରେ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ସଚିବ ଅଭୟ କୁମାର ନାୟକ, ଏନ୍‌ଆଇସିର ବରିଷ୍ଠ ଟେକ୍ନିକାଲ ନିର୍ଦ୍ଦେଶକ ପବିତ୍ର ନନ୍ଦ ପଟ୍ଟନାୟକ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସ୍ୱତନ୍ତ୍ର ଅଧିକାରୀ ରାଜକିଶୋର ଦାସଙ୍କ ସମେତ ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ ।

### ଟାୱାର ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

**ଚୌଦ୍ୱାର,୨୩।୭(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଆଗ୍ରାହାଟ ଗ୍ରାମରେ ନିର୍ମାଣ ହେବାକୁ ଥିବା ଏକ ମୋବାଇଲ ଟାୱାରକୁ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ସରପଞ୍ଚଙ୍କ ଜରିଆରେ ଏକ ଅଭିଯୋଗ ପତ୍ର କଟକ ଜିଲାପାଳ ଓ ଟାଙ୍ଗି-ଚୌଦ୍ୱାର ବିଡିଓଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗପତ୍ର ଅନୁଯାୟୀ, ଗ୍ରାମର ସୌମ୍ୟ ରଞ୍ଜନ ବରାଳଙ୍କ ପ୍ଲଟ ନଂ. ୨୮୦୧ରେ ଏହି ଟାୱାର ନିର୍ମାଣ କରିବାକୁ କମ୍ପାନୀ ପକ୍ଷରୁ ସ୍ଥାନ ନିରୂପଣ କାର୍ଯ୍ୟ ଶେଷ ହୋଇଛି। ଉକ୍ତ ସ୍ଥାନଟି ଗ୍ରାମର ମଝିରେ ହୋଇଥିବାରୁ ଟାୱାରରୁ ନିର୍ଗତ ହେଉଥିବା ମ୍ୟାଗ୍ନେଟିକ ତରଙ୍ଗରେ ଗ୍ରାମରେ ବସବାସ କରୁଥିବା ଲୋକ ଓ ଛୋଟ ପିଲାଙ୍କ ମସ୍ତିଷ୍କ ଉପରେ ଏହାର କୁପ୍ରଭାବ ପଡିବା ସହିତ ବିଜୁଳି ଓ ଘଡଘଡି ସମୟରେ ବିପଦର ଆଶଙ୍କା ରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଟାୱାରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଦାବି ହେଉଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣିରେ ଗ୍ରାମବାସୀଙ୍କ ପକ୍ଷରୁ ବିଡିଓଙ୍କୁ ଏ ସମ୍ପର୍କରେ ଅଭିଯୋଗ କରାଯାଇଥିଲା।

## ସର୍କିଟ ହାଉସ ପରିସରକୁ ସୌନ୍ଦର୍ଯ୍ୟକରଣ କର: ଜିଲାପାଳ

**କଟକ ଅଫିସ, ୨୩।୭**

ଗୋପଦ ଅଭିଯାନ ମାଧ୍ୟମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ସହରର ବିଭିନ୍ନ ଅଞ୍ଚଳ ବୁଲି ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି। ସହରର ବିଭିନ୍ନ ଅଞ୍ଚଳରେ ଜବରଦଖଲ ସମ୍ପର୍କରେ ଉଚିତ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସର୍କିଟ ହାଉସ ପରିସରରେ ଦୀର୍ଘବର୍ଷ ଧରି ରହିଆସୁଥିବା ଜବରଦଖଲକାରୀଙ୍କୁ ହଟାଯାଇଥିବା ଜଣାପଡିଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ପୂର୍ବାହ୍ନରୁ ପୂର୍ତ୍ତ ବିଭାଗ ପକ୍ଷରୁ ରିଂରୋଡଠାରୁ ସର୍କିଟ ହାଉସ ମଧ୍ୟରେ ଥିବା ରାସ୍ତା ପାର୍ଶ୍ୱରେ ଥିବା ଜବରଦଖଲକାରୀମାନଙ୍କୁ ହଟାଇବା ପାଇଁ ଡ୍ରୋଜର ନିୟୋଜିତ ହୋଇଥିଲା। ରାସ୍ତାର ପ୍ରଶସ୍ତୀକରଣ କରାଯାଇ ସର୍କିଟ ହାଉସର ଚତୁଃପାର୍ଶ୍ୱ ଏବଂ ଆଭ୍ୟନ୍ତରୀଣ ପରିସରକୁ ସୌନ୍ଦର୍ଯ୍ୟକରଣ କରିବା ସହିତ ସିକ୍ୟୁରିଟି ବ୍ୟବସ୍ଥା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱ ଦେବାକୁ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

## କାମରେ ଲାଗିଲାନି ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ

**କଟକ ଅଫିସ, ୨୩।୭**

ଦାରିଦ୍ର୍ୟର ସୀମାରେଖା ତଳେ ଥିବା ବ୍ୟକ୍ତିମାନଙ୍କ ନିମନ୍ତେ ସରକାରୀ ଯୋଜନାରେ ସାମିଲ ଅଛି ବିଜୁ କୃଷକ କଲ୍ୟାଣ ଯୋଜନା। ଏହି ଯୋଜନା ବଳରେ ହିତାଧିକାରୀମାନେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁବିଧା ସୁଯୋଗ ପାଇପାରିବେ। ହେଲେ ଏହି ଯୋଜନାର କାର୍ଡ ହାତରେ ରଖି ମଧ ବଡ଼ମ୍ବା ବ୍ଲକ ଅନ୍ତର୍ଗତ ବାରଙ୍ଗସିଂହା ଅଞ୍ଚଳର ପ୍ରଦୀପ ସାହୁ ମଙ୍ଗଳବାର ହଟହଟା ହୋଇଛନ୍ତି। ଘରୋଇ ମେଡ଼ିକାଲରେ ଭର୍ତ୍ତି କରିଥିବା ନିଜ ସ୍ତ୍ରୀଙ୍କ ଚିକିତ୍ସା ନିମନ୍ତେ ମୋଟା ଅଙ୍କର ଟଙ୍କା ଖର୍ଚ୍ଚ କରିଥିଲେ। ହେଲେ ଏହି କାର୍ଡର ସୁବିଧା ତାଙ୍କୁ ମେଡ଼ିକାଲ ପକ୍ଷରୁ ଦିଆଯାଇ ନ ଥିଲା। ଏ ନେଇ ସେ ମଙ୍ଗଳବାଗ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଥାନା ଆଇଆଇସି ଅମିତାଭ ମହାପାତ୍ରଙ୍କୁ ପଚାରିବାରୁ ସେ ଘଟଣାର ତଦନ୍ତ ଚାଲିଛି ବୋଲି କହିଥିଲେ। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବାଙ୍ଗରସିଂହା ଅଞ୍ଚଳର ପ୍ରଦୀପ ସାହୁ (୪୦) ସ୍ତ୍ରୀ ରଶ୍ମିତା (୩୨)ଙ୍କୁ ଗତ ଶୁକ୍ରବାର ମଙ୍ଗଳାବାଗ ରିଂ ରୋଡସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରଶ୍ମିତାଙ୍କ ପେଟରେ ଯନ୍ତ୍ରଣା ହେଉଥିଲା। ପ୍ରଥମେ ଏସ୍‌ସିବି ମେଡ଼ିକାଲକୁ ଆସିଥିବା ବେଳେ ସେଠାରେ ଠିକ୍ ଭାବେ ତାଙ୍କର ଚିକିତ୍ସା ହୋଇ ନ ଥିଲା ବୋଲି ସ୍ୱାମୀ ପ୍ରଦୀପ କହିଛନ୍ତି। ପରେ ଯନ୍ତ୍ରଣା ନ କମିବାରୁ ରଶ୍ମିତାଙ୍କୁ ଘରୋଇ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପୂର୍ବରୁ ସମସ୍ତ ସୁବିଧା ସୁଯୋଗ ମିଳିବ ବୋଲି ଘରୋଇ ମେଡ଼ିକାଲ ପକ୍ଷରୁ କୁହାଯାଇଥିଲା। ହେଲେ ଚିକିତ୍ସା ଅଧାରୁ କୌଣସି କାର୍ଡ ଏଠାରେ କାମ କରେନି ବୋଲି ମେଡ଼ିକାଲର ଜଣେ ଅଧିକାରୀ କହିବା ପରେ ପ୍ରଦୀପ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ

**କଟକ ଅଫିସ, ୨୩।୭**





ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥିବୃନ୍ଦ।

ଭାରତୀୟ ମଜଦୁର ସଂଘର ୬୫ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ସ୍ଥାନୀୟ ବକ୍ସିବଜାରସ୍ଥିତ ପାଠନିବାସ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗୌରାଙ୍ଗ ଚରଣ ରଥ ସଭାରେ ଅଧକ୍ଷତା କରିଥିବା ବେଳେ ସଂଘର କାର୍ଯ୍ୟକାରୀ ସଭାପତି ସୌଦାମିନୀ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଂଘର ନୀତି ନିୟମ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତାଭାବେ ବସନ୍ତ କୁମାର ସାହୁ ଯୋଗଦେଇ ଭାରତୀୟ ମଜଦୁର ସଂଘର କର୍ମୀମାନେ ଜଣେ ଜଣେ ରାଷ୍ଟ୍ରଭକ୍ତ। ସୈନିକ ସଦୃଶ ସଦାସର୍ବଦା ଶ୍ରମିକମାନଙ୍କର ହିତ ପାଇଁ ଅନ୍ୟାୟ ବିରୋଧରେ ପ୍ରତିବାଦ କରିଥାନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧରେ ଗୀତାରାଣୀ ମହାନ୍ତି, ବୈକୁଣ୍ଠ ବିହାରୀ ନାୟକ, ସୁଧୀର ନାୟକ, ଅଶୋକ ସ୍ୱାଇଁ, ରବିନାରାୟଣ ସାହୁ ପ୍ରମୁଖ ଏହି ସଭାରେ ଉପସ୍ଥିତ ଥିଲେ। ସଂଘର ଜିଲା ଉପସଭାପତି ଜ୍ୟୋତ୍ସ୍ନାରାଣୀ ସିଂହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଭାଗୀରଥି ବେହେରା ଧନ୍ୟବାଦ ଦେଇଥିଲେ।

### ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ ସ୍ମୃତିସଭା

**କଟକ ଅଫିସ,୨୩।୭**

ସମାଜସେବୀ ତଥା ଓଡ଼ିଶା ନାରୀ ସେବା ସଂଘର ପୂର୍ବତନ ସଭାପତି ରେଖା ମହାନ୍ତିଙ୍କ ବିୟୋଗରେ ମଙ୍ଗଳବାର ସ୍ମୃତିସଭା ପାଳିତ ହୋଇଯାଇଛି। ଏଥିରେ ସଂଘର ସଭାନେତ୍ରୀ ମନୋରମା ମହାପାତ୍ର ଅଧକ୍ଷତା କରିଥିଲେ। ସ୍ୱର୍ଗତା ମହାନ୍ତି କେବଳ ଜଣେ ଅଧାପିକା ନ ଥିଲେ ସେ ଜଣେ ସୁସାହିତ୍ୟିକା ଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ନାରୀ ସେବା ସଂଘର ଅପୂରଣୀୟ କ୍ଷତି ଘଟିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୀରା ବେଉରା, ସୁପ୍ରୀତି ଦାସ, କଲ୍ୟାଣୀ ସାହୁ, ସୌଦାମିନୀ ଦାଶ ପ୍ରମୁଖ ଉପସ୍ଥିତ

### କାର୍ଯ୍ୟକାରୀ ହେବ ଗୋଷ୍ଠୀ ଶୌଚାଳୟ

**କଟକ ଅଫିସ,୨୩।୭**

ବାତ୍ୟା ଫନୀରେ କଟକ ମହାନଗର ନିଗମ (ସିଏମ୍‌ସି)ର ୭୨ଟି ଶୌଚାଳୟ ନଷ୍ଟ ହୋଇଯାଇଛି। ଏହି ଶୌଚାଳୟଗୁଡ଼ିକର ପୁନରୁଦ୍ଧାର ପାଇଁ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ନେତୃତ୍ୱରେ ମଙ୍ଗଳବାର ବିଜୁଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶୌଚାଳୟ ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀ ଓ ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ସହରରେ ଥିବା ସମୁଦାୟ ୭୨ ଶୌଚାଳୟ ମଧ୍ୟରୁ ୨୯ଟି ଦେୟଯୁକ୍ତ ଶୌଚାଳୟ ଥିବାବେଳେ ୪୩ଟି ଦେୟମୁକ୍ତ ଶୌଚାଳୟ ରହିଛି। ଏହି ଶୌଚାଳୟଗୁଡ଼ିକରେ କବାଟ ସହିତ ସଫେଇ କାର୍ଯ୍ୟ କରିବା ଓ ପାଣିର ବ୍ୟବସ୍ଥା କରିବାକୁ କୁହାଯାଇଛି। ସମସ୍ତ ଶୌଚାଳୟର ଏକ ବଜେଟ୍ କରାଯାଇ ୧୦ଦିନ ଭିତରେ କାର୍ଯ୍ୟ ସାରିବା ପାଇଁ କମିଶନର ଦାସ ନିର୍ଦ୍ଦେଶ ଦେଇଥିଲେ।

## ମରାମତି ନ ହେବା ପ୍ରତିବାଦରେ ରାସ୍ତାରୋକୋ

**କଟକ ଅଫିସ, ୨୩।୭**



ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

ସ୍ଥାନୀୟ ୨୭ ନଂ ୱାର୍ଡ ନିମସାହି ଅଞ୍ଚଳରେ ଅନେକ ଦିନ ଧରି ରାସ୍ତା ଖୋଳାହୋଇ ପଡ଼ି ରହିଥିବା ଯୋଗୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସ୍କୁଲ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ରାସ୍ତାରେ ପଡ଼ି ଦୁର୍ଘଟଣାର ଶିକାର ହୋଇଛନ୍ତି । ଏ ନେଇ ମଙ୍ଗଳବାର ଅଞ୍ଚଳବାସୀଙ୍କ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। ଘଟଣାସ୍ଥଳରେ ବିଭାଗୀୟ ଅଧିକାରୀମାନେ ପହଞ୍ଚି ତୁରନ୍ତ ସମାଧାନର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

ସେହି ଅଞ୍ଚଳରେ ପାନୀୟଜଳ ଏକ ମୁଖ୍ୟ ସମସ୍ୟା। ଅଞ୍ଚଳବାସୀ ବାରମ୍ବାର ଜନସ୍ୱାସ୍ଥ୍ୟ ବିଭାଗ ନିକଟରେ ଦାବି କରିବା ପରେ ବିଭାଗ ପକ୍ଷରୁ ପାଇପ ବିଛା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ରଥଯାତ୍ରା ପୂର୍ବରୁ ଏହି କାମ ସରିଥିଲେ ମଧ ପାଇପ ବିଛାଇବା ନିମନ୍ତେ ଖୋଳାଯାଇଥିବା ରାସ୍ତା ପୋତାଯାଇ ନ ଥିଲା। ଏ ସଂକ୍ରାନ୍ତରେ ଅଞ୍ଚଳବାସୀ ଜନସ୍ୱାସ୍ଥ୍ୟ ବିଭାଗ ଓ ସିଏମ୍‌ସିକୁ ବାରମ୍ବାର ଅଭିଯୋଗ କରିବା ପରେ ସିଏମ୍‌ସି କମିଶନର ଅନନ୍ୟା ଦାସ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ସମସ୍ୟାର ତୁରନ୍ତ ସମାଧାନ ପାଇଁ କମିଶନର ନିର୍ଦ୍ଦେଶ ଦେଇଥିଲେ ମଧ ବିଭାଗୀୟ ଅଧିକାରୀ ଆଜିପର୍ଯ୍ୟନ୍ତ ମୁକୁଳା ପଡ଼ିଥିବା ଗାତଗୁଡ଼ିକୁ ଭର୍ତ୍ତି କରିନାହାନ୍ତି। ଖୋଲାସାହି, ନିମସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଏହି ଖାଲରେ ପଡ଼ିଯିବାରୁ ଗୋଡ଼ ଭାଙ୍ଗି ଯାଇଥିଲା। ତଥାପି ଏ ଦିଗରେ କେହି ଦୃଷ୍ଟି ଦେଉନାହାନ୍ତି। ରଞ୍ଜିତ କୁମାର ସେନ, ସମୀର କୁମାର ସେନ, ପୂର୍ଣ୍ଣଚନ୍ଦ୍ର ସେଠୀ, ପୂର୍ଣ୍ଣଚନ୍ଦ୍ର ମହାରଣା, ସାଗର ମହାରଣା ପ୍ରମୁଖ ଏହି ଅବରୋଧରେ ସାମିଲ ହୋଇଥିଲେ।



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି, ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ। -ସନ୍ଥ ତୁଳସୀ ଦାସ

## ସଂକ୍ଷେପରେ

### ଗ୍ୟାସ ଡିପୋ ସମ୍ମୁଖରେ ବିକ୍ଷୋଭ



**ଖୋର୍ଦ୍ଧା ଅଫିସ,୨୩।୭:** ଖୋର୍ଦ୍ଧା ଶିଳ୍ପାଞ୍ଚଳର ଭାରତ ଗ୍ୟାସ ଡିପୋ ସମ୍ମୁଖରେ ଠିକା ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇ ବିକ୍ଷୋଭ କରିଥିଲେ। ଛଟେଇ ୭ ଶ୍ରମିକଙ୍କୁ ପୁନଃ ନିଯୁକ୍ତି, ସମାନ କାମକୁ ସମାନ ମଜୁରି, ଇପିଏଫ ଓ ଇଏସ୍‌ଆଇରେ ଅଣଦେଖା ନ କରିବା ପରି ଦାବିପୂରଣ ନେଇ ଏହି ଆନ୍ଦୋଳନ ହୋଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଆନ୍ଦୋଳରତ ଶ୍ରମିକମାନେ କହିଛନ୍ତି। ତେବେ ଘଟଣା ସମ୍ପର୍କରେ ଭାରତ ଗ୍ୟାସ କର୍ତ୍ତୃପକ୍ଷଙ୍କୁ ଭେଟିବାକୁ ସୁଯୋଗ ମିଳି ନ ଥିଲା।

### ଚୋରି ଅଭିଯୋଗରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ଖୋର୍ଦ୍ଧା ଅଫିସ,୨୩।୭:** ଚୋରି ଅଭିଯୋଗରେ ଖୋର୍ଦ୍ଧା ଜିଲାର ବାଣପୁର ଥାନା ପୋଲିସ ବଡହନ୍ତୁଆଡ ଗାଁର ନୌସଦ ମିର୍ଜା(୧୯)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ନୌସଦଙ୍କୁ ବାଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ବାଣପୁର ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପାଖରେ ଥିବା ହାତିମୁଣ୍ଡା ଗାଁର ତାରା ପ୍ରସାଦ ବାରିକଙ୍କ କ୍ୟାବିନରୁ ଗତ ୨୦ ତାରିଖରେ କମ୍ପ୍ୟୁଟର ସମେତ ଉପକରଣ ଚୋରାଇ ନେଇଥିଲେ। ତାରାଙ୍କ ଅଭିଯୋଗ ପରେ ପୋଲିସ ଦଫା ୪୫୭, ୩୮୦ରେ ନଂ. ୨୧୦/୧୯ରେ ମକଦ୍ଦମା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଚୋରି ଘଟଣାରେ ନୌସଦ ଗିରଫ ପରେ ତାଙ୍କଠାରୁ ପେନ ଡ୍ରାଇଭ ୪, ମନିଟର, ସିପିୟୁ, ପରି କମ୍ପ୍ୟୁଟର ଉପକରଣ ଜବତ ହୋଇଛି। ନୌସଦଙ୍କ ନାଁରେ ବାଣପୁର ଥାନାରେ ୩ଟି, ଟାଙ୍ଗୀ ଥାନାରେ ଗୋଟିଏ ଓ ନୟାଗଡ ଜିଲାର ଚାନ୍ଦପୁର ଥାନାରେ ଗୋଟିଏ ମାମଲା ରହିଛି। ସେ ଖୋର୍ଦ୍ଧା ଓ ଗଞ୍ଜାମ ଜିଲାର ବିଭିନ୍ନ ମନ୍ଦିର ଚୋରି ଘଟଣାରେ ସମ୍ପୃକ୍ତ ଥିବା ତଦନ୍ତକାରୀ ଅଫିସର ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି।

### ବୋମା ପକାଇ ହତ୍ୟା ଉଦ୍ୟମରେ ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୨୩।୭:** ବୋମା ପକାଇ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଖୋର୍ଦ୍ଧା ସଦର ଥାନା ପୋଲିସ ଭାତପଡାର କୃଷ୍ଣଚନ୍ଦ୍ର ପାତାଳସିଂ(୩୨)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ପୋଲିସ ନଂ. ୭୫/୧୯ରେ ମାମଲା ରୁଜୁ କରିଥିଲା। କୃଷ୍ଣ ରାଧାକାନ୍ତପୁର ଆମ୍ବଗଛ ମୂଳକୁ ବୋମା ଫୋପାଡିବା ସମୟରେ ଏଥିରେ ଜଣେ ଗୁରୁତର ଆହତ ହୋଇଥିଲେ।

■ ଜଟଣୀରେ ପୋଲିସର ଘନ ଘନ ଚଢ଼ାଉ

# ଥମୁନି ପାଉ କାରବାର

**ଜଟଣୀ,୨୩।୭ (ଡି.ଏନ.ଏ.):**

ବ୍ରାଉନ୍‌ସୁଗାର ତଥା କୋଡ୍ ୱାଡ୍‌ରେ କୁହାଯାଉଥିବା ପାଉ କାରବାର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ପୋଲିସ ଓ ଅବକାରୀ ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି। ପାଉ କାରବାରରେ ରୋକ୍ ଲଗାଇବାକୁ କମିଶନରେଟ୍ ପୋଲିସ ପକ୍ଷରୁ କିଛିଦିନ ହେବ ଚଢ଼ାଉ ଜୋରଦାର କରାଯାଉଛି। ଏହି ପରିପ୍ରେକ୍ଷୀରେ କମିଶନରେଟ୍ ପୋଲିସ ଅଧୀନରେ ଥିବା ଜଟଣୀ ଥାନା ମଧ୍ୟ ରାତିଦିନ ଏକ କରିଛି। ଘନ ଘନ ଚଢ଼ାଉ କରି ବ୍ରାଉନ୍‌ସୁଗାର ଜବତ କରିବା ସହ କାରବାର କରୁଥିବା ବେପାରୀଙ୍କୁ ଗିରଫ କରୁଛି। ଚଳିତ ମାସ ୧୧ରୁ ୨୦ ତାରିଖ ୧୦ ଦିନ ମଧ୍ୟରେ ୭୦ ଗ୍ରାମ ବ୍ରାଉନ୍‌ସୁଗାର ଓ ୨ ଲକ୍ଷ ୮୦ ହଜାର ଟଙ୍କା ଜବତ କରିଛି। ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ହେଲେ ପାଉ କାରବାର ବନ୍ଦ ହେବାର ନାଁ ଧରୁନି। ଜହର ବେପାରୀ ଓ ଗ୍ରାହକ ନୂଆ ତରିକା ଆପଣେଇ ଗୁପ୍ତରେ କାରବାର ଚଳାଉଛନ୍ତି। କେତେବେଳେ ଫୋନ୍‌ରେ

### ତରିକା ବଦଳାଇ ଚାଲିଛନ୍ତି ବେପାରୀ

ତ ଆଉ କେତେବେଳେ ହ୍ୱାଟ୍‌ସଆପ୍‌ରେ ଏହି ବେପାର ଚଳାଇଥିବା ଅଭିଯୋଗ ହେଉଛି। ଚଢ଼ାଉ ସମୟରେ ଅଧିକାଂଶ ସ୍ଥାନରୁ ନିଶା ବେପାରୀଙ୍କ ସମେତ ଗ୍ରାହକଙ୍କୁ ପୋଲିସ ଧରି ଥାନାକୁ ଆଣୁଛି। ବିଶେଷକରି ଧରା ହୋଇ ଆସୁଥିବା ଗ୍ରାହକଙ୍କ ପାଇଁ ପୋଲିସ ଚିନ୍ତାରେ ପଡୁଛି। ଏହି ନିଶାରେ ଅଭ୍ୟସ୍ତ ହୋଇପଡ଼ିଥିବା ନିଶାଡ଼ିମାନେ ଅସୁସ୍ଥ ହୋଇପଡୁଛନ୍ତି। ନିଶା ଖାଇବା ସମୟ ହେବା ମାତ୍ରେ ଅଜବ କାରନାମା କରୁଛନ୍ତି। କେତେଜଣ ନିଜ ଶରୀରକୁ କାମୁଡ଼ି ରକ୍ତ ବାହାର କରି ପକାଉଛନ୍ତି। ଆଉ କେତେଜଣଙ୍କର ବାନ୍ତି ହେବା ସହ ମୁଣ୍ଡ ବୁଲାଉଛି। ଏହି ମାରାତ୍ମକ ନିଶାରେ ଅଭ୍ୟସ୍ତ ହୋଇପଡ଼ିଥିବା ଜଣେ ଶିକ୍ଷିତ ପୁତ୍ରର ପିତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଥିଲେ, ଘରେ ହାଣ୍ଡିଡେକ୍ଚି ଏପରିକି ଖାଇବା ଥାଳି, ଡାଟିଆ ପୁଅ ଚୋରାଇ ନେଇ ବିକ୍ରି ଅର୍ଥରେ ଏହି ମାରାତ୍ମକ ନିଶା ସେବନ କରୁଛି। ପରିସ୍ଥିତି ଏପରି ହୋଇଛି ଘରର ସାମଗ୍ରୀ ଆଲମିରା ଓ କୋଠରି ମଧ୍ୟରେ ତାଲା ପକାଇ ରଖିବାକୁ ପଡୁଛି। ଅନେକ ଉଦ୍ୟମ ପରେ ପୁଅ ଏହି ନିଶା କବଳରୁ ବାହାରି ପାରୁ ନ ଥିବା ସେ ଦୁଃଖରେ କହିଥିଲେ। ଏଣୁ ଏପରି କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ଉପରେ ପୋଲିସ ଚଢ଼ାଉ ଜାରି ରଖିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏ ନେଇ ଜଟଣୀର ବରିଷ୍ଠ ଆଇନଜୀବୀ ତଥା ଭୁବନେଶ୍ୱର ବାର୍ ଆସୋସିଏଶନ୍‌ର ସଭାପତି ବୀରେନ୍ଦ୍ର କୁମାର ପଟ୍ଟନାୟକ କୁହନ୍ତି, ଅନ୍ୟ ରାଜ୍ୟରୁ ଏହା ଓଡ଼ିଶାକୁ ଆସୁଛି। ରାଜ୍ୟର ନିର୍ଦ୍ଦିଷ୍ଟ କେତେକ ସ୍ଥାନରୁ ଏହା ଚାରିଆଡ଼କୁ ବିଭିନ୍ନ ଉପାୟରେ ଚାଲାଣ ହେଉଛି। ଏଣୁ ରାଜ୍ୟର ଯେଉଁ ନିର୍ଦ୍ଦିଷ୍ଟ ସ୍ଥାନରୁ ଏହା ଆସୁଛି ସେହି ମୂଳ ସ୍ଥାନରେ ଚଢ଼ାଉ କରାଯିବାର ଆବଶ୍ୟକତା ରହିଛି। ଏହାଛଡ଼ା ନିଶା ବେପାରୀ ଧରାପଡ଼ିବା ପରେ ରହିଥିବା ଆଇନ୍‌ର ପ୍ରକ୍ରିୟା ଠିକ୍ ଭାବେ ପୋଲିସ ନିର୍ବାହ କରୁ ନ ଥିବାରୁ ଅନେକ ସମୟରେ ଅଭିଯୁକ୍ତ ଜାମିନ ଓ ଖଲାସ ହେବାରେ ସହଜ ହେଉଛି। ତେଣୁ ଏଥିପ୍ରତି ପୋଲିସ ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି। ସେହିପରି ଅଧ୍ୟାପକ ପ୍ରେମାନନ୍ଦ ମହାରଣା କୁହନ୍ତି, ଜଟଣୀକୁ ଗମନାଗମନର ସୁବିଧା ଥିବାରୁ ନିଶା ବେପାରୀଙ୍କ ପାଇଁ ଏହା ଭୂସ୍ୱର୍ଗ ପାଲଟିଛି। ଏହାଛଡ଼ା ଏଠାରେ ଥିବା ବସ୍ତି ସହ ରେଲୱେ ଅଞ୍ଚଳରେ ରହିଥିବା ପରିତ୍ୟକ୍ତ କ୍ୱାର୍ଟର୍ସ ନିଶା କାରବାରକୁ ପ୍ରୋତ୍ସାହନ ଦେବାରେ ସହାୟକ ହୋଇଛି। କମିଶନରେଟ୍ ପୋଲିସର ସ୍ୱତନ୍ତ୍ର ଚଢ଼ାଉ ଦ୍ୱାରା କେତେଜଣ ବ୍ରାଉନ୍‌ସୁଗାର ଚାଲାଣକାରୀ ତଥା ବେପାରୀଙ୍କୁ ଧରାଯିବା ଘଟଣା ଜନସାଧାରଣଙ୍କ ପାଇଁ କିଛିଟା ସାମୟିକ ଆଶ୍ୱସ୍ତି ଆଣିଛି। ହେଲେ ଅବକାରୀ ବିଭାଗର ତତ୍ପରତା ଉପରେ ପ୍ରଶ୍ନ ସୃଷ୍ଟି କରିଛି। ଏହି ଧଳା ଜହର କାରବାରକୁ ସମ୍ପୂର୍ଣ୍ଣ ରୋକିବାକୁ ହେଲେ ଅବକାରୀ ବିଭାଗ, କମିଶନରେଟ୍ ପୋଲିସ, ରେଲୱେ ସୁରକ୍ଷା ବଳ ମିଳିତ ଚଢ଼ାଉର ଆବଶ୍ୟକତା ରହିଛି। ସ୍ଥାନୀୟ ଜନପ୍ରତିନିଧି ତଥା ଜନସାଧାରଣ ମଧ୍ୟ ଏ ଦିଗରେ ସେମାନଙ୍କୁ ସାହାଯ୍ୟ କରିବା ନେଇ ଆଗେଇ ଆସିବା ଉଚିତ ବୋଲି ସେ କହିଛନ୍ତି।



ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

## ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ

# ପଲିଥିନ ମୁକ୍ତ ଖୋର୍ଦ୍ଧା ସହର ଗଠନ ପାଇଁ ପ୍ରୟାସ

**ଖୋର୍ଦ୍ଧା ଅଫିସ,୨୩।୭:**

ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଗଷ୍ଟ ୧୫ ସୁଦ୍ଧା ଖୋର୍ଦ୍ଧା ସହରକୁ ପଲିଥିନମୁକ୍ତ କରିବାକୁ ସେ ସମସ୍ତଙ୍କର ସହଯୋଗ ଲୋଡିଥିଲେ। ବିଜେବି ହାଇସ୍କୁଲ ପଡିଆକୁ ପରିଷ୍କାର ଓ ସାଜସଜ୍ଜା କରିବାକୁ ପୌର ପରିଷଦ ଓ ପୂର୍ତ୍ତ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାସ୍ତରୀୟ ପରେଡରେ ଭାଗ ନେବାକୁ ଆଗ୍ରହୀ ଥିବା ସ୍କୁଲ ଆସନ୍ତା ୩୧ ତାରିଖ ସୁଦ୍ଧା ନାମ ପଞ୍ଜୀକୃତ କରିବାକୁ ନିଷ୍ପତ୍ତି ହୋଇଛି। ସ୍ୱାଧୀନତା ଦିବସ ଉପରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା କରିବାକୁ ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷଠାରୁ ଶ୍ରେଷ୍ଠ କୃଷକ, ଆଦର୍ଶ ଶିକ୍ଷକ, ଶ୍ରେଷ୍ଠ ଆଶା କର୍ମୀ, ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ ପୁରସ୍କାର ଦିଆଯିବ।

■ ଭଙ୍ଗାଘରେ ଚାଲିଛି ଆର୍‌ଆଇ କାର୍ଯ୍ୟାଳୟ

# ନାହାନ୍ତି ଅମିନ, ଚତୁର୍ଥ ଶ୍ରେଣୀ କର୍ମଚାରୀ

**ନିରାକାରପୁର,୨୩।୭(ଡି.ଏନ.ଏ.**

ଫନୀ ବାତ୍ୟା ନିରାକାରପୁର ଅଞ୍ଚଳର ବହୁ କ୍ଷୟକ୍ଷତି କରିଥିଲା। ଇତିମଧ୍ୟରେ ୨ ମାସ ବିତିଯାଇଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳର ଅନେକ କ୍ଷୟକ୍ଷତି ଭରଣା ହୋଇପାରି ନ ଥିବା ଜଣାପଡ଼ିଛି। ଏପରି ସ୍ଥଳେ ନିରାକାରପୁର ପଞ୍ଚାୟତସ୍ଥ ସମସ୍ତ ରେକର୍ଡ଼ପତ୍ରର ହିସାବ, ତଦନ୍ତ ଓ ସମସ୍ୟାର ସମାଧାନ କରୁଥିବା ଖୋଦ୍ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବେ ଭଙ୍ଗାଘରେ ଚାଲିଛି। ଅନ୍ୟର ଘର ଭଙ୍ଗା ତଦନ୍ତ ରିପୋର୍ଟକୁ ପ୍ରଶାସନ ନିକଟରେ ଦାଖଲ କରୁଥିବା ଏହି କାର୍ଯ୍ୟାଳୟଟିକୁ ବର୍ତ୍ତମାନ ମରାମତି କରାଯାଇ ନ ଥିବା ଓ ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ଏହା ଗତି କରୁଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଡିଆ, ନିରାକାରପୁର, ଲେଣ୍ଡୋ, ରାମେଶ୍ୱର ଓ ବଡ଼ପୋଖରିଆ ପଞ୍ଚାୟତସ୍ଥ ୪୯ଟି ରାଜସ୍ୱ ଗ୍ରାମର ଜନସାଧାରଣ ବିଭିନ୍ନ କାର୍ଯ୍ୟ ନିମନ୍ତେ ଉକ୍ତ କାର୍ଯ୍ୟାଳୟ ଉପରେ ନିର୍ଭର କରନ୍ତି। ତେବେ ଗୃହଟି ଭାଙ୍ଗିଯାଇ ଶୋଚନୀୟ ଅବସ୍ଥାରେ ଥିବାବେଳେ ବର୍ତ୍ତମାନ ଏଠାରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ଅମିନ ନ ଥିବା ଜଣାପଡ଼ିଛି । ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଅଭାବରୁ ବିଭିନ୍ନ କାର୍ଯ୍ୟ କ୍ଷେତ୍ରରେ ସମସ୍ୟା



ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ।

ଦେଖାଦେଇଥିବାବେଳେ ଅଫିସ୍ ପରିସରରେ ଅନାବନା ଘାସ ଉଠି କାର୍ଯ୍ୟାଳୟର ମାନକୁ ହ୍ରାସ କରୁଥିବା ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଛି। ଅମିନ ନ ଥିବାରୁ ଡିମାର୍କେସନ ବା ଜମିମାପ କରିବା କେସ୍‌ଗୁଡ଼ିକର ସମାଧାନ ନିମନ୍ତେ ସମସ୍ୟା ସୃଷ୍ଟି ହେଉଛି। ପଞ୍ଚାୟତର ନିଜସ୍ୱ ଅମିନ ନ ଥିବାରୁ ଆବଶ୍ୟକସ୍ଥଳେ ଟାଙ୍ଗୀ ତହସିଲ କାର୍ଯ୍ୟାଳୟରୁ ଅମିନ ଆସି କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଏହାବ୍ୟତୀତ ବହୁ ଦୂରଦୂରାନ୍ତରୁ ହିତାଧିକାରୀ ଅଫିସକୁ ଆସୁଥିବାବେଳେ ପାନୀୟ ଜଳର ଅଭାବ ଯୋଗୁ ହଇରାଣ ହେଉଛନ୍ତି। କାର୍ଯ୍ୟାଳୟର ଆଜ୍‌ବେଷ୍ଟସ୍ ଉଡ଼ିଯାଇଥିବାରୁ ବିଭିନ୍ନ ସମୟରେ ଚୋରି ହେବାର ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ତୁରନ୍ତ ଘରଟିକୁ ମରାମତି କରିବା ସହିତ ଚତୁର୍ଥ ଶ୍ରେଣୀ କର୍ମଚାରୀ, ଅମିନ ନିଯୁକ୍ତ ଏବଂ ପାନୀର ଜଳ ବ୍ୟବସ୍ଥା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମସ୍ୟା ନେଇ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଅଶ୍ୱିନୀ କୁମାର ଚୌଧୁରୀ କହିଛନ୍ତି, ଉଚ୍ଚପଦସ୍ଥ ଅଧିକାରୀମାନେ ଏଠାକୁ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଆର୍‌ଡି ବିଭାଗ ପକ୍ଷରୁ ଭଗ୍ନଗୃହର ଫଟୋ ମଧ୍ୟ ଉଠାଯାଇଛି। କାର୍ଯ୍ୟାଳୟ ଗୃହ ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆମେ ଅନେକ ଥର ଉପର ଅଧିକାରୀଙ୍କୁ ଅବଗତ କରାଇଛୁ । କାର୍ଯ୍ୟାଳୟରେ ଏବେ ନୂଆ ଆର୍‌ଆଇ ଯୋଗ ଦେଇଥିବା ସେ ସୂଚନା ଦେଇଥିଲେ।

ଆକ୍ରମଣ କରି ମୋବାଇଲ ଲୁଟ୍

### ୨ ମାମଲାରେ ୨ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୩।୭ (ବ୍ୟୁରୋ)**

କ୍ୟାପିଟାଲ ଥାନା ଅଞ୍ଚଳରେ ଆକ୍ରମଣ କରି ମୋବାଇଲ ଟଙ୍କା ଲୁଟ୍ କରିବାର ୨ଟି ଭିନ୍ନ ଭିନ୍ନ ଘଟଣାରେ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ ସୂଚନା ମୁତାବକ ୟୁନିଟ ୯ ଅଞ୍ଚଳରେ ଥିବା ଏକ ବ୍ୟାଙ୍କରେ ରାଣୀ ହାଁସଦା କାର୍ଯ୍ୟ କରନ୍ତି। ଗତ ୧୬ ତାରିଖ ସନ୍ଧ୍ୟାରେ ସେ କାମ ସାରି ସ୍କୁଟିରେ ଘରକୁ ଫେରୁଥିବା ବେଳେ ଗଭର୍ନର ହାଉସ ଛକ ନିକଟରେ ୨ ଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରି ତାଙ୍କଠାରୁ ମୋବାଇଲ ଛଡାଇ ନେଇଥିଲେ। ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୨୪୮/୧୯ରେ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ମଙ୍ଗଳବାର ଫୋନକୁ ଟ୍ରକ କରିବା ପରେ ବାପୁଜୀନଗର ପାଣି ଟାଙ୍କି ଅଞ୍ଚଳର ଶଙ୍କର ବାରିକଙ୍କୁ ଗିରଫ କରିଛି। ସେହିପରି ଗତ ୨୧ରେ ଶିଶୁଭବନ ବସ୍‌ଷ୍ଟପ୍ ନିକଟରେ ଜଣେ ଛାତ୍ର ଫୋନରେ ଠିଆ ହୋଇ ଗପିବା ବେଳେ ଅଭିଯୁକ୍ତ ଅନ୍ୟ ଜଣଙ୍କୁ କଲ୍ କରିବା ବାହାନାରେ ଫୋନ ମାଗି ଫେରାର ହୋଇ ଯାଇଥିଲେ। ଛାତ୍ର ଜଣଙ୍କ ତାଙ୍କୁ କାବୁ କରି ନେବାରୁ ତାଙ୍କ ମୁହଁକୁ ମୁଥ ମାରି ୫୦୦ ଟଙ୍କା ପକେଟରୁ ଛଡାଇ ଫେରାର ହୋଇଯାଇଥିଲେ। ଏ ନେଇ ପୋଲିସ ନିକଟରେ ଅଭିଯୋଗ ପରେ ପୋଲିସ ନଂ. ୨୫୮/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ମୋବାଇଲ ଟ୍ରାକ କରି କେଦାରପଲ୍ଲୀ ବସ୍ତି ଅଞ୍ଚଳରୁ ଅଭିଯୁକ୍ତ ବିଜୁ ନାୟକଙ୍କୁ ଗିରଫ କରିଛି।

■ ଜାଲ୍ କବଲାରେ ଜମି ଠକେଇ ଅଭିଯୋଗ ଘଟଣା

# ସମନ ପରେ ବି ହାଜର ହେଲେନି କୋର୍ଟରେ

### ୯ ଜଣଙ୍କ ନାଁରେ ଜାରି ହେବ ଗିରଫ ପରୱାନା

**ଖୋର୍ଦ୍ଧା ଅଫିସ,୨୩।୭**

ଜାଲ କାଗଜାତରେ ୩ ଏକର ୩୩୦ ଡିସିମିଲ ଇଜିମାଇଲ୍ (କୋଠ ସମ୍ପତ୍ତି) ଜମି ବିକ୍ରି ଅଭିଯୋଗ ମାମଲାରେ ଭୁବନେଶ୍ୱର ଜୁଡିସିଆଲ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ (ଓ) ଜମି ବିକ୍ରେତା, କ୍ଷମତାପ୍ରାପ୍ତ ଏଜେଣ୍ଟ ଓ କ୍ରେତା ପ୍ରମୁଖ ୯ ଜଣଙ୍କ ନାଁରେ ଜାମିନ ବିହୀନ ଗିରଫ ପରାୱାନା ଜାରି କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ମୁଦାଲାମାନଙ୍କୁ ଅଗଷ୍ଟ ୧୩ରେ କୋର୍ଟରେ ହାଜର କରାଇବାକୁ ପୋଲିସକୁ ଅନୁରୂପ ନିର୍ଦ୍ଦେଶ ରହିଛି। ଅଭିଯୋଗ ଅନୁସାରେ ଜଟଣୀ ତହସିଲ ଯାଁଳା ଆରଆଇ ଅଫିସ ଅନ୍ତର୍ଗତ ଗୋପାଳପୁର ମୌଜାରେ ଖାତା ନଂ. ୫୧ ରେ ୩ ଏକର ୩୩୦ ଡେସିମିଲ ଜମି ରହିଛି। ଏଥିରୁ ୨ ଏକର ୪୯୭.୧/୨ଡେସିମିଲ୍ ୨୦୧୪ ଅପ୍ରେଲ ୧୬ରେ ବିକ୍ରି ହୋଇଥିଲା। ସେହିପରି ଯାଁଳା ମୌଜା ଖାତା ନଂ. ୯୮ର ୬୮୦ ଡିସିମିଲ୍‌ରୁ ୧୮୦ ଡିସ୍‌ମିଲ୍ ୨୦୧୪ ଫେବୃୟାରୀ ୭ରେ ଅନୁରୂପ ଭାବେ ବିକ୍ରି କରାଯାଇଛି। ଅନ୍ୟପକ୍ଷେ ଅଲକର ମୌଜାର ଖାତା ନଂ. ୧୧୩ର ୩୬୦ ଡିସିମିଲ୍‌ରୁ ୧୮୦ ଡିସ୍‌ମିଲ୍ ୨୦୧୪ ଜାନୁୟାରୀ ୧୭ ଓ ଖାତା ନଂ. ୧୪୦ର ୭୨୫ ଡିସିମିଲ୍‌ରୁ ୩୬୨.୧/୨ ଡିସିମିଲ୍ ୨୦୧୩ ଫେବୃୟାରୀ ୫ରେ ଅନୁରୂପ ଭାବେ ବିକ୍ରି କରାଯାଇଛି। ଏ ସବୁ ସମ୍ପତ୍ତି ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଗୁରୁଜଙ୍ଗ ଗ୍ରାମର ସ୍ୱର୍ଗତ ବାଳମୁକୁନ୍ଦ ସାମନ୍ତରାୟ ଓ ରାମକୃଷ୍ଣ ସମାନ୍ତରାୟଙ୍କ ନାଁରେ ଅଦ୍ୟାବଧି ରେକର୍ଡ ରହିଛି। ବାଳମୁକୁନ୍ଦ ୧୯୬୯ ଓ ରାମକୃଷ୍ଣଙ୍କ ୨୦୦୨ରେ ପରଲୋକ ହୋଇ ସାରିଛି। ଏପରିସ୍ଥଳେ ବାଳ ମୁକୁନ୍ଦଙ୍କ କିଛି ସମ୍ପର୍କୀୟ ଜାଲ କାଗଜାତ କରି ଉପରୋକ୍ତ ସମ୍ପତ୍ତି ବିକ୍ରୟ କରିଥିବାର ଜଣାପଡିଛି। ଏ ସମ୍ପର୍କରେ ସ୍ୱର୍ଗତ ରାମକୃଷ୍ଣ ସାମନ୍ତରାୟଙ୍କର ଜ୍ୟେଷ୍ଠପୁତ୍ର ରାଧାକୃଷ୍ଣ କୁହନ୍ତି, ଏଯାବତ ସମ୍ପତ୍ତି ଭାଗ ବଣ୍ଟା ହୋଇନାହିଁ । ଉକ୍ତ ସମ୍ପତ୍ତି ଭାଗବଣ୍ଟା ପାଇଁ ଭୁବନେଶ୍ୱରସ୍ଥିତ ସିଭିଲ୍ କୋର୍ଟରେ ସିଭିଲ ସୁଟ୍ ୫୧୭/୨୦୦୪ ମକଦ୍ଦମା ରୁଜୁ ହୋଇଥିଲା। ଏହି ମକଦ୍ଦମା ବାଳମୁକୁନ୍ଦଙ୍କ କନିଷ୍ଠ ପୁତ୍ର ପ୍ରାଣକୃଷ୍ଣ ଦାଖଲ କରିଥିଲେ। ଯାହାକି ୨୦୧୪ ଏପ୍ରିଲ ୨୯ରେ ଡିସ୍‌ମିସ୍ ହୋଇଥିଲା। ଅନିୟମିତତା ଜମି ବିକ୍ରିର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଭୁବନେଶ୍ୱର ଜୁଡିସିଆଲ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ (ଓ)ଙ୍କ ଅଦାଲତରେ ମୁଁ ଏକ ୱାନ ସିସି ୨୮୯/୨୦୧୮ରେ ଫୌଜଦାରି ମାମଲା ଦାଖଲ କରିଥିଲି। ଯାହାର ତଦନ୍ତ କରାଯାଇ ଜମି ବିକ୍ରେତା, କ୍ଷମତା ପ୍ରାପ୍ତ ଏଜେଣ୍ଟ ଓ କ୍ରେତା ପ୍ରମୁଖ ୧୫ ଜଣଙ୍କୁ ମୁଦାଲା ସାବ୍ୟସ୍ତ କରାଯାଇ ଠକେଇ ଅଭିଯୋଗରେ ଅଦାଲତ ସମନ କରିଥିଲେ। କିନ୍ତୁ କୋର୍ଟରେ ହାଜର ନ ହେବାରୁ ଭୁବନେଶ୍ୱର ୟୁନିଟ ୮ର ଅଜିତ ସାମନ୍ତରାୟ, ସୁଜିତ୍ ସାମନ୍ତରାୟ ଓ ସଂଯୁକ୍ତା ସାମନ୍ତରାୟ, ଖୋର୍ଦ୍ଧା ଗୁରୁଜଙ୍ଗର ଶରତ କୃଷ୍ଣ ସାମନ୍ତରାୟ, ଜଟଣୀ ଦକ୍ଷିଣ ମୁଣ୍ଡମୁହାଣର କୃପାସିନ୍ଧୁ ପ୍ରଧାନ ଓ ଦେବଦତ୍ତ ସାମନ୍ତରାୟ, ଭୁବନେଶ୍ୱର ବଡଗଡ ବ୍ରିଟ କଲୋନୀର ଗୁନମଣି ନାୟକ, ଖାରବେଳନଗରର ଗୌରୀ ଶଙ୍କର ମିଶ୍ର, ଜଟଣୀ ଉତ୍ତର ମୁଣ୍ଡମୁହାଣର ରାଜ କିଶୋର ସ୍ୱାଇଁ ପ୍ରମୁଖ ୯ ଜଣଙ୍କ ନାଁରେ ଗିରଫ ପରାୱାନା ଜାରି କରିବାକୁ ପୋଲିସକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

■ ଚିଲିକାରୁ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ

# ପେସାଦାର ମତ୍ସ୍ୟଜୀବୀ ମହାସଂଘର ବିରୋଧ

**କୃଷ୍ଣପ୍ରସାଦ, ୨୩।୭(ଡି.ଏନ୍.ଏ.)**

ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକକୁ ୩ ପାର୍ଶ୍ୱରୁ ଚିଲିକା ଏବଂ ଗୋଟିଏ ପାର୍ଶ୍ୱରୁ ବଙ୍ଗୋପସାଗର ଘେରି ରହିଛି। ତେଣୁ ଚିଲିକାକୁ କୃଷ୍ଣପ୍ରସାଦର ଭାତହାଣ୍ଡି ବୋଲି କୁହାଯାଇଥାଏ। ଚିଲିକାରୁ ମାଛ ମାରିବା ଏବଂ ଚିଙ୍ଗୁଡ଼ି ଘେରି ଦ୍ୱାରା ସେମାନେ ଯାହାକିଛି ଅର୍ଥ ଉପାର୍ଜନ କରନ୍ତି ସେଥିରେ ପରିବାର ପ୍ରତିପୋଷଣ କରନ୍ତି। ପୁରୀ ଜିଲାପାଳ ଚିଲିକାରୁ ବେଆଇନ ଚିଙ୍ଗୁଡ଼ିଘେରି ଉଚ୍ଛେଦ ନିର୍ଦ୍ଦେଶ ଦେବାପରେ କୃଷ୍ଣପ୍ରସାଦ ବ୍ଲକ ପେସାଦାର ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ମଙ୍ଗଳବାର ସଂଘ କାର୍ଯ୍ୟକାରୀ ସଭାପତି କେଳୁ ଚରଣ ଜେନାଙ୍କ ନେତୃତ୍ୱରେ ଶ୍ରୀଶ୍ରୀ କମଳେଶ୍ୱରଦେବଙ୍କ ପୀଠରେ ଅନୁଷ୍ଠିତ ଏକ ବୈଠକରେ ଘେରି ଉଚ୍ଛେଦକୁ ବିରୋଧ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଶାସନ ଯଦି ଉଚ୍ଛେଦ କାର୍ଯ୍ୟ ବନ୍ଦ ନ କରେ ତେବେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବ ବୋଲି ସଂଘ ଚେତାବନୀ ଦେଇଛି।



ମହାସଭାରେ ଯୋଗ ଦେଇଥିବା ସଭାପତି, ସମ୍ପାଦକ ଓ ସଦସ୍ୟମାନେ।

ସୂଚନାଯୋଗ୍ୟ, ଗତ ୬ ତାରିଖରୁ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଚିଲିକାରେ ଥିବା ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଆରମ୍ଭ ହୋଇଥିଲା। ଘେରି ଉଚ୍ଛେଦ ନେଇ ହାଇକୋର୍ଟ ସ୍ଥାନୀୟ ଲୋକଙ୍କୁ ସୁହାଇବା ଭଳି ଆଇନ ପ୍ରଣୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରୁ ନ ଥିବା ଅଭିଯୋଗ ହେଉଛି। ଏ ସବୁ ସତ୍ତ୍ୱେ ପୁଣି ଯଦି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୁଏ ତେବେ ସଂଘ ସହ ନିକଟସ୍ଥ ସମସ୍ତ ଗ୍ରାମର ଲୋକେ ଏହାକୁ ବିରୋଧ କରିବେ। ଅନୁଷ୍ଠିତ ବୈଠକରେ ୩୫ ମୌଜା ସମ୍ପାଦକ ବଟକୃଷ୍ଣ ତରେଇ, ଦାମୋଦର ଜେନା, ହେମନ୍ତ କୁମାର ଜେନା, ସୁରେନ୍ଦ୍ର ନାଥ ମାଝି, ମୃତ୍ୟୁଞ୍ଜୟ ତରେଇ, ଗୋଲକ ବିହାରୀ ପ୍ରଧାନ, ପ୍ରଦୀପ କୁମାର ମାଝି, କବିରାଜ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନାପୂର୍ବକ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଂଘ ସମ୍ପାଦକ ତଥା ସାମାଜିକ କର୍ମୀ ମନୋଜ କୁମାର ସାହୁ କହିଛନ୍ତି।

# ମାସିକିଆ କୋଟା ଯୋଗୁ ବନ୍ଦ ହେଉନି ବ୍ରାଉନସୁଗାର ବ୍ୟବସାୟ

**ଖୋର୍ଦ୍ଧା ଅଫିସ,୨୩।୭:**

ଖୋର୍ଦ୍ଧା ସହରର ଗଳିକନ୍ଦିରେ ବ୍ରାଉନସୁଗାର (ପାଉ) କାରବାର ବଢ଼ି ଚାଲିଛି। ଏସ୍‌ଟିଏଫ୍ ଚଢ଼ାଉ ଏହାକୁ ରୋକିପାରୁନି। କେତେଜଣ ୱାର୍ଡବାସୀ ପାଉ ବ୍ୟବସାୟୀ, ସେବନକାରୀଙ୍କୁ ମାରପିଟ୍ କରି ଘଉଡାଉଛନ୍ତି। ସେହିପରି କେତେଜଣ ମହିଳା ଏମାନଙ୍କୁ ଧରି ପୋଲିସ ଜିମା ଦେଉଛନ୍ତି। ଲୋକେ ହସ୍ତାନ୍ତର କରୁଥିବା ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ ମଧ୍ୟ କିଛି ଫରକ ପକାଉନି। ମଙ୍ଗଳବାର ଫାର୍ମ ଛକରେ କେତେଜଣ ପାଉ ବ୍ୟବସାୟୀ ଓ ସେବନାକାରୀଙ୍କୁ ପୋଲିସ ଗୋଡାଇ ଗୋଡାଇ ପିଟିଥିଲା। ହେଲେ ଏହାର ସୁଫଳ ମଧ୍ୟ ମିଳିବନି ବୋଲି ଅଭିଯୋଗ ହେଉଛି। ବ୍ୟବସାୟୀମାନେ ତରିକା ବଦଳାଇ ବ୍ୟବସାୟ କରୁଛନ୍ତି। ଏଭଳିସ୍ଥଳେ ଜଣେ ପାଉ ବ୍ୟବସାୟୀ ନିଜ ନାଁ ଗୋପନ ରଖି କହିଛନ୍ତି ପୋଲିସ, ଅବକାରୀ ବିଭାଗ ମାସିକିଆ କୋଟା ବନ୍ଦ କରିବା ଓ ଉପହାର ନେବା ବନ୍ଦ କରି ଦେଲେ ସବୁ କିଛି ଠିକ୍‌ଠାକ ହୋଇଯିବ। ତେବେ ଲୋଭ ଛାଡି ପାରୁନାହାନ୍ତି ଉଭୟ ବିଭାଗର କର୍ମଚାରୀ। ଉପରକୁ ସଚ୍ଚୋଟ ଦେଖାଇଲେ କ'ଣ ହେବ ମାନସିକତାରେ ପରିବର୍ତ୍ତନ ନ ଆସିଲେ ଲୋକ ଦେଖାଣିଆ ଚଢ଼ାଉ କିଛି ପ୍ରଭାବ ପକାଇବ ନାହିଁ। ମାସିକିଆ କୋଟାରେ ତଳୁ ଉପର ସ୍ତର ପର୍ଯ୍ୟନ୍ତ ଭାଗ ରହୁଛି। ଅନ୍ୟପକ୍ଷେ ଏସ୍‌ଟିଏଫ୍ ସିନା ବଡ ବଡ ବ୍ୟବସାୟୀଙ୍କ ଉପରେ ନଜର ରଖିଛି ହେଲେ ଛୋଟ ବ୍ୟବସାୟୀଙ୍କର ଟେର ପାଇବନି। ଏଣୁ କେବଳ ଛୋଟା ଜେଲ ହାଜତରେ ରହିଲେ ବ୍ୟବସାୟ ବନ୍ଦ ହୋଇଯିବ ବୋଲି ଯେଉଁ ଭାବନା ତାହାର ସୁଫଳ ମିଳିବନି।

### ଭୟର ବାତାବରଣ

ଟଙ୍କା ଦେଇ ମୁହଁ ବନ୍ଦ କରିବା ଓ ଭୟର ବାତାବରଣ ଦେଖାଇ ପାଉ ବ୍ୟବସାୟ ଛୋଟା ଗୁରୁଜଙ୍ଗରେ କରାଇ ଆସୁଥିଲେ ବୋଲି ଗୁମର ଫିଟୁଛି। ଜଣେ ସହଯୋଗୀଙ୍କ ସୂଚନା ଆଧାରରେ ଛୋଟାଙ୍କ ସୁରକ୍ଷା ଦାୟିତ୍ୱରେ ୨୦ରୁ ୨୫ ଯୁବକ ନିୟୋଜିତ ହୋଇଥିଲେ। ଏହି ଯୁବକମାନେ ବେଆଇନ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଛୋଟାଙ୍କ ସାମ୍ରାଜ୍ୟ ଚାରି ପାଖରେ ଘୂରି ବୁଲି ବ୍ୟବସାୟ କରୁଥିଲେ। ଶିଫ୍ଟ ବି ବଦଳୁଥିଲା। ଏହି ଯୁବକମାନଙ୍କର ଗାଡିଚାଳନା ଅତି ସ୍ପିଡ୍ ରହୁଥିଲା। କୌଣସି ବ୍ୟକ୍ତି ଗାଡି ଚଳାଉଥିବା ବ୍ୟବସାୟ ନେଇ ମୁହଁ ଖୋଲୁଥିଲା, ଅଥବା ପ୍ରତିବାଦ କରୁଥିଲେ ମାଡ, ଗାଳି ସହିବାକୁ ପଡୁଥିଲା। ଥାନାରେ ଅଭିଯୋଗ କଲେ ସୁଫଳ ମିଳୁ ନ ଥିଲା। ବରଂ ପୋଲିସଠାରୁ ପରାମର୍ଶ ମିଳୁଥିଲା ଆଣ୍ଟି ସୋସିଆଲଙ୍କଠାରୁ ଦୂରେଇ ରହନ୍ତୁ। ପଛରେ ପସ୍ତେଇବେ। ପୁଣି ଛୋଟାଙ୍କୁ ରାଜନୈତିକ ପ୍ରୋତ୍ସାହନ ବି ମିଳୁଥିଲା। ଏଣୁ ଲୋକେ ଡରିକି ରହିବାକୁ ନିରାପଦ ମଣୁଥିଲେ। ଅନ୍ୟପକ୍ଷେ ଛୋଟା ପୁଣ୍ୟକାର୍ଯ୍ୟରେ ବି ଟଙ୍କା ଦେବାକୁ କୁଣ୍ଠାବୋଧ ପ୍ରକାଶ କରୁ ନ ଥିଲେ। କେତେଗୋଟି ମନ୍ଦିରରେ ବି ତାଙ୍କ ଟଙ୍କା ବିନିଯୋଗ ହୋଇଛି। ଘର ଭାଙ୍ଗିବା, ଜେଲ ଯିବା ପରେ ବି ଲୋକ ଛୋଟାଙ୍କ ଅପରାଧ ଦୁନିଆ ସମ୍ପର୍କରେ ମୁହଁ ଖୋଲୁନାହାନ୍ତି। କାରଣ ଭୟ ରହୁଛି, ମୋଟା ଅଙ୍କର ହାତଗୁଞ୍ଜା ଓ ଉପହାର ନେଇ ଚଢାଉ କରୁଥିବା ଲୋକେ ନୀରବ ରହିବେନିତ। କାରଣ ଛୋଟାଙ୍କ ଯାହା କ୍ଷତି ହୋଇଛି ସମୁଦ୍ରକୁ ଶଙ୍ଖେ। କୋଟି କୋଟି ଟଙ୍କାର ମାଲିକ ଛୋଟା ହୋଇଥିବାବେଳେ ଜେଲରେ ଥାଇବି ତାଙ୍କର ବେଆଇନ ସମ୍ପତ୍ତିକୁ ବ୍ୟାଜ୍ୟାପ୍ତି କରାଯାଇ ପାରୁନି। ପୁଣି ତାଙ୍କ ସହଯୋଗୀଙ୍କୁ ଗିରଫ କରିବାରେ ଏସ୍‌ଟିଏଫ୍ ସମୟ ଗଡାଇ ଚାଲିଛି। କିଛିଦିନ ଏପରି ଚାଲିବା ପରେ ପ୍ରସଙ୍ଗ ଶୀତଳଭଣ୍ଡାରରେ ପଡିପାରେ। ଛୋଟା ଜାମିନରେ ଯାଇ ପୁଣି ଧରାଧରି କରି ତାଙ୍କ ବ୍ୟବସାୟ ଆରମ୍ଭ କରିପାରନ୍ତି। ଏଣୁ ଆଗରୁ ଓ ଏବେ ଭୟର ବାତାବରଣ ଲାଗିରହିଛି।



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

ଜଙ୍ଗଲକୁ ସୁରକ୍ଷା ଦେଲାନି ପ୍ରଶାସନ

### ୨୬ରେ ଧାରଣା ଦେବେ ବାଲିପଡ଼ିଆ ଗ୍ରାମବାସୀ

**ପୁରୀ ଅଫିସ, ୨୩।୭:** ବାରମ୍ବାର ପ୍ରଶାସନକୁ ଜଣାଇବା ପରେ ବି ଜଙ୍ଗଲକୁ ସୁରକ୍ଷା ମିଳୁନି। ତେଣୁ ବାଧ ହୋଇ ବାଲିପଡ଼ିଆ ଗ୍ରାମବାସୀ ଆସନ୍ତା ୨୬ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି କହିଛନ୍ତି। ଜିଲାପାଳଙ୍କୁ ଦେଇଥିବା ଭିଯୋଗପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ, ଏକ ସରକାରୀ ଜମିକୁ ନେଇ ୫ବର୍ଷ ହେଲା ଗୋରୁଆଳ ଓ ବାଲିପଡ଼ିଆ ଗ୍ରାମ ମଧରେ ବିବାଦ ରହିଛି। ଗୋରୁଆଳ ମୌଜାରେ ଥିବା ଏହି ସରକାରୀ ଜମିରେ ବାଲିପଡ଼ିଆ ଗ୍ରାମବାସୀ ଚାରା ଲଗାଇ ଜଙ୍ଗଲ ସୃଷ୍ଟି କରିଥିଲେ। ହେଲେ ଗୋରୁଆଳ ଗ୍ରାମର ୫୦ ଘର ଏଠାରୁ କଞ୍ଚା ଗଛ କାଟି ନେଉଛନ୍ତି। ଏ ନେଇ ବାଲିପଡ଼ିଆ ଗ୍ରାମବାସୀ ବାରମ୍ବାର ସରକାରୀ ଅଧିକାରୀଙ୍କୁ ଜଣାଇଲେ ମଧ କୌଣସି ସୁଫଳ ମିଳୁନାହିଁ। ତେଣୁ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

ରାସ୍ତା କାମ ବିଲ୍ ସମ୍ପର୍କରେ ସୂଚନା ନାହିଁ

### ବିଡିଓଙ୍କୁ ଜଣାଇଲେ ଗ୍ରାମବାସୀ

**ପୁରୀ ଅଫିସ, ୨୩।୭:** ନଦୀବନ୍ଧରୁ ଗାଁକୁ ରାସ୍ତା ସଂଯୋଗ ହେବ। ରାସ୍ତା ତିଆରି ହେଲେ ଗ୍ରାମବାସୀ ଯାତାୟାତ ସୁବିଧା ପାଇପାରିବେ। ଏଭଳି ଚିନ୍ତାଧାରା ନେଇ ଗ୍ରାମବାସୀ ରାସ୍ତା କାମରେ ପୂର୍ଣ୍ଣ ସହଯୋଗ କଲେ। ଏପରି କି ଗ୍ରାମ୍ୟ କମିଟି ଅର୍ଥରେ କାମ ହେଲା। ତେବେ କାମ ସରିବାର ୫ମାସ ପରେ ମଧ ଏହାର ବିଲ୍ ସମ୍ପର୍କରେ କୌଣସି ସୂଚନା ପାଉନାହାନ୍ତି ପୁରୀ ସଦର ବ୍ଲକ ବାଲିପଡ଼ା ପଞ୍ଚାୟତ ଅଧୀନ ଦଣ୍ଡା ଗାଁର ବାସିନ୍ଦା। ତେଣୁ ସେମାନେ ଏ ସଂକ୍ରାନ୍ତରେ ମଙ୍ଗଳବାର ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ବିଡିଓଙ୍କ ଉଦ୍ଦେଶ୍ୟରେ ବ୍ଲକ କାର୍ଯ୍ୟାଳୟରେ ପ୍ରଦତ୍ତ ପତ୍ରରେ ଦର୍ଶାଯାଇଛି ଯେ, ନଦୀବନ୍ଧରୁ ଦଣ୍ଡା ଗାଁକୁ ସଂଯୋଗ କରୁଥିବା ଏକ ଗଡ଼ାଣି ରାସ୍ତାକୁ କଂକ୍ରିଟ କରିବା ନିମନ୍ତେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଚତୁର୍ଦ୍ଦଶ ଅର୍ଥ କମିଶନରୁ ୨୦୧୮-୧୯ ଆର୍ଥିକ ବର୍ଷରେ ୧,୫୦,୦୦୦ ଟଙ୍କା ମଞ୍ଜୁର କରିଥିଲା। ଏହି କାମ କରିବାକୁ ଗାଁର ଏକାଧିକ ଲୋକ ଚାହିଁବାରୁ ଶେଷରେ ବିଭାଗର ଜଣେ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଏହାର କାର୍ଯ୍ୟାଦେଶ ରହିଥିଲା। ତାଙ୍କ ପରାମର୍ଶକ୍ରମେ ଦଣ୍ଡା ଗ୍ରାମ୍ୟ କମିଟି ନିଜ ଖର୍ଚ୍ଚରେ ଏହି କାମ ଶେଷ କରିଥିଲା। କାମର ବିଲ୍ ହେବା ପରେ ଖର୍ଚ୍ଚ ହୋଇଥିବା ଅର୍ଥ ପ୍ରଦାନ କରିବେ ବୋଲି କନିଷ୍ଠ ଯନ୍ତ୍ରୀ କହିଥିଲେ। ପ୍ରାୟ ୫ମାସ ହେବ କାମ ସରିଲାଣି। କିନ୍ତୁ ଏ ପର୍ଯ୍ୟନ୍ତ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଗ୍ରାମବାସୀଙ୍କୁ କୌଣସି ତଥ୍ୟ ଦେଇନାହାନ୍ତି। ତେଣୁ ଗ୍ରାମବାସୀ ଏ ପର୍ଯ୍ୟନ୍ତ ସେମାନଙ୍କ ଅର୍ଥ ପାଇପାରି ନାହାନ୍ତି। ବିଲ୍ ସମ୍ପର୍କରେ ଜଣାଇଲେ ଖର୍ଚ୍ଚ ହୋଇଥିବା ଗାଁର ଅର୍ଥରାଶି ଫେରି ପାଇବୁ ବୋଲି ଗ୍ରାମବାସୀ ବିଡିଓଙ୍କୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ସଦର ବିଡିଓ ଜ୍ୟୋତିଶଙ୍କର ସାହୁଙ୍କୁ ପଚାରିବାରୁ କହିଛନ୍ତି, ନିର୍ବାଚନ ଓ ବାତ୍ୟା ପରେ ଅନେକ କାମର ବିଲ୍ ହୋଇପାରିନାହିଁ। ମୁଁ ଏକ ତଦନ୍ତ କାର୍ଯ୍ୟରେ ବାହାରେ ଅଛି। ଦଣ୍ଡା ଗ୍ରାମବାସୀ ମୋତେ ଫୋନ୍ କରି ଅଭିଯୋଗ ଜଣାଇଥିଲେ। ସେମାନଙ୍କୁ ଅଫିସରେ ଅଭିଯୋଗପତ୍ର ଦେବାକୁ କହିଥିଲି। ଅଫିସରେ ପହଞ୍ଚିବା ପରେ ଅଭିଯୋଗ ସମ୍ପର୍କରେ ବୁଝିବି। ଏହାପରେ ଯାହା କିଛି ପଦକ୍ଷେପ ନେବି।

### ଉପସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ଦାବି

**ପୁରୀ ଅଫିସ, ୨୩।୭:** ବ୍ରହ୍ମଗିରି ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ମତମତପୁର ଉପସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ନିମନ୍ତେ ସାମାଜିକ ଅନୁଷ୍ଠାନ 'ଅର୍ପଣ' ପକ୍ଷରୁ ଦାବି ହୋଇଛି। ଏ ନେଇ ମଙ୍ଗଳବାର ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି, ୨୦୧୬ରୁ ମତମତପୁର ଗ୍ରାମରେ ଉପସ୍ୱାସ୍ଥ୍ୟକେନ୍ଦ୍ର କୋଠା ନିର୍ମାଣ ସରିଛି। ମାତ୍ର ଏପର୍ଯ୍ୟନ୍ତ ଡାକ୍ତର କିମ୍ବା କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଏହି ଉପସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ହେଲେ ଦୁଇଟି ପଞ୍ଚାୟତର ୧୬ଟି ଗ୍ରାମର ପ୍ରାୟ ୭୧୯୪ ଲୋକ ଉପକୃତ ହେବେ। ଏ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିବେଦନ କରାଯାଇଛି। ଏ ନେଇ ସିଡିଏମ୍ଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ବେଳାଭୂମି ସ୍ୱଚ୍ଛତା ଚିନ୍ତା

- ପୁରୁଣା ଡ୍ରେନ୍‌ରେ ଆବର୍ଜନା ନ ପକାଇବାକୁ ନିର୍ଦ୍ଦେଶ
- ବେଳାଭୂମି ପରିଷ୍କାର ରଖିବା ଉପରେ ଜିଲାପାଳଙ୍କ ଗୁରୁତ୍ୱ

**ପୁରୀ ଅଫିସ, ୨୩।୭**



ଗାନ୍ଧୀ ପାର୍କରେ ଅନୁଷ୍ଠିତ ବୈଠକରେ ଜିଲାପାଳ ବଲୱନ୍ତ ସିଂ, ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ଅନ୍ୟମାନେ।

ପୂର୍ବ ଭାରତର ମନୋରମ ବେଳାଭୂମି ପୁରୀ। ଏଠାକୁ ପ୍ରତିଦିନ ଦେଶ ବିଦେଶର ପର୍ଯ୍ୟଟକ ଆସିଥାନ୍ତି। ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ସାଙ୍ଗକୁ ସମୁଦ୍ରର ନୀଳ ଜଳରାଶି ପର୍ଯ୍ୟଟକଙ୍କ ଆକର୍ଷଣ ସାଜିଥାଏ। ପୁଣି ବ୍ଲୁ ଫ୍ଲାଗ ବିଚ୍ ଭାବେ ପୁରୀ ବେଳାଭୂମିକୁ ମାନ୍ୟତା ମିଳିଛି। ଖୁବ୍ ଶୀଘ୍ର ଏହାର କାମ ଆରମ୍ଭ ହେବାକୁ ଯାଉଛି। କିନ୍ତୁ ଧୀରେ ଧୀରେ ବେଳାଭୂମିର ପରିମଳ ବ୍ୟବସ୍ଥା ବିଗିଡ଼ିବାରେ ଲାଗିଛି। ଅନେକ ସମୟରେ ବେଳାଭୂମିରେ ଏଣେ ତେଣେ ଅଳିଆ ଆବର୍ଜନା ପଡୁଛି। ତେଣୁ ବେଳାଭୂମିର ସ୍ୱଚ୍ଛତା ନେଇ ମଙ୍ଗଳବାର ଗାନ୍ଧୀ ପାର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବେଳାଭୂମିର ପୁରୁଣା ଡ୍ରେନ୍‌ରେ ଅଳିଆ ଆବର୍ଜନା ନ ପକାଇବାକୁ ହୋଟେଲ ମାଲିକ ଏବଂ ଜନସାଧାରଣଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବେଳାଭୂମିକୁ ପରିଷ୍କାର ରଖିବା ଉପରେ ଜିଲାପାଳ ବଲୱନ୍ତ ସିଂ ଗୁରୁତ୍ୱାରୋପ କରିଛନ୍ତି।

ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ବେଳାଭୂମିରେ ପୁରୁଣା ଡ୍ରେନ୍ ସହ ବହୁ ହୋଟେଲ ମାଲିକ ସେମାନଙ୍କ ପାଇଖାନା ଟାଙ୍କି ସଂଯୋଗ କରିଛନ୍ତି। ଏଥିସହ ଖୋଲା ଥିବା ମ୍ୟାନହୋଲ ଚାମ୍ବର ଦେଇ ଅନେକ ଅଳିଆ ଆବର୍ଜନା ଏବଂ ବାସିଖାଦ୍ୟ ପକାଉଛନ୍ତି। ଫଳରେ ଓଭରଫ୍ଲୋ ହୋଇ ବେଳାଭୂମିରେ ମଇଳା ପାଣି ଭାସୁଛି। ତେଣୁ ଯେଉଁ ହୋଟେଲ ମାଲିକ ଏଥିରେ ନଳା ସଂଯୋଗ କରିଛନ୍ତି ତାହାକୁ ଖୋଲି ଦିଅନ୍ତୁ। ପୁରୁଣା ଡ୍ରେନ୍‌କୁ ସମ୍ପୂର୍ଣ୍ଣ ଭାବେ ଉଠାଇ ଦିଆଯିବ। ଅନ୍ୟପକ୍ଷରେ ବେଳାଭୂମି ମାର୍ଗ ରାସ୍ତା ପାର୍ଶ୍ୱରେ ସ୍ୱେରେଜ ବୋର୍ଡ ସ୍ୱତନ୍ତ୍ର ଭାବେ ପାଇଖାନା ଟାଙ୍କି ପାଇଁ ନଳା କରିଛି। ସ୍ୱେରେଜ ବୋର୍ଡରୁ ଅନୁମତି ନେଇ ସେଥିରେ ହୋଟଲଗୁଡ଼ିକ ପକ୍ଷରୁ ପାଇଖାନା ଟାଙ୍କି ସଂଯୋଗ କରିବାକୁ ବୈଠକରେ କୁହାଯାଇଥିଲା। ଏତଦ୍‌ବ୍ୟତୀତ ବେଳାଭୂମି କିପରି ସ୍ୱଚ୍ଛ ଓ ପରିଷ୍କାର ରହିବ ସେଥିଲାଗି ସମସ୍ତେ ଉଦ୍ୟମ କରିବା ଦରକାର ବୋଲି ଜିଲାପାଳ କହିଥିଲେ। ଏହି ବୈଠକରେ ଜିଲାପାଳଙ୍କ ସମେତ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୁରୀ ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନାଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିବା ଦାନବାକ୍ସ(ହୁଣ୍ଡି)।

## ସିଦ୍ଧ ମହାବୀର ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି: ୨ ଅଟକ

**ପୁରୀ ଅଫିସ, ୨୩।୭**

ସିଦ୍ଧ ମହାବୀର ମନ୍ଦିର ଦାନ ବାକ୍ସ(ହୁଣ୍ଡି)ରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଛି। ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିର ଗ୍ରୀଲ ଓ ମୁଖ୍ୟ ଦ୍ୱାରର ପିତ୍ତଳ କବାଟକୁ ତାଡ଼ି ହୁଣ୍ଡି ଭାଙ୍ଗି ଟଙ୍କା ଚୋରି କରି ନେଇଛନ୍ତି। ମଙ୍ଗଳବାର ଏ ନେଇ ମନ୍ଦିର କର୍ତ୍ତୃପକ୍ଷଙ୍କ ତରଫରୁ ତାଳବଣିଆ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳ ଅନୁଧ୍ୟାନ କରି ଅନୁସନ୍ଧାନ ଜାରିରଖିଛି। ଏହି ଘଟଣାରେ ପୋଲିସ ସନ୍ଦେହରେ ୨ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ମନ୍ଦିର ପୂଜକ ମଙ୍ଗଳବାର ସକାଳେ ପୂଜା କରିବାକୁ ଆସିଥିଲେ। ତେବେ ମନ୍ଦିର ମୁଖ୍ୟଦ୍ୱାର ଗ୍ରୀଲ ଓ ପିତ୍ତଳ କବାଟ ତଡ଼ାଯାଇଥିବା ସହ ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ସେ ମନ୍ଦିର ପରିଚାଳନା କମିଟିକୁ ଏହା ଜଣାଇଥିଲେ। କମିଟି ସଦସ୍ୟ ଏବଂ ଅଞ୍ଚଳବାସୀ ପହଞ୍ଚି ମନ୍ଦିରର ଦାନବାକ୍ସ (ହୁଣ୍ଡି) ଖୋଲା ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ହୁଣ୍ଡିରେ ପ୍ରାୟ ୩ଲକ୍ଷ ଟଙ୍କା ଥିଲା। ଗତ ୩ବର୍ଷ ହେଲା ହୁଣ୍ଡି ଖୋଲାଯାଇ ନ ଥିଲା। ଏଭଳି ସ୍ଥିତିର ସୁଯୋଗରେ ହୁଣ୍ଡି ଭାଙ୍ଗି ସମସ୍ତ ଟଙ୍କା ଚୋରି କରି ନିଆଯାଇଥିବା ଅଭିଯୋଗ ହୋଇଛି।

ଉଲ୍ଲେଖ ଥାଉ କି, ପୂର୍ବରୁ ଶ୍ରୀମନ୍ଦିର ପରିସରସ୍ଥ ଶ୍ରୀରାମ ମନ୍ଦିର ଏବଂ ସୁଆର ନିଯୋଗ ହୁଣ୍ଡିରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଥିଲା। ପୁରୀ ସହରରେ ଏକ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇ ଉଠିଥିବା କୁହାଯାଉଛି। ବେଳାଭୂମି, ଭିଆଇପି ରୋଡ଼, ବଳିଆପଣ୍ଡା ପ୍ରଭୃତି ଅଞ୍ଚଳରେ ଚୋରି ଓ ପର୍ଯ୍ୟଟକଙ୍କଠାରୁ ଲୁଟ ଘଟଣା ବଢ଼ିଚାଲିଛି। ଲୁଟେରା ଗ୍ୟାଙ୍ଗର ଦୃଷ୍ଟି ବନ୍ଦ ଘର, ଶିକ୍ଷାନୁଷ୍ଠାନ ପରେ ଏବେ ମନ୍ଦିର ଉପରେ ପଡ଼ିଛି। ପୋଲିସ ଏ ଦିଗରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

- ଚିଲିକାରୁ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ

## ପେସାଦାର ମତ୍ସ୍ୟଜୀବୀ ମହାସଂଘର ବିରୋଧ

**କୃଷ୍ଣପ୍ରସାଦ, ୨୩।୭(ଡି.ଏନ୍.ଏ.)**

ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକକୁ ୩ ପାର୍ଶ୍ୱରୁ ଚିଲିକା ଏବଂ ଗୋଟିଏ ପାର୍ଶ୍ୱରୁ ବଙ୍ଗୋପସାଗର ଘେରି ରହିଛି। ତେଣୁ ଚିଲିକାକୁ କୃଷ୍ଣପ୍ରସାଦର ଭାତହାଣ୍ଡି ବୋଲି କୁହାଯାଇଥାଏ। ଚିଲିକାରୁ ମାଛ ମାରିବା ଏବଂ ଚିଙ୍ଗୁଡ଼ି ଘେରି ଦ୍ୱାରା ସେମାନେ ଯାହାକିଛି ଅର୍ଥ ଉପାର୍ଜନ କରନ୍ତି ସେଥିରେ ପରିବାର ପ୍ରତିପୋଷଣ କରନ୍ତି। ପୁରୀ ଜିଲାପାଳ ଚିଲିକାରୁ ବେଆଇନ ଚିଙ୍ଗୁଡ଼ିଘେରି ଉଚ୍ଛେଦ ନିର୍ଦ୍ଦେଶ ଦେବାପରେ କୃଷ୍ଣପ୍ରସାଦ ବ୍ଲକ ପେସାଦାର ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ମଙ୍ଗଳବାର ସଂଘ କାର୍ଯ୍ୟକାରୀ ସଭାପତି କେଳୁ ଚରଣ ଜେନାଙ୍କ ନେତୃତ୍ୱରେ ଶ୍ରୀଶ୍ରୀ କମଳେଶ୍ୱରଦେବଙ୍କ ପୀଠରେ ଅନୁଷ୍ଠିତ ଏକ ବୈଠକରେ ଘେରି ଉଚ୍ଛେଦକୁ ବିରୋଧ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଶାସନ ଯଦି ଉଚ୍ଛେଦ କାର୍ଯ୍ୟ ବନ୍ଦ ନ କରେ ତେବେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବ ବୋଲି ସଂଘ ଚେତାବନୀ ଦେଇଛି।

ସୂଚନାଯୋଗ୍ୟ, ଗତ ୬ ତାରିଖରୁ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଚିଲିକାରେ ଥିବା ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଆରମ୍ଭ ହୋଇଥିଲା। ଘେରି ଉଚ୍ଛେଦ ନେଇ ହାଇକୋର୍ଟ ସ୍ଥାନୀୟ ଲୋକଙ୍କୁ ସୁହାଇବା ଭଳି ଆଇନ ପ୍ରଣୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରୁ ନ ଥିବା ଅଭିଯୋଗ ହେଉଛି। ଏ ସବୁ ସତ୍ତ୍ୱେ ପୁଣି ଯଦି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୁଏ ତେବେ ସଂଘ ସହ ନିକଟସ୍ଥ ସମସ୍ତ ଗ୍ରାମର ଲୋକେ ଏହାକୁ ବିରୋଧ କରିବେ। ଅନୁଷ୍ଠିତ ବୈଠକରେ ୩୫ ମୌଜା ସମ୍ପାଦକ ବଟକୃଷ୍ଣ ତରେଇ, ଦାମୋଦର ଜେନା, ହେମନ୍ତ କୁମାର ଜେନା, ସୁରେନ୍ଦ୍ର ନାଥ ମାଝି, ମୃତ୍ୟୁଞ୍ଜୟ ତରେଇ, ଗୋଲକ ବିହାରୀ ପ୍ରଧାନ, ପ୍ରଦୀପ କୁମାର ମାଝି, କବିରାଜ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନାପୂର୍ବକ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଂଘ ସମ୍ପାଦକ ତଥା ସାମାଜିକ କର୍ମୀ ମନୋଜ କୁମାର ସାହୁ କହିଛନ୍ତି।



ବୈଠକରେ ଉପସ୍ଥିତ ମତ୍ସ୍ୟଜୀବୀ ମହାସଂଘର ସଦସ୍ୟମାନେ।

ଭତ୍ତା ହିତାଧିକାରୀଙ୍କ ତାଲିକା ସଂଗ୍ରହ କରିବ ପ୍ରଶାସନ

## ଜାଲ୍ ହିତାଧିକାରୀଙ୍କ ନାଁ କଟିବ, ନୂଆଙ୍କ ନାଁ ଉଠିବ

**ପୁରୀ ଅଫିସ, ୨୩।୭**

ରାଜ୍ୟ ସରକାର ଭିନ୍ନକ୍ଷମ, ବାର୍ଦ୍ଧକ୍ୟ, ବିଧବା ପ୍ରଭୃତି ଭତ୍ତା ପ୍ରଦାନ କରୁଛନ୍ତି। ତେବେ ଅନେକ ସମୟରେ ଏଥିରେ ଅନିୟମିତତା ଅଭିଯୋଗ ଉଠୁଛି। ତେଣୁ ଏହାକୁ ସ୍ୱଚ୍ଛ କରିବା ସହ ପ୍ରକୃତ ହିତାଧିକାରୀ କିପରି ଏହାର ସୁଫଳ ପାଇବେ ସେଥିପାଇଁ ହିତାଧିକାରୀଙ୍କ ତାଲିକା ସଂଗ୍ରହ କରିବ ପୁରୀ ଜିଲା ପ୍ରଶାସନ। ଏ ନେଇ ମଙ୍ଗଳବାର ଟାଉନ ହଲ୍ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ଭବତାରଣ ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ହୋଇଥିବା ନିଷ୍ପତ୍ତି ମୁତାବକ, ଅଙ୍ଗନୱାଡ଼ି କର୍ମୀମାନେ ଘର ଘର ବୁଲି ହିତାଧିକାରୀଙ୍କ ତାଲିକା ସଂଗ୍ରହ କରିବେ। କେଉଁମାନେ ଭତ୍ତା ପାଉଛନ୍ତି ଏବଂ କେଉଁମାନେ ଭତ୍ତା ପାଇବାକୁ ଯୋଗ୍ୟ ସେମାନଙ୍କ ନାମ, ଠିକଣା ପ୍ରଭୃତି ସଂଗ୍ରହ କରିବେ। ଏହାଦ୍ୱାରା ଜାଲ୍ ହିତାଧିକାରୀଙ୍କୁ ଚିହ୍ନଟ କରିହେବ ଏବଂ ସେମାନଙ୍କ ନାମ ତାଲିକାରୁ କଟାଯିବ। ସେହିପରି ନୂଆ ହିତାଧିକାରୀମାନେ ସେମାନଙ୍କ ନାମ ଦେବେ। ସେମାନଙ୍କ ଆବେଦନକୁ ଅଙ୍ଗନୱାଡ଼ି କର୍ମୀମାନେ ଆଣି ସିଡିପିଓଙ୍କୁ ଦେବେ। ସିଡିପିଓ ଏହି ଆବେଦନକୁ ଉପଜିଲାପାଳଙ୍କୁ ପ୍ରଦାନ କରିବେ। ଏହାର ଅନୁଧ୍ୟାନ କରାଯାଇ ନୂଆ ହିତାଧିକାରୀଙ୍କ ନାମ ତାଲିକାକୁ ଉଠିବ ବୋଲି ସ୍ଥିର ହୋଇଛି। ଏହି ବୈଠକରେ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ତାଲିମ ମଧ ଦିଆଯାଇଥିଲା। ଏଥିରେ ସିଡିପିଓ ଏବଂ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ ।

- କଲେଜ ଛାତ୍ରୀଙ୍କ ଅପହରଣକୁ ୨୦ଦିନ ବିତିଲା

## ଛାତ୍ରୀଙ୍କ ପତ୍ତା ପାଉନି ପୋଲିସ

**ଗୋପ, ୨୩।୭(ଡି.ଏନ୍.ଏ.)**

ଗୋପ ଥାନା ଅଧୀନ ଏକ ଗ୍ରାମରୁ ଜଣେ ୧୬ ବର୍ଷୀୟା କଲେଜ ଛାତ୍ରୀଙ୍କୁ ସେହି ଗ୍ରାମର ତିନି ଜଣ ଯୁବକ ଅପହରଣ କରିନେଇଥିବା ଗୋପ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ୨୦ ଦିନ ବିତିଥିଲେ ବି ପୋଲିସ ଅଭିଯୁକ୍ତଙ୍କୁ ଧରିବା ଦୂରର କଥା ଛାତ୍ରୀଙ୍କ ପତ୍ତା ପାଉନି। ଫଳରେ ପୋଲିସର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଯେ, କୌଣସି କାରଣକୁ ନେଇ ନାବାଳିକାଙ୍କ ପରିବାର ସହ ଅପହରଣକାରୀ ଯୁବକଙ୍କ ପରିବାର ମଧ୍ୟରେ ଝଗଡ଼ା ଲାଗି ରହିଥିଲା। ବହୁ ସମୟରେ ଅପହରଣକାରୀ ଯୁବକଙ୍କ ପରିବାର ପକ୍ଷରୁ ନାବାଳିକାଙ୍କ ପରିବାରକୁ ବିଭିନ୍ନ ଧମକ ଚମକ ଦିଆଯାଇଥିଲା। ଗତ ୨ତାରିଖ ସନ୍ଧ୍ୟାରେ ନାବାଳିକା ତାଙ୍କ ମା' ସହିତ ବାଡ଼ିରେ ଥିବାବେଳେ ଅପହରଣକାରୀ ଯୁବକ ତାର ଦୁଇ ସହଯୋଗୀଙ୍କ ସହ ମିଶି ଏକ କାର୍‌ରେ ଜୋର ଜବରଦସ୍ତି ତାଙ୍କୁ ଉଠାଇ ନେଇଥିଲେ। ଏହି ଘଟଣା ପରେ ନାବାଳିକାଙ୍କ ପରିବାର ପକ୍ଷରୁ ଝିଅକୁ ଖୋଜାଖୋଜି କରି ନ ପାଇବାରେ ଜୁଲାଇ ୧୯ ତାରିଖରେ ଗୋପ ଥାନାରେ ନାବାଳିକାଙ୍କ ମା' ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଏହି ଘଟଣାକୁ ନେଇ ଗୋପ ଥାନାରେ ନଂ ୯୪/୧୯ରେ ଏକ ମାମଲା ରୁଜୁ କରିଥିଲେ ମଧ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ କି ନାବାଳିକାଙ୍କ ପତ୍ତା ପାଇପାରି ନାହିଁ। ଏ ସମ୍ପର୍କରେ ଗୋପ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁଙ୍କୁ ପଚାରିବାରେ ନାବାଳିକାଙ୍କୁ ଉଦ୍ଧାର କରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଖୁବ୍ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଥିଲେ।

## ବନ୍ଦ ହେଲା ଦଦରାକୁଣ୍ଡ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ

**ବ୍ରହ୍ମଗିରି, ୨୩।୭(ଡି.ଏନ୍.ଏ.)**

ଶିକ୍ଷା ବିଭାଗ ନିୟମ ଅନୁଯାୟୀ କମ୍ ଛାତ୍ରୀଛାତ୍ର ଥିବା ବ୍ରହ୍ମଗିରି ବ୍ଲକରେ ଏକ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରିଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ବ୍ଲକ ଅନ୍ତର୍ଗତ ଦଦରାକୁଣ୍ଡ ଗ୍ରାମରେ ଥିବା ଦଦରାକୁଣ୍ଡ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷରେ ୬ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାରୁ ଏହି ବିଦ୍ୟାଳୟକୁ ବନ୍ଦ କରିଦିଆଯାଇଛି। ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନିକଟସ୍ଥ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଛାତ୍ରୀଛାତ୍ରମାନଙ୍କୁ ଯାତାୟାତ ଖର୍ଚ୍ଚ ଦିଆଯିବ ବୋଲି ବ୍ରହ୍ମଗିରି ବ୍ଲକ ସହଶିକ୍ଷାଧିକାରୀ ଯତୀନ୍ଦ୍ର କୁମାର ନାୟକ କହିଛନ୍ତି।

- ଜିଲାପାଳ ଜାରିକଲେ ନିର୍ଦ୍ଦେଶନାମା

## ଏଣିକି ସରକାରୀ ବୈଠକରେ ପ୍ଲାଷ୍ଟିକ ମନା

**ପୁରୀ ଅଫିସ, ୨୩।୭**

ପ୍ଲାଷ୍ଟିକ ବ୍ୟବହାର ମଣିଷ ପାଇଁ ମାରାତ୍ମକ ପାଲଟିଛି। ପରିବେଶ ପ୍ରଦୂଷଣର ଅନ୍ୟତମ ପ୍ରମୁଖ କାରଣ ସାଜିଥିବା ପ୍ଲାଷ୍ଟିକ ମଧ ସହରର ସୌନ୍ଦର୍ଯ୍ୟକୁ ହାନି ପହଞ୍ଚାଉଛି। ଏହାର ଭୟାବହତା ଦୃଷ୍ଟିରୁ ପ୍ଲାଷ୍ଟିକ, ପଲିଥିନ ବ୍ୟବହାର ନ କରିବାକୁ ସରକାରୀ ସ୍ତରରେ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି। ଏହାସତ୍ତ୍ୱେ ଏଥିରେ ଅଙ୍କୁଶ ଲାଗିପାରୁନାହିଁ। ଅନ୍ୟପକ୍ଷରେ ସରକାର ପୁରୀ ସହରରେ ପ୍ଲାଷ୍ଟିକ ବ୍ୟବହାରକୁ ନିଷିଦ୍ଧ କରିଛନ୍ତି। କିନ୍ତୁ ଏହା ଫଳପ୍ରଦ ହୋଇପାରୁନାହିଁ। ତେଣୁ ଜିଲା ପ୍ରଶାସନ ପ୍ରଥମେ ନିଜଠାରୁ ଏହି ଅଭିଯାନ ଆରମ୍ଭ କରି ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦେବାକୁ ଚେଷ୍ଟା କରିଛି। ଜିଲାପାଳ ବଲୱନ୍ତ ସିଂ ଏ ନେଇ ଜିଲାର ସବୁ ସରକାରୀ କାର୍ଯ୍ୟାଳୟକୁ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ସରକାରୀସ୍ତରୀୟ କୌଣସି ବୈଠକରେ ପ୍ଲାଷ୍ଟିକ ବୋତଲ, ଗ୍ଲାସ, କପ ଓ ଥର୍ମୋକୁଲ ସାମଗ୍ରୀ ବ୍ୟବହାର ପରିବର୍ତ୍ତେ କାଗଜ ତିଆରି ଗ୍ଲାସ, କାଚ କିମ୍ବା ଷ୍ଟିଲ ଗ୍ଲାସ ବ୍ୟବହାର ପାଇଁ ଜିଲାପାଳ ସିଂ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ପ୍ଲାଷ୍ଟିକ ଫୋଲ୍‌ଡର କିମ୍ବା ପ୍ଲାଷ୍ଟିକ ଲାଗିଥିବା ଫୁଲତୋଡ଼ା ଅତିଥିମାନଙ୍କୁ ନ ଦେବାକୁ ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଏପରି କି ଘରେ, ବଜାର କିମ୍ବା କାର୍ଯ୍ୟାଳୟରେ ପ୍ଲାଷ୍ଟିକ ପରିବର୍ତ୍ତେ କପଡ଼ା କିମ୍ବା କାଗଜ ବ୍ୟାଗ ବ୍ୟବହାର ପାଇଁ ଅଧିକାରୀମାନଙ୍କୁ କୁହାଯାଇଛି। ଅଣଜୈବିକ ବିଘଟନ ଗୁଣ ଯୋଗୁ ପ୍ଲାଷ୍ଟିକର ବହୁଳ ବ୍ୟବହାର ଦ୍ୱାରା ମାଟିର ଉର୍ବରତା ହ୍ରାସ, ଗୃହପାଳିତ ପ୍ରାଣୀଙ୍କ ପ୍ରତି ବିପଦ, କୃତ୍ରିମ ବନ୍ୟା ସୃଷ୍ଟି କାରଣ, ବାୟୁ ଓ ଜଳ ପ୍ରଦୂଷଣ ବୃଦ୍ଧି ପାଇଥାଏ। ତେଣୁ ଏହାର ବ୍ୟବହାର ଉପରେ ଅଙ୍କୁଶ ଆଣିବା ଲାଗି ସବୁସ୍ତରରେ ଉଦ୍ୟମ ଜାରି ରହିଛି। ଅନ୍ୟପକ୍ଷରେ ୨୦୨୦ ରଥଯାତ୍ରାକୁ ସମ୍ପୂର୍ଣ୍ଣ ଭାବେ ପ୍ଲାଷ୍ଟିକ ମୁକ୍ତ କରାଯିବ ବୋଲି ଜିଲାପାଳ ପୂର୍ବରୁ କହିଛନ୍ତି। ତେଣୁ ଏହି ମର୍ମରେ ଜିଲାର ସବୁ କାର୍ଯ୍ୟାଳୟକୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି ।

- ବର୍ଷା ଅଭାବରୁ ଚାଷ କାର୍ଯ୍ୟ ଠପ୍: ଜମି ଫାଟି ଆଁ

## କେନାଲରେ ପାଣି ଯୋଗାଇଦେବାକୁ ଦାବି

**କାକଟପୁର, ୨୩।୭(ଡି.ଏନ୍.ଏ.)**



ପାଣି ଅଭାବରୁ ଚାଷଜମି ଫାଟି ଆଁ କରିଛି।

ଆଷାଢ଼ ସରି ଶ୍ରାବଣ ଆରମ୍ଭ ହେଲାଣି କିନ୍ତୁ ଉପକୂଳବର୍ତ୍ତୀ ଅଞ୍ଚଳରେ ଆଶାନୁରୂପ ବର୍ଷା ହୋଇନାହିଁ। ବର୍ଷା ଅଭାବରୁ ଚାଷ କାର୍ଯ୍ୟ ଠପ୍ ହୋଇଯାଇଛି। ବିଲରେ ପାଣି ନାହିଁ ଏଣୁ ରୁଆ, ବେଉଷଣ କାର୍ଯ୍ୟ ଦୂରର କଥା ଏପର୍ଯ୍ୟନ୍ତ ଚାଷୀମାନେ ତଳି ମଧ ପକାଇ ପାରିନାହାନ୍ତି। ଯେଉଁ ଚାଷୀମାନେ ବର୍ଷା ଭରସାରେ ବିହନ ବୁଣିଥିଲେ ତାହା ଏବେ ପାଣି ଅଭାବରୁ ଭୂଇଁ ଫାଟି ମରିଯିବାକୁ ବସିଛି। ଯଦି ୧ ସପ୍ତାହ ମଧ୍ୟରେ ଯଥେଷ୍ଟ ପରିମାଣରେ ବର୍ଷା ନ ହୁଏ ତେବେ ଗଜା ମରୁଡ଼ି ହେବା ସହିତ ରୁଆ ବେଉଷଣ କାର୍ଯ୍ୟ ମଧ ହୋଇପାରିବ ନାହିଁ। ଏଣୁ ଚାଷୀମାନେ ଚିନ୍ତାରେ ପଡ଼ିବା ସହ କେନାଲରୁ ପାଣି ଛାଡ଼ିବାକୁ ଦାବି କରିଛନ୍ତି।

ଜୁଲାଇ ୧୯ ସୁଦ୍ଧା ଅସ୍ତରଙ୍ଗ ବ୍ଲକରେ ୧୦୧ମିମି ବର୍ଷା ହୋଇଥିବାବେଳେ କାକଟପୁର ବ୍ଲକରେ ୧୩୬ମିମି ବର୍ଷା ହୋଇଛି। ଯାହା ସାଧାରଣ ବର୍ଷାର ପରିମାଣଠାରୁ ୨୦ପ୍ରତିଶତ କମ୍। ଅସ୍ତରଙ୍ଗ ବ୍ଲକ ଅତିରିକ୍ତ କୃଷିଅଧିକାରୀ ରାଜଶ୍ରୀ ବେହେରା କୁହନ୍ତି, ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୮ହଜାର ୯୪୩ହେକ୍ଟର ଜମି ମଧ୍ୟରୁ ୮ହଜାର ୨୦୨ ହେକ୍ଟର ଜମିରେ ଖରିଫ ଋତୁରେ ଧାନଚାଷ କରାଯାଇଥାଏ। ବର୍ତ୍ତମାନ ସୁଦ୍ଧା ୧୦୧୫ ହେକ୍ଟର ଜମିରେ ଚାଷୀମାନେ ବିହନ ବୁଣି ସାରିଛନ୍ତି। ପ୍ରାୟ ୧୦୦ହେକ୍ଟର ଜମିରେ ଉଠା ଜଳସେଚନ ପଏଣ୍ଟ ଦ୍ୱାରା ଚାଷ ହେଉଥିବାବେଳେ ଅନ୍ୟ ଚାଷୀ ବର୍ଷାଜଳ ଓ କେନାଲ ପାଣି ଉପରେ ନିର୍ଭରଶୀଳ। କାକଟପୁର ବ୍ଲକ ଅତିରିକ୍ତ କୃଷିଅଧିକାରୀ ପ୍ରଦୀପ କୁମାର ଦାସ କୁହନ୍ତି, ବ୍ଲକ ଅଞ୍ଚଳରେ ୯ହଜାର ୭୩୨ ହେକ୍ଟର ଜମିରୁ ପ୍ରାୟ ୮ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥାଏ। ବର୍ତ୍ତମାନ ସୁଦ୍ଧା ୮୦୦ହେକ୍ଟର ଜମିରେ ଚାଷୀମାନେ ବୁଣାବୁଣି କାର୍ଯ୍ୟ ସାରିଦେଇଥିବାବେଳେ ଅନ୍ୟଚାଷୀମାନେ ତଳିପକାଇ ବର୍ଷା ଅଭାବରୁ ରୁଆ ବେଉଷଣ କାର୍ଯ୍ୟ କରିପାରିନାହାନ୍ତି। ଯଦି ତୁରନ୍ତ ଜଳସେଚନ ବିଭାଗ ପକ୍ଷରୁ କେନାଲ ପାଣି ଯୋଗାଇ ଦିଆଯାଇପାରନ୍ତା ତେବେ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳର ଚାଷୀମାନେ ସାମ୍ଭାବ୍ୟ ମରୁଡ଼ି ପରିସ୍ଥିତିରୁ ରକ୍ଷା ପାଇପାରନ୍ତେ। ଏ ସମ୍ପର୍କରେ କାକଟପୁର ଜଳସେଚନ ବିଭାଗ ଉପନିର୍ବାହୀ ଯନ୍ତ୍ରୀ ପ୍ରତାପକୁମାର ବିଶ୍ୱାଳଙ୍କୁ ପଚାରିବାରେ କେନାଲ ପାଣି ଛଡ଼ାଯିବା ନିଷ୍ପତ୍ତି ଏକ କମିଟିଦ୍ୱାରା ସ୍ଥିରୀକୃତ ହୁଏ। କେନାଲ ପାଣି ଯୋଗାଣ ପାଇଁ ସରକାର ନିଷ୍ପତ୍ତି ନେଲେ ଆମେ ଏହାକୁ ଚାଷୀଙ୍କ ବିଲକୁ ପହଞ୍ଚାଇଦେବୁ। ଚାଷୀମାନେ ଯେଉଁ ଦାବି କରିଛନ୍ତି ତାହାକୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦେଇଛୁ।